# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧୮/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 18/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୮୬ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 86 ମୂଲ୍ୟ ₹୭/-






DIFFERENT LEVELS OF EXPERIENCES TO ELEVATE YOU TO YOUR NEXT LEVEL OF LIFE

PROJECT HIGHLIGHTS

- 3 Magnificent towers
- 21 storey of community living
- Dedicated 32,148 Sq.ft. Podium with Stately Clubhouse
- Exclusive Sky Level Recreation
- 50+ Lifestyle Amenities
- Super-sized Homes with Cross Ventilation
- Community Temple
- Well Organized Multilevel Car Parking

LEVEL-01 (GROUND)
LEVEL-02 (PODIUM)
LEVEL-03 (TERRACE)
LEVEL-04 (THE RESIDENCES)

9691140140, 9437701111, 8926974116

**Site Address:** Facing Jagannath Temple, NH-16, Pahal, Bhubaneswar, Odisha - 752 101. **email Id:** sales@utkalbuilders.com

**Corporate Office Address:** 777, Virayatan, Maharishi College Road, Saheed Nagar, Bhubaneswar, Odisha - 751 007.

## ଯୋଗୀଙ୍କ ଘର ବାହାରେ ବୋମା ଆତଙ୍କ

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଲକ୍ଷ୍ନୌ ବାସଭବନ ୫-କାଳୀଦାସ ମାର୍ଗ ବାହାରେ ବୋମା ରହିଥିବା ନେଇ ଦିଲ୍ଲୀ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କଲ୍ ଆସିବା ପରେ ଶୁକ୍ରବାର କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା। ବାସଭବନ ଚାରିପଟେ ସୁରକ୍ଷା ବ୍ୟବସ୍ଥା ବଢ଼ାଯିବା ସହ ବୋମା ନିଷ୍କ୍ରିୟକାରୀ ଟିମ୍ ସେଠାରେ ପହଞ୍ଚି ତଲାସି କରିଥିଲେ। ଖାଜାଖୋଜି ପରେ କିଛି ନ ମିଳିବାରୁ ଏହା ଏକ ମିଛ ଫୋନ୍ କଲ୍ ଥିଲା ବୋଲି ପୋଲିସ ସ୍ପଷ୍ଟ କରିଛି।

# ମୋଦିଙ୍କୁ ଉତ୍ତର ଦେବାକୁ ପଡ଼ିବ

## ଆଦାନୀ ପ୍ରସଙ୍ଗରେ ନିବେଶକ ଜର୍ଜ ସୋରୋସ୍‌ଙ୍କ ଟାର୍ଗେଟ

ନୂଆଦିଲ୍ଲୀ,୧୭।୨

ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ବ୍ୟବସାୟିକ ସାମ୍ରାଜ୍ୟକୁ ନେଇ ଚାଲିଥିବା କୋଳାହଳ ଭାରତ ସରକାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦଖଲକୁ ଦୁର୍ବଳ କରିଦେବ ବୋଲି ଶୁକ୍ରବାର ବିଲିୟନେୟାର ଫିଲାନ୍‌ଥ୍ରୋପିଷ୍ଟ ଜର୍ଜ ସୋରୋସ୍ କହିଛନ୍ତି। ଅନ୍ୟପକ୍ଷେ ସୋରୋସ୍‌ଙ୍କ ମନ୍ତବ୍ୟ ଭାରତୀୟ ଗଣତନ୍ତ୍ରକୁ ଦୁର୍ବଳ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଭାଜପା ଜବାବ ଦେଇଛି।

ଗତ ଜାନୁୟାରୀ ୨୪ରେ ଆମେରିକୀୟ ଶର୍ଟ ସେଲର୍ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଦାନୀ ଗ୍ରୁପ୍ ବିରୋଧରେ ଷ୍ଟକ୍ସ ଓ ଆକାଉଣ୍ଟସ୍ ହେରଫେର ନେଇ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ଚାଞ୍ଚଲ୍ୟକର ପ୍ରଘଟ ପରଠୁ ଆଦାନୀ ଗ୍ରୁପ୍ ଅଧୀନ କମ୍ପାନୀଗୁଡ଼ିକର ବଜାର ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ଫଳରେ ଆଦାନୀଙ୍କୁ ୧୨୫ ନିୟୁତ ଡଲାର କ୍ଷତି ସହିବାକୁ ପଡ଼ିଛି। ଆଦାନୀ ସମୂହ ଏହି ଅଭିଯୋଗକୁ 'ଉଦ୍ଦେଶ୍ୟମୂଳକ', 'ଭିତ୍ତିହୀନ' ଓ 'ଭାରତ ଉପରେ ଆକ୍ରମଣ' ବୋଲି ଅଭିହିତ କରିବା ସହ ଖଣ୍ଡନ କରିଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ଅଡ଼ିବସିଛନ୍ତି। ଏହି ପ୍ରସଙ୍ଗକୁ ନେଇ ପାର୍ଲାମେଣ୍ଟରେ ଅଚଳାବସ୍ଥା ସୃଷ୍ଟି ହେବା ସହ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ଏଭଳି ସମୟରେ ଜର୍ମାନୀର ମ୍ୟୁନିକ୍ ସହରରେ ଶୁକ୍ରବାର ତିନିଦିନିଆ ମ୍ୟୁନିକ୍ ସିକ୍ୟୁରିଟି କନ୍‌ଫରେନ୍ସ (ଏମ୍‌ଏସ୍‌ସି-୨୦୨୩) ଆରମ୍ଭ ହୋଇଛି। ଏହି ଅବସରରେ ୯୨ ବର୍ଷୀୟ ଜର୍ଜ ସୋରୋସ୍ ଏମ୍‌ଏସ୍‌ସିକୁ ସମ୍ବୋଧନ କରି କହିଛନ୍ତି,



ମୋଦି ଓ ବିଜ୍‌ନେସ ଟାଇକୁନ୍ ଆଦାନୀ ପରସ୍ପରର ଘନିଷ୍ଠ ସହଯୋଗୀ। ଉଭୟଙ୍କ ଭାଗ୍ୟ ଯୋଡ଼ିହୋଇ ରହିଛି। ଆଦାନୀ ଷ୍ଟକ୍ସ ଦୁର୍ନୀତିର ଅଭିଯୁକ୍ତ ଏବଂ ତାଙ୍କ କମ୍ପାନୀର ଶେୟାରଗୁଡ଼ିକ ତାସଘର ଭଳି ଭୁଶୁଡ଼ିପଡ଼ିଛି। ମୋଦି ଏହି ବିଷୟରେ ମୁହଁ ଖୋଲୁନାହାନ୍ତି। କିନ୍ତୁ ଆଦାନୀ ଗ୍ରୁପ୍‌କୁ ନେଇ ବିଦେଶୀ ନିବେଶକଙ୍କ ପ୍ରଶ୍ନ ଏବଂ ଭାରତୀୟ ପାର୍ଲାମେଣ୍ଟରେ ଆସିଥିବା ଅଭିଯୋଗଗୁଡ଼ିକର ଉତ୍ତର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦେବାକୁ ପଡ଼ିବ। ଆଦାନୀ ଗ୍ରୁପ୍‌କୁ ନେଇ ସୃଷ୍ଟି ହୋଇଥିବା ବିଭ୍ରାଟ ଦେଶରେ ଏକ ଗଣତାନ୍ତ୍ରିକ ପୁନରୁତ୍ଥାନ ପାଇଁ ପଥ ଉନ୍ମୁକ୍ତ କରିପାରେ। ଭାରତୀୟ ସଂଘୀୟ ସରକାରରେ ଏହା ମୋଦିଙ୍କ ଦଖଲକୁ ଦୁର୍ବଳ କରିବା ସହ ସଂସ୍ଥାଗତ ସଂସ୍କାର ପାଇଁ ବାଟ ଫିଟାଇବ ବୋଲି ସୋରୋସ୍ କହିଛନ୍ତି।

ସୋରୋସ୍‌ଙ୍କ ୪୨ ମିନିଟର ଭାଷଣରେ ଜଳବାୟୁ ପରିବର୍ତ୍ତନ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ, ଆମେରିକୀୟ ଅର୍ଥନୀତିର ଦୁରବସ୍ଥା, ତୁର୍କୀ ଭୂକମ୍ପ ଓ ଚାଇନାର ବିଫଳତା ଆଦି ପ୍ରସଙ୍ଗ ସ୍ଥାନ ପାଇଥିଲା। ଏହାର ଜବାବରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ କହିଛନ୍ତି, ସୋରୋସ୍ କେବଳ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିନାହାନ୍ତି, ବରଂ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ମଧ୍ୟ ଆକ୍ରମଣ କରିଛନ୍ତି। ସେ ଭାରତୀୟ ଗଣତନ୍ତ୍ରକୁ ଧ୍ୱସ୍ତବିଧ୍ୱସ୍ତ କରି କେତେଜଣ 'ହାତଗଣତି' ଲୋକଙ୍କ ଦ୍ୱାରା ସରକାର ଚଳାଇବାକୁ ଚାହୁଁଛନ୍ତି। କେବଳ ଏତିକି ନୁହେଁ, ସୋରୋସ୍ ୧ ବିଲିୟନ୍ ଆମେରିକୀୟ ଡଲାରର ଏକ ପାଣ୍ଠି ଗଠନ କରିଛନ୍ତି, ଯାହାକି ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ହସ୍ତକ୍ଷେପ କରିବା ପାଇଁ ଉଦ୍ଦିଷ୍ଟ। ଏହି ଯୁଦ୍ଧ ଭାରତ ବିରୋଧରେ ଲଢ଼ାଯାଉଛି। ସୋରୋସ୍‌ଙ୍କ ମନ୍ତବ୍ୟକୁ ସମସ୍ତେ ଗୋଟିଏ ସ୍ୱରରେ ନିନ୍ଦା କରିବା ଉଚିତ ବୋଲି ଇରାନୀ ମତ ଦେଇଛନ୍ତି।

### ଜର୍ଜ ସୋରୋସ୍ କିଏ

୯୨ ବର୍ଷୀୟ ଫିଲାନ୍‌ଥ୍ରୋପିଷ୍ଟ ଜର୍ଜ ସୋରୋସ୍ ହେଉଛନ୍ତି ବିଶ୍ୱର ଅନ୍ୟତମ ଧନୀ ବ୍ୟକ୍ତି। ୧୯୩୦ ଅଗଷ୍ଟ ୧୨ରେ ହଙ୍ଗେରୀର ବୁଡାପେଷ୍ଟରେ ଏକ ସମୃଦ୍ଧ ଇହୁଦୀ ପରିବାରରେ ସେ ଜନ୍ମ ଗ୍ରହଣ କରିଥିଲେ। ୧୯୪୭ରେ ଜର୍ଜଙ୍କୁ ୧୭ ବର୍ଷ ହେଉଥିବାବେଳେ ତାଙ୍କ ପରିବାର ହଙ୍ଗେରୀ ଛାଡ଼ି ଲଣ୍ଡନ ଯାଇଥିଲା। ସୋରୋସ୍ ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରେ ଦର୍ଶନଶାସ୍ତ୍ର ଅଧ୍ୟୟନ କରିଥିଲେ। ପାଠପଢ଼ା ଶେଷରେ ସେ ଲଣ୍ଡନର ମର୍ଚ୍ଚାଣ୍ଟ ବ୍ୟାଙ୍କ ସିଙ୍ଗର ଆଣ୍ଡ ଫ୍ରାଏଡ୍‌ଲ୍ୟାଣ୍ଡରରେ ଯୋଗଦେଇଥିଲେ। ୧୯୫୬ରେ ସୋରୋସ୍ ନ୍ୟୁୟର୍କ ଯାଇ ଜଣେ ୟୁରୋପୀୟ ଆନାଲିଷ୍ଟ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୧୯୭୩ରେ ଏକ ହେଜ୍ ଫଣ୍ଡ ପ୍ରତିଷ୍ଠା କରିବା ପରେ ବିଶ୍ୱର ଆର୍ଥିକ ଦୁନିଆରେ ନିଜ ଉପସ୍ଥିତି ଜାହିର କରିଥିଲେ। ୧୯୭୯ରୁ ୨୦୧୧ ପର୍ଯ୍ୟନ୍ତ ସେ କ୍ଲାଏଣ୍ଟଙ୍କ ଅର୍ଥ ପରିଚାଳନା କରିଥିଲେ। ଫୋର୍ବସ୍ ଅନୁସାରେ ସୋରୋସ୍ ବ୍ରିଟିଶ୍ ପାଉଣ୍ଡକୁ ଶର୍ଟ କରି ୧ ବିଲିୟନ୍ ଡଲାର ଲାଭ କରିଥିଲେ। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ସେ ବାରାକ୍ ଓବାମା, ହିଲାରି କ୍ଲିଣ୍ଟନ୍ ଓ ଜୋ ବାଇଡେନ୍‌ଙ୍କୁ ସମର୍ଥନ କରିଥିଲେ। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍, ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଦୋଗାନ୍‌ଙ୍କ ସମାଲୋଚକ ଭାବେ ଜଣାଶୁଣା ଏହି ବର୍ଷୀୟାନ୍ ଇନ୍‌ଭେଷ୍ଟରଙ୍କ ମୋଟ ସମ୍ପତ୍ତି ମୂଲ୍ୟ ୮.୬ ବିଲିୟନ୍ ଡଲାର। ସେ ଓପନ୍ ସୋସାଇଟି ଫାଉଣ୍ଡେଶନ୍‌କୁ ୩୨ ବିଲିୟନ୍ ଡଲାରରୁ ଉର୍ଦ୍ଧ୍ୱ ଦାନ କରିଛନ୍ତି। ଫୋର୍ବସ ତାଙ୍କୁ ସବୁଠୁ ବଦାନ୍ୟ ଦାତା ଆଖ୍ୟା ଦେଇଛି।

## 'ଟିଟିପି, ହିଜବୁଲ୍ ବୈଶ୍ୱିକ ଆତଙ୍କବାଦୀ ସଂଗଠନ'



ଆଣ୍ଟୋନି ବ୍ଲିଙ୍କେନ୍

ୱାଶିଂଟନ,୧୭।୨(ପି.ଟି.)

ପାକିସ୍ତାନର କଶ୍ମୀର କୈନ୍ଦ୍ରିକ ହିଜବୁଲ୍ ମୁଜାହିଦ୍ଦିନ ଏବଂ ତେହରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି) ବୈଶ୍ୱିକ ଆତଙ୍କବାଦୀ ସଂଗଠନ ରହିଛି। ଏହାର ପଦବୀରେ କୌଣସି ପରିବର୍ତ୍ତନ ହେବାର କାରଣ ନାହିଁ ବୋଲି ସମୀକ୍ଷା ପରେ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି। ବିଭିନ୍ନ ବିଦେଶୀ ଆତଙ୍କବାଦୀ ସଂଗଠନର ପଦବୀକୁ ସମୀକ୍ଷା କରାଯିବା ପରେ ଏହାକୁ ସଂଘୀୟ ରେଜିଷ୍ଟରରେ ବିଜ୍ଞପିତ କରାଯାଇଛି। ୨୦୧୦ ସେପ୍ଟେମ୍ବର ୧ରେ ଟିଟିପିକୁ ଆମେରିକା ଆତଙ୍କବାଦୀ ସଂଗଠନ ତାଲିକାଭୁକ୍ତ କରିବା ସହ ଏହାର ନେତା ହକିମୁଲ୍ଲା ମେହସୁଦ୍ ଏବଂ ୱାଲି ଉର୍-ରେହମନଙ୍କୁ ବୈଶ୍ୱିକ ଆତଙ୍କବାଦୀ ଘୋଷଣା କରିଥିଲା। ୨୦୦୭ରେ ଗଠିତ ଟିଟିପିର ନୀତି ଆଦର୍ଶ ଆଫଗାନିସ୍ତାନ ତାଲିବାନ ସହ ସମାନ। ସେହିପରି କଶ୍ମୀର କୈନ୍ଦ୍ରିକ ହିଜବୁଲ୍ ମୁଜାହିଦ୍ଦିନକୁ ଆମେରିକା, କାନାଡା, ଭାରତ ଏବଂ ୟୁରୋପୀୟ ସଂଘ ବୈଶ୍ୱିକ ଆତଙ୍କବାଦୀ ଘୋଷଣା କରିଛି।

## ସଂକ୍ଷେପରେ

### ଭୂକମ୍ପରୁ ବର୍ତ୍ତିଥିବା ସିରିଆ ପରିବାର ଦଗ୍ଧ

**ଇସ୍ତାନବୁଲ୍,୧୭।୨:** ଗତ ସପ୍ତାହର ଭୂକମ୍ପରୁ ବର୍ତ୍ତିଯାଇଥିବା ସିରିଆର ୫ ଜଣ ପିଲା ଓ ସେମାନଙ୍କ ମାଆବାପା ତୁର୍କୀର ଏକ ଘରେ ଆଶ୍ରୟ ନେଇଥିବାବେଳେ ଶୁକ୍ରବାର ସେଥିରେ ନିଆଁ ଲାଗିଯିବାରୁ ସେମାନେ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଗତ ୬ ତାରିଖ ଭୂକମ୍ପରେ ତୁର୍କୀ ଓ ସିରିଆରେ ୪୧ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ଦକ୍ଷିଣପୂର୍ବ ତୁର୍କୀ ସହର ନୁର୍‌ଡାଗି ଗୁରୁତର କ୍ଷତିଗ୍ରସ୍ତ ହୋଇଥିଲା। ଉକ୍ତ ପରିବାର ସେଠାରୁ କେନ୍ଦ୍ରୀୟ ଅଞ୍ଚଳରେ ଥିବା କୋନ୍ୟାକୁ ପଳାଇଥିଲେ। ଉକ୍ତ ଘରୁ ଝରକା ଦେଇ ଜଣେ ଝିଅଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ଉପରୋକ୍ତ ଶିଶୁ ଓ ସେମାନଙ୍କ ମାଆବାପାଙ୍କୁ ଉଦ୍ଧାର କରାଯାଇ ପାରି ନ ଥିଲା ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ମୃତ ଶିଶୁମାନଙ୍କ ବୟସ ୪ରୁ ୧୩ ବର୍ଷ ମଧ୍ୟରେ।

### ଜର୍ମାନୀରେ ୨,୩୪୦ ବିମାନ ବାତିଲ

**ବର୍ଲିନ,୧୭।୨:** ଜର୍ମାନୀର ୮ଟି ବିମାନବନ୍ଦରର କର୍ମଚାରୀମାନେ ଅଧିକ ବେତନ ଦାବିରେ ଧର୍ମଘଟରେ ସାମିଲ ହୋଇଥିବାରୁ ଶୁକ୍ରବାର ୨,୩୪୦ ବିମାନ ଉଡ଼ାଣ ବାତିଲ ହୋଇଛି। ଫଳରେ ପ୍ରାୟ ୨,୯୫,୦୦୦ ଯାତ୍ରୀ ପ୍ରଭାବିତ ହୋଇଛନ୍ତି। ଧର୍ମଘଟ ଗ୍ରହଣୀୟ ନୁହେଁ ବୋଲି ଜର୍ମାନ ବିମାନବନ୍ଦର ସଂଘ ଏଡିଭି କହିଛି। ଆଲୋଚନା ମାଧ୍ୟମରେ ସମାଧାନ ସୂତ୍ର ବାହାର କରିବାକୁ ଏଡିଭି ମୁଖ୍ୟ ରାଲଫ୍ ବିସେଲ୍ ପରାମର୍ଶ ଦେଇଛନ୍ତି।

### ଜମ୍ମୁ-କଶ୍ମୀର ଗଜନଭି ଫୋର୍ସ ବେଆଇନ ଘୋଷିତ

**ନୂଆଦିଲ୍ଲୀ,୧୭।୨:** ଆତଙ୍କବାଦ ନିରୋଧୀ ଆଇନ ଅନୁଯାୟୀ ଜମ୍ମୁ-କଶ୍ମୀର ଗଜନଭି ଫୋର୍ସ (ଜେକେଜିଏଫ୍)କୁ ଶୁକ୍ରବାର ବେଆଇନ ଘୋଷଣା କରାଯାଇଛି। ଲଶ୍କର-ଇ-ତୋଇବା, ଜୈଶ-ଇ-ମହମ୍ମଦ ଭଳି ଆତଙ୍କବାଦୀ ସଂଗଠନର କ୍ୟାଡରମାନଙ୍କୁ ନେଇ ଜେକେଜିଏଫ୍ ଗଠିତ ହୋଇଥିଲା। ଏହା ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ, ବେଆଇନ ନିଶାଦ୍ରବ୍ୟ କାରବାର, ଅସ୍ତ୍ର ଚୋରାଚାଲାଣ ସହ ଆତଙ୍କବାଦୀ କାର୍ଯ୍ୟରେ ସମ୍ପୃକ୍ତ। ସୁରକ୍ଷା ବଳ ପ୍ରତି ଏହା ବିପଦର କାରଣ ହୋଇଛି। ଅନ୍ୟ ଏକ ବିଜ୍ଞପ୍ତିରେ ପଞ୍ଜାବ ବାସିନ୍ଦା ହରୱିନ୍ଦର ସିଂ ସାନ୍ଧୁ ଓରଫ ରିଣ୍ଡାଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆତଙ୍କବାଦୀ ଘୋଷଣା କରିଛି। ରିଣ୍ଡା ଏବେ ଲାହୋରରେ ରହି ବେଆଇନ ସଂଗଠନ ବାବର ଖାଲସା ଇଣ୍ଟରନ୍ୟାଶନାଲ (ବିକେଆଇ) ସହ ସମ୍ପୃକ୍ତ ରହିଛି। ୨୦୨୧ରେ ପଞ୍ଜାବ ପୋଲିସର ଗୋଇନ୍ଦା ମୁଖ୍ୟାଳୟ ଉପରେ ଆକ୍ରମଣ ପଛରେ ରିଣ୍ଡା ମାଷ୍ଟରମାଇଣ୍ଡ ଥିଲା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି।

### ଭାରତ ଗସ୍ତ ବାତିଲ କଲେ ଇରାନ ମନ୍ତ୍ରୀ



ହୋସେନ ଅମିର ଅବ୍‌ଦୋଲ୍ଲାହିଆନ୍

**ନୂଆଦିଲ୍ଲୀ,୧୭।୨:** ଇରାନର ବହିର୍ବ୍ୟାପାର ମନ୍ତ୍ରୀ ହୋସେନ ଅମିର ଅବ୍‌ଦୋଲ୍ଲାହିଆନ୍ ରାଇସିନା ଡାଇଲଗ୍‌ରେ ଯୋଗଦେବା ପାଇଁ ଭାରତ ଆସିବାର ଥିଲା। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଓ ଅବ୍‌ଜର୍ଭର ରିସର୍ଚ୍ଚ ଫାଉଣ୍ଡେଶନ୍‌ର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଯୋଗଦେବେ ନାହିଁ ବୋଲି ଶୁକ୍ରବାର ସେ ସ୍ପଷ୍ଟ କରିଛନ୍ତି। କାରଣ ଉକ୍ତ କାର୍ଯ୍ୟକ୍ରମରେ ଏକ ଶଟ୍ ରହିଛି, ଯହିଁରେ ଇରାନୀୟ ରାଷ୍ଟ୍ରପତି ଇବ୍ରାହିମ୍ ରଇସିଙ୍କ ଆଗରେ ମହିଳାମାନେ ନିଜ ଚୁଟି କାଟି ଦେଖାଉଛନ୍ତି। ରାଇସିନା ଡାଇଲଗ୍ ୨୦୨୩ ସଂସ୍କରଣ ଘୋଷଣା ହେବାର ମାସକ ପୂର୍ବରୁ ଏହି ଭିଡିଓକୁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ପ୍ରକାଶ ଯେ, ଗତ ସେପ୍ଟେମ୍ବରରେ ମହସା ଅମିନି ଉଚିତ ଢଙ୍ଗରେ ବୁର୍ଖା ପିନ୍ଧି ନ ଥିବା ଦର୍ଶାଇ ଇରାନର ମୋରାଲିଟି ପୋଲିସ ତାଙ୍କୁ ଗିରଫ କରିଥିଲା। ପୋଲିସ ବର୍ବରତାରେ ତାଙ୍କର ମୃତ୍ୟୁ ଘଟିବା ପରେ ଦେଶବ୍ୟାପୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଏହାର ପ୍ରତିବାଦରେ ଇରାନୀୟ ମହିଳାମାନେ ନିଜ ଚୁଟି କାଟି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ବନ୍ଦ ଲଫାପାରେ କେନ୍ଦ୍ରର ପ୍ରସ୍ତାବ ଅଗ୍ରାହ୍ୟ

## ଆଦାନୀ-ହିଣ୍ଡେନ୍‌ବର୍ଗ ତଦନ୍ତ ପାଇଁ ବିଶେଷଜ୍ଞ କମିଟି

ନୂଆଦିଲ୍ଲୀ,୧୭।୨

ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଆଦାନୀ ଗ୍ରୁପ୍ ବିରୋଧରେ ଅଭିଯୋଗ ଆସିବା ପରେ ଶିଳ୍ପପତି ଗୌତମ ଆଦାନୀଙ୍କ କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟ ଖସିବାରେ ଲାଗିଛି। ନିବେଶକମାନଙ୍କୁ କ୍ଷତିରୁ ବଞ୍ଚାଇବା ପାଇଁ ନିୟାମକ ପଦକ୍ଷେପ ନେବା ସକାଶେ ଏକ ବିଶେଷଜ୍ଞ ଟିମ୍ ଗଠନ ଉପରେ କେନ୍ଦ୍ର ସରକାର ଶୁକ୍ରବାର ବନ୍ଦ ଲଫାପାରେ ସୁପ୍ରିମକୋର୍ଟଙ୍କୁ ପ୍ରସ୍ତାବ ଦେଇଥିଲେ। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଡିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଦାଖଲ କରିଥିବା ଉକ୍ତ ଲଫାପାକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ତିନିଜଣିଆ ଖଣ୍ଡପୀଠ କହିଛନ୍ତି, ସୁପ୍ରିମକୋର୍ଟ ନିବେଶକମାନଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଚାହାନ୍ତି। ଆମେ ଏକ କମିଟି ଗଠନ କରିବୁ। ସର୍ବୋଚ୍ଚ ଅଦାଲତର କୌଣସି କାର୍ଯ୍ୟରତ ବିଚାରପତି ଉକ୍ତ ପ୍ୟାନେଲରେ ରହିବେ ନାହିଁ। କାରଣ ଅନ୍ୟ ମାମଲାଗୁଡ଼ିକର ଶୁଣାଣି ଲାଗି ଖଣ୍ଡପୀଠ ଗଠନରେ ପ୍ରତିଦିନ ଅସୁବିଧା ହେଉଛି।



ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଜାନୁୟାରୀ ୨୪ରେ ଆଦାନୀ ଗ୍ରୁପ୍‌ର ଷ୍ଟକ୍ସ ଜାଲିଆତି ରିପୋର୍ଟ ପ୍ରଘଟ କରିବା ପରେ କମ୍ପାନୀର ଶେୟାର ମୂଲ୍ୟରେ 'ଆର୍ଟିଫିସିଆଲ କ୍ରାଶ୍' (ମନୁଷ୍ୟକୃତ ପତନ) ହୋଇଥିବା ଦର୍ଶାଇ ସୁପ୍ରିମକୋର୍ଟରେ ଦୁଇଟି ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଛି। ଗୋଟିଏ ପିଆଇଏଲ୍ ଆଇନଜୀବୀ ବିଶାଳ ତିୱାରୀ ଓ ଅନ୍ୟଟି ବରିଷ୍ଠ ଓକିଲ ଏମ୍.ଏଲ୍. ଶର୍ମା ଦାଖଲ କରିଛନ୍ତି। ଷ୍ଟକ୍ସ ମୂଲ୍ୟ ହ୍ରାସ ପାଇବାରେ ଲାଗିଥିବାରୁ ନିରୀହ ନିବେଶକମାନେ ଶୋଷଣର ଶିକାର ହୋଇଛନ୍ତି। ତେଣୁ ହିଣ୍ଡେନ୍‌ବର୍ଗ ରିପୋର୍ଟର ତଦନ୍ତ କରାଯାଉ ଏବଂ ନିବେଶକମାନଙ୍କୁ ଆଶ୍ୱସ୍ତି ଦିଆଯାଉ ବୋଲି ଏଥିରେ ନିବେଦନ କରାଯାଇଛି। ସିଜେଆଇ ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଗତ ୧୦ ତାରିଖରେ ଏହାର ଶୁଣାଣି କରି କେନ୍ଦ୍ର ଏବଂ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି)ର ମତାମତ ଲୋଡ଼ିଥିଲେ। ପୁଞ୍ଜିବଜାରରେ ଭାରତୀୟ ନିବେଶକଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଦେଶରେ ଏକ ମଜଭୁତ ବ୍ୟବସ୍ଥା ରହିବା ଉଚିତ ବୋଲି ତିନିଜଣିଆ ଖଣ୍ଡପୀଠ ପ୍ରକାଶ କରିଥିଲେ।

## ଦଳିତ ଆଇଆଇଟି ଛାତ୍ରଙ୍କ ଆତ୍ମହତ୍ୟା

### ନିର୍ଦ୍ଦେଶକଙ୍କ ଇସ୍ତଫା ଦାବିକଲେ ୩ ଛାତ୍ର ଗୋଷ୍ଠୀ

ମୁମ୍ବାଇ,୧୭।୨

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି) ବମ୍ବେର ଜଣେ ୧୮ ବର୍ଷୀୟ ଦଳିତ ଛାତ୍ର ଆତ୍ମହତ୍ୟା କରିଥିବାବେଳେ ଏଥିପାଇଁ ଶିକ୍ଷାନୁଷ୍ଠାନର ୩ ଛାତ୍ରଗୋଷ୍ଠୀ ନିର୍ଦ୍ଦେଶକଙ୍କୁ ଦାୟୀ କରି ତୁରନ୍ତ ତାଙ୍କର ଇସ୍ତଫା ଦାବି କରିଛନ୍ତି। ନିର୍ଦ୍ଦେଶକ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ସ୍ଥାନ ଦେବାରେ ବିଫଳ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏଥିସହିତ ଅନୁସୂଚିତ ଜାତି/ଜନଜାତି ଅତ୍ୟାଚାର ପ୍ରତିକାର ଆଇନ ଏବଂ ଆଣ୍ଟି-ରାଗିଂ ଆଇନରେ ମାମଲା ରୁଜୁ କରିବାକୁ ସେମାନେ ଦାବି କରିଛନ୍ତି। ମୃତ ଛାତ୍ର ଦର୍ଶନ ସୋଲାଙ୍କି ଆଇଆଇଟିରେ ଜାତିଆଣ ବୈଷମ୍ୟର ଶିକାର ହେଉଥିଲେ ବୋଲି ତାଙ୍କ ପରିବାର ଅଭିଯୋଗ କରିଛି।

### କାର୍‌ରୁ ୨ ମୃତଦେହ ମିଳିବା ଘଟଣା: ୬ ଅଟକ

**ଜୟପୁର,୧୭।୨(ପି.ଟି.):** ହରିୟାଣାରେ ଏକ କାର୍‌ରୁ ୨ ମୁସଲମାନଙ୍କ ପୋଡ଼ିଯାଇଥିବା ମୃତଦେହ ମିଳିବା ଘଟଣାରେ ପୋଲିସ ୬ ଜଣଙ୍କୁ ଜେରା ପାଇଁ ଅଟକ ରଖିଛି। ଗୋସୁରକ୍ଷା କର୍ମୀମାନେ ସେମାନଙ୍କୁ ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଘଟଣାର ନିନ୍ଦା କହିବା ସହ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ରାଜସ୍ଥାନ ଭରତପୁର ଜିଲା ଘାଟମିକା ଗ୍ରାମର ନାସିର(୨୫) ଏବଂ ଜୁନେଦ୍ ଓରଫ ଜୁନା (୩୫)ଙ୍କୁ ବୁଧବାର ଅପହରଣ କରାଯାଇଥିବାବେଳେ ଗୁରୁବାର ସକାଳେ ସେମାନଙ୍କ ମୃତଦେହ ଭିୱାନିରେ ଏକ ଦଗ୍ଧ କାର୍ ଭିତରୁ ମିଳିଥିଲା।

# ଅରୁଣାଚଳ ଭାରତର ଅବିଚ୍ଛେଦ୍ୟ ଅଙ୍ଗ: ସ୍ୱୀକୃତି ଦେବାକୁ ଆମେରିକା ସିନେଟ୍‌ରେ ସଂକଳ୍ପ

ୱାଶିଂଟନ,୧୭।୨(ପି.ଟି.)

ଅରୁଣାଚଳପ୍ରଦେଶକୁ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ସ୍ୱୀକୃତି ଦେବା ପାଇଁ ଆମେରିକା ସିନେଟ୍‌ରେ ଗୁରୁବାର ଦ୍ୱିଦଳୀୟ ସଂକଳ୍ପ ଆଗତ କରାଯାଇଛି। ପ୍ରକୃତ ନିୟନ୍ତ୍ରଣ ରେଖା ଅଞ୍ଚଳରେ ସ୍ଥିତାବସ୍ଥା ବଦଳାଇବା ପାଇଁ ଚାଇନା ସୈନ୍ୟବାହିନୀର ଆକ୍ରମଣାତ୍ମକ ଆଭିମୁଖ୍ୟକୁ ଏଥିରେ ସମାଲୋଚନା କରାଯାଇଛି। ଚାଇନା ସ୍ଥିତାବସ୍ଥା ପରିବର୍ତ୍ତନ ପାଇଁ ସୈନ୍ୟବାହିନୀର ବ୍ୟବହାର କରିବା ସହ ବିବାଦୀୟ ଅଞ୍ଚଳରେ ଗାଁ ନିର୍ମାଣ କରୁଛି। ଏହା ବ୍ୟତୀତ ମାଣ୍ଡାରିନ୍ ଭାଷାରେ ଅରୁଣାଚଳପ୍ରଦେଶର ବିଭିନ୍ନ ସହରକୁ ନାମିତ କରି ମାନଚିତ୍ର ପ୍ରକାଶ କରୁଛି। ଭୁଟାନର କେତେକ ଅଞ୍ଚଳକୁ ଚାଇନା ନିଜର କହିବା ସହ ଅରୁଣାଚଳ ପ୍ରଦେଶକୁ ଦକ୍ଷିଣ ତିବ୍ବତ କହି ଏହାର ଅଞ୍ଚଳ ଭାବେ ଦାବି କରିଆସୁଥିବାରୁ ଉତ୍ତେଜନା ବୃଦ୍ଧି ପାଉଛି। ଆମେରିକା ଅରୁଣାଚଳକୁ ଏକ ବିବାଦୀୟ ଅଞ୍ଚଳ ନୁହେଁ ବରଂ ଭାରତୀୟ ସାଧାରଣତନ୍ତ୍ରର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ସ୍ୱୀକୃତି ଦେଇଛି। ଡେମୋକ୍ରାଟ ସିନେଟର ଜେଫ୍ ମେର୍କଲି ଏବଂ ରିପବ୍ଲିକାନ ସିନେଟର ବିଲ୍ ହାଗେର୍ଟି ଉକ୍ତ ଦ୍ୱିଦଳୀୟ ସଂକଳ୍ପ ଆଗତ କରିଛନ୍ତି।

# ସୁପ୍ରିମକୋର୍ଟରେ ଏଏପିର ବଡ଼ ବିଜୟ

## ମେୟର ନିର୍ବାଚନରେ ଭୋଟ ଦେଇପାରିବେନି ଏମ୍‌ସିଡିର ମନୋନୀତ ସଦସ୍ୟ

ନୂଆଦିଲ୍ଲୀ,୧୭।୨

ମେୟର ନିର୍ବାଚନରେ ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି)ର ମନୋନୀତ ସଦସ୍ୟମାନେ ଭୋଟ ଦେଇପାରିବେ ନାହିଁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଏହି ରାୟ ଭାଜପାକୁ ଶକ୍ତ ଝଟକା ଦେଇଥିବାବେଳେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପାଇଁ ବଡ଼ ବିଜୟ ସାବ୍ୟସ୍ତ ହୋଇଛି।

ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଡିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଦିଲ୍ଲୀ ମେୟର ନିର୍ବାଚନ ଏମ୍‌ସିଡିର ପ୍ରଥମ ବୈଠକରେ ହେବ। ମେୟର ନିର୍ବାଚିତ ହେବା ପରେ ସେ ଡେପୁଟି ମେୟରର ନିର୍ବାଚନ କରାଇବେ। ଆମେ ଉଭୟ ପକ୍ଷଙ୍କ ଓକିଲଙ୍କ ଯୁକ୍ତି ଶୁଣିଛୁ। ମ୍ୟୁନିସିପାଲ କର୍ପୋରେଶନ୍ ପକ୍ଷରୁ ବଢ଼ାଯାଇଥିବା ଯୁକ୍ତିକୁ ଆମେ ଗ୍ରହଣ କରିପାରିବୁ ନାହିଁ। ମନୋନୀତ ସଦସ୍ୟମାନଙ୍କ ମତଦାନ ଅଧିକାର ନାହିଁ ବୋଲି ସାମ୍ବିଧାନିକ କଟକଣା ରହିଛି। ପ୍ରଥମ ବୈଠକରେ ହିଁ ଏହି ବାରଣ ଲାଗୁ ହେବ। ମେୟର ନିର୍ବାଚନ ଏବଂ ଏମ୍‌ସିଡିର ପ୍ରଥମ ବୈଠକ ପାଇଁ ୨୪ ଘଣ୍ଟା ମଧ୍ୟରେ ନୋଟିସ ଜାରି କରାଯିବ। କେଉଁ ତାରିଖରେ ମେୟର, ଡେପୁଟି ମେୟର କିମ୍ବା ଷ୍ଟାଣ୍ଡିଂ କମିଟି ସଦସ୍ୟମାନଙ୍କ ନିର୍ବାଚନ ହେବ ତାହା ଉକ୍ତ ନୋଟିସରେ ଉଲ୍ଲେଖ କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ପ୍ରକାଶ ଯେ, ଦିଲ୍ଲୀର ଶାସକ ଏଏପି ପକ୍ଷରୁ ମେୟର ପ୍ରାର୍ଥୀ ହୋଇଥିବା ଶେଲି ଓବରୟ ଶୀଘ୍ର ନିର୍ବାଚନ କରାଇବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୮ ତାରିଖରେ ସର୍ବୋଚ୍ଚ ଅଦାଲତ ଉପରାଜ୍ୟପାଳଙ୍କ ଅଫିସ, ଏମ୍‌ସିଡି ପ୍ରୋଟେମ୍ ପ୍ରିଜାଇଡିଂ ଅଫିସର ସତ୍ୟ ଶର୍ମା ଓ ଅନ୍ୟମାନଙ୍କୁ ଓବରୟଙ୍କ ଆବେଦନ ଉପରେ ଜବାବ ମାଗିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
1. Marketing Agents in every Block for sale of organic input.
2. Sales Personnel for Industrial Products.
3. Gardener cum Grafter - 3
4. Farm Development Manager
Contact: 9337084518

ମୁମ୍ବାଇରେ ପିଲାଙ୍କୁ ସମ୍ଭାଳିବା, ରୋଗୀଙ୍କ ଯତ୍ନ ନେବା, ଘର କାମ କରିବା ପାଇଁ ଝିଅ/ମହିଳା ଆବଶ୍ୟକ । ରହିବା ଓ ଖାଇବା ମାଗଣା। ବେତନ ୧୫-୨୦ ହଜାର।
ଫୋନ୍: 08822900900

APPOINTMENT
Urgently required Diploma / B.Tech. (Civil) experienced / fresher for Rourkela & Talcher. Salary is not a constraints.
Contact:
8249414800
9853615053

ଭୁବନେଶ୍ୱରରେ ଘର କାମ ପାଇଁ ଝିଅପିଲା ଦରକାର। ରହିବା, ଖାଇବା ମାଗଣା। ଦରମା କାମ ଦେଖି ଦିଆଯିବ।
ଏବେ ହିଁ ଯୋଗାଯୋଗ କରନ୍ତୁ:
9825495448

Utkal Gaurav International School
(A Unit of Utkal Gaurav Foundation)
UGIS
Village:- Berunapadi, Po :- Soso, Block :- Hatadihi, Dist :- Keonjhar, Odisha - 758078
Location:- Bhadrak, Via:- Bonth - 28 Km
Advertisement for Recruitment: Teaching and Non-Teaching
● Principal ● Vice-Principal ● Post Graduate Teacher-English ● Trained Graduate Teacher-Social Studies, Hindi, Math, Science ● Computer Teacher ● Art Teacher ● Music Teacher ● PET (Male & Female) ● PRT- Odia, Sanskrit and all subjects ● Nursery Teacher ● LDC (Lower Division Clerk) ● Librarian ● Lab Attendant ● Judo & Taekwondo ● Food Manager ● Peon ● Cook
Submit your application within 15 days from the date of advertisement.
How to apply - visit the link given below for detailed information
www.utkalgaurav.org (Career Section), Mob:- 9040005333
Resume to be sent :- resume.ugis@gmail.com

WANTED
ଧରିତ୍ରୀ DHARITRI Oriya daily is looking for
CIRCULATION MANAGERS
ଭୂମିକା ଏବଂ ଦାୟିତ୍ୱ:-
• ବିତରକ ତଥା ଏଜେଣ୍ଟଙ୍କ ସହିତ ସମନ୍ୱୟ ରକ୍ଷା କରି କମ୍ପାନୀର ବଜାର ସମ୍ବନ୍ଧୀୟ ଆବଶ୍ୟକତାର ନେତୃତ୍ୱ ନେବା ।
• ବିକ୍ରୟ ଲକ୍ଷ୍ୟକୁ ଚିହ୍ନଟ କରିବା ଓ ତାହାକୁ ହାସଲ କରିବା ପାଇଁ ପ୍ରତିଯୋଗିତାମୂଳକ ଟ୍ରାକିଂ ଓ ବିଶ୍ଳେଷଣ କରିବା ।
• ପ୍ରସାରଣକୁ ବିସ୍ତାରିତ କରିବା ପାଇଁ ବିକ୍ରୟ ଲକ୍ଷ୍ୟକୁ ହାସଲ କରିବା ।
ପ୍ରାର୍ଥୀଙ୍କ ଯୋଗ୍ୟତା:-
• ଛପା ଗଣମାଧ୍ୟମରେ ୩ ବର୍ଷର ଫ୍ରଣ୍ଟଲାଇନ୍ ବିକ୍ରୟ ଅଭିଜ୍ଞତା ।
Apply immediately to :
recruitment@dharitri.com
Attractive salary commensurate with experience

STEWART SCHOOL BHUBANESWAR
UNIT-8, CRP SQUARE, BHUBANESWAR-751012
Stewart School Bhubaneswar
APPOINTMENT
Applications are invited from candidates with requisite qualification and training to fill the following post of Assistant Teachers in Stewart School, Bhubaneswar.
SL. SUBJECT
1. **English**– ICSE/CBSE background candidate having qualification of M.A./B.A. with B.Ed. and must have cleared CTET
2. **Hindi** – M.A./B.A. with B.Ed. and must have cleared CTET
3. **Odia** – M.A./B.A. with B.Ed. and must have cleared CTET
4. **Primary Teacher** – ICSE/CBSE background candidate having qualification of B.A. with B.Ed. and must have cleared CTET
5. **Art** – Master in Fine Arts in Art Education / Bachelor in Fine Arts in Art Education.
6. **Spoken English Facilitator** – Candidate from Anglo-Indian community or ICSE background having M.A./B.A. qualification will be preferred
7. **Para Teacher-cum-Child Care Giver** - +2 with Diploma in Early Childhood Care and Education from recognized institution (1 year course), must have undergone Certificate Course in Counselling and must have basic knowledge of Smart class teaching, computer and mobile phone communication.
Interested candidates may send their applications with complete Bio-data and Photocopy of Certificates/Testimonials to the undersigned within seven days from the publication of this advertisement.
Fluency in spoken English and experienced candidates will be preferred.
SECRETARY

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧୮/୨୦୨୩ | Bhubaneswar, Saturday, February 18/2023 | ପୃଷ୍ଠା-୧



**ଶାମିଙ୍କ ପ୍ରଭାବୀ ବୋଲିଂ**
ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଭାରତୀୟ ବୋଲର ମହମ୍ମଦ ଶାମି ୪ ଉଇକେଟ ସଫଳତା ହାସଲ କରିଛନ୍ତି। ୧୪

୧୧ **ନସିମଙ୍କ ପ୍ରେମରେ ଉର୍ବଶୀ**
ବଲିଉଡ ଅଭିନେତ୍ରୀ ଉର୍ବଶୀ ରୌତେଲା ପାକିସ୍ତାନୀ କ୍ରିକେଟର ନସିମ ଶାହାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ସେ ନସିମ୍‌ଙ୍କ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି।






କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ଷ୍ଟାଡିୟମ ଓ କ୍ରୀଡ଼ା ଭିତ୍ତିଭୂମିକୁ ଶୁକ୍ରବାର ଲୋକାର୍ପିତ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ଏମ୍‌ପି ଅଚ୍ୟୁତ ସାମନ୍ତ, ବିଶିଷ୍ଟ ଟେନିସ୍ ତାରକା ଲିଆଣ୍ଡର ପେସ୍, ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ଅଲିମ୍ପିଆନ ଦୂତୀ ଚାନ୍ଦ, ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି, ସାଇକ୍ଲିଷ୍ଟ ମିନତୀ ମହାପାତ୍ର, ଆଥଲେଟ୍ ଅମିୟ ମଲ୍ଲିକ, ସର୍ବଭାରତୀୟ ଚେସ୍ ଫେଡେରେଶନ ସମ୍ପାଦକ ଭରତ ସିଂ ଚୌହାନ ଓ ଅନ୍ତର୍ଜାତୀୟ ମହିଳା ଫୁଟବଲ୍‌ର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।

# ଓଡ଼ିଶାକୁ ମିଳିବନି ସ୍ୱତନ୍ତ୍ର ପାହ୍ୟା

- **ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ କମାଯାଇନାହିଁ: ନିର୍ମଳା**
- **ରେକର୍ଡ ପରିମାଣ ଶସ୍ୟ ସଂଗ୍ରହ ହେଉଛି**

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିବ ନାହିଁ। କେବଳ ଓଡ଼ିଶା ନୁହେଁ, କୌଣସି ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିବ ନାହିଁ। ଏଥିଲାଗି ଅର୍ଥ କମିଶନ ତାଙ୍କ ରିପୋର୍ଟରେ ସୁପାରିସ କରିଛନ୍ତି। ଆନ୍ଧ୍ରପ୍ରଦେଶ ବିଭାଜନ ସମୟରେ ରହିଥିବା ସର୍ତ୍ତ ଆଧାରରେ ତେଲଙ୍ଗାନାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦିଆଯାଇଛି। ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶୁକ୍ରବାର ଭୁବନେଶ୍ୱରରେ ଏକ ହୋଟେଲରେ ଗଣମାଧ୍ୟମ ସହିତ ବଜେଟ ପରବର୍ତ୍ତୀ ଆଲୋଚନା ସମୟରେ ଏହା କହିଛନ୍ତି।

ସୂଚନାଯୋଗ୍ୟ, ଓଡ଼ିଶା ଗତ କିଛି ବର୍ଷ ଧରି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବିକରି ଆସୁଛି। ପଛୁଆ ଅଞ୍ଚଳ ସାଙ୍ଗକୁ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଲଗାତର ହେଉଥିବାରୁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ ବହୁବାର ଦାବିକରି ଆସୁଛନ୍ତି। ବିଜେଡି ଏମ୍‌ପିମାନେ ଏହି ପ୍ରସଙ୍ଗକୁ ପାର୍ଲାମେଣ୍ଟରେ ବହୁବାର ଉଠାଇ ଆସୁଛନ୍ତି। ତେବେ ନିର୍ମଳାଙ୍କ ସୂଚନା ପରେ ରାଜ୍ୟର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବିକୁ ଝଟକା ଲାଗିଛି। ଯେଉଁ ରାଜ୍ୟର ଅଧିକାଂଶ ଅଞ୍ଚଳ ଦୁର୍ଗମ ପାହାଡ଼ ସାଙ୍ଗକୁ ଅନ୍ତର୍ଜାତୀୟ ସୀମାକୁ ସଂଯୋଗ କରୁଥିବ, ଆର୍ଥିକ ଏବଂ ଭିତ୍ତିଭୂମି କ୍ଷେତ୍ରରେ ପଛୁଆ ଅଞ୍ଚଳ ହୋଇଥିବ ସେହି ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାରଙ୍କ ବ୍ୟବସ୍ଥା ରହିଛି।

୨୦୨୩-୨୪ କେନ୍ଦ୍ରୀୟ ବଜେଟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଅର୍ଥ କମାଯାଇଥିବା ନେଇ ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ ଉଠାଇଥିଲେ। ଏ ସମ୍ପର୍କରେ ଅର୍ଥମନ୍ତ୍ରୀ କହିଛନ୍ତି, ଏମ୍‌ଜିଏନ୍‌ଆରଇଜିଏସ୍ ହେଉଛି ଚାହିଦାଭିତ୍ତିକ ଯୋଜନା। ଲୋକଙ୍କ ଚାହିଦା



ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ

ବଢ଼ିଲେ, ବ୍ୟୟବରାଦ ବଢ଼ିବ। କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆସିବା ପରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଦିଆଯାଉଥିବା ପାଣ୍ଠି ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ବିନିଯୋଗ ହେଉଛି, ଯାହାକି ୧୦ ବର୍ଷର ୟୁପିଏ ସରକାର ଅମଳରେ ହେଉ ନ ଥିଲା। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅର୍ଥ କମାଯାଇଥିବା ଅଭିଯୋଗ ଆଣି କେତେକ ରାଜ୍ୟ ଏହାକୁ ପ୍ରସଙ୍ଗ କରୁଛନ୍ତି। କିନ୍ତୁ ଏମିତି ମଧ୍ୟ ରାଜ୍ୟ ଅଛନ୍ତି, ଯେଉଁମାନଙ୍କୁ ଆର୍ଥିକ ବର୍ଷ ଆରମ୍ଭରୁ ପାଣ୍ଠି ଦିଆଯାଉଥିଲେ ମଧ୍ୟ ସେମାନେ ଖର୍ଚ୍ଚ କରିପାରୁନାହାନ୍ତି। ଏହି ଯୋଜନା ପାଇଁ ପାଣ୍ଠି ଅତିରିକ୍ତ ☞ପୃଷ୍ଠା-୨

# କିଟ୍‌ର ବିଭିନ୍ନ ଷ୍ଟାଡିୟମ ଲୋକାର୍ପିତ

ଭୁବନେଶ୍ୱର,୧୭।୨ (କ୍ରୀଡ଼ା ପ୍ରତିନିଧି)

କିସ୍ ବିଶ୍ୱବିଦ୍ୟାଳୟ ୨ୟ ଏବଂ କିସ୍-ଭୁବନେଶ୍ୱରର ୪ର୍ଥ କ୍ୟାମ୍ପସକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଏଥିସହ ଭାରତର ବିଶିଷ୍ଟ କ୍ରୀଡ଼ା ପ୍ରତିଭା ଓ ବ୍ୟକ୍ତିବିଶେଷଙ୍କ ନାମରେ ନାମିତ କିଟ୍‌ର ବିଭିନ୍ନ ଷ୍ଟାଡିୟମ ଓ ଭିତ୍ତିଭୂମିକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ପୂର୍ବରୁ କିସ୍-ଭୁବନେଶ୍ୱର ଓ କିସ୍ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ଥିବା ବେଳେ ଏବେ ୧୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କିସ୍ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି କ୍ୟାମ୍ପସରେ ଏକାଡେମିକ୍ ବିଲ୍ଡିଂ, ବୃହତ୍ ଲାଇବ୍ରେରି, ୩ ହଜାର ଛାତ୍ର ରହିବା ଭଳି ଛାତ୍ରାବାସ, ୩ ହଜାର ଛାତ୍ରୀ ରହିବା ଭଳି ଛାତ୍ରୀନିବାସର ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ବିଏମ୍‌ସି ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କିଟ୍-କିସ୍‌ରେ ୫୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜୁ ପଟ୍ଟନାୟକ ବହୁ ଉପଯୋଗୀ ଇନ୍‌ଡୋର ଷ୍ଟାଡିୟମ ଓ କିଟ୍ କ୍ରିକେଟ ଷ୍ଟାଡିୟମ, ଦିଲୀପ ତିର୍କୀ ହକି ଷ୍ଟାଡିୟମ, ଅଭିନବ ବିନ୍ଦ୍ରା ଇନ୍‌ଡୋର ଶୁଟିଂ ରେଞ୍ଜ, ରାହୁଲ ବୋଷ ରଗ୍‌ବୀ ଷ୍ଟାଡିୟମ, ଦେବାଶିଷ ଓ ଶିବସୁନ୍ଦର ଷ୍ଟାଣ୍ଡ, ବିଶ୍ୱନାଥନ୍ ଆନନ୍ଦ ଅନ୍ତର୍ଜାତୀୟ ଚେସ୍ ହଲ୍, ଲିଆଣ୍ଡର ପେସ୍ ଟେନିସ୍ ଷ୍ଟାଡିୟମ, ଦୂତି ଚାନ୍ଦ ଆଥ୍‌ଲେଟିକ ଷ୍ଟାଡିୟମ, ଅମିୟ ମଲ୍ଲିକ୍ ଆଥ୍‌ଲେଟିକ ଷ୍ଟାଣ୍ଡ, ଶ୍ରାବଣୀ ନନ୍ଦ ଷ୍ଟାଣ୍ଡ, ମିନତି ମହାପାତ୍ର ସାଇକ୍ଲିଂ ଭେଲୋଡ୍ରୋମ୍, ପ୍ରମୋଦ ଭଗତ ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ହଲ୍, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଫୁଟବଲ ଷ୍ଟାଡିୟମ ମଧ୍ୟ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ଏଥିରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଆର୍. ଭିନିଲ୍ କ୍ରିଷ୍ଣା, ପଦ୍ମଭୂଷଣ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ନିଯୁକ୍ତିରେ କ୍ଷତି**

**ଆଜିର ମନ୍ତବ୍ୟ**

"ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀକୁ ନିର୍ବାଚନ କମିଶନ ଶିବସେନା ନାମ ଓ ଦଳୀୟ ଚିହ୍ନ 'ଧନୁତୀର' ପ୍ରଦାନ କରିବା ଗଣତନ୍ତ୍ରର ହତ୍ୟା। ଇସିଙ୍କ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯିବ।

**-ଉଦ୍ଧବ ଠାକ୍‌ରେ, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ**

# ଷୋଡ଼ଶ ଗ୍ରାଉଣ୍ଡ ବ୍ରେକିଂ କାର୍ଯ୍ୟକ୍ରମରେ ୧୯ ପ୍ରକଳ୍ପର ଶୁଭାରମ୍ଭ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଷୋଡ଼ଶ ପର୍ଯ୍ୟାୟ ଗ୍ରାଉଣ୍ଡ ବ୍ରେକିଂ କାର୍ଯ୍ୟକ୍ରମରେ ୧୯ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ସେଥିରୁ ୨ଟି ପ୍ରକଳ୍ପକୁ ଉଦ୍‌ଘାଟନ କରାଯାଇଥିବା ବେଳେ ୧୭ଟି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏହି ପ୍ରକଳ୍ପରେ ୧୬୫୦ କୋଟି ଟଙ୍କାର ପୁଞ୍ଜିବିନିଯୋଗ ହେବାକୁ ଥିବା ବେଳେ ୪୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପ୍ଲାଷ୍ଟିକ, ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ମାନୁଫାକ୍ଚରିଂ, ପର୍ଯ୍ୟଟନ, ଆଇଟି, କୃଷି, ଫାର୍ମାସ୍ୟୁଟିକାଲ ଏବଂ ଷ୍ଟିଲ୍ ଡାଉନ୍‌ଷ୍ଟ୍ରିମ କ୍ଷେତ୍ରରେ ଏହି ସବୁ ପ୍ରକଳ୍ପଗୁଡ଼ିକ ସ୍ଥାପନ ହେବ। ଭର୍ଚୁଆଲ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆସନ୍ତା କିଛିବର୍ଷ ମଧ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ, କେମିକାଲ ଓ ପେଟ୍ରୋକେମିକାଲ, ମେଟାଲ ଓ ମିନେରାଲ କ୍ଷେତ୍ରରେ ଓଡ଼ିଶା ସମଗ୍ର ☞ପୃଷ୍ଠା-୨

# ଏକନାଥ ଗୋଷ୍ଠୀକୁ ଧନୁତୀର ଚିହ୍ନ

**କୋର୍ଟରେ ଚ୍ୟାଲେଞ୍ଜ କରିବ ଉଦ୍ଧବ ଗୋଷ୍ଠୀ**

ନୂଆଦିଲ୍ଲୀ,୧୭।୨

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ ନିର୍ବାଚନ କମିଶନ (ଇସି) ଶୁକ୍ରବାର ଶିବସେନା ନାମ ଏବଂ ଧନୁତୀର ଚିହ୍ନ ପ୍ରଦାନ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଶିବସେନାର ବର୍ତ୍ତମାନର ସମ୍ବିଧାନ ଅଗଣତାନ୍ତ୍ରିକ ବୋଲି ଇସି ତାଙ୍କର ୭୮ ପୃଷ୍ଠାର ନିର୍ଦ୍ଦେଶନାମାରେ କହିଛନ୍ତି। ବିଭିନ୍ନ ସଂଗଠନରେ ନିର୍ବାଚନ ହୋଇ କାର୍ଯ୍ୟକର୍ତ୍ତା ନିଯୁକ୍ତ ହୋଇଥିଲେ ମଧ୍ୟ ସେମାନଙ୍କ ସମ୍ପୂର୍ଣ୍ଣ ତାଲିକା କମିଶନଙ୍କୁ ଦିଆଯାଇନାହିଁ। ୧୯୯୯ରେ ଦଳର ପ୍ରତିଷ୍ଠାତା ବାଲ୍ ଠାକ୍‌ରେ ଆଣିଥିବା ଦଳୀୟ ସମ୍ବିଧାନକୁ ୨୦୧୮ରେ ସଂଶୋଧନ କରାଯାଇଛି, ଦଳର ଗଣତାନ୍ତ୍ରିକ ନିୟମାବଳୀର ଉଲ୍ଲଂଘନ କରୁଛି ବୋଲି ଇସି କହିଛନ୍ତି। ମହାରାଷ୍ଟ୍ର ଶିବସେନାରେ ବିଦ୍ରୋହର ୮ ମାସ ପରେ ଦଳର ନାମ ଓ ଚିହ୍ନକୁ ନେଇ ଏକନାଥ ଗୋଷ୍ଠୀର ଦାବିକୁ ଇସି ମଞ୍ଜୁରୀ ପ୍ରଦାନ କରିଥିବାବେଳେ ଉଦ୍ଧବଙ୍କ ପାଇଁ ଏହା ଶକ୍ତ ଧକ୍କା ହୋଇଛି। ଉଦ୍ଧବଙ୍କ ବାପା ବାଲ୍ ଠାକ୍‌ରେ ଦଳ ପ୍ରତିଷ୍ଠା କରିଥିଲେ ହେଁ ତାଙ୍କ ଗୋଷ୍ଠୀ ଶିବସେନା ନାଁ କିମ୍ବା ଧନୁତୀର ଚିହ୍ନରୁ ବଞ୍ଚିତ ହୋଇଛି। ଇସି କହିଛନ୍ତି ☞ପୃଷ୍ଠା-୨




ନିର୍ବାଚନୀ ଚିହ୍ନ



ଏକନାଥ ଶିନ୍ଦେ

# ହାତଗଣ୍ଠି ପରେ କନ୍ୟା ଚମ୍ପଟ

- **ପ୍ରେମିକଙ୍କ ସହ ବାଇକ୍‌ରେ ପଳାଇଲେ**
- **ଶିଶୁପାଳ ହୋଇ ଫେରିଲେ ବର**
- **ଥାନାରେ ଅଭିଯୋଗ କଲେ ଯୁବକ**

ବଲାଙ୍ଗୀର ଅଫିସ, ୧୭।୨

ବୈଦିକ ରୀତିରେ ସରିଥିଲା ବିବାହ। ହୋମ ନିଆଁକୁ ସାକ୍ଷୀ ରଖି ସାତ ଜନ୍ମ ପାଇଁ ସାଥି ହୋଇଥିଲେ ବର-ବଧୂ। ସକାଳୁ କନ୍ୟାଙ୍କୁ ସାଙ୍ଗରେ ଧରି ଯୁବକ ଫେରିଆ'ନ୍ତେ ଘରକୁ। ହେଲେ ବଧୂବେଶରେ ଶାଶୁ ଘରକୁ ଆସିବା ବଦଳରେ ପ୍ରେମିକଙ୍କ ସହ ଚମ୍ପଟ ମାରିଲେ ନବ ବିବାହିତା। ବଲାଙ୍ଗୀର ସହର ବ୍ରାହ୍ମଣପଡ଼ାରେ ଗୁରୁବାର ରାତିରେ ଘଟିଥିବା ଏଭଳି ଏକ ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଅନ୍ୟପଟେ ଶିଶୁପାଳ ହୋଇ ଫେରିଥିବା ବର ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁଯାୟୀ, ବଲାଙ୍ଗୀର ଜିଲା ଦେଓଗାଁ ଥାନା ମୁକୁନ୍ଦପୁର ଅଞ୍ଚଳର ସମ୍ପୃକ୍ତ ଯୁବକଙ୍କ ବିବାହ ବଲାଙ୍ଗୀର ସହର ବ୍ରାହ୍ମଣପଡ଼ାର ଉକ୍ତ ଯୁବତୀଙ୍କ ସହ ୭ ମାସ ପୂର୍ବରୁ ସ୍ଥିର ହୋଇଥିଲା। ଫେବୃୟାରୀ ୧୬ (ଗୁରୁବାର) ବିବାହ ଲଗ୍ନ ଧାର୍ଯ୍ୟ ହୋଇଥିଲା। ନିର୍ଦ୍ଧାରିତ ସମୟରେ ବର ଫୁଲ ସଜ୍ଜିତ କାର୍‌ରେ ବଲାଙ୍ଗୀରରେ ପହଞ୍ଚିଥିଲେ। କନ୍ୟାପକ୍ଷ ପକ୍ଷରୁ ଦିଆଯାଇଥିବା ଜଳଖିଆ ଖାଇସାରିବା ପରେ ବରଯାତ୍ରୀ ଦଳ ରାତିରେ ବ୍ରାହ୍ମଣପଡ଼ାସ୍ଥିତ କନ୍ୟାଘରକୁ ରୋଷଣିରେ ବାହାରିଥିଲେ। ଏହାପରେ କନ୍ୟାଘର ପକ୍ଷରୁ ପ୍ରସ୍ତୁତ ମଣ୍ଡପରେ ହାତଗଣ୍ଠି ପଡ଼ିବା ସହ ବିବାହ ସମ୍ପନ୍ନ ହୋଇଥିଲା। ବରପକ୍ଷ ଦେଇଥିବା ଗହଣା ପିନ୍ଧି ନବବଧୂ ବିବାହ ବେଦିରେ ସମ୍ପୃକ୍ତ ଯୁବକଙ୍କୁ ସାତଜନ୍ମର ସାଥୀ ଭାବେ ଗ୍ରହଣ କରିଥିଲେ। ବିବାହ ସମ୍ପନ୍ନ ପରେ ବରଯାତ୍ରୀ ଘରକୁ ଫେରି ଆସିଥିଲେ। ଶୁକ୍ରବାର ସକାଳେ ନବବିବାହିତାଙ୍କୁ ନେଇ ବର ନିଜ ଘରକୁ ଫେରିବା ସ୍ଥିର ହୋଇଥିଲା। ତେବେ ବିଳମ୍ବିତ ରାତିରେ ଘର ଲୋକଙ୍କୁ ଚକ୍‌ମା ଦେଇ କନ୍ୟା ଜଣକ ପ୍ରେମିକଙ୍କ ସହ ବାଇକ୍‌ରେ ଫେରାର ହୋଇଯାଇଥିଲେ। ଏହା ଜଣାପଡ଼ିବା ପରେ ଖୋଜାଖୋଜି ଆରମ୍ଭ ହୋଇଥିଲା। ହେଲେ ନବବଧୂ କିମ୍ବା ତାଙ୍କ ପ୍ରେମିକାଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ସିସିଟିଭି ଫୁଟେଜ୍‌ରୁ କନ୍ୟା ଫେରାର ହୋଇଯିବାର ଦୃଶ୍ୟ ରେକର୍ଡିଂ ☞ପୃଷ୍ଠା-୨



ବରପକ୍ଷର ଫୁଲରେ ସଜାଯାଇଥିବା କାର।



## କୋଇଲା ବୋଝେଇ ଟ୍ରେନର ୬ ବଗି ଲାଇନଚ୍ୟୁତ

କୋରାପୁଟ, ୧୭।୨(ସ୍ୱ.ପ୍ର.): କୋରାପୁଟ ଷ୍ଟେଶନଠାରୁ ୬ କି.ମି. ଦୂର ସୁକୁ ବ୍ରିଜ ନିକଟରେ କିରଣ୍ଡୁଲରୁ ବିଶାଖାପାଟଣା ଯାଉଥିବା ଏକ ମାଲବାହୀ ଟ୍ରେନ ଶୁକ୍ରବାର ଲାଇନଚ୍ୟୁତ ହୋଇଛି। ଫଳରେ ଉକ୍ତ ଲାଇନରେ ସମସ୍ତ ଟ୍ରେନ ଚଳାଚଳ ବନ୍ଦ ରହିଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ଏଥିଯୋଗୁ ଉକ୍ତ ଲାଇନରେ ଚଳାଚଳ କରୁଥିବା ୨ଟି ଯାତ୍ରୀବାହୀ ଟ୍ରେନକୁ ବାତିଲ କରାଯାଇଛି। ଘଟଣାସ୍ଥଳରେ ବିଭାଗୀୟ ଅଧିକାରୀମାନେ ପହଞ୍ଚି ରେଳଧାରଣା ମରାମତି କାର୍ଯ୍ୟ ଜାରି ରଖିଥିବା କୋରାପୁଟ ଷ୍ଟେସନ ପକ୍ଷରୁ କୁହାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବୁଲ ମାଠିଆ ଯେଉଁଠି,**
**ବୁଢ଼ୀ ଗଡ଼ି ଗଡ଼ି ଯାଇ ସେଇଠି।**

ସାଧାରଣତଃ ଝିଅମାନେ ଖଟା ବା ଆଚାର ପ୍ରିୟ ହୋଇଥା'ନ୍ତି। ଏଭଳି ସ୍ଥିତିରେ ବୟସ୍କା ମହିଳା ଜଣକ ଖଟା ଖାଇବା ନେଇ ନିଜ ଲୋଭକୁ ସମ୍ବରଣ କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆମ୍ବ ଗଛରେ ଆମ୍ବ ନାହିଁ,**
**ଫୋପଡ଼ କାଇଁକି ମାରୁ?**
**ଅଣ୍ଟା ଚାରିପାଖେ ପଇସା ନାହିଁ,**
**ଆଖି କାଇଁ ପାଇଁ ଠାରୁ ?**

ଆମ୍ବ ଫଳି ନ ଥିବା ବେଳେ ଆମ୍ବଗଛକୁ ଟେକା ଫୋପାଡ଼ିବା ମନା ହେବା ଭଳି ପାଖରେ ପଇସା ନ ଥିଲେ ପ୍ରେମ କରିବାରେ ମଧ୍ୟ ବାରଣ ରହିଥାଏ। ପାଖରେ ଧନ ନ ଥିବା ବ୍ୟକ୍ତିଙ୍କୁ ସାଧାରଣତଃ କେହି ପଚାରି ନ ଥାନ୍ତି କି ତାଙ୍କ ସହ ସମ୍ପର୍କ ରଖିବାକୁ କେହି ଚାହିଁ ନ ଥାନ୍ତି। ପ୍ରେମ ସହ ଅର୍ଥର ସମ୍ପର୍କ ରହିଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଯୁବକଙ୍କୁ ତଣ୍ଟିକାଟି ହତ୍ୟା, ରାସ୍ତାରୋକୋ

■ ବେକରେ ଛୁରି ଲାଗି ୫ଶହ ମିଟର ଦୌଡ଼ିଲେ

ସମ୍ବଲପୁର, ୧୭।୨(ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ଥାନା ତୁରିପଡାର ଭରତ ପ୍ରଧାନ (୨୪)ଙ୍କୁ ଦୁଇଜଣ ଦୁର୍ବୃତ୍ତ ଶୁକ୍ରବାର ଗୋଡାଇ ଗୋଡାଇ ତଣ୍ଟିକାଟି ହତ୍ୟା କରିଛନ୍ତି। ବେକରେ ଛୁରି ଲାଗିଥିବା ଅବସ୍ଥାରେ ରକ୍ତ ଜୁଡୁବୁଡୁ ହୋଇ ଭରତ ୫ଶହ ମିଟର ଦୂରରେ ଥିବା ନିଜ ଘରକୁ ଆସି ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ଜିଲା ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପ୍ରଚାରିତ ହେବା ପରେ ଧନୁପାଲି ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ୫୫ନଂ. ଜାତୀୟ ରାଜପଥର ଧନୁପାଲି ଛକରେ ରାସ୍ତାରୋକୋ କରିଥିଲେ। ରାସ୍ତା ଉପରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରି ପୋଲିସର ଅବହେଳା ଓ ନିଶା କାରବାର ଯୋଗୁ ହତ୍ୟା ହୋଇଥିବା ଅଭିଯୋଗ କରିଥିଲେ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ସହ ପରିବାରବର୍ଗଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ଦାବି କରିଥିଲେ। ଅପରାହ୍ନ ପ୍ରାୟ ୧ଟାରୁ ୩ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ ହୋଇଥିଲା। ଫଳରେ ଶତାଧିକ ଯାନବାହନ ଅଟକି ରହିଥିଲା। ସ୍କୁଲ ଭ୍ୟାନ, ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀ ସେବାରେ ନିୟୋଜିତ ଗାଡିଗୁଡିକୁ ଛାଡି ଦିଆଯାଇଥିଲା। ଏହି ରାସ୍ତା ଦେଇ ଯାଉଥିବା ସମୟରେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ଗାଡିରୁ ଓହ୍ଲାଇ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଲୋକେ ଦର୍ଶାଇଥିଲେ, ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିପାରୁ ନାହିଁ। ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଉଛି। ତେଣୁ ଆପରାଧିକ କାର୍ଯ୍ୟ ହେଉଛି। ପୂର୍ବରୁ ଏକ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ତେଣୁ ରାସ୍ତାରୋକୋ କରାଯାଇଛି ବୋଲି କହିଥିଲେ। ମନ୍ତ୍ରୀ ପୂଜାରୀ ପୋଲିସକୁ ୨୪ ଘଣ୍ଟା ସମୟ ଦିଆଯାଉ, ନ ହେଲେ ପୁଣି ବିକଳ୍ପ ବ୍ୟବସ୍ଥା କରିବ। ପୋଲିସ ଉପରେ ଏବେ ଭରସା କରିବାକୁ ହେବ ବୋଲି କହି ଚାଲିଯାଇଥିଲେ। ମନ୍ତ୍ରୀଙ୍କ କାର ଅଟକାଇବା ସମୟରେ ଜଣେ ଭାଜପା କର୍ମକର୍ତ୍ତାଙ୍କୁ ପୋଲିସ ଅଟକ ରଖିଥିଲା। ପରେ ଭାଜପା ଜିଲା ସଭାପତି ଗିରୀଶ ପଟେଲ, ସମୀର ରଞ୍ଜନ ବାବୁ, ଅନିଲ ବେହେରା ପହଞ୍ଚିଥିଲେ। ପୋଲିସ ପକ୍ଷରୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ଓ ଯେଭଳି ମାମଲା ଶୀଘ୍ର ପରିଚାଳନା ହେବ ସେ ନେଇ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ଅନ୍ୟପଟେ ବୁର୍ଲା ମେଡିକାଲର ମୃତଦେହ ବ୍ୟବଚ୍ଛେଦ ଗୃହ ସମ୍ମୁଖରେ ଅଭିନବ ଘଟଣା ଦେଖିବାକୁ ମିଳିଥିଲା। ମୃତକଙ୍କ ବାପା ଭାବବିହ୍ୱଳ ହୋଇ ଭରତଙ୍କ ମୃତଦେହ ବ୍ୟବଚ୍ଛେଦ କରିବା ପାଇଁ ମନା କରିଥିଲେ। ଏଥିଯୋଗୁ ବ୍ୟବଚ୍ଛେଦ କରିବାରେ ପ୍ରାୟ ୧ଘଣ୍ଟା ବିଳମ୍ବ ହୋଇଥିଲା। ପରିବାରବର୍ଗ ବୁଝାଶୁଝା କରିବା ପରେ ଶେଷରେ ବ୍ୟବଚ୍ଛେଦ ହୋଇଥିଲା।

ପ୍ରଥମ ପୃଷ୍ଠାରୁ...

## ଷୋଡ଼ଶ ଗ୍ରାଉଣ୍ଡ ବ୍ରେକିଂ ...

ଦେଶରେ ଏକ ବୃହତ୍ ମାନୁଫାକ୍ଚରିଂ ହବ୍‌ରେ ପରିଣତ ହେବ। ପୁଞ୍ଜିନିବେଶକାରୀଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଶା ପୁଞ୍ଜିନିବେଶ ପାଇଁ ଏକ ଉତ୍ତମ ସ୍ଥାନ। ସରକାର ଏଥିପାଇଁ ରାଜ୍ୟରେ ଏକ ବ୍ୟବସାୟିକ ବାତାବରଣ ସୃଷ୍ଟି କରିଛନ୍ତି। ଶିଳ୍ପ କ୍ଷେତ୍ରକୁ ମଜଭୁତ କରିବା ସହିତ ରାଜସ୍ୱ ବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ୫-ଟି ଭଳି ଅଭିନବ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ନିକଟରେ ଅନୁଷ୍ଠିତ ହୋଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ ସଫଳ କାର୍ଯ୍ୟକ୍ରମରେ ପରିଣତ ହୋଇପାରିଛି। ଏଥିରେ ଦେଶ ବିଦେଶରୁ ବହୁ ପୁଞ୍ଜିନିବେଶକାରୀ ଯୋଗଦେବା ସହିତ ରାଜ୍ୟ ପାଇଁ ୧୦ ଲକ୍ଷ କୋଟି ପୁଞ୍ଜିନିବେଶ ସୁଯୋଗ ସୃଷ୍ଟି ହୋଇଛି। ପ୍ରାୟ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଶିଳ୍ପମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି ଯେ ଓଡ଼ିଶା ଦେଶରେ ଏକ ମାନୁଫାକ୍ଚରିଂ ହବ୍‌ରେ ପରିଣତ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏହା ସମ୍ଭବ ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ଶିଳ୍ପ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଇପିକଲ ଓ ଇଡ୍‌କୋ ଏମ୍‌ଡି ଭୂପିନ୍ଦର ସିଂ ପୁନିଆ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୬ଟି ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିବା ବେଳେ ଏଥିରେ ମୋଟ ୮୦୩.୬ କୋଟି ଟଙ୍କା ପୁଞ୍ଜିବିନିଯୋଗ ହେବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ମୋଟ ୧୪୫୯ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ମାନୁଫାକ୍ଚରିଂ କ୍ଷେତ୍ରରେ ୩ଟି ପ୍ରକଳ୍ପରେ ମୋଟ ୨୯୩.୩୪ କୋଟି ପୁଞ୍ଜିନିବେଶ ହେବାକୁ ଥିବା ବେଳେ ୨୪୩ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଗୋପାଳପୁର ଗଞ୍ଜାମରେ ମେ' ଫେୟାର ହୋଟେଲ ଆଣ୍ଡ ରିସୋର୍ଟସ୍‌ର ସମ୍ପ୍ରସାରଣ ହେବ। ସେହିପରି ଆସପେନ୍‌ଲେକ୍ ସ୍ୱିଟିଜ୍ ଏଲ୍‌ଏଲ୍‌ପି ଖୋର୍ଦ୍ଧା ଜିଲାର ବରକୁଳଠାରେ ଏକ ପଞ୍ଚତାରକା ହୋଟେଲ ନିର୍ମାଣ କରିବ। ସେହିପରି ଲକ୍‌ଜରିଓ ଆସେଟସ୍ ପ୍ରାଇଭେଟ୍ ଲିମିଟେଡ ଗୋପାଳପୁରଠାରେ ଏକ ରିସୋର୍ଟସ୍ ନିର୍ମାଣ କରିବ। ଏହିଭଳି ଅନେକ ପ୍ରକଳ୍ପ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାପନ ହେବ।

# ଝାଡ଼ାବାନ୍ତିରେ ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ବାହାନଗା, ୧୭।୨(ଡି.ଏନ.ଏ) ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ଉପରଆଡ଼ିଆ ଗ୍ରାମସ୍ଥିତ ସଂଖ୍ୟାଲଘୁ ସଂପ୍ରଦାୟର ୪୦ରୁ ଊର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଖବରପାଇ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଧିରେଶ ଷଡଙ୍ଗୀଙ୍କ ସମେତ ୫ ଜଣିଆ ଟିମ୍ ଗ୍ରାମରେ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରଖିଛନ୍ତି। ସୂଚନା ଅନୁଯାୟୀ, ଗତ ୧୫ତାରିଖ ରାତିରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ବିବାହ ଭୋଜି ଖାଇବା ପରେ ପ୍ରଥମେ ଜ୍ୱର ସାଙ୍ଗକୁ କମ୍ପ ଓ ଝାଡ଼ାବାନ୍ତି ଆରମ୍ଭ ହୋଇଯାଇଥିଲା। ସାହିର ଜଣକ ପରେ ଜଣେ ଅସୁସ୍ଥ ହୋଇପଡ଼ିଥିଲେ। ଗୋପାଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ ଜଣ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ କେତେଜଣ ସୋର ଓ ବାଲେଶ୍ୱର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ବିବାହ ଭୋଜି ଖାଇବା ଯୋଗୁ ଲୋକେ ଅସୁସ୍ଥ ହୋଇପଡ଼ିଥିବା କେତେକ ଗ୍ରାମବାସୀ କହୁଥିବା ବେଳେ ଅନ୍ୟ କେତେଜଣ ମହିଳା ଓ ପୁରୁଷ କଣ୍ଟ୍ରୋଲ ଦୋକାନରୁ ଆଣିଥିବା ଚାଉଳ ପ୍ଲାଷ୍ଟିକ ଚାଉଳ ହୋଇଥିବାରୁ ତାକୁ ଖାଇ ଝାଡାବାନ୍ତି ହୋଇଥିବା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବାହାନଗା ଯୋଗାଣ ଅଧିକାରୀ ନିରଞ୍ଜନ ସାହୁଙ୍କୁ ପଚାରିବାରୁ କେନ୍ଦ୍ର ସରକାର ପ୍ରୋଟିନ୍‌ଯୁକ୍ତ ଚାଉଳ ଦେଉଛନ୍ତି। ଲୋକେ ଯାହାକୁ ପ୍ଲାଷ୍ଟିକ୍ ଚାଉଳ କହୁଛନ୍ତି ତାହା ପ୍ଲାଷ୍ଟିକ୍ ନୁହେଁ। ତାହା ମିଶିଥିବା ଏକ ପ୍ରକାର ପ୍ରୋଟିନ୍‌ଯୁକ୍ତ ଚାଉଳ। ଏହାକୁ ଖାଇଲେ ଝାଡ଼ାବାନ୍ତି ହେବ ନାହିଁ ବୋଲି କହିଛନ୍ତି।

# ପୁରୋହିତ କର୍ମକୁ ନେଇ ସାନଭାଇଙ୍କୁ ହତ୍ୟା

ଜଗନ୍ନାଥପ୍ରସାଦ, ୧୭।୨(ଡି.ଏନ୍.ଏ): ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଖଇରନଟି ମା' ଠଙ୍ଗୁଣୀ ଦେବୀଙ୍କ ମନ୍ଦିର ନିକଟରେ ପୁରୋହିତ କର୍ମକୁ ନେଇ ଶୁକ୍ରବାର ସାନଭାଇଙ୍କୁ ବଡ଼ଭାଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ



ରମେଶ ଶତପଥୀ

ପଞ୍ଚଭୂତି ଗ୍ରାମର ରମେଶ ଶତପଥୀ(୬୦)। ପ୍ରକାଶ ଯେ, ରମେଶ ଖଇରନଟି ଗ୍ରାମର ଯଜମାନଙ୍କ ଘରକୁ ପୁରୋହିତ କାର୍ଯ୍ୟ କରିବା ପାଇଁ ଯାଇଥିଲେ। ପୂଜା ସାରି ଫେରିବା ପରେ ବଡ଼ଭାଇ କୈଳାସ ଉକ୍ତ ଗ୍ରାମକୁ କାହିଁକି ପୂଜା କରିବାକୁ ଯାଇଥିଲ ବୋଲି ପଚାରିଥିଲେ। ଏ ନେଇ ଦୁଇ ଭାଇଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ବଡ଼ଭାଇ କୈଳାସ ଓ ତାଙ୍କ ପରିବାର ଲୋକେ ମିଶି ରମେଶଙ୍କୁ ଧାରୁଆ ଅସ୍ତ୍ର ଓ ପଥରରେ ଆକ୍ରମଣ କରିଥିଲେ। ସେ ତଳେପଡ଼ି ଛଟପଟ ହେଉଥିଲା ବେଳେ ତାଙ୍କ ପୁଅ ରାକେଶ ପହଞ୍ଚି ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରାକେଶ ଥାନାରେ ଅଭିଯୋଗ କରିଛନ୍ତି। ଏସଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଓ ଆଇଆଇସି ଦିଲ୍ଲୀପ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଖବର ଲେଖାଯିବା ସୁଦ୍ଧା କାହାରିକୁ ଗିରଫ କରାଯାଇନାହିଁ।

## ଏକନାଥ ଗୋଷ୍ଠୀକୁ ...

ବିଦ୍ରୋହ ପରେ ଏକନାଥ ଦଳର ୭୬ ପ୍ରତିଶତ ବିଜୟୀ ଭୋଟ ସହ ବିଧାୟକମାନଙ୍କ ସମର୍ଥନରେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଠାକ୍‌ରେଙ୍କ ଗୋଷ୍ଠୀକୁ ଗତବର୍ଷ ନିର୍ବାଚନ କମିଶନ ମଶାଲ ଚିହ୍ନ ଦେଇଥିଲେ। ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକୁ ଉଦ୍ଧବ ଠାକ୍‌ରେ ସମାଲୋଚନା କରିଛନ୍ତି। ଏହା ଗଣତନ୍ତ୍ରର ହତ୍ୟା ବୋଲି ସେ କହିବା ସହ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯିବ ବୋଲି କହିଛନ୍ତି। ଶିବସେନା (ୟୁବିଟି) ମୁଖ୍ୟ ମୁଖପାତ୍ର ସଞ୍ଜୟ ରାଉତ ଇସିଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ସତ୍ୟ ଓ ନ୍ୟାୟର ପରିହାସ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ସଞ୍ଜୟ କହିଛନ୍ତି, ଦେଶ ଏକଛତ୍ରବାଦ ଆଡ଼କୁ ମୁହାଁଉଛି ଏବଂ ଦେଶଦ୍ରୋହୀ ଇସିଙ୍କ ରାୟକୁ ସେମାନଙ୍କ ସପକ୍ଷରେ ଯାଇଥିବା କହୁଛନ୍ତି।

# ବୃହତ୍ ପୀଠରେ ହେବନାହିଁ ଶୁଣାଣି

**ସୁପ୍ରିମକୋର୍ଟରେ ୨୦୨୨ ମହାରାଷ୍ଟ୍ର ସଙ୍କଟ**

■ ଶିନ୍ଦେ ଗୋଷ୍ଠୀ ଆଶ୍ୱସ୍ତ

ନୂଆଦିଲ୍ଲୀ, ୧୭।୨

୨୦୨୨ ଜୁନ୍‌ରେ ମହାରାଷ୍ଟ୍ରର ଶାସକ ଶିବସେନାରେ ବିଦ୍ରୋହ ଯୋଗୁ ସୃଷ୍ଟି ହୋଇଥିବା ସଙ୍କଟର ସମାଧାନ ପାଇଁ ୨୦୧୬ର ନବାମ ରେବିଆ ରାୟର ପୁନର୍ବିଚାର ଲାଗି ୭ ଜଣିଆ ଖଣ୍ଡପୀଠ ଗଠନ ନେଇ ଉଦ୍ଧବ ଗୋଷ୍ଠୀର ଆବେଦନକୁ ଶୁକ୍ରବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଫଳରେ ବିଦ୍ରୋହୀ ଶିନ୍ଦେ ଗୋଷ୍ଠୀ ଆଶ୍ୱସ୍ତି ଲାଭ କରିଥିବାବେଳେ ଉଦ୍ଧବ ଗୋଷ୍ଠୀକୁ ଶକ୍ତ ଝଟକା ଲାଗିଛି। ୨୦୧୬ରେ ସୁପ୍ରିମକୋର୍ଟଙ୍କ ଏକ ୫ ଜଣିଆ ସାମ୍ବିଧାନିକ ପୀଠ ଅରୁଣାଚଳ ପ୍ରଦେଶର ନବାମ ରେବିଆ ମାମଲାର ଶୁଣାଣି କରିଥିଲେ। ବିଧାନସଭା ବାଚସ୍ପତିଙ୍କୁ ହଟାଇବା ପାଇଁ ପୂର୍ବରୁ ଗୃହକୁ ନୋଟିସ ଦିଆଯାଇଥିଲେ ସେ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସେତେବେଳେ ରାୟ ଦେଇଥିଲେ। ସୁପ୍ରିମକୋର୍ଟ ସେହି ରାୟକୁ ବଳବତ୍ତର ରଖିଛନ୍ତି। ଫଳରେ ମହାରାଷ୍ଟ୍ରର ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଦ୍ରୋହୀ ସାଜିଥିବା ଶିବସେନାର ଅସନ୍ତୁଷ୍ଟ ବିଧାୟକମାନଙ୍କ ବିଧାନସଭା ସଦସ୍ୟତା ବଜାୟ ରହିଛି। ଶିନ୍ଦେ ଗୋଷ୍ଠୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଅନୁଗତ ତଥା ବିଧାନସଭାର ଉପବାଚସ୍ପତି ନରହରି ସୀତାରାମ ଜିରୱାଲଙ୍କୁ ହଟାଇବା ପାଇଁ ନୋଟିସ ଦେଇଥିଲେ। କିନ୍ତୁ ଉଦ୍ଧବ ଗୋଷ୍ଠୀ ଶିନ୍ଦେ ଗୋଷ୍ଠୀର ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରାଯାଉ ବୋଲି ଦାବି କରିଥିଲେ। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ଏହାର ବିଚାର କରି ରାୟ ଶୁଣାଇଛନ୍ତି। ଖଣ୍ଡପୀଠ କହିଛନ୍ତି, ନବାମ ରେବିଆ ମାମଲା ରାୟ ସିଦ୍ଧାନ୍ତ ସାମ୍ପ୍ରତିକ ମାମଲାରେ ପ୍ରଯୁଜ୍ୟ ହେବ କି ନାହିଁ ତାହା ବିଚାରଯୋଗ୍ୟ। ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ରେ ଏହି ମାମଲାର ମେରିଟ୍‌କୁ ନେଇ ଶୁଣାଣି କରାଯିବ। ଏହି ଖଣ୍ଡପୀଠରେ ଜଷ୍ଟିସ୍ ଏମ୍.ଆର. ଶାହ, କ୍ରିଷ୍ଣା ମୁରାରୀ, ହିମା କୋହଲି ଏବଂ ପି.ଏସ୍. ନରସିଂହ ମଧ୍ୟ ସାମିଲ ଅଛନ୍ତି। ଶୁଣାଣି ବେଳେ ଠାକ୍‌ରେ ଗୋଷ୍ଠୀର ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ଅଭିଷେକ ମନୁ ସିଂଘଭି ନବାମ ରେବିଆ ରାୟର ପୁନର୍ବିଚାର ୭ ଜଣିଆ ଖଣ୍ଡପୀଠରେ କରାଯାଉ ବୋଲି ନିବେଦନ କରିଥିଲେ। ଶିନ୍ଦେ ଗୋଷ୍ଠୀ ପକ୍ଷରୁ ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଏବଂ ଏନ୍.କେ. କୌଲ ବୃହତ୍ ପୀଠରେ ଶୁଣାଣିକୁ ବିରୋଧ କରିଥିଲେ। ମହାରାଷ୍ଟ୍ର ରାଜ୍ୟପାଳଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ମଧ୍ୟ ପୂର୍ବରୁ ଉଦ୍ଧବ ଗୋଷ୍ଠୀର ନିବେଦନକୁ ବିରୋଧ କରିଥିଲେ। ପ୍ରକାଶ ଯେ, ୨୦୨୨ ଜୁନ୍ ୨୯ରେ ଶିନ୍ଦେ ଗୋଷ୍ଠୀ ବିଦ୍ରୋହ କରିବାରୁ ଶିବସେନା ଦୁଇଭାଗ ହୋଇଯାଇଥିଲା। ଫଳରେ ୩୧ ମାସିଆ ମହାବିକାଶ ଅଘାଡ଼ି ସରକାରର ପତନ ଘଟିଥିଲା।

## ହାତଗଣ୍ଠି ପରେ କନ୍ୟା...

ହୋଇଛି। ଏ ନେଇ ଯୁବକ ଜଣକ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ବର ଘର ପକ୍ଷରୁ ଦିଆଯାଇଥିବା ସମସ୍ତ ସୁନାଗହଣା ଧରି ନବବଧୂ ଫେରାର ହୋଇଯାଇଥିବା ସେ ଗଣମାଧ୍ୟମକୁ କହିଛନ୍ତି। କନ୍ୟା ଘର ପକ୍ଷରୁ ମଧ୍ୟ ଥାନାକୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି। ଏହି ଘଟଣା ସହରବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

## ଓଡ଼ିଶାକୁ ମିଳିବନି ସ୍ୱତନ୍ତ୍ର ...




ବ୍ୟୟବରାଦ ଜରିଆରେ ବଢ଼ାଇବା ବିକଳ୍ପ ରହିଛି ବୋଲି ସେ କହିଛନ୍ତି। ଚାଉଳ ଏବଂ ଅନ୍ୟାନ୍ୟ ଖାଦ୍ୟ ଶସ୍ୟ ସଂଗ୍ରହ କମାଯିବା ପ୍ରସଙ୍ଗରେ ଅର୍ଥମନ୍ତ୍ରୀ କହିଛନ୍ତି, କୌଣସି ଶସ୍ୟ ସଂଗ୍ରହ କମାଯାଇ ନାହିଁ। କୃଷକମାନଙ୍କଠାରୁ କିଣାଯାଇଥିବା ଖାଦ୍ୟଶସ୍ୟର ପରିମାଣ ଗତ ୮ ବର୍ଷ ମଧ୍ୟରେ ବଢ଼ିଛି। ଏଥିସହିତ ପ୍ରଦାନ କରାଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ମଧ୍ୟ ବଢ଼ିଛି। ଶସ୍ୟ କିଣା ପରେ ଚାଷୀଙ୍କୁ ଦିଆଯାଉଥିବା ଅର୍ଥ ମଧ୍ୟ ଅଧିକ ରହୁଛି। ଏମ୍‌ଏସ୍‌ପି ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଉଛି। ଫଳରେ ଚାଷୀଙ୍କ ଅର୍ଥ ମଧ୍ୟସ୍ଥ ନେବା ପ୍ରକ୍ରିୟା ବନ୍ଦ ହୋଇଛି। ମୋଦି ସରକାରଙ୍କ ଅମଳରେ ଏମ୍‌ଏସ୍‌ପି ଦରରେ ଚାଷୀଙ୍କଠାରୁ ରେକର୍ଡ ପରିମାଣର ଶସ୍ୟ ସଂଗ୍ରହ ହେଉଛି। ଆଦାନୀ ପ୍ରସଙ୍ଗରେ ସେ କହିଛନ୍ତି, ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ଜାରି ରହିଛି। ଷ୍ଟେଟ ବ୍ୟାଙ୍କ ଓ ସେବି ଯାହା କହିବା କଥା କହି ସାରିଛନ୍ତି। ଏହି ପ୍ରସଙ୍ଗରେ ଅଧିକ କିଛି କହିବା ଠିକ୍ ହେବନି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟିରେ ଅନ୍ତର୍ଭୁକ୍ତ ପାଇଁ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ କହିଛନ୍ତି, ପେଟ୍ରୋଲିୟମ୍ ଉତ୍ପାଦକୁ ଜିଏସ୍‌ଟିରେ ସାମିଲ କରିବା ଲାଗି ଆରମ୍ଭରୁ ପ୍ରସ୍ତାବ ରହିଛି। କେବଳ କେଉଁ ହାରରେ ଜିଏସ୍‌ଟି ଲାଗିବ, ତାହା ଧାର୍ଯ୍ୟ ହୋଇପାରୁନି। ଏ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରିବାର ଦାୟିତ୍ୱ ଜିଏସ୍‌ଟି ପରିଷଦ ଉପରେ ରହିଛି। ଏଥିରେ ସମସ୍ତ ରାଜ୍ୟର ଅର୍ଥମନ୍ତ୍ରୀ ସଦସ୍ୟ ଅଛନ୍ତି।

ଉଜ୍ଜ୍ୱଳା ଯୋଜନାରେ କମ୍ ଅର୍ଥ ବ୍ୟୟ ବରାଦ ପ୍ରସଙ୍ଗରେ ଅର୍ଥମନ୍ତ୍ରୀ କହିଛନ୍ତି, ଏହା କେନ୍ଦ୍ରର ସବୁଠାରୁ ଭଲ ଯୋଜନା। ଦେଶର ସମସ୍ତ ଟାର୍ଗେଟ ସଂଖ୍ୟକ ହିତାଧିକାରୀଙ୍କୁ ନୂଆ ସିଲିଣ୍ଡର ଯୋଗାଇ ଦିଆଯାଇଛି। ଗରିବ ଲୋକ ଏହି ଯୋଜନାରେ ଅଧିକ ଲାଭବାନ ହୋଇଛନ୍ତି। ଏହା କେବଳ ନୂଆ ସଂଯୋଗ ପ୍ରଦାନ ଲାଗି ଉଦ୍ଦିଷ୍ଟ। ଏହା ଗ୍ରାହକଙ୍କୁ ରିହାତି(ସବ୍‌ସିଡି) ପ୍ରଦାନ ପାଇଁ ନୁହେଁ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଗରିବଙ୍କ ଉପରେ ଅନ୍ତର୍ଜାତୀୟ ମୂଲ୍ୟବୃଦ୍ଧିର ବୋଝ ନ ଲଦିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱକୁ ଉପଲବ୍ଧି କରି ସରକାର ସିଲିଣ୍ଡର ପିଛା ଦୁଇଶହ ଟଙ୍କା ସବସିଡି ଦେଉଛନ୍ତି। ଏହାଦ୍ୱାରା ଗରିବମାନେ ସେମାନଙ୍କ ଗ୍ୟାସ ସିଲିଣ୍ଡର ନିୟମିତ ଭାବେ ଭରିପାରିବେ। ସେ କହିଛନ୍ତି ଯେ, ଆମଦାନୀ ହୋଇଥିବା ସାମଗ୍ରୀର ମୂଲ୍ୟ ବୃଦ୍ଧିର ପ୍ରଭାବ ଲୋକମାନେ ବୁଝନ୍ତି ଏବଂ ସେହି ଅନୁଯାୟୀ ସେମାନଙ୍କ ଖର୍ଚ୍ଚକୁ ନିୟନ୍ତ୍ରଣ କରନ୍ତି।

ବଜେଟରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା କୌଶଳ ସମ୍ମାନ (ପିଏମ୍-ବିକାଶ) ଯୋଜନାକୁ ନେଇ ଅର୍ଥମନ୍ତ୍ରୀ କହିଛନ୍ତି, ଏହି ଯୋଜନାରେ ଓଡ଼ିଶା କାରିଗର ସବୁଠୁ ଅଧିକ ଲାଭବାନ ହେବେ। ଓଡ଼ିଶାର ପଟ୍ଟଚିତ୍ର କାରିଗର, ପଥର ଶିଳ୍ପୀ ଅଧିକ ଲାଭ ପାଇବେ। ସମ୍ବଲପୁରୀ ଶାଢ଼ି ମୋତେ ବହୁତ ଭଲ ଲାଗେ। ବମକାଇ, କଟକୀ ଶାଢ଼ି ମଧ୍ୟ ଭଲ ଲାଗେ। ଏବେ ବି ମୁଁ ଏସବୁ ଶାଢ଼ି କିଣୁଛି ବୋଲି ସେ କହିଛନ୍ତି।

୨୦୨୩-୨୪ ବଜେଟ ଅମୃତ କାଳର ପ୍ରଥମ ବଜେଟ। ଯେଉଁଥିରେ କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ ପାଇଁ ୧୦ ଲକ୍ଷ କୋଟି ବ୍ୟୟବରାଦ ହୋଇଛି। ରାଜ୍ୟଗୁଡ଼ିକ ଲାଗି ୫୦ ବର୍ଷ ପାଇଁ ବିନା ସୁଧରେ ଋଣ ବ୍ୟବସ୍ଥା କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ତଥା ଆଦିବାସୀଙ୍କ ବିକାଶ ଲାଗି ବଜେଟରେ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ବିକାଶ ଲକ୍ଷ୍ୟର ଫୋକସରେ ଏମ୍‌ଏସ୍‌ଏମ୍‌ଇ ରହିଛି। ଦେଶର ସବୁ ଅଞ୍ଚଳ ବିକାଶର ଭାଗିଦାର ହେବା ନେଇ ଆକାଂକ୍ଷୀ ଜିଲା ଆରମ୍ଭ ହୋଇଥିଲା। ଏଥର ବଜେଟରେ ବିକାଶ କିପରି ଆହୁରି ତୃଣମୂଳ ସ୍ତରରେ ପହଞ୍ଚିବ ସେଥିପାଇଁ ୫୦୦ ଆକାଂକ୍ଷୀ ବ୍ଲକ୍ ଚିହ୍ନଟ କରାଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

## କିଟ୍‌ର ବିଭିନ୍ନ ଷ୍ଟାଡିୟମ ...

ଲିଆଣ୍ଡର ପେସ୍, ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ, ହକି ଇଣ୍ଡିଆ ସଭାପତି ଦିଲ୍ଲିପ ତିର୍କୀ, ଅଲିମ୍ପିଆନ ଦୂତି ଚାନ୍ଦ, ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି, ଅର୍ଜୁନ ପୁରସ୍କାରପ୍ରାପ୍ତ ସାଇକ୍ଲିଷ୍ଟ ମିନତି ମହାପାତ୍ର, ଆଥଲେଟ୍ ଅମୀୟ ମଲ୍ଲିକ, ସର୍ବଭାରତୀୟ ଚେସ୍ ଫେଡେରେଶନ ସମ୍ପାଦକ ଭରତ ସିଂ ଚୌହାନ, ଅନ୍ତର୍ଜାତୀୟ ମହିଳା ଫୁଟବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମ ବିଭୂଷଣ ବିଶ୍ୱନାଥନ୍ ଆନନ୍ଦ, ପଦ୍ମଭୂଷଣ ଅଭିନବ ବିନ୍ଦ୍ରା, ଅଲିମ୍ପିଆନ ଶ୍ରାବଣୀ ନନ୍ଦ ଏବଂ ପାରା ଅଲିମ୍ପିଆନ ପ୍ରମୋଦ ଭଗତ ପ୍ରମୁଖ ଭର୍ଚୁଆଲରେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହିସବୁ ଭିତ୍ତିଭୂମିର ଲୋକାର୍ପଣ କରିଥିବାରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। କିଟ୍ ଓ କିସ୍‌ରେ ଏତେଗୁଡିଏ କ୍ରୀଡ଼ା ଭିତ୍ତିଭୂମିକୁ ଏକାଥରକେ ଦେଶର ଖ୍ୟାତିସମ୍ପନ୍ନ କ୍ରୀଡ଼ା ପ୍ରତିଭାଙ୍କ ନାମରେ ଉତ୍ସର୍ଗ କରାଯିବା ସମଗ୍ର ଦେଶରେ ଅନନ୍ୟ। ଏହା କ୍ରୀଡ଼ା କ୍ଷେତ୍ରରେ ଏକ ମାଇଲ୍ ଖୁଣ୍ଟ ହୋଇ ରହିବ ବୋଲି ଅଚ୍ୟୁତ କହିଥିଲେ।

## ଖେଳାଳିଙ୍କ ନାମରେ କ୍ରୀଡ଼ା ଭିତ୍ତିଭୂମି

ବିଶ୍ୱନାଥନ୍ ଆନନ୍ଦ: ଅନ୍ତର୍ଜାତୀୟ ଚେସ୍ ହଲ୍
ଲିଆଣ୍ଡର ପେସ୍: ଟେନିସ୍ ଷ୍ଟାଡିୟମ
ରାହୁଲ ବୋଷ: ରଗ୍‌ବୀ ଷ୍ଟାଡିୟମ
ଅଭିନବ ବିନ୍ଦ୍ରା: ଇନ୍‌ଡୋର ଶୁଟିଂ ରେଞ୍ଜ
ଦିଲୀପ ତିର୍କୀ: ହକି ଷ୍ଟାଡିୟମ
ମିନତି ମହାପାତ୍ର: ସାଇକ୍ଲିଂ ଭେଲୋଡ୍ରୋମ୍
ଶ୍ରଦ୍ଧାଞ୍ଜଳି ସାମନ୍ତରାୟ: ଫୁଟବଲ ଷ୍ଟାଡିୟମ
ଦୂତି ଚାନ୍ଦ: ଆଥ୍‌ଲେଟିକ ଷ୍ଟାଡିୟମ
ପ୍ରମୋଦ ଭଗତ: ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ହଲ୍
ଦେବାଶିଷ ମହାନ୍ତି: କ୍ରିକେଟ ଷ୍ଟାଡିୟମ ଷ୍ଟାଣ୍ଡ
ଶିବସୁନ୍ଦର ଦାସ: କ୍ରିକେଟ ଷ୍ଟାଡିୟମ ଷ୍ଟାଣ୍ଡ
ଅମିୟ ମଲ୍ଲିକ୍: ଆଥ୍‌ଲେଟିକ୍ସ ଷ୍ଟାଣ୍ଡ
ଶ୍ରାବଣୀ ନନ୍ଦ: ଆଥ୍‌ଲେଟିକ୍ସ ଷ୍ଟାଣ୍ଡ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ସାମୟିକ ପ୍ରତିବନ୍ଧକ ଥିଲେ ମଧ୍ୟ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଅଶ୍ୱିନୀ ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ। ବିବାଦଜନିତ ଶାରୀରିକ ଅସୁସ୍ଥତା ହୋଇପାରେ। ଆକସ୍ମିକ ଭାବରେ ଅପରିଚିତଙ୍କ ସହ କଳହ ଲାଗିପାରେ।

**ବୃଷ** – ବନ୍ଧୁମାନଙ୍କ ସାହାଯ୍ୟରେ ଆର୍ଥିକ ସମସ୍ୟା ଦୂର ହେବ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ରୋହିଣୀ ନକ୍ଷତ୍ର ସକାଶେ ସୁଖଭ୍ରମଣ ଯୋଗ ରହିଛି।

**ମିଥୁନ** – ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ମୃଗଶିରା ପରିଜନମାନଙ୍କ ସହ ଦୂରଯାତ୍ରା କରିବାକୁ ପଡ଼ିପାରେ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ଅଟକି ରହିଥିବା ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

**କର୍କଟ** – ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ମାଦକ ଦ୍ରବ୍ୟ ସେବନରୁ ବକ୍ଷ ବେଦନା ସୃଷ୍ଟି ହେବ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ।

**ସିଂହ** – ବହୁତ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ପରିବାରର ଆବଶ୍ୟକତା ପୂରଣ ପାଇଁ ସମୟ ଦେଇପାରିବେ ନାହିଁ। ମଘା ନକ୍ଷତ୍ର ପାଇଁ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଦୀର୍ଘଦିନାନ୍ତେ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ।

**କନ୍ୟା** – କର୍ମକ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ଚିନ୍ତା କରିଥିବା କାମଗୁଡ଼ିକ ବାସ୍ତବରେ ଓଲଟା ହେବାର ଅନୁଭବ କରିପାରନ୍ତି। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଅସାବଧାନତା ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**ତୁଳା** – ସ୍ଥଗିତ ରହିଥିବା ଗୁରୁତ୍ୱପୂର୍ଣ୍ଣ କାମଟିକୁ ଆଜି ଶେଷ କରିପାରିବେନି। ବନ୍ଧୁମାନଙ୍କ ଅସହଯୋଗ କାରଣରୁ କାର୍ଯ୍ୟର ଅଗ୍ରଗତି ବାଧାପ୍ରାପ୍ତ ହେବ। ପ୍ରତ୍ୟେକ କ୍ଷେତ୍ରରେ ନୀରବିଯିବା କାରଣରୁ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବ। ସ୍ୱାତୀ ନକ୍ଷତ୍ର ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ବିଛା** – ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। ପରୋକ୍ଷ ଶତ୍ରୁତା କାରଣରୁ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଜ୍ୟେଷ୍ଠା ନକ୍ଷତ୍ରର କାର୍ଯ୍ୟଦକ୍ଷତା ଏବଂ ନିର୍ଭୀକତା କାରଣରୁ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ।

**ଧନୁ** – ବନ୍ଧୁଙ୍କ ପାଇଁ ନିଜେ ହଇରାଣରେ ପଡ଼ିପାରନ୍ତି। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ଉତ୍ତରାଷାଢ଼ା ନକ୍ଷତ୍ରର ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ମକର** – ଘରେ ବନ୍ଧୁ ମିଳନ ଆମୋଦ ପ୍ରମୋଦର ସୁଅ ଛୁଟିବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଉତ୍ତରାଷାଢ଼ା ନକ୍ଷତ୍ରର ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**କୁମ୍ଭ** – କର୍ମକ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ପୂର୍ବଭାଦ୍ରବ ନକ୍ଷତ୍ରର ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଭଲ।

**ମୀନ** – କଠିନ ଶ୍ରମ ଓ ଭ୍ରମଣ ହେତୁକ କ୍ଲାନ୍ତି ଏବଂ ଅବସାଦ ଦେଖାଦେଇପାରେ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ଉତ୍ତରଭାଦ୍ରବ ନକ୍ଷତ୍ର କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି।

ଆଜି ସ୍ମାର୍ତ୍ତସମ୍ମତ ମହାଶିବରାତ୍ରି, ଜାଗର, ପୁରୀ ଶ୍ରୀଲୋକନାଥ ମନ୍ଦିରରେ ହରିହର ଭେଟ, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା, ସୋ-ବେ-ମେରାଜ, ଶ୍ରୀରାମକୃଷ୍ଣ ପରମହଂସଙ୍କ ଜନ୍ମ ଦିବସ, ଫେବୃୟାରୀ ୧୮ ତାରିଖ, ଶନିବାର, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ମକର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୪ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୯।୦୯ ଗତେ ଘ.୧୦।୩୪ ମଧ୍ୟେ ରାହୁକାଳ ॥




# ନମ୍ବିରା ପିଲୋ ଲାଭାସ୍ଥଳକୁ ଜିଓ ହେରିଟେଜ ମାନ୍ୟତା

ମାନସ ରଞ୍ଜନ ମହାନ୍ତି
ଯୋଡ଼ା,୧୭।୨(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ନମ୍ବିରା ଗ୍ରାମରେ ଜିଓଲୋଜିକାଲ ସର୍ଭେଅଫ୍ ଇଣ୍ଡିଆ (ଜିଏସ୍‌ଆଇ) ପକ୍ଷରୁ ୧୯୭୬ରେ ଚିହ୍ନଟ ପିଲୋ ଲାଭା ଉତ୍ପତ୍ତି ସ୍ଥଳକୁ ଜିଓ ହେରିଟେଜ ଅଞ୍ଚଳ ଭାବେ ମାନ୍ୟତା ମିଳିଛି। ଏନେଇ ଶୁକ୍ରବାର ଉକ୍ତ ସ୍ଥାନରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଜିଏସ୍‌ଆଇର ଡେପୁଟି ଡାଇରେକ୍ଟର ଜେନେରାଲ ଶୈବାଳଚନ୍ଦ୍ର ମିତ୍ର, ଡାଇରେକ୍ଟର କେ.କେ. ନାୟକ, କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍‌ଡି, ଭୂତତ୍ତ୍ୱବିତ୍ ହିମାଂଶୁ ପାତ୍ର ଉପସ୍ଥିତ ରହି ଘୋଷଣା କରିବା ସହ ଅଞ୍ଚଳବାସୀଙ୍କ ମନରେ ଥିବା ଭୟକୁ ଦୂର କରିଥିଲେ।

ସୂଚନା ଅନୁଯାୟୀ, ୩୨ ଲକ୍ଷ ବର୍ଷ ପୂର୍ବରୁ ଏହି ଅଞ୍ଚଳ ବିଶାଳ ସମୁଦ୍ର ଥିଲା। ସମୁଦ୍ର ଗର୍ଭରେ ଥିବା ଆଗ୍ନେୟଗିରି ବିସ୍ଫୋରଣରେ ଲାଭା ଉଦ୍‌ଗିରଣ ହୋଇ ନମ୍ବିରା ଗ୍ରାମରେ ପିଲୋ ଲାଭାରେ ପରିଣତ ହୋଇଥିଲା। ୧୯୪୨ରେ ଏହାକୁ ପ୍ରଥମେ ଭୂବିଜ୍ଞାନୀ ଜନସନ୍ ଓ ସ୍ୟାନସନ୍ ଆବିଷ୍କାର କରିଥିଲେ। ୧୯୭୬ରେ ଜିଏସ୍‌ଆଇ ପକ୍ଷରୁ ଟାଟା କମ୍ପାନୀର ସହଯୋଗରେ ଏକ ରିସର୍ଚ୍ଚ ସ୍ଥାନ ଭାବେ ପରିଗଣିତ କରାଯାଇଥିଲା। କେନ୍ଦ୍ର ସରକାର ଜିଏସ୍‌ଆଇ ଦ୍ୱାରା ଚିହ୍ନଟ ହୋଇଥିବା ପ୍ରାୟ ୯୦ଟି ସ୍ଥାନକୁ ଜିଓ ହେରିଟେଜ ଭାବେ ଘୋଷଣା କରିଥିଲେ। ଏଥିସହିତ ଭୂବିଜ୍ଞାନୀମାନଙ୍କର ରିସର୍ଚ୍ଚ ସମେତ ଏହି ଅଞ୍ଚଳଗୁଡ଼ିକୁ ପର୍ଯ୍ୟଟନସ୍ଥଳ ଭାବେ ବିକାଶ କରିବା ପାଇଁ ଏକ ବିଲ୍ ଚିଠା ଆଗତ ହୋଇଛି। ରାଜ୍ୟ ସଭା ଓ ଲୋକ ସଭାରେ ଏହି ବିଲ୍‌କୁ ଅନୁମୋଦନ ପରେ ଏହା କାର୍ଯ୍ୟକାରୀ କରାଯିବ ବୋଲି ଜିଏସ୍‌ଆଇର ଡେପୁଟି ଡାଇରେକ୍ଟର ଜେନେରାଲ ମିତ୍ର କହିଛନ୍ତି। ଲାଭାସ୍ଥଳ ପାଇଁ କେନ୍ଦ୍ର ସରକାର ବିଲ ଆଗତ କରି ପର୍ଯ୍ୟଟନ ସ୍ଥଳ ପାଇଁ ନିଷ୍ପତ୍ତି ନେଉଛନ୍ତି। ଏହା ହେଲେ ହେରିଟେଜ ସ୍ଥଳରୁ ୧୦୦ମିଟର ପରିଧିକୁ ନିଷିଦ୍ଧାଞ୍ଚଳ ଓ ୨୦୦ମିଟର ପର୍ଯ୍ୟନ୍ତ ନିୟନ୍ତ୍ରିତ ଅଞ୍ଚଳ କରାଯିବ ବୋଲି ଡାଇରେକ୍ଟର ନାୟକ ସୂଚନା ଦେଇଥିଲେ। କେନ୍ଦୁଝର ଡିଏଫ୍‌ଓ କହିଥିଲେ, ଜିଓ ହେରିଟେଜ ଅଞ୍ଚଳ ହେଲେ ଏହି ଅଞ୍ଚଳର ବିକାଶ ହେବା ସହିତ ଲୋକଙ୍କ ଜୀବିକା ଉପାର୍ଜନର ଉତ୍ସ ହୋଇପାରିବ। ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାର ନାମ ଯୋଡ଼ି ହେବ।

ଲାଭାସ୍ଥଳ ସନ୍ନିକଟରେ ରହୁଥିବା ସ୍ଥାନୀୟ ବାସିନ୍ଦା ଶରତ ଚନ୍ଦ୍ର ବାରିକ କହିଥିଲେ, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ସମୟରେ ଉକ୍ତ ସ୍ଥାନକୁ ରିସର୍ଚ୍ଚ ସ୍ଥାନ ଭାବେ ଘୋଷଣା କରାଯାଇଥିଲା। ଏହି ଅଞ୍ଚଳରେ ହେରିଟେଜ ହେଲେ ଅଞ୍ଚଳବାସୀ ବହୁ ସୁବିଧା ପାଇପାରିବେ ବୋଲି ସଭାରେ ଉପସ୍ଥିତ ସ୍ଥାନୀୟ ଭଣ୍ଡାରଡିହା ଗ୍ରାମର ଗୋକୁଳ ମହାନ୍ତ କହିଥିଲେ।

ସଭାରେ ଭୂତତ୍ତ୍ୱ ପଢୁଥିବା ବଡ଼ବିଲ ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ। ମହାବିଦ୍ୟାଳୟ ପ୍ରାଧ୍ୟାପକ ପ୍ରଫୁଲ୍ଲ ପଣ୍ଡା ଛାତ୍ରୀଛାତ୍ରଙ୍କୁ ଅତୀତରେ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ସମ୍ପର୍କରେ ବୁଝାଇଥିଲେ। ଏହାର ଆକାର ପିଲୋ (ତକିଆ) ଭଳି ହୋଇଥିବାରୁ ଏହାକୁ ପିଲୋ ଲାଭା କୁହାଯାଉଥିବା ନେଇ ଜିଏସ୍‌ଆଇ ଅଧିକାରୀ ସ୍ପଷ୍ଟ କରିଥିଲେ। ନମ୍ବିରା ସମେତ କର୍ଣାଟକ ରାଜ୍ୟର ମାରାଡ଼ିହାଲି ଜିଓ ହେରିଟେଜର ସର୍ବପୁରାତନ ସ୍ଥାନ ବୋଲି ଉପ ମହାନିର୍ଦ୍ଦେଶକ ମିତ୍ର କହିଥିଲେ।



ଅଧିକାରୀମାନେ ସୂଚନା ଫଳକ ଅନାବରଣ କରୁଛନ୍ତି

### ପର୍ଯ୍ୟଟନ ସ୍ଥଳ ପାଇଁ ବାଟ ଫିଟିଲା


ପିଲୋ ଲାଭା

# ସ୍ୱତନ୍ତ୍ର ତଦନ୍ତ ଟିମ୍ ଗଠିତ, ବାରାଣସୀ ଯିବ

### ନକଲି ଔଷଧର ଆନ୍ତଃରାଜ୍ୟ ଲିଙ୍କ୍

### ସହଯୋଗ ପାଇଁ ୟୁପି ସରକାରଙ୍କୁ ସ୍ୱାସ୍ଥ୍ୟ ବିଭାଗର ଚିଠି

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ରାଜ୍ୟରେ ନକଲି ଔଷଧ କାରବାରକୁ ନେଇ ତଦନ୍ତ ଜୋରଦାର କରାଯାଇଛି। ଔଷଧ ପ୍ରବର୍ତ୍ତକ ସ୍କ୍ୱାଡ୍ (ଡ୍ରଗ୍ସ ଏନ୍‌ଫୋର୍ସମେଣ୍ଟ ଟିମ୍) ନକଲି ଔଷଧର ଆନ୍ତଃରାଜ୍ୟ ଯୋଗାଣ ଓ କାରବାର ସମ୍ପର୍କରେ ବିଶ୍ୱାସଯୋଗ୍ୟ ତଥ୍ୟ ଦେବା ପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏହାର ଆନ୍ତଃରାଜ୍ୟ ତଦନ୍ତ ନିମନ୍ତେ ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଟିମ୍ ଗଠନ କରିଛି। ସହକାରୀ ଔଷଧ ନିୟନ୍ତ୍ରକ ଡା. ସୁଦର୍ଶନ ବିଶ୍ୱାଳ, ତୁଷାର ରଞ୍ଜନ ପାଣିଗ୍ରାହୀ ଏବଂ ଧର୍ମଦେବ ପୁହାଣଙ୍କ ସମେତ ପୋଲିସ ଅଧିକାରୀଙ୍କୁ ଏହି ଟିମ୍‌ରେ ସାମିଲ କରାଯାଇଛି। ଖୁବ୍‌ଶୀଘ୍ର ଏହି ଟିମ୍ ପରବର୍ତ୍ତୀ ପର୍ଯ୍ୟାୟ ତଦନ୍ତ ପାଇଁ ବାରାଣସୀ ଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ବରଗଡ଼ ଜିଲାର ଅଶୋକ ମେଡିକାଲ ହଲ୍ ଏବଂ ଝାରସୁଗୁଡ଼ା ଜିଲାର ଅମିତ ମେଡିକାଲ ଏଜେନ୍ସି ନିକଟରୁ ଜବତ ହୋଇଥିବା ନକଲି ଔଷଧ ଉତ୍ତର ପ୍ରଦେଶର ବାରାଣସୀସ୍ଥିତ ଦେବ ଏଣ୍ଟରପ୍ରାଇଜର୍ସ, ଜେବି ମେଡିକାଲସ୍ ଏବଂ ଗୁରୁକୃପା ମେଡିକାଲ ଆଦିରୁ କାରବାର ହୋଇଥିବା ଜଣାପଡ଼ିଛି। ତେଣୁ ଏହି କାରବାରର ମୂଳରେ ପହଞ୍ଚିବା ପାଇଁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ଉତ୍ତର ପ୍ରଦେଶ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଚିଠି ଲେଖି ବାରାଣସୀରେ ହେବାକୁ ଥିବା ତଦନ୍ତରେ ଆବଶ୍ୟକ ସହଯୋଗ ଲୋଡ଼ିଛନ୍ତି। ଶାଳିନୀ ପଣ୍ଡିତ ଲେଖିଛନ୍ତି, ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ନକଲି ଔଷଧ ସମ୍ବନ୍ଧିତ ବିଷୟ ବିଶେଷ ଗୁରୁତ୍ୱ ବହନ କରେ। ଏ ବିଷୟ ତଦନ୍ତ ଅଗ୍ରାଧିକାର ଭିତ୍ତିରେ ହେବା ଦରକାର। ଏଥିନିମନ୍ତେ ଓଡ଼ିଶାରୁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳକୁ ବାରାଣସୀ ପଠାଯାଉଛି। ପରବର୍ତ୍ତୀ ପର୍ଯ୍ୟାୟରେ ତଦନ୍ତରେ ଉତ୍ତର ପ୍ରଦେଶ ସରକାରଙ୍କ ସମ୍ପୃକ୍ତ ବିଭାଗ ଓ କର୍ତ୍ତୃପକ୍ଷମାନେ ସମସ୍ତ ସହଯୋଗ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସେ ଅନୁରୋଧ କରିଛନ୍ତି।

# ୨୮ରୁ ପୁଣି ବିଧାନସଭା ଘେରିବେ ପ୍ରାଥମିକ ଶିକ୍ଷକ

ଭୁବନେଶ୍ୱର, ୧୭।୨(ବ୍ୟୁରୋ)

ପ୍ରାଥମିକ ଶିକ୍ଷକଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ପ୍ରତିବାଦ ସ୍ୱରୂପ ସବୁବର୍ଗର ପ୍ରାଥମିକ ଶିକ୍ଷକ ସଂଘ ଏକତ୍ର ହୋଇଛନ୍ତି। ଆସନ୍ତା ୨୮ ତାରିଖରୁ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ବିଧାନସଭା ଘେରାଉ କରାଯିବ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ମହାସଂଘର ସୂଚନାନୁସାରେ, ଗତ ନଭେମ୍ବର ୨୭ରେ ୩ଦଫା ଦାବି ହାସଲ ପାଇଁ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଶିକ୍ଷକ ବିଧାନସଭା ସମ୍ମୁଖରେ ମହାସମାବେଶ କରିଥିଲେ। ନଭେମ୍ବର ୩୦ରେ ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା ହୋଇଥିଲା। ଏହାପରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅର୍ଥ ବିଭାଗ ପ୍ରମୁଖ ସଚିବ, ଉନ୍ନୟନ ବିଭାଗ ପ୍ରମୁଖ ସଚିବ, ସାଧାରଣ ପ୍ରଶାସନର ପ୍ରମୁଖ ସଚିବ ଓ ଗଣଶିକ୍ଷା ସଚିବଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା। ଡିସେମ୍ବର ୧୬ରୁ ୨୦ ତାରିଖ ମଧ୍ୟରେ ଉଚ୍ଚସ୍ତରୀୟ ବୈଠକ ବସାଇ ନିଷ୍ପତ୍ତି ନିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାରୁ ମିଳିତ ଶିକ୍ଷକ ମହାସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା। ଗତ ଡିସେମ୍ବର ୨୧ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ୨୯ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅର୍ଥ ବିଭାଗର ପ୍ରମୁଖ ସଚିବ, ଉନ୍ନୟନ ବିଭାଗ ପ୍ରମୁଖ ସଚିବ, ସାଧାରଣ ପ୍ରଶାସନ ପ୍ରମୁଖ ସଚିବ, ଗଣଶିକ୍ଷା ସଚିବ ଓ ମିଳିତ ପ୍ରାଥମିକ ମହାସଂଘର ନେତୃମଣ୍ଡଳୀଙ୍କ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ଆଲୋଚନା ସକାରାତ୍ମକ ହୋଇଥିଲା। ମହାସଂଘର ସମସ୍ତ ନେତୃବୃନ୍ଦ ଦାବିଗୁଡ଼ିକୁ ଦସ୍ତାବିଜ ସହ କମିଟିରେ ଉପସ୍ଥାପନ କରିଥିଲେ ଓ ନୂଆବର୍ଷରେ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକଙ୍କୁ ନୂଆ ଭେଟି ଦେବେ ବୋଲି ମହାସଂଘ ଆଶାବାଦୀ ଥିଲା। କିନ୍ତୁ ସରକାର ଦାବି ପୂରଣ ପାଇଁ ଏବେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ମହାସଂଘ କ୍ଷୋଭପ୍ରକାଶ କରିଛି। ସରକାର ପ୍ରାଥମିକ ଶିକ୍ଷକଙ୍କ ନ୍ୟାୟୋଚିତ ଦାବି ପୂରଣ କରୁ ନ ଥିବାରୁ ଆସନ୍ତା ୨୭ ତାରିଖରେ ବିଧାୟକଙ୍କ ବାସଭବନ ଘେରାଉ କରାଯିବ ଓ ୨୮ରେ ବିଧାନସଭା ସମ୍ମୁଖରେ ମହାସମାବେଶ କରାଯିବ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ବିକ୍ଷୋଭ ଜାରି ରହିବ ବୋଲି ମହାସଂଘ ଚେତାବନୀ ଦେଇଛି। ଏ ସମ୍ପର୍କରେ ମହାସଂଘ ସଭାପତି ମଣ୍ଡଳୀ ସଦସ୍ୟ ବ୍ରହ୍ମାନନ୍ଦ ମହାରଣା, ସାଧାରଣ ସମ୍ପାଦକ ଖଗେନ୍ଦ୍ରନାଥ ପାଳ, ବଙ୍କିମ ସାଗର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଭିଜିଲାନ୍ସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେବ

ଭୁବନେଶ୍ୱର, ୧୭।୨(ବ୍ୟୁରୋ)

ସମସ୍ତ ଭିଜିଲାନ୍ସ କର୍ମଚାରୀ ଓ ସେମାନଙ୍କ ସହିତ ରହୁଥିବା ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେବ। ଓଡ଼ିଶା ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ଅନୁରୋଧକ୍ରମେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଏ ନେଇ ବିଭାଗୀୟ ଶାସନ ସଚିବ ଶାଳିନୀ ପଣ୍ଡିତ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ରାଉରକେଲା ଆର୍‌ଜିଏଚ୍ ନିର୍ଦ୍ଦେଶକ, ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ପବ୍ଲିକ ହେଲ୍‌ଥ ଅଫିସର ତଥା ଜିଲା ମିଶନ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜଣାଇଛନ୍ତି। ସେ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସମସ୍ତ ଭିଜିଲାନ୍ସ କର୍ମଚାରୀ ଏବଂ ସେମାନଙ୍କ ସହିତ ରହୁଥିବା ୩୫ବର୍ଷରୁ ଅଧିକ ବୟସ୍କ ସଦସ୍ୟଙ୍କ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ରକ୍ତ, ପରିସ୍ରା, କର୍କଟ ପରୀକ୍ଷା, ଇସିଜି ଆଦି ପରୀକ୍ଷା ହେବ। ଯେଉଁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏ ସମସ୍ତ ସୁବିଧା ଉପଲବ୍ଧ ଥିବ ସେଠାରେ କରିବା ପାଇଁ କୁହାଯାଇଛି। ଆସନ୍ତା ମାର୍ଚ୍ଚ ୧୫ ସୁଦ୍ଧା ଏହି ସ୍ୱାସ୍ଥ୍ୟ ପରୀକ୍ଷା ଅଭିଯାନ ଶେଷ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି।

# ହାତୀ ଆକ୍ରମଣରେ ବୃଦ୍ଧା ମୃତ, ୨ଗୁରୁତର

କୁତ୍ରା, ୧୭।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ନୂଆଗାଁ ଜଙ୍ଗଲରେ ଶୁକ୍ରବାର ଏକ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଉଛନ୍ତି ନୂଆଗାଁ ଗିର୍ଜାପଡ଼ାର ସୁଲେମାନ ହାଁସଦା (୬୫)। ଗୁରୁତର ୨ଜଣ ହେଲେ ସୁଲେମାନଙ୍କ ଝିଅ ଅନୀତା ଲୁଗୁନ ଓ ସୁଲେମାନଙ୍କ ନାତି ଅବିନାଶ। ସୁଲେମାନଙ୍କ ସହ ଅନୀତା ନିକଟସ୍ଥ ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ସକାଳୁ ଯାଇଥିଲେ। ଅନିତା ବର୍ଷକର ଶିଶୁ ପୁତ୍ର ଅବିନାଶକୁ ମଧ୍ୟ କାଖେଇ ନେଇଥିଲେ। ମଧ୍ୟାହ୍ନରେ ଏମାନେ ଜଙ୍ଗଲ ଭିତରେ ଏକ ହାତୀ ସହ ମୁହାଁମୁହିଁ ହୋଇଥିବାବେଳେ ହାତୀ ଅନୀତାଙ୍କୁ ଶୁଣ୍ଢରେ ଠେଲିଦେଇ ସୁଲେମାନଙ୍କୁ ଟେକି ନେଇଯାଇଥିଲା। ଶିଶୁପୁତ୍ର ସହ ଅନୀତା ଆହତ ହେବା ସତ୍ତ୍ୱେ ବର୍ତ୍ତିଯାଇ ଘରକୁ ଆସି ଘଟଣା ସମ୍ପର୍କରେ କହିଥିଲେ। ଏନେଇ ବନ ବିଭାଗ କର୍ମଚାରୀମାନଙ୍କୁ ଖବର ଦେବା ପରେ ସେମାନେ ଅନୀତା ଓ ଅବିନାଶଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ପରେ ରାଉରକେଲା ସରକାରୀ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ବନ କର୍ମଚାରୀ ଜଙ୍ଗଲ ଭିତରକୁ ଯାଇ ସୁଲେମାନଙ୍କୁ ଖୋଜାଖୋଜି କରିଥିଲେ। ସନ୍ଧ୍ୟାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଅଞ୍ଚଳଟି ଓଡ଼ିଶା ଝାଡ଼ଖଣ୍ଡ ସୀମାବର୍ତ୍ତୀ ହୋଇଥିବା ବେଳେ ଅନେକ ସମୟରେ ଏଠାରେ ହାତୀ ଉପଦ୍ରବ ଦେଖାଦେଇଥାଏ।

# ଠକେଇ ଟଙ୍କାରେ ଯାତ୍ରା ପାର୍ଟି

### ପୋଲିସ, ଡାକ୍ତର ପରିଚୟ ଦେଇ ଫସାଉଥିଲେ





ରଞ୍ଜନ କୁମାର ନାୟକ

ଭୁବନେଶ୍ୱର,(ବ୍ୟୁରୋ)/ ବାଲିଅନ୍ତା, ୧୭।୨ (ଡି.ଏନ୍.ଏ.)

କେତେବେଳେ କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ତ ଆଉ କେତେବେଳେ ଡାକ୍ତର ପରିଚୟ ଦେଇ ଫସାଉଥିଲେ। ଏଏସ୍‌ଓ, ଫାର୍ମାସିଷ୍ଟ ଆଦି ବିଭିନ୍ନ ଚାକିରି ଦେବା ଆଳରେ ବହୁ ଯୁବତୀଯୁବକ ଓ ଚାକିରି ଆଶାୟୀଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଠକି ନେଉଥିଲେ। ଆଉ ଉକ୍ତ ଟଙ୍କାରେ ଯାତ୍ରା ପାର୍ଟି ଚଳାଉଥିଲେ। ନା ବଦଳାଇ ମାଲିକ ସାଜିଥିଲେ। ସାରା ରାଜ୍ୟରେ ଏହି ବଡ଼ ଠକେଇ ରାକେଟ ଚଳାଇଥିବା ମାଷ୍ଟରମାଇଣ୍ଡ୍ ଏବେ କମିଶନରେଟ ପୋଲିସ ହାତରେ ଧରାପଡ଼ିଛନ୍ତି। ସେ ହେଲେ କଟକ ଜିଲା ସଦର ଥାନା ଅନ୍ତର୍ଗତ ବାଲିକୁଦା ଜଗନ୍ନାଥ ବିହାର ଗ୍ରାମର ରଞ୍ଜନ କୁମାର ନାୟକ (୩୮)। ଭୁବନେଶ୍ୱର ପାହାଲ ଥାନା ପୋଲିସ ଅଭିଯୁକ୍ତ ରଞ୍ଜନଙ୍କୁ କଟକ ପ୍ରତାପନଗରୀ ଅଞ୍ଚଳରୁ ଶୁକ୍ରବାର ଗିରଫ କରିଛି। ତାଙ୍କଠାରୁ ୨ଟି ମୋବାଇଲ, ପୋଲିସ ଓ ଡାକ୍ତର ପୋଷାକ, ୨ ବ୍ୟାଙ୍କ ପାସ୍‌ବୁକ ଆଦି ଜବତ କରିଛି। ପୋଲିସ ତାଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ରଞ୍ଜନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କଟକ ସଦର ଥାନାରେ ତାଙ୍କ ନାମରେ ଆଉଏକ ମାମଲା ରହିଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ରଞ୍ଜନ ପୂର୍ବରୁ ପାହାଲସ୍ଥିତ ଏକ ଆପାର୍ଟମେଣ୍ଟରେ ରହୁଥିଲେ। ସେହି ସମୟରେ ଅର୍ଥାତ୍ ୨୦୨୨ ଜାନୁୟାରୀରେ ସେ ଭରତପୁର ଅଞ୍ଚଳରେ ରହୁଥିବା ରାଉରକେଲାର ଅକ୍ଷୟ କୁମାର ମହନ୍ତିଙ୍କୁ ହାଇକୋର୍ଟରେ ଏଏସ୍‌ଓ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ୧୦ରୁ ୧୨ ଲକ୍ଷ ଟଙ୍କା ମାଗିଥିଲେ। ଏହାପରେ ଅକ୍ଷୟ ବିଭିନ୍ନ ପର୍ଯ୍ୟାୟରେ ତାଙ୍କୁ ଓ ସହଯୋଗୀଙ୍କ ଜରିଆରେ ମୋଟ ୮ ଲକ୍ଷ ୨ ହଜାର ଟଙ୍କା ଦେଇଥିଲେ। ଏଏସ୍‌ଓ ପରୀକ୍ଷା ଫଳ ବାହାରିବା ପରେ ଅକ୍ଷୟଙ୍କ ନାଁ ନ ଥିବାରୁ ସେ ରଞ୍ଜନଙ୍କୁ ପଚାରିଥିଲେ। ଏହାପରେ ରଞ୍ଜନ ଏକ ନକଲି ନିଯୁକ୍ତି ପତ୍ର ଦେଇଥିଲେ। ତେବେ ସେଥିରେ ନାଁ ଭୁଲ ଥିବାରୁ ଅକ୍ଷୟ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଅକ୍ଷୟ ଟଙ୍କା ମାଗିବାରୁ ରଞ୍ଜନ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇ ଆସୁଥିଲେ। ବୁଧବାର ଅକ୍ଷୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୫୫/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିପରି ରଞ୍ଜନଙ୍କ ନାମରେ ଧରଣୀଧର ପଣ୍ଡା ନାମକ ଆଉଜଣେ ଯୁବକ ମଧ୍ୟ ଅଭିଯୋଗ କରିଥିଲେ। ହାଇକୋର୍ଟରେ ଏଏସ୍‌ଓ ଚାକିରି ଦେବାକୁ କହି ରଞ୍ଜନ ତାଙ୍କଠାରୁ ୭ ଲକ୍ଷ ୬୮ ହଜାର ଟଙ୍କା ନେଇଯାଇଥିବା ଧରଣୀଧର ଏତଲାରେ ଉଲ୍ଲେଖ କରିଛନ୍ତି। ଏସଂକ୍ରାନ୍ତରେ ପୋଲିସ ଦ୍ୱିତୀୟ ମାମଲା (ନଂ.୫୬/୨୦୨୩) ରୁଜୁ କରିଛି। ଏହି ଦୁଇଟି ମାମଲାର ତଦନ୍ତ ସମୟରେ ପୋଲିସ ରଞ୍ଜନଙ୍କ ଠକେଇ ସାମ୍ରାଜ୍ୟ ବିଷୟରେ ବହୁ ଚାଞ୍ଚଲ୍ୟକର ତଥ୍ୟ ପାଇଛି। ଭୁବନେଶ୍ୱର ବ୍ୟତୀତ ସମ୍ବଲପୁର, ବଡ଼ଗଡ଼, କଳାହାଣ୍ଡି ଆଦି ଜିଲାରେ ମଧ୍ୟ ରଞ୍ଜନ ଚାକିରି ଦେବାକୁ କହି ବହୁ ନିରୀହ ଲୋକଙ୍କୁ ଠକେଇ କରିଛି। ଏପରିକି ଭଡ଼ା ଘର ମାଲିକଙ୍କୁ ସେ ସରକାରୀ ଚାକିରିଆ ପରିଚୟ ଦେଇ ରହିଥିଲେ। ନଅ ତାଲାରେ ଚାକିରି କରିଥିବା କହୁଥିଲେ।

### ଯାତ୍ରାପାର୍ଟିରେ ଚଢ଼ାଉ ହେବ

କଟକ ପ୍ରତାପନଗରୀସ୍ଥିତ ମା' ଧାକୁଲେଇ ପୀଠ ନିକଟରେ ଅଭିଯୁକ୍ତ ରଞ୍ଜନ କରିଥିବା 'ଭାରତ ରଙ୍ଗମଞ୍ଚ' ଯାତ୍ରା ପାର୍ଟିର ଅଫିସ ରହିଛି। ନିହାର ରଞ୍ଜନ ମିଶ୍ର ନାମରେ ରଞ୍ଜନ ପାର୍ଟିର ପ୍ରଯୋଜକ ରହିଛନ୍ତି। ଠକେଇ ସଂକ୍ରାନ୍ତରେ ଅଧିକ ପଚରାଉଚରା ସହ ତଥ୍ୟ ଯୋଗାଡ଼ ପାଇଁ ମାମଲା (ନଂ.୫୬/୨୦୨୩)ରେ ଅଭିଯୁକ୍ତଙ୍କୁ ୨ ଦିନିଆ ରିମାଣ୍ଡରେ ନେବାକୁ ପୋଲିସ କୋର୍ଟରେ ଆବେଦନ କରିଛି। ଜୋନ-୪ ଏସିପି ଶୁଭନାରାୟଣ ମୁଦୁଲି କହିଛନ୍ତି, ରଞ୍ଜନ ଟଙ୍କା ନିବେଶ କରିଥିବା ଯାତ୍ରା ପାର୍ଟିରେ ଚଢ଼ାଉ ହେବ। ରଞ୍ଜନଙ୍କ ସହ ସମ୍ପୃକ୍ତ ଥିବା ଅନ୍ୟ ସହଯୋଗୀଙ୍କୁ ପଚରାଉରା ସହ ଆବଶ୍ୟକ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସିପି କହିଛନ୍ତି।

- ■ ଅଭିଯୁକ୍ତ ଗିରଫ, ରିମାଣ୍ଡରେ ଆସିବେ
- ■ ନକଲି ପୋଲିସ ଓ ଡାକ୍ତର ପୋଷାକ ଜବତ
- ■ ବିଭିନ୍ନ ଜିଲାକୁ ଲମ୍ବିଛି ଠକେଇର ଚେର



**ବିଜେଡି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

କେସିଙ୍ଗା,(ଡି.ଏନ.ଏ.): କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ଓ ୫ କେଜି କାଟିବା ବିରୋଧରେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବିଜେଡି ପକ୍ଷରୁ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ପ୍ରଫୁଲ୍ଲ କୁମାର ଅଦୁ ଏବଂ ଏନଏସି ନିର୍ବାହୀ ଅଧିକାରିଣୀ କିରଣ ବେହେରାଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକଙ୍କ ସମେତ ବ୍ଲକ ସଭାପତି ପୁରୁଷୋତ୍ତମ ମହାଲା ଓ ଟାଉନ ସଭାପତି ରମେଶ ପଟ୍ଟନାୟକଙ୍କ ନେତୃତ୍ୱରେ ଏନ୍ଏସି ଅଧକ୍ଷ ନୃପରାଜ ଯାଦବଙ୍କ ଦ୍ୱାରା ଆୟୋଜିତ ସଭାରେ ବହୁ ବିଜେଡି କର୍ମୀ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଯୁବକଙ୍କୁ ହତ୍ୟା ଘଟଣା: ୨ କୋର୍ଟ ଚାଲାଣ

**ଭବାନୀପାଟଣା,୧୭।୨(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ପେଙ୍ଗସୁର ଗାଁରେ ବୁଧବାର ଘଟିଥିବା ହତ୍ୟାକାଣ୍ଡ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ସେମାନେ ହେଲେ ଗ୍ରାମର ରାଜେଶ ମାଝି ଓ ମହାଦେବ ଘଡେଇ। ଶୁକ୍ରବାର ୨ ଅଭିଯୁକ୍ତଙ୍କୁ ପୋଲିସ ସ୍ଥାନୀୟ କୋର୍ଟ ଚାଲାଣ କରିଛି। ୨ ଅଭିଯୁକ୍ତ ଜ୍ୱାଇଁ ଓ ଶଶୁର ବୋଲି ଜଣାପଡିଛି। ଏ ନେଇ ଭବାନୀପାଟଣା ସଦର ଥାନାରେ ଏକ ମାମଲା (ନଂ.୬୨/୨୩) ରୁଜୁ ହୋଇଛି। ଗୁଣି ଗାରେଡି ସନ୍ଦେହରେ ଗାଁର ଅମର ମାଝି ନାମକ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

### ଫେରାର ବିଚାରାଧୀନ କଏଦୀ ଗିରଫ

**ମ.ରାମପୁର/ରୁପ୍ରାରୋଡ, ୧୭।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ମ. ରାମପୁର ସବ୍‌ଜେଲରୁ ଜଣେ ବିଚାରାଧୀନ



କଏଦୀ ନର୍ଲା ଥାନା ରୁପ୍ରାରୋଡ ଅଞ୍ଚଳର ବିଶ୍ୱାମିତ୍ର ମାଝି ଗତ ୧୧ ତାରିଖରୁ ଫେରାର ହୋଇଥିଲେ। ଶୁକ୍ରବାର ଫେରାର ବିଚାରାଧୀନ କଏଦୀ ବିଶାମିତ୍ରଙ୍କୁ ନର୍ଲା ପୋଲିସ ଗିରଫ କରିଛି। ଏକ ଘରୋଇ ଗଣ୍ଡଗୋଳ କେସ୍‌ରେ ନର୍ଲା ପୋଲିସ ବିଶାମିତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନିର୍ଯାତନାରେ ଅତିଷ୍ଠ ହୋଇ ପରିବାର ଲୋକେ ଅଭିଯୁକ୍ତଙ୍କ ଜାମିନ ଆବେଦନ କରି ନ ଥିଲେ। ଫଳରେ ସେ ଗତ ଡିସେମ୍ବରରୁ ମ. ରାମପୁର ସବ୍‌ଜେଲରେ ରହୁଥିଲେ। ଫେରାର ହେବାଠାରୁ ନର୍ଲା ପୋଲିସ ଖୋଜାଖୋଜି ଜାରି ରହିଥିଲା। କୌଣସି ସୂତ୍ରରୁ ଖବର ପାଇ ନର୍ଲା ଥାନା ଅଧିକାରୀ ଗଙ୍ଗାଧର ମେହେରଙ୍କ ନେତୃତ୍ୱରେ ଏକ ଟିମ ସକାଳୁ ଚିଆଁପଦର ଗ୍ରାମରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ସେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ ମଧ ତାଙ୍କୁ ଗିରଫ କରାଯାଇଛି।

### ରାସ୍ତାରେ ଜମୁଛି ନର୍ଦ୍ଦମା ପାଣି



**ଖଡ଼ିଆଳ,୧୭।୨(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ୱାର୍ଡ ନମ୍ବର ୪ରେ ଥିବା ଦଶମୁ ଗଳିରେ ବର୍ଷ ସାରା ନର୍ଦ୍ଦମା ପାଣି ଜମି ରହୁଛି। ଏହି ଗଳିରେ ବର୍ତ୍ତମାନ ଶତାଧିକ ଘର ନିର୍ମାଣ ହୋଇଛି। ହେଲେ ଆଜି ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ହୋଇପାରି ନାହିଁ। ଫଳରେ ଘର୍ ପାର୍ଶ୍ୱରେ ରହୁଥିବା ଲୋକଙ୍କ ନର୍ଦ୍ଦମା ପାଣି ରାସ୍ତାରେ ବୋହି ପୋଖରୀ ସଦୃଶ ହୋଇପଡିଛି। ଏହି ରାସ୍ତାରେ କାଦୁଅ, ମଇଳା, ପାଇଖାନାର ପାଣି ମାଡି ପଡ଼ାବାସୀ ତଥା ଛାତ୍ରୀଛାତ୍ରମାନେ ଏହି ମଇଳା ପାଣି ମାଡ଼ି ଯିବାଆସିବା କରୁଥିବା ଅଭିଯୋଗ ହୋଇଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରିବାକୁ ପଡ଼ାବାସୀ ଦାବି କରିଛନ୍ତି।

# ୨ ହଜାର ଟଙ୍କାରେ ରାଶନ କାର୍ଡ ବନ୍ଧା

**ଭବାନୀପାଟଣା,୧୭।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ କାମ ମିଳୁ ନ ଥିବା ଯୋଗୁ ଗରିବ ଲୋକେ କାମ ଅନ୍ୱେଷଣରେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଜିଲାର ଜୁନାଗଡ ବ୍ଲକ ମିଚାଗାଁର ଧର୍ମାନନ୍ଦ ଦୁର୍ଗା ରାଶନ କାର୍ଡକୁ ୨ ହଜାର ଟଙ୍କାରେ ବନ୍ଧା ପକାଇ ତାମିଲନାଡୁକୁ ଦାଦନ ଖଟିଯିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଲୋକଙ୍କୁ କାମ ଯୋଗାଉଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସରକାରୀ ବାବୁମାନଙ୍କ ଦ୍ୱାରା ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡପ ହୋଇଥିବାବେଳେ ଏଥିମଧ୍ୟରୁ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଏବେ ମଧ ସେମାନଙ୍କ ନାମରେ ରହିଛି। ଜୁନାଗଡ ବ୍ଲକ ଆଟିଗାଁ ପଞ୍ଚାୟତର ମିଚାଗାଁର ଧର୍ମାନନ୍ଦ ଦୁର୍ଗା କାମ ନ ପାଇବା ଯୋଗୁ ୨ ହଜାର ଟଙ୍କାରେ ରାଶନ କାର୍ଡ ବନ୍ଧା ପକାଇ ତାମିଲନାଡୁର ତିରୁପୁରକୁରେ ଦାଦନ ଖଟିବା ପାଇଁ ଯାଇଛନ୍ତି। ତାଙ୍କ ସହିତ ସ୍ତ୍ରୀ ନମିତା ଓ ଛୋଟ ପୁଅ ମଧ ଯାଇଛନ୍ତି। ତାଙ୍କ ଘରେ ଏବେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ଲୋକଙ୍କୁ ଜବକାର୍ଡ କିମ୍ବା ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ମିଳୁ ନ ଥିବା ଯୋଗୁ ଏହାର ପ୍ରତିବାଦରେ ତାଙ୍କ ସ୍ତ୍ରୀ ନମିତା ଗତ ପଞ୍ଚାୟତ ନିର୍ବାଚନରେ ଆଟିଗାଁ ପଞ୍ଚାୟତ ସରପଞ୍ଚ ପଦବୀ ନିମନ୍ତେ





ଦାଦନ ଖଟିବାକୁ ଯାଇଥିବା ଧର୍ମାନନ୍ଦ ଓ ତାଙ୍କ ପରିବାର। ଗାଁରେ ଧର୍ମାନନ୍ଦଙ୍କ ଘରେ ତାଲା ପଡ଼ିଛି।

- କାମ ମିଳୁନାହିଁ, ଦାଦନ ଖଟିବା ପାଇଁ ଗଲେ ତାମିଲନାଡୁ
- ସରକାରୀ ବାବୁଙ୍କ ପାଖରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଗଡୁଛି
- ପ୍ରହସନ ପାଲଟିଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍

ପ୍ରତିଦ୍ୱନ୍ଦିତା କରୁଥିଲେ। ସେତେବେଳେ ସେ ଚର୍ଚ୍ଚାକୁ ଆସିଥିଲେ। ବର୍ତ୍ତମାନ ନିଜ ପରିବାର ପ୍ରତିପୋଷଣ ପାଇଁ ୨ ହଜାର ଟଙ୍କାରେ ରାଶନ କାର୍ଡ ବନ୍ଧା ପକାଇ ତାମିଲନାଡୁକୁ ଦାଦନ ଖଟିଯିବା ଘଟଣା ପୁଣି ଚର୍ଚ୍ଚା ହେଉଛି। ଲୋକଙ୍କୁ କାମ ଯୋଗାଇବା ପାଇଁ ଉକ୍ତ ଯୋଜନା ହୋଇଥିଲେ ମଧ ଏହି ଯୋଜନା ଏବେ ମୂଳ ଉଦ୍ଦେଶ୍ୟରୁ ବାଟବଣା ହେବାରେ ଲାଗିଛି। ଗତ ୩ ମାସ ଧରି ଜବକାର୍ଡରେ କାମ କରିଥିବା ଶ୍ରମିକମାନଙ୍କ ପ୍ରାପ୍ୟ ମିଳିନାହିଁ। ଜିଲାରେ ସରକାରୀ ବାବୁମାନେ ୬ ଲକ୍ଷ ୩ ହଜାର ୩୨୫ ଟଙ୍କା ଅର୍ଥ ହଡପ କରିଥିବା ସୋସିଆଲ ଅଡିଟରେ ଗୁମର ଖୋଲିଥିଲା। ଏହା ପରେ ଜିଲା ପ୍ରଶାସନ ପକ୍ଷରୁ ଏହାର ଖୋଲତାଡ କରି ତୁରନ୍ତ ଟଙ୍କା ଭରଣା ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଗିଦ କରି ଚିଠି କରାଯାଇଥିଲା। ଏହା ପରେ ସରକାରୀ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଭୟରେ ଟଙ୍କା ଫେରସ୍ତ କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ମଧ ୨ ଲକ୍ଷ ୫ ହଜାର ୯୨୯ ଟଙ୍କା ଭରଣା ନ ହୋଇ ସରକାରୀ ବାବୁମାନଙ୍କ ପାଖରେ ପଡି ରହିଛି। ବର୍ତ୍ତମାନ ଭବାନୀପାଟଣା ସଦର ବ୍ଲକରେ ୨୨ହଜାର ଟଙ୍କା, ଧର୍ମଗଡ ବ୍ଲକରେ ୩୪ ହଜାର ୫୫୮ଟଙ୍କା, ଜୁନାଗଡ ବ୍ଲକରେ ୨୧ ହଜାର ୨୪୮ ଟଙ୍କା, କଲମପୁର ବ୍ଲକରେ ୨୩୫୮୦ ଟଙ୍କା, କର୍ଲାମୁଣ୍ଡା ବ୍ଲକରେ ୨୭ ହଜାର ୪୪୧ ଟଙ୍କା, କେସିଙ୍ଗା ବ୍ଲକରେ ୨୫ ହଜାର ୯୩୮ ଟଙ୍କା, କୋକସରା ବ୍ଲକରେ ୧୬ ହଜାର ଟଙ୍କା, ଲାଞ୍ଜିଗଡ ବ୍ଲକରେ ୧୪ ହଜାର ଟଙ୍କା, ବକେୟା ରହିଛି। ଜିଲାରେ ଲୋକେ କାମ ନ ପାଇ ରାଶନ କାର୍ଡ ବନ୍ଧା କରି ଦାଦନ ଖଟି ଯାଉଥିବାବେଳେ ଅନ୍ୟପଟେ ସରକାରୀ ବାବୁମାନେ ଅର୍ଥ ଯୋଜନାକୁ ବାଟ ମାରଣା କରି ପକେଟରେ ଭରୁଥିବା ଘଟଣା ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି।

# ରେଲ୍‌ୱେ ଶ୍ରମିକ ୟୁନିୟନର ହସ୍ତାକ୍ଷର ଅଭିଯାନ

**ରୁପ୍ରାରୋଡ,୧୭।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ରୋଡ ରେଳଷ୍ଟେଶନରେ ସମ୍ବଲପୁର ଡିଭିଜନ ଅଧୀନରେ କାର୍ଯ୍ୟରତ କର୍ମଚାରୀମାନଙ୍କ ବିଭିନ୍ନ ଦାବି ନେଇ ରେଲଷ୍ଟେଶନ ଓ ରେଲୱେ କଲୋନୀରେ ହସ୍ତାକ୍ଷର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ଶ୍ରମିକ ୟୁନିୟନ ପକ୍ଷରୁ ସହସମ୍ପାଦକ ମନୋଜ କୁମାରଙ୍କ ନେତୃତ୍ୱରେ ଆୟୋଜିତ ହସ୍ତାକ୍ଷର ଅଭିଯାନର ମୂଳ ଉଦ୍ଦେଶ୍ୟ ନୂଆ ପେନସନ ଯୋଜନାକୁ ଉଚ୍ଛେଦ କରି ପୁରଣା ପେନସନ ଯୋଜନାକୁ ଲାଗୁ କରିବା। ବୃଦ୍ଧାବସ୍ଥାରେ ଏହା କାମକୁ ଆସୁନି, କର୍ମଚାରୀମାନଙ୍କ ସାର୍ଥକୁ ଦୃଷ୍ଟିରେ ରଖି ୟୁନିୟନ ପକ୍ଷରୁ ଦସ୍ତଖତ ଅଭିଯାନ କରାଯାଇ ଦସ୍ତଖତ ସମ୍ବଳିତ ଦାବି ରାଷ୍ଟ୍ରପତିଙ୍କ ନିକଟକୁ ପ୍ରେରଣ କରାଯାଇଛି। ପୁରୁଣା ପେନସନ ଯୋଜନାକୁ ପୁନଃ ଲାଗୁ କରାଯାଉ ବୋଲି ଟିଟିଲାଗଡ଼ ରେଲବାଇ ଶ୍ରମିକ ୟୁନିୟନ ସହସମ୍ପାଦକ ସୂଚନା ଦେଇଛନ୍ତି। ନର୍ଲା ରୋଡ଼ ଷ୍ଟେଶନ କର୍ମଚାରୀ ହସ୍ତାକ୍ଷର ଅଭିଯାନରେ ଅଶୋକ ସାଶମଳ, କ୍ଷୀରୋଦ ପାଣ୍ଡେ ପ୍ରମୁଖ ସାମିଲ ହୋଇଥିଲେ।

# ଭର୍ଚୁଆଲରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨ ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଅତିଥିଗଣ।

**ଭବାନୀପାଟଣା,୧୭।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳଜାରିଙ୍ଗଠାରେ ଶୁକ୍ରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ ମାଧମରେ ୨ଟି ଶିଳ୍ପ ପ୍ରତିଷ୍ଠାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏଥିରେ ଇଣ୍ଡିଆନ ପୋଟାସ ଲିଟିଟେଡ୍‌ର ବାୟୋ ଇଥାନଲ ପ୍ଲାଣ୍ଟ ସମେତ ସାଓ ବ୍ରୁରିଜ ଓ ଡିଷ୍ଟଲାରୀ ଶିଳ୍ପ ରହିଛି। ଏହି ଅବସରରେ ତଳଜାରିଙ୍ଗରେ ଅନୁଷ୍ଠିତ ଏହି ଭିତ୍ତି ପ୍ରସ୍ତର କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଧର୍ମଗଡ ଉପଜିଲାପାଳ ବେଦଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରସ୍ତାବିତ ବାୟୋ–ଇଥାନଲ ପ୍ଲାଣ୍ଟ ଗୁଡିକ ୨ ଶହ କେଏଲପିଡି କ୍ଷମତା ବିଶିଷ୍ଟ ହେବ। ଏଥିରେ ୪୫୦ କୋଟିରୁ ଅଧିକ ପୁଞ୍ଜି ବିନିଯୋଗ ହେବ। ଏହି କାରଖାନା ସ୍ଥାନୀୟ ଚାଷୀଙ୍କଠାରୁ ଚାଉଳ କ୍ରୟ କରିବା ସହିତ ଇଥାନଲ ଉତ୍ପାଦନ ପାଇଁ ଏହାର ପ୍ରକିୟାକରଣ କରିବ। ଇଥାନଲ ମିଶ୍ରିତ ପେଟ୍ରୋଲ (ଇବିପି) କାର୍ଯ୍ୟକ୍ରମ ଅଧୀନରେ ଜୈବ ଇନ୍ଧନ ଉପରେ ଜାତୀୟ ନିତୀ ଅନୁଯାୟୀ ପେଟ୍ରୋଲିୟମ ସହିତ ମିଶ୍ରଣ ପାଇଁ ଯୋଗାଇ ଦିଆଯିବ। ସେହିପରି ଏହି ଶିଳ୍ପ ପ୍ରତିଷ୍ଠା ଦ୍ୱାରା ୫ ଶହ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବା ସହ ଅଞ୍ଚଳର ବେକାର ଯୁବକଙ୍କ ପାଇଁ ରୋଜଗାର ସୃଷ୍ଟି କରିବାର ମାଧମ ହେବ।

# ଆଦିବାସୀଙ୍କ ପତିତ ଜମି ହଡ଼ପ ଅଭିଯୋଗ

- ଭୂମିହୀନ ସଂଘର୍ଷ ସମିତି ପକ୍ଷରୁ ବିକ୍ଷୋଭ
- ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ହଟିଲେ

**ଭବାନୀପାଟଣା,୧୭।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ତଳଜାରିଙ୍ଗଠାରେ ଥିବା ଶତାଧିକ ଏକର ଜମିରେ ୨ଟି ପଞ୍ଚାୟତର ଲୋକେ ସରକାରଙ୍କୁ ଖଜଣା ପାଉତି ବାନ୍ଧି ପତରା ଜମିରେ ଚାଷ କରି ଆସୁଥିଲେ। ହେଲେ ସରକାର ୩ଟି ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଇଡ୍‌କୋ କମ୍ପାନୀକୁ ୧୬୦ ଏକର ଜମି ହସ୍ତାନ୍ତର କରିଛନ୍ତି। ଏଠାରେ ୧୫ ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ୩ଟି ଶିଳ୍ପ ପ୍ରତିଷ୍ଠା କରାଯିବ। ସେଥି ମଧ୍ୟରୁ ଇଡ୍‌କୋ ପ୍ରଥମ ପର୍ଯ୍ୟାୟରେ ଇଥାନଲ ପ୍ଲାଣ୍ଟ ନିର୍ମାଣ ପାଇଁ ୩୮ ଏକର ଜମି



ଭୂମିହୀନ ସଂଘର୍ଷ ସମିତି ପକ୍ଷରୁ ବିକ୍ଷୋଭ କରାଯାଉଛି।

ପ୍ରଦାନ କରିଛନ୍ତି। ବର୍ତ୍ତମାନ କାମ ଅଗ୍ରଗତି ଚାଲିଥିବା ଦେଖିବାକୁ ମିଳିଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଭରଚୁଆଲ ମାଧମରେ ପ୍ରଥମ ପର୍ଯ୍ୟାୟରେ ପଟାସ କାରଖାନାକୁ ଉଦଘାଟନ କାର୍ଯ୍ୟକ୍ରମ ଥିଲା। ଏହା ଜାଣିବା ପରେ ଭୂମିହୀନ ସଂଘର୍ଷ ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦୀଘ ୩ ଘଣ୍ଟା ପରେ ଧର୍ମଗଡ଼ ଉପଜିଲାପାଳ ବେଦ ଭୂଷଣ ଘଟଣାସ୍ଥଳରେ ଆସି ଲୋକଙ୍କୁ ବୁଝାଶୁଝା କରିଥିଲେ। ଜମିହୀନମାନଙ୍କୁ ଜମି ପ୍ରଦାନ ଓ କମ୍ପାନୀରେ ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଲୋକେ ଆନ୍ଦୋଳନରୁ ହଟିଥିଲେ।

# କେନ୍ଦୁପତ୍ର କର୍ମଚାରୀ ସଂଘର ବୈଠକ

**ଖଡ଼ିଆଳ,୧୭।୨(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳଠାରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖଡ଼ିଆଳ ଡିଭିଜନ ଶାଖା ପକ୍ଷରୁ ଡିଭିଜନ କମିଟି ବୈଠକ ସ୍ଥାନୀୟ ରେଞ୍ଜ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଡିଭିଜନ ସମ୍ପାଦକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ସଂଘର ସାଙ୍ଗଠନିକ କାର୍ଯ୍ୟକଳାପ ସହିତ ଆଗାମୀ ଦିନର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଆସନ୍ତା ଫେବୃୟାରୀ ୨୦ ତାରିଖରେ ରାଜ୍ୟ ସଂଘ ସହିତ ପିସିସିଏଫଙ୍କ ସହିତ ଆଲୋଚନା ପାଇଁ ଦିନ ଧାର୍ଯ୍ୟ ହୋଇଥିବାରୁ ସେଥିରେ ଖଡ଼ିଆଳ ଡିଭିଜନ ସମ୍ପାଦକ ପାଣିଗ୍ରାହୀ ସାମିଲ ହେବାକୁ ଥିବାରୁ କେନ୍ଦୁପତ୍ର ତୋଳାଳି ଓ ସିଜିନାଲ ଷ୍ଟାଫଙ୍କ ବିଭିନ୍ନ ସମସ୍ୟା ଓ ଦାବି ଉପସ୍ଥାପନ ପାଇଁ ଆଲୋଚନା ହୋଇଥିଲା। ୨ୟ ପର୍ଯ୍ୟାୟରେ ଖଡ଼ିଆଳ ଡିଏଫଓ ପ୍ରତାପ ବେହେରାଙ୍କ ସହିତ କମିଟିରେ ବିଭିନ୍ନ ସମସ୍ୟା ଓ ଦାବିଗୁଡିକ ଯଥା ନୂତନ ତୋଳାଳିଙ୍କୁ ଯଥେଷ୍ଟ କାର୍ଡ ପ୍ରଦାନ, ଶତ ପ୍ରତିଶତ ବୋନସ ପ୍ରଦାନ, ପତ୍ରର ଦର ବୃଦ୍ଧି, ଝିଅ ବାହାଘର ସହାୟତା, ଚିକିତ୍ସା ସହାୟତା, ଛାତ୍ର ବୃତ୍ତି, ସିଜିନାଲ ଷ୍ଟାଫଙ୍କ ଗସ୍ତ ଖର୍ଚ୍ଚ ବିଲ, ବନ୍ଧେଇ କୁଲିଙ୍କ ମଜୁରୀ ବୃଦ୍ଧି, ୱାଚରମାନଙ୍କ ସ୍ଥାୟୀ ନିଯୁକ୍ତି, ସିଜିନାଲ ଷ୍ଟାଫଙ୍କ ଦରମା ବୃଦ୍ଧି, ୬୨ ବର୍ଷ ପରିବର୍ତ୍ତେ ୬୫ ବର୍ଷରେ ସିଜିନାଲ ଷ୍ଟାଫଙ୍କ ଅବସର ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ମଧ ଆଲୋଚନା ହୋଇଥିଲା। ଯଥାର୍ଥ ଦାବି ଓ ସମସ୍ୟାଗୁଡିକ ତୁରନ୍ତ ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ। କାର୍ଯ୍ୟକ୍ରମରେ ଅବଦୁଲ ରସିଦ, ରୁଦ୍ର ନାଗ, ନଟ ନାଗ, କ୍ଷେତ୍ର ପୁଟେଲ, ମଙ୍ଗଲ ସାଏ ବଗର୍ତ୍ତି, ଦମନ ନାଏକ, ଯମୁନା ଧରୁଆ, ଭାସ୍କର ପ୍ରଧାନ, କନା ଧରୁଆ, ଗୌତମ ବରିହା, ସନ୍ତୋଷ ସାହୁ, ବାବୁଲାଲ ପଟେଲ, ଈଶ୍ୱର ଶବର, ଦୋରେଶ୍ୱର ପଟେଲ ପ୍ରମୁଖ ସାମିଲ ହୋଇଥିଲେ।

# ଶିବରାତ୍ରି ସୁରକ୍ଷା ନେଇ ପୋଲିସର ପ୍ରସ୍ତୁତି



ଶିବରାତ୍ରି ସୁରକ୍ଷା ନେଇ ଆଲୋଚନା କରାଯାଉଛି।

**ଖଡ଼ିଆଳ,୧୭।୨(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ପରିସରରେ ଥାନାଧିକାରୀ ଅନିରୁଦ୍ଧ ମୁଦୁଲିଙ୍କ ଅଧକ୍ଷତାରେ ଶିବରାତ୍ରି ଉପଲକ୍ଷେ ସୁରକ୍ଷା ନେଇ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ସହରର ଗୋଡେଲ ବନ୍ଧ, ତୀରବନ୍ଧ, କୋଶଳେଶ୍ୱର ମନ୍ଦିର, ମରାବନ୍ଧ ସହିତ ଗ୍ରାମାଞ୍ଚଳର ଭାଲୁଡୁଙ୍ଗୁରି, ଦୁଆଝର, ଚଳନପଡା, ଗୋଇମୁଣ୍ଡି, ଝୋଲପଥର, ଧରମସାଗର, ଡୁକୁଲା ସମେତ ଅନେକ ସ୍ଥାନରେ ଶିବରାତ୍ରି ଉତ୍ସବ ଅନୁଷ୍ଠିତ ହେବ। ପୋଲିସ ପକ୍ଷରୁ ଏହାର ସୁରକ୍ଷା ଯୋଗାଇ ଦେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସବଇନିସ୍ପେକ୍ଟର ତାରାକାନ୍ତ ବିଶ୍ୱାଳ, ଦେବେନ୍ଦ୍ର ବିନ୍ଧାଣୀ, ଦୁର୍ଗା ପ୍ରସାଦ ସାହୁ, ଏଏସଆଇ ରେବତୀ ଦୁର୍ଗା, ଧନେଶ୍ୱର ମାଝି, ଦେବାରନ ମାଝି, ମିଳା ବାଗ, ଧବଳେଶ୍ୱର ବାଗ, ଶାନ୍ତନୁ ପଣ୍ଡା, ମୋହନ ବିଳାସ ଯାଦବ ସମେତ ଅନ୍ୟାନ୍ୟ ପୋଲିସ ଅଧିକାରୀ ସାମିଲ ଥିଲେ।

# ବେଷ୍ଟ ଅଫିସର ଭାବେ ଅଧୀକ୍ଷଣ ଯନ୍ତ୍ରୀ ସମ୍ମାନିତ

**କୋକସରା,୧୭।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ବହୁମୁଖୀ ଜଳସେଚନ ପ୍ରକଳ୍ପ ମୁଖୀଗୁଡା ଅନ୍ତର୍ଗତ କୁସୁମଖୁଣ୍ଟି ବାମ କେନାଲ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଇଂ ତୃପ୍ତ କୁମାର ପାତ୍ର ବେଷ୍ଟ ଅଫିସର ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଲୋକସଭା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଅଧୀକ୍ଷଣ ଯନ୍ତ୍ରୀ ପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେଷ୍ଟ ଅଫିସର ଭାବେ ସମ୍ମାନିତ କରିଛନ୍ତି। ଇନ୍ଦ୍ରାବତୀ ବାମ କେନାଲ ଡିଭିଜନ କୁସୁମଖୁଣ୍ଟିରେ ଅଧୀକ୍ଷଣ ଯନ୍ତ୍ରୀ ଭାବେ ଯୋଗଦେବା ବିଭାଗ ଅଧୀନରେ ଥିବା ବିଭିନ୍ନ ପାଣି ପଞ୍ଚାୟତ କର୍ମକର୍ତ୍ତାଙ୍କ ସହ ଉତ୍ତମ




ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଯନ୍ତ୍ରୀ ଇଂ ତୃପ୍ତ କୁମାର ପାତ୍ର ସମ୍ମାନିତ ହେଉଛନ୍ତି।

ସମ୍ପର୍କ ରଖି କେନାଲରେ ଜଳ ସେଚନ ସୁପରିଚାଳନା କରି କେନାଲର ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳସେଚନ ସୁବିଧା ଯୋଗାଇବାରେ ଦକ୍ଷତା ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ଇଂ ତୃପ୍ତ କୁମାର ପାତ୍ର କଳାହାଣ୍ଡିର ଜଣେ ଯୋଗ୍ୟ ଅଧିକାରୀ ଭାବେ ସମ୍ମାନିତ ହୋଇଥିବାରୁ ଜିଲାର ଅନେକ ସ୍ଥାନରୁ ଶୁଭେଚ୍ଛା ଜଣାଇଛନ୍ତି।

# ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ

**୨୧ରେ ଆଶା କର୍ମୀଙ୍କ ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ**

**ନୂଆପଡ଼ା ଅଫିସ,୧୭।୨**

ଓଡିଶା ଆଶାକର୍ମୀ ଆସୋସିଏସନ ସିଆଇଟିୟୁ ନୂଆପଡା ଜିଲା ବ୍ଲକ କମିଟି ପକ୍ଷରୁ ୧୩ ଦଫା ଦାବିପତ୍ର ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଆଶା କର୍ମୀଙ୍କ ବିଭିନ୍ନ ସମସ୍ୟା ଉପରେ ବାରମ୍ବାର କେନ୍ଦ୍ର ତଥା ରାଜ୍ୟ ସରକାରଙ୍କୁ ସଙ୍ଗଠିତ ଆଶାକର୍ମୀଙ୍କ ପକ୍ଷରୁ ଆନ୍ଦୋଳନ ଜରିଆରେ ଦାବି କରାଯାଇଥିଲେ ମଧ ସରକାର କିଛି କର୍ଣ୍ଣପାତ କଲେନାହିଁ। ପଡୋଶୀ ଆନ୍ଧ୍ର ଓ କେରଳ ଭଳି ରାଜ୍ୟରେ ୧୦ ହଜାରରୁ ଆରମ୍ଭ କରି



ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

୧୮ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ପାରିଶ୍ରମିକ ଓ ବିଭିନ୍ନ ସହାୟତା ଦେଲା ବେଳେ ଆମ ରାଜ୍ୟରେ ସମୁଦ୍ରକୁ ଶଙ୍ଖେ ପାଣି ଭଳି ସ୍ୱଳ୍ପ ପାଉଣା ଦିଆଯାଉଛି। ଆଶା କର୍ମୀଙ୍କ ପ୍ରତି ଦୁର୍ବଳ ମାନସିକତା ଓ ନିଷ୍କ୍ରିୟତାର ପ୍ରତିବାଦରେ ଆସନ୍ତା ୨୧ ତାରିଖଠାରୁ ସଙ୍ଗଠନ ଦାବିଗୁଡିକ କାର୍ଯ୍ୟକାରୀ କରିବା ପର୍ଯ୍ୟନ୍ତ ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ। ଯଦି ସମସ୍ୟା ସମାଧାନ ନ ହେଲେ କୌଣସି କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି କହିଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୯ କୋଟି ଟଙ୍କା ପାଉଣା ବାକି

**ନୂଆପଡ଼ା ଅଫିସ,୧୭।୨**

**ନୂଆପଡ଼ା ଜିଲା**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତକର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ବର୍ତ୍ତମାନ ସମୟରେ ଏହା ଦିଗହରା ହୋଇଥିବା ପରି ମନେହୁଏ। ନୂଆପଡା ପରି ଦାଦନ ପ୍ରବଣ ଜିଲାରେ ଉକ୍ତ ଯୋଜନାରେ ପ୍ରାୟ ୯ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ଶ୍ରମିକମାନଙ୍କ ପାଉଣା ବକେୟା ରହିଛି। ଜିଲାରୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥାନ୍ତି। ସର୍ଦ୍ଦାରମାନଙ୍କ ଜରିଆରେ ନିରୀହ ଶ୍ରମିକ କାମ ଅନ୍ୱେଷଣରେ ଯାଇ ଶୋଷଣର ଶିକାର ହେଉଛନ୍ତି। ବର୍ତ୍ତମାନ ଜିଲା ଅନେକ ଶ୍ରମିକ ନିଖୋଜ ଅଛନ୍ତି। ତାହାର ହିସାବ ଜିଲା ଶ୍ରମ ବିଭାଗ ପାଖରେ ନାହିଁ। ଅବଶ୍ୟ ଜିଲା ଶ୍ରମ ବିଭାଗ ପକ୍ଷରୁ ବାରମ୍ବାର ଶ୍ରମିକମାନଙ୍କୁ ପଞ୍ଜୀକରଣ କରି ଯିବାକୁ ସଚେତନ କରାଯାଉଥିଲେ ମଧ୍ୟ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହାର କାରଣ ଜିଲା ଶ୍ରମ ବିଭାଗ ନିକଟରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ଆଦିବାସୀ ବହୁଳ ଦାଦନ ପ୍ରବଣ ଜିଲା ହୋଇଥିବା ବେଳେ ୪୯ % ଆଦିବାସୀ ବାସବାସ କରନ୍ତି। ଜିଲାରେ ନା ଅଛି ଖଣି ଖାଦାନ ନା ଅଛି କଳକାରଖାନା। ଏଠିକାର ଶ୍ରମିକମାନେ ଚାଷ ଉପରେ ନିର୍ଭର କରନ୍ତି। ଚାଷ କାମ ସରିଲେ ଘରେ ବସି ରହିବା ଅପେକ୍ଷା ବାହାର ରାଜ୍ୟକୁ ଦାଦନ ଯାଇଥାନ୍ତି। ମିଳିଥିବା ସୂଚନା ମୁତାବକ ଜିଲାରେ ୨୦୨୨ ଡିସେମ୍ବରଠାରୁ ଶ୍ରମିକ ପାଉଣା ପାଇନାହାନ୍ତି। ଜିଲାର ୫ଟି ବ୍ଲକ ମଧ୍ୟରୁ ବୋଡେନ ବ୍ଲକରେ ୧ କୋଟି ୬ ଲକ୍ଷ ୬ ହଜାର ୩୪୦ ଟଙ୍କା, ଖଡିଆଳ ବ୍ଲକରେ ୧ କୋଟି ୬ ଲକ୍ଷ ୫୧ ହଜାର ୭୯୩ ଟଙ୍କା, କୋମନା ବ୍ଲକରେ ୨ କୋଟି ୬୫ ଲକ୍ଷ ୫୩ ହଜାର ୯୫୦ ଟଙ୍କା, ନୂଆପଡା ବ୍ଲକରେ ୨ କୋଟି ୪୬ ଲକ୍ଷ ୫୧ ହଜାର ୨୭୭ ଟଙ୍କା ଓ ସିନାପାଲି ବ୍ଲକରେ ୧ କୋଟି ୭୪ ଲକ୍ଷ ୬୮ ହଜାର ୨୯୨ ଟଙ୍କା ଶ୍ରମିକଙ୍କ ପାଉଣା ବକେୟା ରହିଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁଙ୍କୁ ପଚାରିବାରୁ ଜିଲାରେ ୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଶ୍ରମିକ ପାଉଣା ବାକିଥିବା ସ୍ୱୀକାର କରିବା ସହ ଜିଲା ପ୍ରଶାସନ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଛି। ହେଲେ ଦୁଇ ମାସ ହେଲା ଏମଜିଏନଆରଇଜିଏସ୍ ଖାତାରେ ଟଙ୍କା ନାହିଁ। ଦାଦନ ଋତୁରେ ଶ୍ରମିକମାନଙ୍କ ପାଇଁ ଏକ ବଡ ସମସ୍ୟା ହୋଇଥିଲେ ମଧ୍ୟ ଆମେ ନିରୁପାୟ। କେନ୍ଦ୍ର ସରକାରଙ୍କ ଭାଗ ଆସୁ ନ ଥିବାରୁ ରାଜ୍ୟ ସରକାରଙ୍କ ଭାଗ ମଧ୍ୟ ଶ୍ରମିକ ପାଇବାରୁ ବଞ୍ଚିତ ହେଉଛନ୍ତି। ଯେଉଁ ଶ୍ରମିକମାନଙ୍କ ଶହେ ଦିନ କାମ ପୂର୍ଣ୍ଣ ହୋଇ ନାହିଁ, ସେମାନେ ପାଉଣା ପାଉନାହାନ୍ତ। ଯାହାର ଶହେ ଦିନ କାମ ପୁରି ଯାଇଛି ସେହି ଶ୍ରମିକ ରାଜ୍ୟ ସରକାରଙ୍କ ଭାଗରୁ ପ୍ରତିଦିନ ୧୦୪ ଟଙ୍କା ପାଉଛନ୍ତି। କେନ୍ଦ୍ର ସରକାରଙ୍କ ପାଉଣା ବାକି ରହିଛି ବୋଲି ପ୍ରକାଶ କରିଥିଲେ। ଯଦି ୨ ମାସରେ ଜିଲାରେ ୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବାକେୟା ରହୁଛି। ତେବେ ଦାଦନ ସମସ୍ୟା କେମିତି ବୁଝୁଥିବେ ତାହା ସହଜେ ଅନୁମେୟ।

## ସଂକ୍ଷେପରେ

### ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ: ଯୁବକ ମୃତ

ବାଉଁଶୁଣୀ,୧୭।୨(ଡି.ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଟାଇଞ୍ଜନ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆର୍ତ୍ତତ୍ରାଣ ବେହେରା (୨୯)। ତାଙ୍କ ଘର ବୌଦ୍ଧ ଥାନା ତେଲିବନ୍ଧ ଗ୍ରାମ ପଞ୍ଚାୟତ ଆନନ୍ଦପୁର ଗ୍ରାମରେ। ପ୍ରକାଶ ଯେ, ଆର୍ତ୍ତତ୍ରାଣ ନିଜ ବାଇକ୍ (ନଂ ଓଡି ୩୧ କେ ୪୯୨୫ )ଯୋଗେ ଟାଇଞ୍ଜନ ଗ୍ରାମକୁ ଆସିଥିଲେ। ଉକ୍ତ ଗ୍ରାମରୁ ନିଜ ଘର ଆନନ୍ଦପୁରକୁ ଫେରିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଶୁକ୍ରବାର ସକାଳେ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ବାଉଁଶୁଣୀ ଥାନା ଏସଆଇ ଏନ.ଆର୍. ପ୍ରଧାନ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରି ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଜିଲା ଡାକ୍ତରଖାନାକୁ ପଠାଯାଇଛି। ଏନେଇ ବାଉଁଶୁଣୀ ଥାନାରେ ଏକ ମାମଲା ରୁଜୁ ହୋଇଛି। ତଦନ୍ତ ଜାରି ରହିଛି।

### କ୍ଲଷ୍ଟରସ୍ତରୀୟ ଶୈକ୍ଷିକ ବୈଠକ

ସୋହେଲା,୧୭।୨(ଡି.ଏନ.ଏ.): ବରଗଡ ଜିଲା ସୋହେଲା ବ୍ଲକ କନଗାଁ କ୍ଲଷ୍ଟରସ୍ତରୀୟ ଶୈକ୍ଷିକ ବୈଠକ ଶୁକ୍ରବାର ଓଡିଶା ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସୋହେଲା ବିଇଓ ଅମୃତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଯୋଗ ଦେଇଥିଲେ। ବୈଠକରେ ଶୈକ୍ଷିକ ପ୍ରଗତି ବିଷୟରେ ଆଲୋଚନା କରାଯାଇଥିଲା। ବିଇଓ ସାହୁ ଶୃଙ୍ଖଳା ନୀତି, ବିଭିନ୍ନ ଅନୁଦାନର ଉପଯୁକ୍ତ ବିନିଯୋଗ, ଶ୍ରେଣୀ ଶିକ୍ଷଣ ସାମଗ୍ରୀର ବ୍ୟବହାର, ଏଫଏଲଏନ ଉପରେ ଗୁରୁତ୍ୱାରୋପ କରିଥିଲେ। ସିଆରସିସି କେଦାରନାଥ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଏ.ପଧାନ, ବାଳମୁକୁନ୍ଦ ବାରିକ, ଉମାକାନ୍ତ ବେହେରା, ଗଣନାଥ ବାରିକ, ସଞ୍ଜୀବ ପଧାନ, ମୋତିଲାଲ ବେହେରା, ବିଜୟା ମୁଗୁରୀ, ସୁରେନ୍ଦ୍ର ବୁଧିଆ, ନରେଶ ନାୟକ ଯୋଗ ଦେଇଥିଲେ।

### ଖରମୁଣ୍ଡାରେ ଆମ ପୋଲିସ ସମିତି କାର୍ଯ୍ୟକ୍ରମ

ଜାମଟିକ୍ରା,୧୭।୨(ଡି.ଏନ.ଏ.): ଅତାବିରା ବ୍ଲକ ଅନ୍ତର୍ଗତ ଖରମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ଦିନ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତାବିରା ଥାନା ଅଧିକାରୀ ଅନୀଲ କୁମାର ପଧାନ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ପୋଲିସ ଏସଆଇ ବି ରବିନ୍ଦ୍ର ହେମ୍ବ୍ରମ, କୈଳାସ ପ୍ରଧାନ, କେଡେଡ ଏସଆଇ ଲିଙ୍ଗରାଜ କିସାନ, କବିତା ବାଗ, ଖରମୁଣ୍ଡାର ଭବାନୀ ଶଙ୍କର ପତି, ବସନ୍ତ କୁମାର ପଣ୍ଡାଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗ ଦେଇଥିଲେ। ଜନସାଧାରଣ ଓ ପୋଲିସ ମଧ୍ୟରେ କିପରି ସୁସମ୍ପର୍କ ସ୍ଥାପନ କରାଯାଇ ଗୋଟିଏ ସୁସ୍ଥ ସମାଜ ଗଠନ କରାଯାଇପାରିବ ସେନେଇ ଲୋକଙ୍କୁ ସଚେତନ କରାଯାଇଥିଲା।

### ବୁଢ଼ୀମା ମନ୍ଦିର ପୂଜକଙ୍କ ପରଲୋକ

ସୋନପୁର,୧୭।୨(ନି.ପ୍ର.): ସୁବର୍ଣ୍ଣପୁର ସହର ଡେରାପଡାସ୍ଥିତ ବୁଢ଼ିମା ମନ୍ଦିରର ପୂଜକ ବି. ଶିବରାଓଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ଗତ କିଛି ଦିନ ହେଲା ସେ ବାର୍ଦ୍ଧକ୍ୟ ଜନିତ କାରଣରୁ ଅସୁସ୍ଥ ଥିଲେ। ସେ ଜଣେ ଭଦ୍ର ଓ ଆମାୟିକ ବ୍ୟକ୍ତି ଭାବେ ସହରରେ ପରିଚିତ ଥିଲେ। ତେଲୁଗୁ ସ୍ତୋତ୍ରାବଳୀରେ ତାଙ୍କର ମନ୍ତ୍ର ଉଚ୍ଚାରଣ ବେଶ ଭାବ ଗମ୍ଭୀର ଓ ପ୍ରଭାବଶାଳୀ ଥିଲା। ଦୀର୍ଘ ୪୦ ବର୍ଷ ଧରି ସେ ନିଷ୍ଠାର ସହ ମା' ବୁଢ଼ିମାଙ୍କ ସେବା କରି ଭକ୍ତଙ୍କ ଗହଣରେ ପ୍ରିୟ ହୋଇ ପାରିଥିଲେ। ମୃତ୍ୟୁ ସମୟରେ ପୁଅ ସତ୍ୟନାରାୟଣ, ୩ ଝିଅ ଓ ନାତୁଣୀ ନାତି ଉପସ୍ଥିତ ଥିଲେ। ସୁବର୍ଣ୍ଣପୁର ଜିଲା ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ଶିବରାଓଙ୍କ ଅନ୍ତିମ ଦର୍ଶନ କରିଥିଲେ। ତ୍ରିବେଣୀ ସଙ୍ଗମସ୍ଥିତ ରାମେଶ୍ୱର ଶ୍ମଶାନରେ ତେଲୁଗୁ ରୀତିନୀତି ଅନୁଯାୟୀ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୂଜକଙ୍କ ବିୟୋଗରେ ସହରରେ ଶୋକର ଛାୟା ଖେଳିଯାଇଛି।



# ଭାଜପାର ସୋନପୁର ବ୍ଲକ ଅଫିସ ଘେରାଉ

ସୋନପୁର,୧୭।୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ହିତାଧିକାରୀ ଚୟନରେ ପାତରଅନ୍ତର କରାଯାଇଛି। ଗରିବ ଲୋକ ଯୋଜନାରୁ ବାଦ୍ ପଡିଥିବା ବେଳେ ଧନୀ ଶ୍ରେଣୀର ଲୋକ ସାମିଲ ହୋଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ସ୍ତରର କେତେଜଣ ପ୍ରାକ୍ତନ ଲୋକ ପ୍ରତିନିଧି ଓ ବର୍ତ୍ତମାନର ଲୋକ ପ୍ରତିନିଧି ଚଞ୍ଚକତା କରି ଫାଇଦା ନେଇଛନ୍ତି। ନିଜ ପରିବାର ବର୍ଗଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକାଧିକ ଘର ହାତେଇଛନ୍ତି। ତେଣୁ ଆବାସ ଯୋଜନାରୁ ବଞ୍ଚିତ ଗରିବ ଲୋକଙ୍କୁ ଠିକ୍ ଭାବେ ଚୟନ କରି ସାମିଲ କରିବା ସହିତ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦେବାକୁ ଭାଜପା ଦାବି କରିଛି। ଏହି ଦାବି ନେଇ ଭାଜପା ପକ୍ଷରୁ ଶୁକ୍ରବାର ସୋନପୁର ବ୍ଲକ ଅଫିସ ଘେରାଉ କରାଯାଇଥିଲା। ଏହି ଅବସରରେ ସେଠାରେ ଏକ ପ୍ରତିବାଦ ସଭା ହୋଇଥିଲା। ଏଥିରେ ଦଳୀୟ ନେତୃବୃନ୍ଦ ଯୋଗଦେଇ ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇ ଦେବାକୁ ଦାବି କରିଥିଲେ। ଏହି ଆନ୍ଦୋଳନରେ ଶତାଧିକ ଦଳୀୟ କର୍ମକର୍ତ୍ତା ଓ ଆବାସ



ବ୍ଲକ ଅଫିସ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

**ଯୋଗ୍ୟଙ୍କୁ ମିଳୁ ଆବାସ ଯୋଜନାରେ ଘର**

ଯୋଜନାରେ ଘର ପାଇବା ପାଇଁ ଆଶାୟୀମାନେ ସାମିଲ ହୋଇଥିଲେ। ସରକାର ସୁବର୍ଣ୍ଣପୁର ଜିଲାକୁ ଚଳିତବର୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୫ହଜାର ୧୬ଟି ଘର ପ୍ରଦାନ କରିଛନ୍ତି। ତଦନୁଯାୟୀ ସୋନପୁର ବ୍ଲକରେ ୧୭୪୦ଜଣଙ୍କୁ ଯୋଜନାରେ ସାମିଲ କରାଯାଇଛି। ତେବେ ବହୁ ଯୋଗ୍ୟ ବ୍ୟକ୍ତି ଯୋଜନାରେ ସାମିଲ ହୋଇ ପାରିନାହାନ୍ତି। ଆବାସ ଯୋଜନାରୁ ବଞ୍ଚିତ ଥିବା ବିଭିନ୍ନ ପଞ୍ଚାୟତର ୨୫୦୦ ଜଣ ଯୋଜନାରେ ସାମିଲ ହେବା ପାଇଁ ବିଡିଓଙ୍କ ନିକଟରେ ସୋମବାର ଆବେଦନ କରିଥିଲେ। ଏହି ଅବସରରେ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ଜରିଆରେ ଭାଜପା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଆନ୍ଦୋଳନରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ବଲାଙ୍ଗୀର ଏମ୍‌ପିଙ୍କ ସୁବର୍ଣ୍ଣପୁର ଜିଲା ପ୍ରତିନିଧି ଶରତ ଶତପଥୀ, ବରିଷ୍ଠ ନେତା ଶମ୍ଭୁ ପ୍ରସାଦ ନନ୍ଦ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ବିଶି, ରାମେଶ୍ୱର ପଧାନ, ଅଲେଖ ନାଏକ, ସଞ୍ଜୟ ଗୁପ୍ତା, ନବ ଦାସ, ପ୍ରତାପ ବାଗ, ଶ୍ୟାମ ସୁନ୍ଦର ଶତପଥୀ, ନିରଞ୍ଜନ ତ୍ରିପାଠୀ ଓ ସୁରୁବାବୁ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଡିନାମାଇଟ, କୀଟନାଶକ ପ୍ରୟୋଗ ଯୋଗୁ ଲୋପପାଉଛି ମତ୍ସ୍ୟସମ୍ପଦ

ବୌଦ୍ଧ,୧୭।୨(ସ୍ୱ.ପ୍ର.)

**ବୌଦ୍ଧ ଜିଲା**

ଓଡିଶାର ଜୀବନରେଖା କୁହାଯାଉଥିବା ମହାନଦୀ ବୌଦ୍ଧ ଜିଲା ଦେଇ ବୋହିଯାଇଛି। ତେବେ ମହାନଦୀରେ ପ୍ରାୟ ସମୟରେ ଡିନାମାଇଟ ଓ କୀଟନାଶକ ଔଷଧ ପକାଇ ମାଛ ମରାଯାଉଛି। ଫଳରେ ମତ୍ସ୍ୟ ସମ୍ପଦ ନଷ୍ଟ ହେବା ସହ ଏହାର ଜଳ ପ୍ରଦୂଷିତ ହେବାରେ ଲାଗିଛି। ଏହାକୁ ନେଇ ପରିବେଶବିତ୍ ଚିନ୍ତା ପ୍ରକଟ କରୁଛନ୍ତ। ଡିସେମ୍ବର, ଜାନୁୟାରୀ ମାସ ଠାରୁ ଆରମ୍ଭ କରି ବର୍ଷାଋତୁରେ ନଦୀପାଣି ଗୋଳିଆ ହେବା ପର୍ଯ୍ୟନ୍ତ ନଦୀରେ ଦିନ ତମାମ ଡିନାମାଇଟ ଓ କୀଟନାଶକ ଔଷଧ ପକାଇ ମାଛ ଓ ଚିଙ୍ଗୁଡି ମରାଯାଉଛି। ଡିନାମାଇଟ ପକାଇବା ଫଳରେ ବଡ ମାଛ ସହିତ ଛୋଟ ଛୋଟ ମାଛ ମରିଯାଉଛି। ଏହାଛଡା ପ୍ରଦୂଷିତ ନଦୀ ପାଣି ବ୍ୟବହାର କରିବା ଫଳରେ ବିଭିନ୍ନ ଚର୍ମ ରୋଗ ହେଉଛି। ନଦୀରେ ମାଛ ବଂଶ ଲୋପ ପାଇଯାଉଥିବାରୁ ମତ୍ସ୍ୟଜୀବୀମାନେ ଏବେ ଜୀବିକା ହରାଇ ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଛନ୍ତି। ଫଳସ୍ୱରୂପ କେହି ନିଜର କୌଳିକ ବୃତ୍ତି ଛାଡି କାମଧନ୍ଦା ପାଇଁ ବାହାରକୁ ଦାଦନ ଖଟିବାକୁ ଯାଉଛି ତ କେହି ମୂଳ ଲାଗି ଚଳୁଛି। ପଡୁଛି। ଜିଲାରେ ମୁଖ୍ୟତଃ କେଉଟ ବା କୈବର୍ତ୍ତ, ଧୀବର, ଗିଙ୍ଗିରା, ଝରା ଆଦି ଜାତି ସମାଜର ଲୋକେ ମାଛ ମାରି ଜୀବିକା ନିର୍ବାହ କରିଥାନ୍ତି। ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ ମାଛ ମାରି ଚଳିଥାନ୍ତି। ପୂର୍ବରୁ ମହାନଦୀରେ ଚିଙ୍ଗୁଡି ସହିତ ରୋହି , ଭାକୁର, ମାଗୁର, ମାଟିରି, ଖଇଙ୍ଗା, ବୁଦ, ଜର୍‌ଡା, କୁକିଆ, ଟେଙ୍ଗିଣି, ଜଲଙ୍ଗ ଆଦି ବିଭିନ୍ନ ପ୍ରଜାତିର ମାଛ ବହୁଳ ଭାବରେ ମିଳୁଥିବା ବେଳେ ଏବେ ସେସବୁ ମାଛ ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି। ସରକାର ମତ୍ସ୍ୟ ସମ୍ପଦର ସୁରକ୍ଷା ଓ ମତ୍ସ୍ୟଜୀବୀଙ୍କ ପାଇଁ ବିଭିନ୍ନ ଯୋଜନା କରିଥିବା ବେଳେ ବୌଦ୍ଧ ଭଳି ଏକ ଅନୁନ୍ନତ ଓ ପଛୁଆ ଜିଲାରେ ଏହା ଠିକ ଭାବେ କାର୍ଯ୍ୟକାରୀ ହେଉ ନ ଥିବାର ଅଭିଯୋଗ ହେଉଛ। ସେହିପରି ନଦୀରେ ମାଛ ମାରିବା ପାଇଁ ଡିନାମାଇଟ ପକାଯାଉଥିବା ବେଳେ ଅନେକ ଅଘଟଣ ଘଟୁଛି । ତଥାପି ପ୍ରଶାସନ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ମତ୍ସ୍ୟଜୀବୀମାନେ ଦାବି କରିଛନ୍ତି।

# ସାର ଗୋଦାମରେ ଚଢ଼ାଉ

**୨୭ଶହ ବସ୍ତା ସାର ଜବତ**

ତରଭା,୧୭।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପ ଜିଲାପାଳ ଡ. ଇପସିତା ପ୍ରିୟଦର୍ଶନୀ ମିଶ୍ରଙ୍କ ନେତୃତ୍ୱରେ ଗଠିତ ଏକ ସ୍କ୍ୱାଡ୍ ଶୁକ୍ରବାର ତରଭାର ମହେଶ ଅଗ୍ରୱାଲଙ୍କ ୩ଟି ସାର ଗୋଦାମ ଉପରେ ଚଢ଼ାଉ କରିଛନ୍ତି। ପୂର୍ବାହ୍ନ ୧୧ଟାରୁ ରାତି ସାଢେ ୮ଟା ପର୍ଯ୍ୟନ୍ତ ଚଢାଉ ଚାଲିଥିଲା। ଚଢାଉ ସମୟରେ ୨୭ ଶହ ବସ୍ତା ସାର ଜବତ ହୋଇଛି। ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ, ସହକାରୀ କୃଷି ଅଧିକାରୀ ନିରୂପମା ଗଣିକ, ବ୍ଲକ କୃଷି ଅଧିକାରୀ ସ୍ମିତା ପଣ୍ଡା, ଭିଏଡବ୍ଲ୍ୟୁ ଜଗଦାନନ୍ଦ ସେଠୀ ପ୍ରମୁଖ ଚଢାଉରେ ସାମିଲ ଥିଲେ। ସାର ବ୍ୟବସାୟୀ ମହେଶଙ୍କ ନୂଆପଡା, କୁମ୍ଭାରପଡା ଓ ମସଜିଦ ପଛପଟ


ସାର ଗୋଦାମରେ ଚଢାଉ ଚାଲିଛି।

ଗୋଦାମରେ ଚଢାଉ କରାଯାଇ ୨୭ ଶହ ବସ୍ତା ସାର ପ୍ରଶାସନ ଜବତ କରିବା ସହ ଗୋଦାମ ସିଲ୍ କରିଛି। ସଂପୃକ୍ତ ସାର ବ୍ୟବସାୟୀଙ୍କୁ କାଗଜପତ୍ର ଦେଖାଇବାକୁ ତିନିଦିନ ସମୟ ଦିଆଯାଇଛି ବୋଲି ସହକାରୀ କୃଷି ଅଧିକାରୀ ଗଣିକ କହିଛନ୍ତି।

# ଡାକମେଳା, ଆର୍ଥିକ ସଚେତନତା କାର୍ଯ୍ୟକ୍ରମ

ଅମରପାଲି,୧୭।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ଶାଖା ଡାକଘରଠାରେ ଶୁକ୍ରବାର ଡାକମେଳା ଓ ଆର୍ଥିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଲୁଡୁରପଙ୍କ ପୋଷ୍ଟମାଷ୍ଟର ଲଳିତ କରଙ୍କ ଅଧ୍ୟକ୍ଷତାରେ ସୋନପୁର ସବ-ଡିଭିଜନାଲ ଇନ୍ସପେକ୍ଟର ବାଳମୁକୁନ୍ଦ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଡାକ ବିଭାଗ ଦ୍ୱାରା ଗ୍ରାହକମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଲୁଡୁରପଙ୍କ ନାଏବ ସରପଞ୍ଚ ମମତା ପଧାନ, ସୋନପୁର ଆଇବିପି ଶାଖା ପରିଚାଳକ କୃଷ୍ଣଚନ୍ଦ୍ର ନାଏକ, ସ୍ୱେଚ୍ଛାସେବୀ ଗୁଣାକାର ପଧାନ, ସୁରେନ୍ଦ୍ର ପଧାନ, ମନୋରଞ୍ଜନ ଦେବ, ଯଜ୍ଞେଶ୍ୱର ମହାକୁର, ସ୍ଥାନୀୟ ୱାର୍ଡ ସଭ୍ୟ ପ୍ରମୋଦ ବେଦୋକ୍ତା ଯୋଗ ଦେଇଥିଲେ। ପୋଷ୍ଟମାଷ୍ଟର କର ବିଭିନ୍ନ ସ୍କିମରେ ସୁଧ, ବୀମା ଆଦି ନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୬ ଗୋଟି ଶାଖା ଡାକଘରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଗଣେଶ କ୍ଷେତି, ସଞ୍ଜୀବ ତ୍ରିପାଠୀ ସହଯୋଗ କରିଥିଲେ। ଶେଷରେ ମନୋଜ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ

ପାଇକମାଲ,୧୭।୨(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ବ୍ଲକ ବରତୁଣ୍ଡା ପଞ୍ଚାୟତର ସୁରୁଙ୍ଗିଦାଦର ଠାରେ ମାସ ଅନୁଷ୍ଠାନ ସହଯୋଗରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ସଡକ ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମାସ ଅନୁଷ୍ଠାନର ସଂଯୋଜକ ଆଦିକନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରଗଡ ଆରଟିଓ କାର୍ଯ୍ୟାଳୟର ଅତିରିକ୍ତ ଏମଭିଆଇ ବିଜୟ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସଡକ ସୁରକ୍ଷାର ନୀତି ନିୟମ ଓ ବ୍ୟବସ୍ଥା ଉପରେ ବୁଝାଇଥିଲେ । ପାଇକମାଲ ଓ ଝାରବନ୍ଧ ବ୍ଲକର ଗଣମାଧ୍ୟମ ପ୍ରତିନିଧି



ସଚେତନତା କାର୍ଯ୍ୟକ୍ରମ।

ବଡ ଶତପଥୀ, ସୁରଥ ସାହୁ, ଧିରେନ ମହାନ୍ତି, ଡିଗ୍ରୀଧର ସାହୁ, ଦୁର୍ଯ୍ୟୋଧନ ପୁଝା, ଅଭୟ ରଣା, ରମେଶ ବାରିକ, ପ୍ରଦିପ ପ୍ରଧାନ, ଦେବେନ୍ଦ୍ର ସାହୁ, କୌଶିକ ସାହୁ, ଜହନ କୁମ୍ଭାର, ସୁରେନ୍ଦ୍ର ମେହେର ପ୍ରମୁଖ ଯୋଗଦେଇ ସଡକ ସୁରକ୍ଷା ଉପରେ ଆଲୋଚନା କରିଥିଲେ ଓ ବିଭିନ୍ନ ପ୍ରଶ୍ନ ଅତିରିକ୍ତ ଏମଭିଆଇ ବିଜୟ କୁମାର ସାହୁଙ୍କୁ ପଚାରି ଥିଲେ। ଦୁର୍ଯ୍ୟୋଧନ ବିଶି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମାସ ସଦସ୍ୟ ରେବତୀ ରାଉତ ଧନ୍ୟବାଦ ଦେଇଥିଲେ।

# ଫେରାର ବିଚାରାଧୀନ କଏଦୀ ଗିରଫ

ମ.ରାମପୁର/ରୁପ୍ରାରୋଡ, ୧୭।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ. ରାମପୁର ସବ୍‌ଜେଲରୁ ଜଣେ ବିଚାରାଧୀନ କଏଦୀ ନର୍ଲା ଥାନା ରୁପ୍ରାରୋଡ ଅଞ୍ଚଳର ବିଶ୍ୱାମିତ୍ର ମାଝି ଗତ ୧୧ ତାରିଖରୁ ଫେରାର ହୋଇଥିଲେ। ଶୁକ୍ରବାର ଫେରାର ବିଚାରାଧୀନ କଏଦୀ ବିଶାମିତ୍ରଙ୍କୁ ନର୍ଲା ପୋଲିସ ଗିରଫ କରିଛି। ଏକ ଘରୋଇ ଗଣ୍ଡଗୋଳ କେସ୍‌ରେ ନର୍ଲା ପୋଲିସ ବିଶାମିତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନିର୍ଯାତନାରେ ଅତିଷ୍ଠ ହୋଇ ପରିବାର ଲୋକେ ଅଭିଯୁକ୍ତଙ୍କ ଜାମିନ ଆବେଦନ କରି ନ ଥିଲେ। ଫଳରେ ସେ ଗତ ଡିସେମ୍ବରରୁ ମ. ରାମପୁର ସବ୍‌ଜେଲରେ ରହୁଥିଲେ। ଫେରାର ହେବାଠାରୁ ନର୍ଲା ପୋଲିସ ଖୋଜାଖୋଜି ଜାରି ରହିଥିଲା। କୌଣସି ସୂତ୍ରରୁ ଖବର ପାଇ ନର୍ଲା ଥାନା ଅଧିକାରୀ ଗଙ୍ଗାଧର ମେହେରଙ୍କ ନେତୃତ୍ୱରେ ଏକ ଟିମ ସକାଳୁ ଟିଆଁପଦର ଗ୍ରାମରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ସେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କୁ ଗିରଫ କରାଯାଇଛି।

# ଡୁମାଲ ଜାତି ଐତିହ୍ୟ, ସଂସ୍କୃତି ନେଇ ଆଲୋଚନାଚକ୍ର


ଉପସ୍ଥିତ ଡୁମାଲ ସମାଜର କର୍ମକର୍ତ୍ତା।

ଅମରପାଲି,୧୭।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଙ୍ଘା ପଞ୍ଚାୟତର ବଡଖମାର ମଠ ପଡିଆଠାରେ ଶୁକ୍ରବାର ଏକ ଦିବସୀୟ ଡୁମାଲ ସମାବେଶ ତଥା ଡୁମାଲ ଜାତି ଐତିହ୍ୟ, ସଂସ୍କୃତି ଓ ଶିକ୍ଷାର ଅଭିବୃଦ୍ଧି ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ପୂର୍ବତନ ରାଜ୍ୟ ଡୁମାଲ ସମାଜ ସଭାପତି କୃତ୍ତିବାସ ପଲିଆ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଦୟାନିଧି ପଧାନ, ଜିଲା ଡୁମାଲ ଯୁବ ପରିଷଦ ସଭାପତି ଅଶ୍ୱିନୀ ମହାକୁର, ମୀନକେତନ ମହାକୁର, ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତୀ ଦନ୍ତା, ଜଟେସିଙ୍ଘା ସରପଞ୍ଚ ବନିତା ପଧାନ, ସଂଗ୍ରାମପୁର ସରପଞ୍ଚ ଅଳକା କର୍ମୀ, ଭୂଷଣ ପାତ୍ର, ଉପେନ୍ଦ୍ର ଥାଟି, ଚିତ୍ତରଞ୍ଜନ ଗଡତିଆ, ଗୋପୀନାଥ ମହାକୁର, ଭୋଲାନାଥ କର୍ମୀ, କଳ୍ପତରୁ ମହାକୁର, କୃଷ୍ଣ ଗାଇଗରିଆ, ସୁଦାମ ଗାଇଗରିଆ ପ୍ରମୁଖ ଯୋଗଦେଇ ଡୁମାଲ ସମାଜକୁ ଶୃଙ୍ଖଳିତ କରିବା ବିଷୟରେ ଆଲୋଚନା କରାଯାଇଥିଲା । ଦୟାସାଗର ମେଣ୍ଡିଲି ସଂଯୋଜନା କରିଥିବା ବେଳେ ଶଙ୍କର୍ଷଣ ଛନ୍ଦ, ସହଦେବ ମହାକୁରଙ୍କ ସମେତ ପଞ୍ଚାୟତ କମିଟି ତଥା ବ୍ଲକର ଅନ୍ୟ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଦେଖାଇଥିବା ବ୍ୟକ୍ତି ବିଶେଷଙ୍କୁ ସମାଜ ତରଫରୁ ସମ୍ମାନିତ କରାଯାଇଥିଲା। ଏଥିରେ ଜିଲାର ବହୁ ଡୁମାଲ ସମାଜର ଲୋକ ଉପସ୍ଥିତ ଥିଲେ ।

# କିରାନା ହୋଲ୍‌ସେଲ୍ ଦୋକାନ ଉପରେ ଚଢ଼ାଉ

ବାଉଁଶୁଣୀ,୧୭।୨(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀ ଛକରେ ଥିବା ବାସୁଦେବ ଅଗ୍ରୱାଲଙ୍କ କିରନା ହୋଲସେଲ୍ ଦୋକାନରେ ଜିଏସ୍‌ଟି ଠକେଇ ନେଇ ଶୁକ୍ରବାର ଚଢାଉ ହୋଇଛି। ସମ୍ବଲପୁର ଜିଏସଟି ବିଭାଗର ୫ ଜଣିଆ ପ୍ରତିନିଧି ଦଳ ଓ ବୌଦ୍ଧ ପୋଲିସ ମିଳିତ ଭାବେ ଏହି ଚଢାଉ କରିଥିଲା। ଚଢାଉ ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଜବତ ହୋଇ ଯାଞ୍ଚ ଚାଲିଛି।

**ଜିଏସ୍‌ଟି ଠକେଇ ଅଭିଯୋଗ**

ଏହି କିରାନା ଦୋକାନ ନାମରେ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ଏହାପରେ ବାଉଁଶୁଣୀ ଅଞ୍ଚଳରେ ଥିବା ଅନେକ ଦୋକାନରେ ଚଢ଼ାଉ ହେବା ସମ୍ଭାବନା ରହିଛି । ଆଜିର ଚଢାଉ ହେବା ଦେଖି ଅନେକ ବ୍ୟବସାୟୀ ଦୋକାନ ବନ୍ଦ କରି ଦେଇଥିବା ଦେଖିବାକୁ ମିଳିଥିଲା।


ଦୋକାନରେ ଚଢାଉ ଚାଲିଛି।

# ଫାଇନାଲରେ ନେପାକ ବ୍ରଦର୍ସ ବିଜୟୀ

ବାଉଁଶୁଣୀ,୧୭।୨(ଡି.ଏନ.ଏ.)

ବୌଦ୍ଧ ବ୍ଲକ ବାଉଁଶୁଣୀ ହାଇସ୍କୁଲ ଖେଳପଡିଆ ଠାରେ ଦ୍ୱିତୀୟ ବାଉଁଶୁଣୀ କ୍ରିକେଟ ଲିଗ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ୩ ଟି ଫର୍ମାଟରେ ହୋଇଥିଲା। ଫାଇନାଲ ମ୍ୟାଚ ନେପାକ ବ୍ରଦର୍ସ ଏବଂ ଲୁସି ପାୱାର ହିଟର୍ ମଧ୍ୟରେ ୧୦ ଓଭର ବିଶିଷ୍ଟ ହୋଇଥିଲା।

ପ୍ରଥମେ ନେପାକ ବ୍ରଦର୍ସ ୧୦ ଓଭରରେ ୧୦୫ ରନ କରିଥିଲେ। ଜବାବରେ ଲୁସିଆ ପାୱାର ହିଟର ଦଳ ୧୦୦ ରନ କରିଥିଲେ। ଦ୍ୱିତୀୟ ଫର୍ମାଟ ୫ ଓଭର ବିଶିଷ୍ଟ ହୋଇଥିଲା। ପ୍ରଥମେ ନେପାକ ବ୍ରଦର୍ସ ବ୍ୟାଟିଂ କରି ୫୧ ରନ କରିଥିଲେ। ଜବାବ ରେ ଲୁସି ପାୱାର ହିଟର ଦଳ ୫୫ ରନ କରି ବିଜୟୀ ହୋଇଥିଲେ। ତୃତୀୟ ଫର୍ମାଟ ୨ ଓଭର ବିଶିଷ୍ଟ ହୋଇଥିଲା। ପ୍ରଥମେ ଲୁସି ପାୱାର ହିଟର ଦଳ ବ୍ୟାଟିଂ କରି ୧୮ ରନ କରିଥିଲେ। ଜବାବରେ ନେପାକ ବ୍ରଦର୍ସ


ମୁଖ୍ୟଅତିଥିଙ୍କ ସହ ବିଜୟୀ ଦଳର ଖେଳାଳି।

ଦଳ ୨୦ ରନ କରି ଫାଇନାଲ ମ୍ୟାଚରେ ବିଜୟୀ ହୋଇଥିଲେ। ସିନ୍ଧୁ ଚିରଗୁଣି, ଖଗେଶ୍ୱର ମେହେର,ସମିର ଭୁକ୍ତା ଖେଳ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ପ୍ରମୋଦ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ‘ମିଶନ ଶକ୍ତି କାଫେ’ : ଏସ୍‌ଏଚ୍‌ଜି ମହିଳାଙ୍କୁ ଜୀବିକା

**ସୁନ୍ଦରଗଡ଼, ୧୭।୨(ଡି.ଏନ୍‌.ଏ.)**

ସୁନ୍ଦରଗଡ଼ ଜିଲାର ବ୍ଲକ ସଦରମହକୁମାଗୁଡ଼ିକୁ ପ୍ରତିଦିନ ବିଭିନ୍ନ କାମରେ ଆସୁଥିବା ଲୋକମାନଙ୍କ ସୁବିଧା ପାଇଁ ସରକାରଙ୍କ ତରଫରୁ ଖୋଲାଯାଇଛି ‘ମିଶନ ଶକ୍ତି କାଫେ’। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଦ୍ୱାରା ପରିଚାଳିତ ଏହି କାଫେରେ ସ୍ୱାସ୍ଥ୍ୟକର ପରିବେଶ ଭିତରେ ଉଚିତ ମୂଲ୍ୟରେ ସକାଳ ଓ ସନ୍ଧ୍ୟା ଜଳଖିଆ ସହିତ ମଧ୍ୟାହ୍ନ ଭୋଜନ ମିଳୁଛି। ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଏବଂ ଓଡ଼ିଶା ଜୀବିକା ମିଶନ ଅଧୀନରେ ଏହି କାର୍ଯ୍ୟ ପରିଚାଳନା କରାଯାଉଛି। ଏଭଳି ଅଣପାରମ୍ପରିକ କାମରେ ମିଶନ ଶକ୍ତିର ମହିଳାଙ୍କୁ ନିୟୋଜିତ କରି ସେମାନଙ୍କ କାର୍ଯ୍ୟ ପରିସରକୁ ବ୍ୟାପକ କରିବା ସହ ଜୀବିକାକୁ ସୁନିଶ୍ଚିତ କରାଯାଉଛି। ଏହି ‘କାଫେ’ ପରିଚାଳନା କରି ଏସ୍‌ଏଚଜି ମହିଳାମାନେ ଭଲ ଦି’ ପଇସା ରୋଜଗାର କରୁଛନ୍ତି। ଆଗରୁ ଆମେ ପାରମ୍ପରିକ କାମରେ ନିୟୋଜିତ ଥିଲୁ। କିନ୍ତୁ ଏବେ ଜିଲା ପ୍ରଶାସନ ସହଯୋଗରେ ମିଶନ ଶକ୍ତି କାଫେ ଚଳାଉଛୁ। ଲୋକମାନଙ୍କ ଚାହିଦା ଅନୁଯାୟୀ ଏଠାରେ ଆମେ ଖାଦ୍ୟ ପ୍ରସ୍ତୁତ କରୁଛୁ। ଘରୋଇ ପରିବେଶ ଭିତରେ ଲୋକମାନେ ଯେମିତି ଭଲ ଖାଦ୍ୟ ପାଇପାରିବେ ତା’ ଉପରେ ଆମେ ଧ୍ୟାନ ଦେଉଛୁ ବୋଲି କୁତ୍ରା ବ୍ଲକର ଜଣେ ଏସ୍‌ଏଚଜି ମହିଳା ନିଲିମା କୁଲୁ କହିଛନ୍ତି। ମିଶନ ଶକ୍ତି କାଫେ ପରିଚାଳନା ପାଇଁ ଆମକୁ ଚୟନ କରାଯିବା ପରେ ସୁନ୍ଦରଗଡ଼ରେ ତାଲିମ ଦିଆଯାଇଥିଲା। ‘କାଫେ’କୁ ସଫା ସୁତୁରା ରଖିବା ସହ କିପରି ଖାଦ୍ୟ ପ୍ରସ୍ତୁତ କରାଯିବ ସେନେଇ ଆମେ ପ୍ରଶିକ୍ଷଣ ନେଇଥିଲୁ। ଏବେ ଏହି କାଫେ ପରିଚାଳନା କରି ଆମେ ଭଲ ରୋଜଗାର କରିପାରୁଛୁ ବୋଲି ବିଶ୍ରା ବ୍ଲକର ଆଉ ଜଣେ ଏସ୍‌ଏଚଜି ମହିଳା ମମିନା କୁଜୁର କହିଛନ୍ତି। ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡା ବ୍ଲକରେ ପାଇଲଟ କାର୍ଯ୍ୟକ୍ରମ ଭାବେ ୨୦୨୧ରେ ‘ଉତ୍କଳ କିଚେନ’ ଖୋଲାଯାଇଥିଲା। ଉତ୍କଳ କିଚେନ ପାଇଁ ଓମ୍ଫାଡସି ପାଣ୍ଠିରୁ ଆର୍ଥିକ ସହାୟତା ଦିଆଯାଉଛି। ପରବର୍ତ୍ତି ସମୟରେ ଜିଲାର ଅନ୍ୟ ୧୬ଟି ବ୍ଲକରେ ‘ମିଶନ ଶକ୍ତି କାଫେ’ ଖୋଲାଯାଇଛି। ଏହାର ପରିଚାଳନା ପାଇଁ ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ମିଶନ ଶକ୍ତି କାଫେରେ ସକାଳ ଓ ଅପରାହ୍ନ ଜଳଖିଆ ସହିତ ଦିପହରେ ମଧ୍ୟାହ୍ନ ଭୋଜନ ମିଳୁଛି। ସପ୍ତାହରେ ୬ ଦିନ (ରବିବାରକୁ ଛାଡ଼ି ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି କାଫେ ଖୋଲାରହୁଛି। ଏଠାରେ ଜଳଖିଆରେ ବରା, ଆଳୁଚପ, ଇଡଲି ଆଦି ମିଳୁଥିବା ବେଳେ ମଧ୍ୟାହ୍ନ ଭୋଜନରେ ଭାତ, ଡାଲି, ତରକାରି, ଚିପ୍ସ, ଭଜା, ଶାଗ ସହିତ ଆମିଷ ମଧ୍ୟରେ ମାଛ, ଚିକେନ ଓ ଅଣ୍ଡାରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ମିଳୁଛି। ଅପରାହ୍ନରେ ଚା’, କଫି, ପକ ଓ ସିଙ୍ଗଡ଼ା ଆଦି ତିଆରି କରାଯାଉଛି। ‘ଆଗରୁ ବିଭିନ୍ନ ହୋଟେଲରେ ଖାଉଥିଲି। ହେଲେ ସେଠାରେ ତେଲ ମସଲା ଅଧିକ ବ୍ୟବହାର ହେଉଥିବାରୁ ଦେହ ଖରାପ ହେଉଥିଲା। ଯେବେଠୁ ମିଶନ ଶକ୍ତି କାଫେ ଖୋଲିଲାଣି ସେବେଠୁ ଏଠାରେ ନିୟମିତ ଖାଉଛି। ଖାଇବା ଭଲ ଲାଗୁଛି ବୋଲି ବିଶ୍ରା ବ୍ଲକର ଜଣେ ଯୁବକ ବିଶ୍ୱରଞ୍ଜନ ଦାସ କହିଛନ୍ତି। କାଫେ ପରିଚାଳନା କରୁଥିବା ମହିଳାମାନେ ପରିବେଶକୁ ସଫା ସୁତୁରା ରଖୁଛନ୍ତି। ଫଳରେ ଏଠାରେ ବସି ଖାଇବାକୁ ଭଲ ଲାଗୁଛି। ସେମାନଙ୍କ ବ୍ୟବହାର ଭଲ ହୋଇଥିବାରୁ ଘରେ ବସି ଖାଇବା ଭଳି ଲାଗୁଛି ବୋଲି କୁତ୍ରା ବ୍ଲକର ଜଣେ ଗ୍ରାହକ ମନ୍ଦାକିନୀ ପଟେଲ କହିଛନ୍ତି। ଏହି କାଫେ ପରିଚାଳନା ଲାଗି ମିଶନ ଶକ୍ତିର ମହିଳାଙ୍କୁ ଆବଶ୍ୟକ ତାଲିମ ଦିଆଯାଉଛି। ଖାଦ୍ୟ ପ୍ରସ୍ତୁତି ସହିତ ଗ୍ରାହକମାନଙ୍କୁ କିପରି ସେବା ଯୋଗାଇଦେବେ ସେ ବାବଦରେ ମଧ୍ୟ ପ୍ରଶିକ୍ଷଣ ବେଳେ ଗୁରୁତ୍ୱ ଦିଆଯାଉଛି। ସୁନ୍ଦରଗଡ଼ ଜିଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ସ୍ୱାବଲମ୍ବୀ କରିବାରେ ‘ମିଶନ ଶକ୍ତି କାଫେ’ ବଡ଼ ମାଧ୍ୟମ ପାଲଟିଛି।


ମିଶନ ଶକ୍ତି କାଫେରେ ନିୟୋଜିତ ମହିଳାମାନେ ।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

**ଲହୁଣୀପଡ଼ା, ୧୭।୨(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଦର୍ଜାଂ ପଞ୍ଚାୟତ ଅନ୍ତର୍ଗତ ଦେଓଧର ଗ୍ରାମରେ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ଗ୍ରାମର ବୁଡୁର ଝରାଙ୍କ ସ୍ତ୍ରୀ କୁନ୍ତଳା ଝରା (୪୫) କୌଣସି କାରଣ ଯୋଗୁ ଘର ନିକଟସ୍ଥ ଏକ ଗଛରେ ନିଜ ପିନ୍ଧା ଶାଢ଼ୀ ବେକରେ ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକମାନେ ଦେଖି ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଚାନ୍ଦିପୋଷ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଦେବଗଡ଼, ୧୭।୨(ଡି.ଏନ.ଏ.):** ବାରକୋଟ ବ୍ଲକ ଅନ୍ତର୍ଗତ ରମ୍ଭେଇ ପଞ୍ଚାୟତର ତିଳେଇମାଳ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନିରଞ୍ଜନ ସାହୁ ମୁଖ୍ୟଅତିଥି ଓ ରମ୍ଭେଇ ପଞ୍ଚାୟତର ସମିତି ସଭ୍ୟ ଅରୁଣ କୁମାର ପ୍ରଧାନ, ସୌଭାଗ୍ୟ ନାଏକ, ଘନଶ୍ୟାମ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଆଧୁନିକ ଯୁଗରେ ଡିଜିଟାଲ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବରିଷ୍ଠ ଶିକ୍ଷକ ପୀତବାସ ସାହୁ ଧନ୍ୟବାଦ ଦେଇଥିଲେ।

### ବାଇକ୍ ଆମ୍ବୁଲାନ୍ସ ସେବା ପ୍ରଦାନ ପାଇଁ ଜାତୀୟସ୍ତରୀୟ ସମ୍ମାନ

**ଭାରତୀୟ ସେବା ରତ୍ନ ସମ୍ମାନରେ ସମ୍ମାନିତ ହେଲେ ସୁନ୍ଦରଗଡ଼ର ଦୁଇ ଯୁବ ଉଦ୍ୟୋଗୀ**




**ସୁନ୍ଦରଗଡ଼, ୧୭।୨(ଡି.ଏନ୍‌.ଏ):** ଭାରତୀୟ ସେବାରତ୍ନ ସମ୍ମାନରେ ସମ୍ମାନୀତ ହୋଇଛନ୍ତି ସୁନ୍ଦରଗଡର ଦୁଇ ଯୁବ ଉଦ୍ୟୋଗୀ ଦେବାଶିଷ କବି ଏବଂ ବିଜୟ ବରୁଆ। ମହାରାଷ୍ଟ୍ରର ଅଗ୍ରଣୀ ଅନୁଷ୍ଠାନ ଗ୍ଲୋବାଲ ସ୍କୋଲାର ଫାଉଣ୍ଡେସନ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଗୋଆର ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତଥା ଡା. ବାତ୍ରାସ୍ ହୋମିଓପାଥି କ୍ଲିନିକ୍‌ର ପ୍ରତିଷ୍ଠାତା ଡା. ମୁକେଶ ବାତ୍ରାଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି ସୁନ୍ଦରଗଡ଼ର ଏହି ଦୁଇ ଯୁବ ଉଦ୍ୟୋଗୀ । ସୂଚନାଯୋଗ୍ୟ, ସୁନ୍ଦରଗଡ ଜିଲାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟ ନେଇ ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଗତ ୨୦୨୦ ଡିସେମ୍ବରରୁ ତିନୋଟି ବ୍ଲକ ଗୁରୁଣ୍ଡିଆ, କୋଇଡା ଏବଂ ରାଜଗାଙ୍ଗପୁରରେ ବାଇକ ଆମ୍ବୁଲାନ୍ସ ସେବା ଆରମ୍ଭ କରାଯାଇଥିଲା। ଏହାର ପରିଚାଳନା ଦାୟିତ୍ୱ ସୁନ୍ଦରଗଡର ୟୁନିକ ଟ୍ରାଭେଲ, ମ୍ୟାନେଜମେଣ୍ଟ ଏବଂ ସର୍ଭିସେସ୍‌କୁ ପ୍ରଦାନ କରାଯାଇଥିଲା। ସେବେ ଠାରୁ ଆଜି ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଏହି ସଂସ୍ଥା ସେବା ଯୋଗଇଆସିଛି। ସୁନ୍ଦରଗଡ଼ ଜିଲାରେ ବାଇକ୍ ଆମ୍ବୁଲାନ୍ସ ସେବା ବେଶ୍ ଆଦୃତ ହୋଇପାରିଛି। ଆନ୍ତର୍ଜାତୀୟ ଗଣମାଧମ ସଂସ୍ଥା ବିବିସି ଏବଂ ଏନଡିଟିଭି ସହିତ ସ୍ଥାନୀୟ ଗଣମାଧମରେ ଏହାକୁ ନେଇ ଖବର ପ୍ରସାରଣ ହେଲା ପରେ ବାଇକ୍ ଆମ୍ବୁଲାନ୍ସ ସେବା ଜାତୀୟ ସ୍ତରରେ ଆଦୃତ ଲାଭ କରିଥିଲା। ଏହାପରେ ଏହି ସଂସ୍ଥାକୁ ଚୟନ କରାଯାଇ ଭାତରୀୟ ସେବା ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି । ମାତ୍ର ୨ବର୍ଷ ମଧରେ ଜିଲାର ତିନୋଟି ବ୍ଲକରେ ଥିବା ୯ ଟି ବାଇକ ଆମ୍ବୁଲାନ୍ସ ୭ହଜାରରୁ ଊର୍ଦ୍ଧ୍ୱ ଅପହଞ୍ଚ ଏବଂ ଦୁର୍ଗମ ଅଞ୍ଚଳର ରୋଗୀଙ୍କୁ ସେବା ଯୋଗାଇଛି। ବିଶେଷ ଭାବରେ ଏହି ସେବା ଦ୍ୱାରା ୫୧ ପ୍ରତିଶତ ମହିଳା, ୧୬ ପ୍ରତିଶତ ଶିଶୁ ରୋଗୀ ଏବଂ ୩୨ ପ୍ରତିଶତ ଅନ୍ୟାନ୍ୟ ରୋଗୀ ଉପକୃତ ହୋଇପାରିଛନ୍ତି।

## ମହିଳାଙ୍କୁ ଭୁଜାଲି ଦେଖାଇ ଟଙ୍କା, ମୋବାଇଲ ଲୁଟ

**କୁତ୍ରା, ୧୭।୨(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ରାଏବାହାଲଠାରେ ଭୁଜାଲି ଦେଖାଇ ମୋବାଇଲ ଏବଂ ଟଙ୍କା ଲୁଟ୍ ହୋଇଛି। ଏକ ଫାଇନାନ୍ସ କମ୍ପାନୀର ମହିଳାଙ୍କଠାରୁ ତିନିଜଣ ଦୁର୍ବୃତ୍ତ ଛୁରି ଦେଖାଇ ଟଙ୍କା ଓ ମୋବାଇଲ ଲୁଟି ନେଇଥିବା କୁତ୍ରା ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ଜଣାପଡିଛି ଯେ ଗୁରୁବାର ସନ୍ଧ୍ୟା ସମୟରେ ରାଜଗାଙ୍ଗପୁରସ୍ଥିତ ଲିପଲୋଇଠାରେ ଥିବା ମାଇକ୍ରୋ ଫାଇନାନ୍ସ କମ୍ପାନୀର ସେଲ ନିର୍ବାହୀ ଅଧିକାରୀ ମୁଲା ଲାକଡା (୩୧) ନିଜ ସ୍କୁଟି ଯୋଗେ ଏଲଗାକୁ କଲେକସନରେ ଯାଇ ଟଙ୍କା ନେଇ ଫେରୁଥିଲେ। ରାଏବାହାଲ ବଜରଙ୍ଗବଲି ଛକରେ ୩ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଛୁରି ଦେଖାଇ ପ୍ରଥମେ ତାଙ୍କ ସ୍କୁଟର ଚାବି ଟାଣିନେବା ସହିତ ପାଖରେ ଥିବା କଲେସନ ଟଙ୍କା ୧୯ ହଜାରରୁ ଊର୍ଦ୍ଧ୍ୱ ଲୁଟିନେଇଥିଲେ। ଗୋଟିଏ ମୋବାଇଲ, ଗୋଟିଏ ଡଙ୍ଗଲ, ଏଟିଏମ କାର୍ଡ, ଡ୍ରାଇଭିଙ୍ଗ ଲାଇସେନ୍ସ ପ୍ରଭୃତି ନେଇ ସେଠାରୁ ଚମ୍ପଟ ମାରିଥିଲେ। ପରେ ମହିଳା ଜଣଙ୍କ ତାଙ୍କ ସହଯୋଗୀମାନଙ୍କୁ ଅନ୍ୟ ଏକ ଫୋନରେ ଯୋଗାଯୋଗ କରି ସେମାନେ ଆସିଲା ପରେ ଏହାକୁ ନେଇ ରାତିରେ କୁତ୍ରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହାକୁ ନେଇ କୁତ୍ରା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## କୃଷକ ସାଥୀମାନଙ୍କ ବିଭିନ୍ନ ଦାବି ନେଇ ସ୍ମାରକପତ୍ର



କୃଷକ ସାଥୀମାନଙ୍କ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ଲହୁଣୀପଡା, ୧୭।୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା କୃଷି ପରାମର୍ଶ କେନ୍ଦ୍ରଠାରେ ଗୁରୁବାର ବ୍ଲକର ସମସ୍ତ କୃଷକ ସାଥୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କୃଷକ ସାଥୀ ସଂଘ ଲହୁଣୀପଡ଼ା ବ୍ଲକର ସଭାପତି ଉପେନ୍ଦ୍ର ମହାକୁଡ ସଭା ପରିଚାଳନା କରିଥିଲେ। ଉକ୍ତ ସଭାରେ କୃଷକ ସାଥୀଙ୍କର୍ ବିଭିନ୍ନ ସମସ୍ୟା ଓ ଦାବିକୁ ନେଇ ଆଲୋଚନା ହୋଇଥିଲା। ଏକ ଲିଖିତ ସ୍ମାରକପତ୍ର ସ୍ଥାନୀୟ ଗୋଷ୍ଠୀ କୃଷି ଅଧିକାରୀ ରିଣ୍ଡି ହାଁସଦା ଓ ସହକାରୀ କୃଷି ଅଧିକାରୀ କରୁଣାକାନ୍ତି ଟେଟେଙ୍କୁ ପ୍ରଦାନ କରାଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ କୃଷକ ସାଥୀମାନଙ୍କୁ ସର୍ବନିମ୍ନ ବେତନ, ସାମାଜିକ ସୁରକ୍ଷା, ଅଗ୍ରଣୀ କୃଷକ ସାଥୀ ପରିବର୍ତ୍ତେ କୃଷି କର୍ମଚାରୀ ମାନ୍ୟତା ପ୍ରଦାନ, ସମସ୍ତ କୃଷି ଭିତ୍ତିକ ଉନ୍ନୟନ କାର୍ଯ୍ୟରେ ସ୍ୱେଚ୍ଛାସେବୀ ସଙ୍ଗଠନକୁ ଉଚ୍ଛେଦକରି କୃଷକ ସାଥୀମାନଙ୍କୁ ନିୟୋଜିତ କରିବା, ପରିସଂଖ୍ୟାନ ବିଭାଗର ଅମିନ ଭାବରେ ନିୟୋଜିତ କରିବା, ୨୦୦୬ମସିହାରୁ ନିଯୁକ୍ତ କୃଷକ ସାଥୀମାନଙ୍କୁ ମାଟ୍ରିକରୁ ଊର୍ଦ୍ଧ୍ୱ ଯୋଗ୍ୟତା ଭିତ୍ତିରେ ଅଗ୍ରାଧିକାର ଦିଆଯିବା ପାଇଁ ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି। ରାଜ୍ୟ କୃଷକ ସାଥୀ ସଂଘର ନିର୍ଦ୍ଦେଶକ୍ରମେ ଲହୁଣୀପଡ଼ା ବ୍ଲକର ସମସ୍ତ କୃଷକ ସାଥୀ ଆଗାମୀ ୨୨ ରୁ ୨୫ ପର୍ଯ୍ୟନ୍ତ ରାଜ୍ୟ ବିଧାନସଭା ସମ୍ମୁଖରେ ଧାରଣା ଦେବେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଶଙ୍କର ମାହାନ୍ତ, ସମ୍ପାଦକ ଶାନ୍ତନୁ କୁମାର ମାହାନ୍ତ, ସହସମ୍ପାଦକ ସଦାନନ୍ଦ ମାହାନ୍ତ, ରମେଶ ମାଝୀ, ଭାଗରଥି ନାୟକ, ସରସ୍ୱତୀ ସିଂ ସମେତ ବହୁ କୃଷକ ସାଥି ଉପସ୍ଥିତ ଥିଲେ।

## ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁତ୍ରା, ୧୭।୨ (ଡି.ଏନ୍‌.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗସ୍ଥିତ ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଇଓ ଗୁରୁଚରଣ ସାହୁ, ଜେଏସଡବ୍ଲ୍ୟୁ ଏଚଆର ମୁଖ୍ୟ ଅନୁପମ ମିଶ୍ର, ସ୍ୱରାଜ ରାଉତରାଏ, ଲୋକନାଥ ପ୍ରଧାନ, ଲିମାରୋଜ ଲାକଡା, ଥମାସ ବିଲୁଙ୍ଗ, ମହେନ୍ଦ୍ର ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ମୋ ସ୍କୁଲ ଅଭିଯାନର ସଭାପତି ହେମନ୍ତ କୁମାର ସିଂ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ବିବରଣୀ ପଠନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂ ପରିଚାଳନା କରିଥିଲେ। ପରେ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ ନାଚ ଗୀତ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ମମତା ସ୍ୱାଇଁ, କୁମାରୀ ଜୟପୁରୀଆ, ଗୋପାଳକୃଷ୍ଣ ଦାଶ, ଭିକାରୀ ଦାସ, ରବୀନ୍ଦ୍ର ପଣ୍ଡା, ପ୍ୟାରେଲାଲ ସାହୁ, ବିଜୟ କେରକେଟା, ଉଦିତ ସେଖର ସିଂ, ରବି କମାର ସହଯୋଗ କରିଥିଲେ।


ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ, ୧୭।୨**

ସେକ୍ଟର-୩ ଥାନା ଅନ୍ତର୍ଗତ ଘୋଡାବନ୍ଧ ବସ୍ତିରେ ବାସ କରୁଥିବା ଜଣେ ଯୁବକ ବିଷପିଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକଙ୍କ ନାମ ନିକୋଲାସ କିସପଟ୍ଟା(୨୮) । ସୂଚନାଯୋଗ୍ୟ, ସେକ୍ଟର-୨ ସ୍ଥିତ ଘୋଡାବନ୍ଧ ବସ୍ତିରେ ନିକୋଲାସ ପରିବାର ସହ ବାସ କରନ୍ତି। ଗତ ଦୁଇଦିନ ପୂର୍ବେ ସେ ଗାଁକୁ ସମ୍ପର୍କୀୟ ବନ୍ଧୁଙ୍କ ବାହାଘରିଆ ଯିବାକୁ କହି ଘରୁ ବାହାରି ଥିଲେ। କିନ୍ତୁ ଶୁକ୍ରବାର ସକାଳ ସାଢେ ୧୦ଟାରେ ତାଙ୍କ ଶବ ସେକ୍ଟର-୨ ସ୍ଥିତ ପୁରୁଣା ଦୁର୍ଗାପୂଜା ପଡିଆରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ନିକୋଲାସ ବିଷପିଇ ଏଭଳି ଆତ୍ମହତ୍ୟା କରିଥିବା ମୃତଦେହ ବ୍ୟବଚ୍ଛେଦ ରିପୋଟରୁ ଜଣାପଡ଼ିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶୁକ୍ରବାର ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିଲା।

## ଆଜି ଶିବରାତ୍ରି ମେଳା: ସମସ୍ତ ପ୍ରସ୍ତୁତି ଶେଷ

**ରାଉରକେଲା ଅଫିସ, ୧୭।୨**

ରାଉରକେଲା ପ୍ରସିଦ୍ଧ ବେଦବ୍ୟାସ ପୀଠରେ ଚଳିତବର୍ଷ ମହାଶିବରାତ୍ରୀ ବଡ ଆଡମ୍ବରରେ ପାଳନ ହେବାକୁ ନେଇ ସମସ୍ତ ପ୍ରସ୍ତୁତି ଶେଷ କରାଯାଉଛି। ଏନେଇ ବେଦବ୍ୟାସ ଟ୍ରଷ୍ଟବୋର୍ଡ, ସୁନ୍ଦରଗଡ଼ ଜିଲା ପ୍ରଶାସନ ଓ ରାଉରକେଲା ମହାନଗର ନିଗମ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମହାଶିବରାତ୍ରୀ ଉପଲକ୍ଷେ ବେଦବ୍ୟାସ ପୀଠରେ ଚାଲୁଥିବା ମେଳାକୁ ଚଳିତବର୍ଷ ଆଉ ଗୋଟିଏ ଦିନ ବୃଦ୍ଧି କରାଯାଇଛି। ପ୍ରତିବର୍ଷ ମେଳା ୧୫ ଦିନ ପାଳନ କରାଯାଉଥିବାବେଳେ ଚଳିତବର୍ଷ ୧୬ ଦିନ ପାଳନ କରାଯିବ। ମେଳାରେ ଟ୍ରାଫିକ ପରିଚାଳନା ଓ ଶାନ୍ତିଶୃଙ୍ଖଳା ବଜାଇ ରଖିବା ପାଇଁ ୮ରୁ ୧୦ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ନଦୀକୂଳ ଘାଟ ଓ ମନ୍ଦିର ନିକଟରେ ସ୍ୱତନ୍ତ୍ର ବ୍ୟାରିକେଟର ବ୍ୟବସ୍ଥା କରାଯାଇଛି। ମେଳା ଚାଲିଥିବା ସମୟରେ ମନ୍ଦିରା ଡ୍ୟାମରୁ ପାଣି ବ୍ରାହ୍ମଣୀନଦୀକୁ ନ ଛାଡିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବେଦବ୍ୟାସ ପୀଠରେ ହେବାକୁ ଥିବା ମେଳାରେ ଲୋକମାନଙ୍କ ସୁବିଧା ପାଇଁ ପାନୀୟ ଜଳ ବ୍ୟବସ୍ଥା ୱାଟକୋ ଓ ଆରଏମ୍‌ସିକୁ ଜିଲା ପ୍ରଶାସନ ଦାୟିତ୍ୱ ଦେଇଛି। ମେଳାରେ ଜରୁରୀ କାଳିନ ପରିସ୍ଥିତି ପାଇଁ ସ୍ୱତନ୍ତ୍ର ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଓ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ଏହାସହ ମନ୍ଦିର ଓ ମେଳା ପରିବେଶକୁ ପ୍ରତିଦିନ ସଫା କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ସହରରେ ଥିବା ପ୍ରାୟ ୩୨ଟି ଶୈବପୀଠରେ ସୁନ୍ଦର ଆଲୋକମାଳା ସାଙ୍ଗକୁ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ବ୍ୟବସ୍ଥା ହୋଇଥିବା ଜଣାପଡିଛି।

## ସେଲିବ୍ରିଟି କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନକୁ ନେଇ ପ୍ରସ୍ତୁତି ବୈଠକ

**ରାଉରକେଲା ଅଫିସ, ୧୭।୨**

ରାଉରକେଲା ସ୍ଥିତ ଉତ୍କଳ ଆର୍ଟିଷ୍ଟସ ସଂଘ ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଉରକେଲାରେ ୮ଟି ଦଳକୁ ନେଇ ଫେବୃୟାରୀ ୨୪, ୨୫ ଓ ୨୬ ତାରିଖରେ ସେଲିବ୍ରେଟି ପ୍ରିମିୟର ଲିଗ ନାମରେ ଏକ ନିଆରା କ୍ରିକେଟ ଟୁର୍ନାମେଣ୍ଟ କରିବ। ଯାହାକି ସିଭିଲ ଟାଉନ୍ ସ୍ଥିତ ଲାଇଫ୍ ଲାଇନ୍ ହସ୍ପିଟାଲ ସମ୍ମୁଖ ଏଲ୍‌ଆଇସି କଲୋନୀର ମିନି ଖେଳ ପଡ଼ିଆରେ ଆୟୋଜିତ ହେବ ବୋଲି ଶୁକ୍ରବାର ସଂଘ ପକ୍ଷରୁ ହୋଇଥିବା ପ୍ରସ୍ତୁତି ବୈଠକରେ ସୂଚନା ଦିଆଯାଇଛି। ଏହି ଟୁର୍ନାମେଣ୍ଟରେ ରାଉରକେଲାର ସୁନାମଧନ୍ୟ କଳାକାରଙ୍କ ସହ ଦେଶ ତଥା ରାଜ୍ୟର ସୁନାମଧନ୍ୟ କଳାକାର ମଧ ଭାଗ ନେବେ ବୋଲି ସଂଘର ନିର୍ଦ୍ଦେଶକ ସୁରେଶ ନନ୍ଦ ବୈଠକରେ ସୂଚନା ଦେବା ସହିତ ଅଂଶଗ୍ରହଣ କରିବାକୁ ଯାଉଥିବା ସ୍ଥାନୀୟ କଳାକାରଙ୍କ ଫଟୋ ଫାଇଲ୍ ଉପସ୍ଥାପନା କରିଥିଲେ। ଏହି ବୈଠକରେ ସଂଘର ନିର୍ଦ୍ଦେଶକଙ୍କ ସହିତ ମୋହନ ସାହୁ, ବିଜୟ ନନ୍ଦ, ଅବିନାଶ ମହାପାତ୍ର, ଗଣେଷ କୁମାର ସମ୍ମିଳିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ଆଇଟିଆଇ ଛାତ୍ର ମୃତ

**କୁଆଁରମୁଣ୍ଡା, ୧୭।୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କାଲୋସିହିରିଆ ନିକଟରେ ବାଇକ୍ ସହ ବାଇକ୍ ଦୁର୍ଘଟଣାରେ ଜଣେ ଆଇଟିଆଇ ଛାତ୍ରଙ୍କର ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ମୃତକ ହେଉଛନ୍ତି କୁତ୍ରା ଥାନା ଝାରବେଡାର ଅଙ୍କିତ କିସପଟ୍ଟା(୧୭)। ଅଙ୍କିତ କୁଆଁରମୁଣ୍ଡା ଡ଼ନବୋସ୍କୋ ସ୍କୁଲର ଆଇଟିଆଇ ଛାତ୍ର ବୋଲି ସୂଚନାରୁ ଜଣାପଡିଛି। ଉକ୍ତ ଦୁର୍ଘଟଣା ଚଳିତ ମାସ ୭ ତାରିଖ ରାତି ପ୍ରାୟ ସାଢ଼େ ୯ଟାରେ ହୋଇଥିଲା ବେଳେ ୨ଜଣ ଗୁରୁତରଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା। ଏନେଇ ଶୁକ୍ରବାର ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଜାରି ରଖିଛି।

## ଏନ୍‌ଟିପିସି ଦର୍ଲିପାଲିର ୧୦ମ ପ୍ରତିଷ୍ଠା ଦିବସ ପାଳିତ

**ସୁନ୍ଦରଗଡ, ୧୭।୨ (ଡି.ଏନ୍‌.ଏ)**

ଏନ୍‌ଟିପିସି ଦର୍ଲିପାଲିର ୧୦ମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ଲାଣ୍ଟ ପରିସରରେ ଆୟୋଜିତ ସମାରୋହରେ ପ୍ରକଳ୍ପର ଚିଫ୍ ଜେନେରାଲ ମ୍ୟାନେଜର ଅଜୟ କୁମାର ଟଣ୍ଡନ ପତାକା ଉତ୍ତୋଳନ କରି ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ କେକ୍ କାଟିଥିଲେ। ଏହି ଅବସରରେ ଚିଫ୍ ଜେନେରାଲ ମ୍ୟାନେଜର ଟଣ୍ଡନ ଉପସ୍ଥିତ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଜନକଲ୍ୟାଣକାରୀ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏନ୍‌ଟିପିସି ଦର୍ଲିପାଲିର ଉତ୍ପାଦନ ବୃଦ୍ଧି ଦିଗରେ ପ୍ରକଳ୍ପର ଅଧିକାରୀ ଓ କର୍ମଚାରୀମାନଙ୍କର ସହଯୋଗକୁ ପ୍ରଶଂସା କରିବା ସହ ଏହି ଉତ୍ସାହର ଧାରା ବଜାୟ ରଖି ଉତ୍ପାଦନ ଅଭିବୃଦ୍ଧି ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ନିଷ୍ଠାପର କାର୍ଯ୍ୟ ପାଇଁ ପ୍ରକଳ୍ପର ୬ଜଣ କର୍ମଚାରୀଙ୍କୁ ପାୱାର ଏକ୍ସେଲ ପୁରସ୍କାରରେ ସମ୍ମାନିତ କରିଥିଲେ। ଏଥିସହିତ ବାଲଭାରତୀ ପବ୍ଲିକ ସ୍କୁଲର କୃତୀ ପ୍ରତିଯୋଗୀ ଛାତ୍ରୀଛାତ୍ର ଏବଂ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


ଚିଫ୍ ଜେନେରାଲ ମ୍ୟାନେଜର ଅଜୟ କୁମାର ଟଣ୍ଡନ ପତାକା ଉତ୍ତୋଳନ କରୁଛନ୍ତି।

## ବସ୍ତି ଅଞ୍ଚଳରେ ପାନୀୟଜଳ ସମସ୍ୟା ଉତ୍କଟ

**ବସ୍ତିବାସିନ୍ଦାଙ୍କର ପାନୀୟଜଳ ସମସ୍ୟାକୁ ନେଇ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଚେତାବନୀ**

**ରାଉରକେଲା ଅଫିସ, ୧୭।୨**

ରାଉରକେଲା ସହରର ୬୦ରୁ ଊର୍ଦ୍ଧ୍ୱ ବସ୍ତିରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇଛି। ଫଳରେ ବସ୍ତିବାସିନ୍ଦା ପାନୀୟଜଳ ସମସ୍ୟା ଯୋଗୁ ଉବୁଟୁବୁ ହେଉଛନ୍ତି। ଅନେକ ବସ୍ତିରେ ପାନୀୟଜଳ ଯୋଗାଣ ନିମନ୍ତେ ପାଇପ୍ ବିଛା କାର୍ଯ୍ୟ ସରି ସାରିଥିଲେ ହେଁ ପାଇପ୍‌ଗୁଡିକ ମୁଖ୍ୟ ଜଳସ୍ରୋତରେ ସଂଯୋଗ ହୋଇନି। ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ବସ୍ତିବାସିନ୍ଦା ପ୍ରାୟ ନଳକୂପ ଉପରେ ଭରସା କରି ପାନୀୟଜଳ ଆବଶ୍ୟକତା ପୂରଣ କରୁଛନ୍ତି। ଆସନ୍ନ ପ୍ରାୟ ଗ୍ରୀଷ୍ମଋତୁରେ ଜଳଉତ୍ସ ହ୍ରାସ ପାଇବ ଓ ଜଳହ୍ରାସ ଯୋଗୁ ବସ୍ତିର ନଳକୂପମାନ ମଧ ଅଚଳ ହୋଇଯିବା ଆଶଙ୍କା ରହିଛି। ତେଣୁ ଜିଲା କଂଗ୍ରେସ ଦଳ ରାଉରକେଲାର ପିଏଚ୍‌ଡି ବିଭାଗ ଓ ୱାଟକୋ ବିଭାଗର ବିରୋଧରେ ଗୁରୁବାର ସ୍ୱର ଉତ୍ତୋଳନ କରିଛନ୍ତି। ବସ୍ତିବାସିନ୍ଦାଙ୍କ ପାନୀୟଜଳ ସମସ୍ୟାର ସମାଧାନ ଗ୍ରୀଷ୍ମଋତୁ ପୂର୍ବରୁ କରା ନ ଗଲେ ପିଏଚ୍‌ଡି ଓ ୱାଟକୋ ବିଭାଗ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ପୂର୍ବତନ ରଘୁନାଥପାଲିର କଂଗ୍ରେସ ବିଧାୟକ ପ୍ରାର୍ଥି ପ୍ରଶାନ୍ତ ସେଠୀ ଗଣମାଧମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଉଭୟ ବିଭାଗ ଯଦି ୧୫ ଦିନ ମଧ୍ୟରେ ବସ୍ତି ଅଞ୍ଚଳମାନଙ୍କରେ ଜଳଯୋଗାଣ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ ନ କରନ୍ତି, ଆଗାମୀ ସମୟରେ ରାଉରକେଲାରେ କଂଗ୍ରେସ ଆନ୍ଦୋଳନ କରିବା ସୁନିଶ୍ଚିତ ବୋଲି ଜିଲା କଂଗ୍ରେସ ଦଳର ସଭାପତି ଦେବବ୍ରତ ବିହାରୀ, ଉପସଭାପତି ଉମେଶ ଶରଣ, ପିସିସି ସଦସ୍ୟ ପ୍ରଭାତୀ ମିଶ୍ର, ଉପସଭାପତି ସନ୍ତୋଷ ବିଶ୍ୱାଳ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ପିସିସି ସଦସ୍ୟ ପ୍ରଭାତୀ ମିଶ୍ର, ପିସିସି ସଦସ୍ୟ ଲତା ନାୟକ ଓ ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ରାଉତ ପ୍ରମୁଖ ଉଭୟ ବିଭାଗକୁ ଚେତାବନୀ ଦେଇଛନ୍ତି।



କଂଗ୍ରେସ ଦଳୀୟ ନେତାମାନେ ବସ୍ତି ଅଞ୍ଚଳର ପାନୀୟଜଳ ସମସ୍ୟା ବିଷୟରେ ବିବରଣି ରଖୁଛନ୍ତି।

**ବୃଦ୍ଧଙ୍କ ମୃତଦେହ ଜବତ**

ଟିଟିଲାଗଡ଼,ଡି.ଏନ.ଏ.): ଟିଟିଲାଗଡ଼ ରେଳ ଷ୍ଟେଶନର ୧ ନମ୍ବର ପ୍ଲାଟଫର୍ମ ପ୍ରବେଶ ଦ୍ୱାରରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ବୃଦ୍ଧଙ୍କ ମୃତଦେହ ଜିଆରପି ଜବତ କରିଛି। ଜିଆରପି ସୂଚନା କ୍ରମେ ୧ନମ୍ବର ପ୍ଲାଟଫର୍ମ ଟିକେଟ କାଉଣ୍ଟର ସମ୍ମୁଖରେ ଜଣେ ବୃଦ୍ଧ ଶୋଇଥିଲେ। ହେଲେ ସେ ବହୁ ସମୟ ପର୍ଯ୍ୟନ୍ତ ହଲଚଲ ନହେବାରୁ ରେଳବାଇ ପୋଲିସ ଯାଇ ଦେଖିବା ବେଳକୁ ତାଙ୍କର ମୃତ୍ୟୁ ହୋଇଥିବା ଜଣା ପଡିଥିଲା। ବୃଦ୍ଧଙ୍କ ପରିଚୟ ଜଣାପଡ଼ିନାହିଁ। ଶବକୁ ଟିଟିଲାଗଡ଼ ଡାକ୍ତରଖାନା ଶବାଗାରରେ ରଖାଯାଇଛି।



## ସଂକ୍ଷେପରେ

### ପିପି ଏକାଡେମୀର ଦୁଇ ଛାତ୍ର ନିଖୋଜ




ଛାତ୍ର ଓସିମ୍ ନାଗ । | ଛାତ୍ର ବୈଭବ ବ୍ୟାସ ।

**ବଲାଙ୍ଗୀର ଅଫିସ, ୧୭।୨:** ବଲାଙ୍ଗୀର ପିପି ଏକାଡେମୀର ଦୁଇଜଣ ଛାତ୍ର ନିଖୋଜ ହୋଇଯାଇଥିବା ନେଇ ଶୁକ୍ରବାର ଟାଉନ ଥାନାରେ ଅଭିଯୋଗ ହୋଇଛି। ଘରୁ ସ୍କୁଲ ଯାଉଛୁ କହି ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରୁ ସ୍କୁଲ ବାହାରିଥିବା ଦୁଇ ଛାତ୍ର କଂସାରୀପଡାର ସପ୍ତମ ଶ୍ରେଣୀ ଛାତ୍ର ବୈଭବ ବ୍ୟାସ ଓ ନବମ ଶ୍ରେଣୀ ଛାତ୍ର ଓସିମ୍ ନାଗ ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ବ୍ୟସ୍ତ ହୋଇଥିଲେ। ଗୁରୁବାର ସମେତ ଗତ ୫ଦିନ ହେଲା ଉଭୟ ଛାତ୍ର ସ୍କୁଲରେ ଅନୁପସ୍ଥିତ ରହିଥିବା ପ୍ରଧାନଶିକ୍ଷକ ସିନୁ ସୁନ୍ଦର ପାଢ଼ୀ କହିଛନ୍ତି। ଏହାପରେ ପରିବାର ଲୋକେ ଶୁକ୍ରବାର ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି।

### ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଲୋଇସିଂହା,୧୭।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ମନହୀରା ଗ୍ରାମର ଜଣେ ମହିଳା ତାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ ଓ ଆକ୍ରମଣ କରାଯାଇଥିବା ନେଇ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗର ତିନିଦିନ ବିତିଯାଇଥିଲେ ବି ଅଭିଯୁକ୍ତମାନଙ୍କ ପ୍ରତି ପୋଲିସ କୋହଳ ମନୋଭାବ ପୋଷଣ କରୁଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବୁଧବାର ପୂର୍ବାହ୍ନରେ ଶୋଭକାନ୍ତି ରଣାଙ୍କ ପରିବାର ଲୋକେ ଘରେ ଥିବାବେଳେ ସୁକାନ୍ତ ରଣା, ତାଙ୍କ ସ୍ତ୍ରୀ ଶୁଭାସିନୀ ରଣା, ପୁଅ ଅଭିଷେକ ଓ ମଝିଆ ତାକ ଘରକୁ ବକେୟା ଥିବା ଟଙ୍କା ମାଗିବାକୁ ଆସିଥିଲେ। ୧୪ ହଜାର ଟଙ୍କା ଦେବାବେଳେ ଶୋଭକାନ୍ତିଙ୍କ ପୁଅ ରୋଶନ ପ୍ରମାଣ ରଖିବା ପାଇଁ ମୋବାଇଲରେ ତାହାର ଫଟୋ ଉତ୍ତୋଳନ କରିଥିଲେ । ଏତିକିରେ ସୁକାନ୍ତଙ୍କ ପରିବାର ଲୋକେ ରାଗି ଯାଇ ଗାଳିଗୁଲଜ କରିବା ସହ ରୋଶନଙ୍କୁ ମାରପିଟ କରିଥିଲେ । ରୋଶନଙ୍କୁ ରକ୍ଷା କରିବାକୁ ଯାଇ ତାଙ୍କ ମା' ଶୋଭକାନ୍ତି ଓ ବାପାଙ୍କୁ ବି ଅଭିଯୁକ୍ତମାନେ ପଥରରରେ ଆକ୍ରମଣ କରିଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନା ଆଣିଥିଲେ। ଶୋଭକାନ୍ତିଙ୍କ ଲିଖିତ ଅଭିଯୋଗ ଆଧାରରେ ଏକ ମାମଲା(ନଂ ୩୩/୨୩) ରୁଜୁ ହୋଇଛି। ହେଲେ ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଅଭିଯୋଗ ହୋଇଛି।

### ଜାଗର ମେଳା ପାଇଁ କଳସ ଯାତ୍ରା

**ଦେଓଗାଁ, ୧୭।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସାଗରପାଲି ଓ ସିକୁଆଁରେ ଜାଗରମେଳା ତଥା ଅଷ୍ଟପ୍ରହର ନାମଯଜ୍ଞ ପାଇଁ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗାଁର ଶତାଧିକ ମହିଳା ପୁରୁଷ ଦେଓଗାଁ ଯୋଗୀସାଗରରୁ ପୂର୍ଣ୍ଣ କଳସ ଧାରଣ କରି ଏକ ଶୋଭାଯାତ୍ରାରେ ପ୍ରହର ମଣ୍ଡପଠାରେ ପହଞ୍ଚିବାପରେ ଅଧିବାସ ସମାପନ ହୋଇଥିଲା। ନାମଯଜ୍ଞର କର୍ତ୍ତା ଭାବେ ରମେଶ ସିଂ ପ୍ରଧାନୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ସିକୁଆଁ ସିଦ୍ଧେଶ୍ୱର ବାବା ମନ୍ଦିରରେ ମଧ ଜାଗରମେଳା ଆୟୋଜିତ ହେଉଛି । ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

### ରେଣୁକା ପାତ୍ରଙ୍କ ସ୍ମୃତିରେ ଚକ୍ଷୁ ଚିକିତ୍ସା ଶିବିର

**ଦେଓଗାଁ,୧୭।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସାଗରପାଲି କଲୋନୀ ନିକଟରେ ଶୁକ୍ରବାର ସ୍ୱର୍ଗତା ନାରୀନେତ୍ରୀ ରେଣୁକା ପାତ୍ରଙ୍କ ସ୍ମୃତିରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ନୀଳମଣୀ ଦୀପଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ କୃଷ୍ଣପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ହାତିସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ବଦ୍ରିନାଥ ହୋତା, ଜରାସିଂହା ସମିତି ସଭ୍ୟ ଅମିତ ତ୍ରିପାଠୀ, ବ୍ଲକ କଂଗ୍ରେସ କିଷାନସେଲ ସଭାପତି କୁନା ସାହୁ, ଜନ୍ମେଜୟ ସାହୁ ପ୍ରମୁଖ ଯୋଗଦେଇଥିଲେ। ସୁପ୍ରିମଟାଙ୍କ୍ସ ହସ୍ପିଟାଲ ନେତ୍ର ନିକେତନ ବଲାଙ୍ଗୀର ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ୩୬ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ । ସେଥିମଧ୍ୟରୁ ୧୦ଜଣ ଙ୍କୁ ମାଗଣାରେ ଅସ୍ତ୍ରୋପଚାର ପାଇଁ ନିଆଯାଇଥିଲା ।

# ଜିଲା ସଂସ୍କୃତି ଭବନ ଉଦ୍‌ଘାଟନ ବେଳେ ବିଜେଡି-କଂଗ୍ରେସ ମୁହାଁମୁହିଁ

**ବଲାଙ୍ଗୀର ଅଫିସ, ୧୭।୨**

ବଲାଙ୍ଗୀର କୋଶଳ କଳାମଣ୍ଡଳ ପରିସରରେ ଶୁକ୍ରବାର ଜିଲା ସଂସ୍କୃତି ଭବନ ନବୀକରଣ ଏବଂ ଲୋକାର୍ପଣ ସମାରୋହ ଚାଲିଥିବାବେଳେ ବିଜେଡି ଏବଂ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଥିଲେ। ଅତିଥିଭାବେ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ରୋହିତ ପୂଜାରୀ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ବିଧାୟକ ନରସିଂହ ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲାପାଳ ଚଞ୍ଚଳ ରାଣା, ପୌରାଧ୍ୟକ୍ଷା ଲିକା ସାହୁଙ୍କ ଉପସ୍ଥିତିରେ ଉଭୟ ଦଳର କର୍ମୀ ହାତାହାତି ହୋଇଥିଲେ। ମନ୍ତ୍ରୀ ପୂଜାରୀ ଜିଲା ସଂସ୍କୃତି ଭବନ ଲୋକାର୍ପଣ କଲାପରେ ବଲାଙ୍ଗୀର ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ କେତେଜଣ ଏକ ଦାବିପତ୍ର ଦେଇଥିଲେ। ଉକ୍ତ ଦାବିପତ୍ରରେ ବଲାଙ୍ଗୀର ସହରରେ ଅନେକ ବିକାଶମୂଳକ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଅନୁଦାନ ଦେବା ସତ୍ତ୍ୱେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ନ ହେବାରୁ ପ୍ରକଳ୍ପ କାମ ହେଉନାହିଁ। ତେଣୁ ଏଦିଗରେ ଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଉଦ୍‌ଘାଟିତ ହଲ୍‌ରେ ମନ୍ତ୍ରୀ, ସାଂସଦ, ବିଧାୟକ, ଜିଲାପାଳ ଓ ଅନ୍ୟ ଅତିଥି ବସି କଥା



ନୂଆ ସଂସ୍କୃତି ଭବନଠାରେ ଜିଲାପାଳ, ରାଜ୍ୟ ସଭା ସଦସ୍ୟ, ମନ୍ତ୍ରୀଙ୍କ ଉପସ୍ଥିତିରେ ବିଧାୟକ ଓ ବିଜେଡି ପ୍ରତିପକ୍ଷ ଆଲୋଚନା କରୁଛନ୍ତି।

ହେଉଥିବାବେଳେ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗରେ ମ୍ୟୁନିସିପାଲିଟିର ଦୋମୁହାଁ ନୀତିକୁ ସମାଲୋଚନା କରାଯାଇଥିଲା। ବିଧାୟକ ଘର ଭାଙ୍ଗୁଛନ୍ତି ବୋଲି ପ୍ରଚାର ହେଉଛି। ଘର ରାଜ୍ୟ ସରକାର କି ବିଧାୟକ ଭାଙ୍ଗୁଛନ୍ତି ବୋଲି ବିଧାୟକ ମିଶ୍ର ସେଠାରେ ପ୍ରଶ୍ନ କରିଥିଲେ। ଏହି କଥାକୁ ନେଇ କାଉନସିଲର ମହେନ୍ଦ୍ର ବାଗ ବିଧାୟକ ମିଶ୍ରଙ୍କ ସହ ଯୁକ୍ତି କରିଥିଲେ। ସ୍ଥାନୀୟ ବିଧାୟକ ଏବଂ ଏମ୍‌ପିଙ୍କୁ ନ ଜଣାଇ ତଥା ପୌର ନିର୍ବାହୀ ଅଧିକାରୀଙ୍କ ବିନା ଉପସ୍ଥିତିରେ ଏଲ୍‌ଆର୍‌ସି (ଜମି ପ୍ରମାଣପତ୍ର) ବଣ୍ଟନକୁ ନେଇ ମଧ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି କଥାକୁ ନେଇ କେତେଜଣ କଂଗ୍ରେସ କର୍ମୀ କାଉନସିଲର ବାଗଙ୍କୁ ତାଗିଦ୍ କରିଥିଲେ। ଏହାପରେ ବାଗ୍ ଏବଂ କଂଗ୍ରେସ ଜିଲା ଉପସଭାପତି ମନୀଷ ମିଶ୍ରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ପ୍ରବଳ ହଟ୍ଟଗୋଳ ହେବା ଦେଖି ମନ୍ତ୍ରୀ ପୂଜାରୀ, ରାଜ୍ୟ ସଭା ସଦସ୍ୟ ବିଶି, ବିଧାୟକ ମିଶ୍ର ସେଠାରୁ ଚାଲିଯାଇଥିଲେ।

ଏହାପରେ ହଲ୍ ଭିତରେ ଉଭୟ ବିଜେଡି ଏବଂ କଂଗ୍ରେସ କର୍ମୀମାନେ ପ୍ରବଳ ପାଟିତୁଣ୍ଡ କରିଥିଲେ। ଜିଲାପାଳ ରାଣା ଏବଂ ଏସ୍‌ଡିପିଓ ତୋଫାନ ବାଗ ଉଭୟ ଦଳର କର୍ମୀଙ୍କୁ ବୁଝାଶୁଝା କରୁଥିବା ଦେଖାଯାଇଥିଲା। ତେବେ ସେହି ଠେଲାପେଲା ପରିସ୍ଥିତିରେ ୮ ନମ୍ବର କାଉନସିଲର ନନ୍ଦିନୀ ପୋଢ଼ ଚୁଡି ଭାଙ୍ଗିଯିବାରୁ ହାତରେ କ୍ଷତ ସୃଷ୍ଟି ହୋଇ ରକ୍ତ ବାହାରିଥିବା ସେ ଗଣମାଧ୍ୟମକୁ ଦେଖାଇଥିଲେ। ପରେ ପୌରାଧ୍ୟକ୍ଷା ସାହୁ, କେତେଜଣ କାଉନସିଲର ଏବଂ ବିଜେଡି କର୍ମୀ ଟାଉନ୍ ଥାନାକୁ ଯାଇ କଂଗ୍ରେସ ଦଳ ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୋଗରେ କାଉନସିଲର ପୋଢ଼ଙ୍କୁ ଦୁର୍ବ୍ୟବହାର

**ଜବରଦଖଲ ଉଚ୍ଛେଦ ପ୍ରସଙ୍ଗକୁ ନେଇ ଟଣାଓଟରା**

କରାଯାଇଥିବା ଉଲ୍ଲେଖ କରାଯାଇଛି। ଏହାକୁ କଂଗ୍ରେସର ଗୁଣ୍ଡାଗର୍ଦ୍ଦି ବୋଲି ପୌରାଧ୍ୟକ୍ଷା ସାହୁ ଓ କାଉନସିଲର ପୋଢ଼ କହିଛନ୍ତି। ଘଟଣାକୁ ନେଇ କଂଗ୍ରେସ ଉପସଭାପତି ମନୀଷ ମିଶ୍ର ସଂସ୍କୃତି ଭବନ ଲୋକାର୍ପଣ ବେଳେ ବିଜେଡି କାଉନସିଲର ମହେନ୍ଦ୍ର ବାଗ ଓ ଅନ୍ୟ କେତେଜଣ ବିଧାୟକ ମିଶ୍ରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି ବୋଲି କହିଛନ୍ତି। ତେବେ ଖବରଲେଖା ହେବା ପର୍ଯ୍ୟନ୍ତ କଂଗ୍ରେସ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇନାହିଁ। ଏନେଇ ଏସ୍‌ଡିପିଓ ବାଗଙ୍କୁ ପଚାରିବାରୁ ସମସ୍ତଙ୍କ ଉପସ୍ଥିତିରେ ସବୁ ଘଟିଛି। କିଏ କ'ଣ କହୁଛି ସେନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ପ୍ରସ୍ତାବିତ ମହାରାଣୀ ସାଗର ପ୍ରକଳ୍ପ, ନୂଆ ଜିଲାପାଳ ଅଫିସ ଏବଂ ନୂଆ ସିଭିଲ କୋର୍ଟ ତିଆରି ପାଇଁ ଜବରଦଖଲ ଉଚ୍ଛେଦକୁ ନେଇ ବିଜେଡି ଓ କଂଗ୍ରେସ ମୁହାଁମୁହିଁ ସ୍ଥିତିରେ ରହିଛନ୍ତି। ଜିଲା ପ୍ରଶାସନ ଅନେକ ଥର ଜବରଦଖଲ ଉଚ୍ଛେଦ କରିବାକୁ ଯାଇଥିଲେ ମଧ ପୌର କାଉନସିଲ ଏବଂ ଲୋକଙ୍କ ବିରୋଧ ଯୋଗୁଁ ଉଚ୍ଛେଦ ଟିମ୍ ଫେରି ଆସିଛନ୍ତି।

### ବ୍ଲକସ୍ତରୀୟ ବୈଷୟିକ କମିଟି ବୈଠକ

**ଖପ୍ରାଖୋଲ, ୧୭।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ କୃଷି କାର୍ଯ୍ୟାଳୟ ତାଲିମ ଗୃହଠାରେ ବ୍ଲକସ୍ତରୀୟ ବୈଷୟିକ କମିଟି ବୈଠକ ଶୁକ୍ରବାର ବିଡିଓ ରଶ୍ମିରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟବେକ୍ଷକଭାବେ ପଟଣାଗଡ଼ କୃଷି ଜିଲା ଅଧିକାରୀ ବାବୁଲି ସେଠୀ ଯୋଗଦେଇଥିଲେ। ବ୍ଲକ କୃଷି ଅଧିକାରୀ ସୁଜିତ କୁମାର ଭୋଇ, ସହକାରୀ କୃଷି ଅଧିକାରୀ ରାଜେଶ୍ୱରୀ ଭୋଇ, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ା.ସ୍ୱପ୍ନେଶ୍ୱର ନାଏକ, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ ଉପସ୍ଥିତ ଥିଲେ । ଏହି ଅବସରରେ କୃଷି ଏବଂ ଆନୁସଙ୍ଗିକ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ସମସ୍ତ ବିଭାଗ ସମନ୍ୱୟ ରଖି କାର୍ଯ୍ୟ କଲେ ସରକାରୀ ଯୋଜନା ସଫଳତା ହୋଇ ପାରିବ ବୋଲି ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉଦ୍ୟାନ କୃଷି କର୍ମଚାରୀ ଶେଷଦେବ ମାଝି, ମୃତ୍ତିକା ସଂରକ୍ଷଣ କର୍ମଚାରୀ ଶେଷଦେବ ମେହେର, ଓଏଲଏମ ବିଏଲସି ପ୍ରଶାନ୍ତ ନନ୍ଦ, ସମନ୍ୱିତ କୃଷି କାର୍ଯ୍ୟକ୍ରମ ସଂଯୋଜକ ସୁରେଶ ବେହେରା, ମିଶନ ଶକ୍ତି ବ୍ଲକ ସଂଯୋଜକ ଲକ୍ଷ୍ମୀନାରାୟଣ ବିଶି , ଉମେଶ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ଡେଙ୍ଗ ସ୍କୁଲରେ ବାର୍ଷିକ ଉତ୍ସବ

**ସଇଁତଳା,୧୭।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଅନ୍ତର୍ଗତ ଡେଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୨୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ବିଡିସ ଚନ୍ଦ୍ରମଣି ନାଗ, ସମ୍ମାନୀତ ଅତିଥି ଭାବେ ବିଇଓ ଗୋବର୍ଦ୍ଧନ ଭୋଇ, ଥାନା ଅଧିକାରୀ ଅବନୀ ସାହୁ, ସୁବର୍ଣ୍ଣପୁର ଜିଲା ଜୁନିଅର ରେଡକ୍ରସ ଅଫିସର ରବିନ୍ଦ୍ର ପଶାୟତ, ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ହୋତା, ସହକାରୀ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଗହିର, ସୁହାସିନୀ ମିଶ୍ର, କେରମେଲୀ ହାଇସ୍କୁଲ ପ୍ରଧାନଶିକ୍ଷକ ସରୋଜ ମିଶ୍ର, ସଇଁତଳା ପଞ୍ଚାୟତ ସମିତି ନୋଡାଲ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ମହାପାତ୍ର,



ବାର୍ଷିକ ଉତ୍ସବରେ ଅତିଥିମାନେ।

ବୃନ୍ଦାବତୀ ବାରିକ, ଘୁନସର ହାଇସ୍କୁଲ ପ୍ରଧାନଶିକ୍ଷକ ଅଭିମନ୍ୟୁ ସାହୁ, ବୁଢାବାହାଲ ହାଇସ୍କୁଲ ପ୍ରଧାନଶିକ୍ଷକ ବରୁଣ କୁମାର ସାହୁ, ରତନ ରଣା, ସ୍ଥାନୀୟ ସରପଞ୍ଚ ଇତିଶ୍ରୀ ସାହୁ, ସନ୍ତୋଷିନୀ ମାଝି, ଜେମାମଣି ମଲ୍ଲିକ, ରାଜ୍ୟପୁରସ୍କାରପ୍ରାପ୍ତ ସମାଜସେବୀ ଝସକେତନ ରଣା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣେଷ ଚନ୍ଦ୍ର ରଣା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ରେଣୁକା ସାହୁ ଅତିଥି ପରିଚୟ, ବିବରଣୀ ପାଠ ଶିକ୍ଷକ ଲିଙ୍ଗରାଜ ନନ୍ଦ ପ୍ରଦାନ କରିଥିଲେ। ପୂର୍ବରୁ ଆୟୋଜିତ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ।

### ତୁର୍ଲା ଶିବରାତ୍ରି ମେଳା ପାଇଁ କଳସ ଶୋଭାଯାତ୍ରା

**ଖପ୍ରାଖୋଲ, ୧୭।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ତୁର୍ଲା ଗାଁରେ ୭୪ ତମ ଶିବରାତ୍ରୀ ମେଳା ଶୁକ୍ରବାର ଆରମ୍ଭ ହୋଇଛି। ଏହି ଅବସରରେ ପ୍ରଥମେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂଜା କର୍ତ୍ତାଭାବେ ଶିବଲାଲ ଭୋଇ ସପତ୍ନୀକ ଉପସ୍ଥିତ ଥିଲେ। ଗାଁ ପାଖ ଝରଣାରୁ ପୂର୍ଣ୍ଣ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ ପରେ କଳସ ପୂଜା ଏବଂ ମୂର୍ତ୍ତି ଜୀବନ୍ୟାସ କରାଯାଇଥିଲା । ତିନିଦିନ ଧରି ମେଳା ହେବାକୁ ଥିବା ବେଳେ ପ୍ରତ୍ୟହ ପୂଜା ଓ ରାତ୍ରରେ ମନୋରଞ୍ଜନ କାର୍ଯ୍ୟକ୍ରମ ହେବ। କଳସ ଯାତ୍ରା ଅବସରରେ ପୂଜା କମିଟି ସଭାପତି ବାବୁଲାଲ ଭୋଇ, ସମ୍ପାଦକ ଜ୍ୟୋତି ରଞ୍ଜନ ପଣ୍ଡା, ଛବିଲ ପଧାନ, କୁନୁ ବାରିକ, ଟିକେଶ୍ୱର ବରିହା, ବାବାଜି ଭୁଏ , ପୁରନ୍ଦର ଛତର, ସୁବନ ଶବର, ମୁରଲୀ ଭୁଏ, ଧର୍ମେନ୍ଦ୍ର ଭୋଇ, କରମ ଚାନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଦକ୍ଷତା ବିକାଶ ତାଲିମ ନେଲେ ୱାର୍ଡସଭ୍ୟାସଭ୍ୟ



ତାଲିମ ନେଇଥିବ ୱାର୍ଡ ସଭାସଭ୍ୟମାନେ।

**ଲୋଇସିଂହା,୧୭।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଲ୍ଲୀ ଆଲୋକ ପାଠାଗାରରେ ଜାନୁୟାରୀ ୫ତାରିଖରୁ ଚାଲିଥିବା ପଞ୍ଚାୟତ ପ୍ରତିନିଧିଙ୍କ ଦକ୍ଷତା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ପ୍ରତିଷ୍ଠାନ, ପାନୀୟ ଜଳ ବିଭାଗ ଆନୁକୂଲ୍ୟ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ଆଲୋକ ପାଠାଗାର ସହାୟତାରେ ପଞ୍ଚାୟତ ପ୍ରତିନିଧିମାନଙ୍କ ଦକ୍ଷତା ବକାଶ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଲୋଇସିଂହା ଓ ଆଗଲପୁର ବ୍ଲକର ୪୦ଟି ପଞ୍ଚାୟତର ୪୮୪ ୱାର୍ଡସଭ୍ୟାସଭ୍ୟଙ୍କୁ ୧୪ଟି ଗ୍ରୁପ କରି ତାଲିମ ଦିଆଯାଇଥିଲା । ପ୍ରତି ଗ୍ରୁପକୁ ୩ ଦିନ ଯାଏ ୱାର୍ଡସଭ୍ୟଙ୍କ ଦାୟିତ୍ୱ, ଭୂମିକା ଏବଂ ଗ୍ରାମପଞ୍ଚାୟତ ବିକାଶରେ ସେମାନଙ୍କ ଭାଗିଦାରିତା ସମ୍ପର୍କରେ ତାଲିମଦାତାମାନେ ବୁଝାଇଥିଲେ। ଏହି ଅବସରରେ ପଞ୍ଚାୟତ ପ୍ରତିନିଧିମାନେ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ତତ୍ୱବଧାନରେ ଅନୁଷ୍ଠିତ ଶିବିରରେ ଏସଆଇଆରଡିରୁ ଅମରେନ୍ଦ୍ର ସେଠୀ, ଗୀତାଞ୍ଜଳି ପଧାନ, ଜ୍ୟୋସ୍ନା ନନ୍ଦ, ପ୍ରଜ୍ଞାପରମିତା ସିଂଦେଓ, ବବିତା ପଧାନ, କଳ୍ପନା ଗୁରୁବସନ୍ତ ବିଭାର, ନିତ୍ୟାନନ୍ଦ ସାହୁ ପ୍ରମୁଖ ବିଭିନ୍ନ ଦିବସରେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ବିଧାୟକ ମୁକେଶ ମହାଲିଙ୍ଗଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଶିବିରରେ ଯୋଗଦେଇଥିଲେ ।

# ପାଟଖଣ୍ଡା ନିକଟରେ ନୂତନ ଛତରଦଣ୍ଡ ସମର୍ପଣ

**ଦେଓଗାଁ, ୧୭।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରସିଂହା ପାଟଖଣ୍ଡା ମନ୍ଦିରରେ ପାଟଖଣ୍ଡାଙ୍କ ନୂତନ ଛତରଦଣ୍ଡ ନିର୍ମାଣ କରାଯାଇ ଶୁକ୍ରବାର ସମର୍ପଣ କରାଯାଇଛି। ଦୀର୍ଘ ୪୦ବର୍ଷ ପରେ ଏହି ଛତରଦଣ୍ଡ ନୂତନରୂପେ ନିର୍ମାଣ କରାଯାଇ ଲାଟକପଡା ଲଗାଯାଇ ପୂଜାର୍ଚ୍ଚନା ସହ ସମର୍ପଣ କରାଯାଇଥିଲା। ଛତ୍ରିଆ କିଷନ ଛତ୍ରିଆଙ୍କ ଘରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିଥିଲା। ପରେ ନୂତନ ଛତରଦଣ୍ଡକୁ ପାରମ୍ପରିକ ବାଦ୍ୟ ସହ ୩୨ଦେହୁଲିଙ୍କ ଗହଣରେ ପାଟଖଣ୍ଡା ଓ ବୁଢ଼ିଆଇ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଗ୍ରାମ ପରିକ୍ରମା କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଦେହୁଲି ସନ୍ତୋଷ ଥନାପେତ, ବଡମଲ୍ଲିକ ବୁଡୁ ପଥ୍ରୀମାଲି, ଉଜ୍ଜଳ ଖାଙ୍କର, ଜମିଦାର ସାମନ୍ତ ଦୁର୍ଗା ପ୍ରସାଦ ସିଂଦେଓ, ମଶାଲିଆ ଶ୍ରୀବତ୍ସ ସାହୁ, ଡା. ସରୋଜ କୁମାର ସାହୁ ତଥା ୩୨ଦେହୁଲି ଗଣ ଉପସ୍ଥିତ ଥିଲେ।

## ବଲାଙ୍ଗୀର ଜିଲା ଯୋଜନା କମିଟି ବୈଠକ

# ବଜେଟ୍ ପରେ ଯୋଜନା କମିଟି ବୈଠକ ଅର୍ଥହୀନ

**ବଲାଙ୍ଗୀର ଅଫିସ, ୧୭।୨**

ଦୀର୍ଘ ୪ ବର୍ଷ ପରେ ବଲାଙ୍ଗୀର ଜିଲା ଯୋଜନା କମିଟି ବୈଠକ ସ୍ଥାନୀୟ ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ବଲାଙ୍ଗୀର ଜିଲା ଯୋଜନା କମିଟି ଅଧ୍ୟକ୍ଷ ରୋହିତ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ପାଟଣାଗଡ ବିଧାୟକ ତଥା ଓଡିଶା ବିଧାନସଭା ଉପମୁଖ୍ୟ ସଚେତକ ସରୋଜ କୁମାର ମେହେର, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝି, ଜିଲାପାଳ ଚଞ୍ଚଳ ରାଣା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂଙ୍କ ସମେତ ଜିଲା ଯୋଜନା କମିଟି ସମସ୍ତ ସଦସ୍ୟ ଓ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ବୈଠକ ପ୍ରାରମ୍ଭରୁ କଣ୍ଟାବାଞ୍ଜି ବିଧାୟକ ସାଲୁଜା ଗଭୀର କ୍ଷୋଭ ପ୍ରକାଶ କରିବା ସହ ଜିଲା ପ୍ରଶାସନର ମନମୁଖୀ କାର୍ଯ୍ୟକୁ ସମାଲୋଚନା କରିଥିଲେ। ଦୀର୍ଘ ୪ ବର୍ଷ ଧରି ଯୋଜନା କମିଟି ବୈଠକ ବସି ନ ଥିବାବେଳେ ଜିଲା ତଥା



ଜିଲା ଯୋଜନା କମିଟି ବୈଠକରେ ମଞ୍ଚାସୀନ କମିଟି ସଦସ୍ୟା, ସଦସ୍ୟ।

ରାଜ୍ୟ ସରକାରଙ୍କ ଅନୁଦାନକୁ ଜିଲାପାଳ ମନମୁଖୀ ଖର୍ଚ୍ଚ କରିଥିବା ଅଭିଯୋଗ କରିଥିଲେ। ବିଜୁ କେବିକେ ଭଳି ପୁଣି ଥରେ ଦାଦନ ପ୍ରବଣ ବ୍ଲକଗୁଡିକର ଅନୁଦାନ ଅଂଶକୁ ଅନ୍ୟ ଅଣଦାଦନ ବ୍ଲକକୁ ସ୍ଥାନାନ୍ତର କରିଥିବା ଅଭିଯୋଗ କରିଥିଲେ । ଏ ଦିଗରେ ଅଧ୍ୟକ୍ଷ ପୂଜାରୀ ଦୃଷ୍ଟି ଦେବେ ବୋଲି କହିଥିଲେ। ବିଧାୟକ ମିଶ୍ର ବଲାଙ୍ଗୀରର ବିକାଶ ପାଇଁ ଆସିଥିବା ଅନେକ ଅନୁଦାନ ବିନା ଖର୍ଚ୍ଚରେ ପଡିରହିଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ । ମହାରାଣୀ ସାଗର ପାଇଁ ୨୨ କୋଟି ଟଙ୍କା ଆସି ନିର୍ମାଣକାରୀ ସଂସ୍ଥା ସହ କାର୍ଯ୍ୟାରମ୍ଭ ଚୁକ୍ତି ସରିଥିଲେ ହେଁ ଆଜି ପର୍ଯ୍ୟନ୍ତ କାମ ଆରମ୍ଭ ହୋଇପାରି ନାହିଁ । ଲକ୍ଷ୍ମୀଜୋର ପାଇଁ ୮ କୋଟି, ଗନ୍ଧ୍ରେଲ ଡ୍ୟାମର ସୌନ୍ଦର୍ଯ୍ୟକରଣ, ସିଭିଲ କୋର୍ଟ ଓ ଜିଲାପାଳ କାର୍ଯ୍ୟାଳୟ ପାଇଁ ନୂତନ କୋଠା ନିର୍ମାଣ ପାଇଁ ଅନୁଦାନ ଓ ମଞ୍ଜୁରି ହୋଇଥିଲେ ବି କାମ ହେଉନାହିଁ। ଏସବୁଥିରେ କେତେବେଳେ ସରକାରୀ ଅଧିକାରୀ ତ କେତେବେଳେ ସରକାରୀ ଦଳର ନିର୍ବାଚିତ ପ୍ରତିନିଧିମାନେ ବାଧକ ସାଜୁଛନ୍ତି ବୋଲି କହିଥିଲେ। ଏସବୁ କାମ ଶୀଘ୍ର ଆରମ୍ଭ କରିବା ପାଇଁ ଅଧ୍ୟକ୍ଷ ପୂଝାରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ଏନେଇ ପ୍ରସ୍ତାବ ଗୃହୀତ ହୋଇଥିଲା । ବଜେଟ୍ ପରେ ଯୋଜନା କମିଟି ବୈଠକର ଅର୍ଥ କ'ଣ ବୋଲି ପ୍ରଶ୍ନ କରିଥିଲେ। ୪ ବର୍ଷ ପୂର୍ବେ ଅନୁଷ୍ଠିତ ଜିଲା ଯୋଜନା କମିଟି ବିବରଣୀ ଦୃଢ଼ୀକରଣ କରିବା ପାଇଁ ଆଲୋଚନା ସହ ଆଗାମୀ ବର୍ଷ ପାଇଁ ଜିଲାର ବିକାଶ ଦିଗରେ ଏକ ପୂର୍ଣ୍ଣାଙ୍ଗ ଯୋଜନା ତିଆରି ପାଇଁ ବିଧାୟକ ମିଶ୍ର ପ୍ରସ୍ତାବ ଦେଇଥିଲେ। ଶିଳ୍ପବିହୀନ ବଲାଙ୍ଗୀର ଜିଲାରେ ଟେକ୍ସଟାଇଲ୍ ଉଦ୍ୟୋଗ ସ୍ଥାପନ ସହ ବିଜୟାନନ୍ଦ ଚିନି କଳ ପୁନରୁଦ୍ଧାର, କଣ୍ଟାବାଞ୍ଜିରେ ଥିବା ୭ଶହ ଏକର ଜମିରେ ରେଳ ସମ୍ବନ୍ଧୀୟ ଶିଳ୍ପର ସ୍ଥାପନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା ।

ଏହି ବୈଠକରେ ବିଗତ ଜିଲା ଯୋଜନା କମିଟିରେ ଗ୍ରହଣ କରାଯାଇଥିବା ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇ ଦୃଢ଼ୀକରଣ କରାଯାଇଥିଲା। ଜିଲାରେ ୨୦୨୧-୨୨ ବର୍ଷ ପାଇଁ ବିଭିନ୍ନ ସେକ୍ଟର ନିମନ୍ତେ ପ୍ରସ୍ତାବିତ ୨୯୭୨୯୩.୧୭ ଲକ୍ଷ ଟଙ୍କାର ବାର୍ଷିକ ଯୋଜନା ବୈଠକରେ ଅନୁମୋଦନ କରାଯାଇଥିଲା। ସେହିପରି ୨୦୨୧-୨୨ ଓ ୨୦୨୨-୨୩ ବର୍ଷରେ ବିଜୁ କେବିକେ ଯୋଜନା ଜିଲା ସେକ୍ଟର କାର୍ଯ୍ୟଖସଡା ସମ୍ପର୍କରେ ବୈଠକରେ ସବିଶେଷ ଆଲୋଚନା ହୋଇ ଅନୁମୋଦନ କରାଯାଇଥିଲା। ଜଳସେଚନ, ରାସ୍ତା ସଂଯୋଗୀକରଣ, ଭିତିଭୂମି ବିକାଶ ସମ୍ପର୍କରେ ଆଲୋଚନା କରାଯିବା ସହ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପ ନିମନ୍ତେ ଆବଣ୍ଟିତ ପାଣିର ବିନିଯୋଗ କରାଯାଇ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଜଳସେଚନ, ସ୍ୱାସ୍ଥ୍ୟ ସମସ୍ୟା, ଡାକ୍ତର ପଦବୀ ପୂରଣ ଏବଂ ପର୍ଯ୍ୟଟନ ବୃଦ୍ଧି ଉପରେ ଆଲୋଚନା ହୋଇଥିଲା।

### ବୈଠକ ବର୍ଜନ କଲେ ଲୋଇସିଂହା ବିଧାୟକ

ରାଜ୍ୟର ଆର୍ଥିକ ବଜେଟ କାର୍ଯ୍ୟକାରୀ ହୋଇଛି। ଏହିସମୟରେ ଜିଲାର ଉନ୍ନତି ପାଇଁ ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ଜିଲା ଯୋଜନା କମିଟି ବୈଠକ ମନମୁଖୀ ଭାବେ କରିବା ଏବଂ ଯୋଜନା ଦୃଢ଼ୀକରଣ କରିବାକୁ ଔପଚାରିକ ବୈଠକ ଡକାଯାଇଛି। ଏହା ଜିଲାବାସୀଙ୍କ ପାଇଁ ଏକ ଉପହାସ କହି ବୈଠକକୁ ବର୍ଜନ କରିଛନ୍ତି ଲୋଇସିଂହା ବିଧାୟକ ମୁକେଶ ମହାଲି । ଏ ନେଇ ସେ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କୁ ଚିଠି ଲେଖି ଜଣାଇଥିଲେ। ଏଜେଣ୍ଡା ନୋଟରେ ଜିଲାର କେଉଁ ଆର୍ଥିକ ବର୍ଷର କମ୍ପ୍ରେହେନସିଭ୍ ଜିଲା ପ୍ଲାନ୍‌କୁ ଯୋଜନା କମିଟି ବୈଠକରେ ମଞ୍ଜୁରୀ କରାଯିବ ତାହା ଉଲ୍ଲେଖ ନଥିବା ଚିଠିରେ କହିଛନ୍ତି। ନିର୍ବାଚିତ ବିଧାୟକଙ୍କୁ ଉଚିତ୍ ସମ୍ମାନ ଓ ସୂଚନା ଦେଉନଥିବାରୁ ସେ ଏହି ବୈଠକ ବର୍ଜନ କରିଥିବା ସୂଚନା ଦେଇଛନ୍ତି। ଏହାକୁ ସେ ଜିଲା କମିଟି ବୈଠକ ପ୍ରୋସିଡିଂରେ ଲିପିବଦ୍ଧ କରିବାକୁ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ଅପରାଧ ନିୟନ୍ତ୍ରଣକୁ ଗୁରୁତ୍ୱ

**ଅମ୍ବାଭୋନା,୧୭।୨(ଡି.ଏନ.ଏ):** ବରଗଡ଼ ଜିଲା ଅମ୍ବାଭୋନା ଥାନାରେ ଶୁକ୍ରବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ବି.ସି ସାହିସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଗୁନାରୁ ପ୍ରଧାନ, ସତ୍ରାଜିତ ସାହୁ, ପ୍ରଫୁଲ୍ଲ ପ୍ରଧାନ, ପ୍ରହଲ୍ଲାଦ ଖମାରୀ, ଗୌରୀଶଙ୍କର ଅଗ୍ରୱାଲ, ଡୋଲାମଣି ପଟେଲ, ରଘୁନାଥ ପଟେଲଙ୍କ ସମେତ ଅନେକ ଗ୍ରାମବାସୀ ଯୋଗଦାନ କରିଥିଲେ । ଅମ୍ବାଭୋନା ଅଞ୍ଚଳରେ ଚାଲିଥିବା କଫ ସିରପ୍, ନିଶା ବଟିକା, ଚୋରାମଦ କାରବାର ରୋକିବା ଦିଗରେ ବିହିତ ପଦକ୍ଷେପ ନେବାକୁ ସେମାନେ ଥାନା ଅଧିକାରୀଙ୍କୁ ନିବେଦନ କରିଥିଲେ। ସେହିପରି ପ୍ରକାଶପୁର-ଭୁକ୍ତାରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା ଏବଂ ଡୁଙ୍ଗୁରୀ ପୋଲିସ ଫାଣ୍ଡିରେ ଜଣେ ଏଏସଆଇଙ୍କୁ ନିଯୁକ୍ତ କରିବାକୁ ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସୀମାନ୍ତ ଅଞ୍ଚଳରେ ଅଜଣା ଲୋକଙ୍କ ଗତିବିଧି ପ୍ରତି ନଜର୍ ରଖିବା ଏବଂ ପୋଲିସ ପେଟ୍ରୋଲିଂ କଡ଼ାକଡ଼ି କରିବାକୁ ମଧ୍ୟ ଗ୍ରାମବାସୀ ଦାବି କରିଥିଲେ ।

### ଆଡଭୋକେଟ୍‌ଙ୍କ ପରଲୋକ

**ବରଗଡ଼ ଅଫିସ୍,୧୭।୨:** ବରଗଡ଼ର ବରିଷ୍ଠ ଆଡ଼ଭୋକେଟ୍ ମନୋରଞ୍ଜନ ସାହୁଙ୍କ ଶୁକ୍ରବାର ସକାଳେ ପରଲୋକ ହୋଇଛି। ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଥିବାବେଳେ ତାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁବେଳକୁ ତାଙ୍କୁ ୭୦ବର୍ଷ ହେଉଥିଲା। ତାଙ୍କ ପରଲୋକରେ ଗଭୀର ଶୋକପ୍ରକାଶ ପାଇଛି। ବରଗଡ଼ ଜିଲା ଓକିଲ ସଂଘ ସେମିନାର ହଲରେ ଏକ ଶୋକସଭା ହୋଇଥିଲା । ସଂଘର ସଭାପତି ହେମନ୍ତ କୁମାର ପୁରୋହିତ, ସମ୍ପାଦକ ହରିହର ପ୍ରଧାନ, ସଦସ୍ୟ ଶୈଳେନ୍ଦ୍ର ବିଶ୍ୱାଳ, ଗୁରୁଦେବ ପତି ପ୍ରମୁଖ ଶୋକସଭାରେ ଉପସ୍ଥିତ ରହି ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ।

### ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଲୋଇସିଂହା,୧୭।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ମନହୀରା ଗ୍ରାମର ଜଣେ ମହିଳା ତାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ ଓ ଆକ୍ରମଣ କରାଯାଇଥିବା ନେଇ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗର ତିନିଦିନ ବିତିଯାଇଥିଲେ ବି ଅଭିଯୁକ୍ତମାନଙ୍କ ପ୍ରତି ପୋଲିସ କୋହଳ ମନୋଭାବ ପୋଷଣ କରୁଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବୁଧବାର ପୂର୍ବାହ୍ନରେ ଶୋଭକାନ୍ତି ରଣାଙ୍କ ପରିବାର ଲୋକେ ଘରେ ଥିବାବେଳେ ସୁକାନ୍ତ ରଣା, ତାଙ୍କ ସ୍ତ୍ରୀ ଶୁଭାସିନୀ ରଣା, ପୁଅ ଅଭିଷେକ ଓ ମଝିଆ ତାକ ଘରକୁ ବକେୟା ଥିବା ଟଙ୍କା ମାଗିବାକୁ ଆସିଥିଲେ। ୧୪ ହଜାର ଟଙ୍କା ଦେବାବେଳେ ଶୋଭକାନ୍ତିଙ୍କ ପୁଅ ରୋଶନ ପ୍ରମାଣ ରଖିବା ପାଇଁ ମୋବାଇଲରେ ତାହାର ଫଟୋ ଉତ୍ତୋଳନ କରିଥିଲେ । ଏତିକିରେ ସୁକାନ୍ତଙ୍କ ପରିବାର ଲୋକେ ରାଗି ଯାଇ ଗାଳିଗୁଲଜ କରିବା ସହ ରୋଶନଙ୍କୁ ମାରପିଟ କରିଥିଲେ । ରୋଶନଙ୍କୁ ରକ୍ଷା କରିବାକୁ ଯାଇ ତାଙ୍କ ମା' ଶୋଭକାନ୍ତି ଓ ବାପାଙ୍କୁ ବି ଅଭିଯୁକ୍ତମାନେ ପଥରରରେ ଆକ୍ରମଣ କରିଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନା ଆଣିଥିଲେ। ଶୋଭକାନ୍ତିଙ୍କ ଲିଖିତ ଅଭିଯୋଗ ଆଧାରରେ ଏକ ମାମଲା(ନଂ ୩୩/୨୩) ରୁଜୁ ହୋଇଛି। ହେଲେ ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଅଭିଯୋଗ ହୋଇଛି।

# ସମବାୟ ସମିତି ଖୋଲିବା ଦାବି, ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୧୭।୨**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଫିରିଙ୍ଗିମାଲ ଗ୍ରାମରେ ପ୍ରାଥମିକ କୃଷି ସମବାୟ ସମିତି ଖୋଲିବାକୁ ଚାଷୀମାନେ ଦାବିକରିଛନ୍ତି। ଏହିଦାବିନେଇ ଚାଷୀମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଶୁକ୍ରବାର ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେମାନେ ଉଲ୍ଲେଖ କରିଛନ୍ତି, ପୂର୍ବରୁ ଫିରିଙ୍ଗିମାଲରେ ସେବା ସମବାୟ ସମିତି ରହିଥିଲା। ମାତ୍ର ତାହା ପରବର୍ତ୍ତୀ ସମୟରେ କଠଉମାଲକୁ ସ୍ଥାନାନ୍ତର ହୋଇଥିଲା। ଫିରିଙ୍ଗିମାଲ ଗ୍ରାମରୁ କଠଉମାଲକୁ ୮ରୁ ୧୨ କି.ମି ଦୂର ପଡୁଛି। ସେହିପରି କୌଣସି କାମ ପାଇଁ ସେଠାକୁ ଗଲେ ତାହା ସହଜରେ ହେଉନାହିଁ ଏବଂ ସେଥିପାଇଁ ୪ରୁ ୫ଦିନ ଧାଁଧପଡ଼ ହେବାକୁ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି। ଫିରିଙ୍ଗିମାଲ ପଞ୍ଚାୟତ ଅଧୀନରେ ଫିରିଙ୍ଗିମାଲ, ଛିନ୍ଦ୍ରାପାଲି, ଘଡ଼ଘଡ଼ିମାଲ, ସତ୍ରିପାଣି, କଣ୍ଟାଝୁଡ଼ା, ନଟବରପୁର, ବାବେବାହାଲ, ମଇଧାନୁମୁଣ୍ଡା, ଖାଙ୍କରମୁଣ୍ଡା, ସହରାଟିକ୍ରା ଆଦି ଗ୍ରାମ ରହିଛି। ତେବେ ଏବେ ମଧ୍ୟ ଫିରିଙ୍ଗିମାଲ ଗ୍ରାମରେ ସମବାୟ ସମିତିର ଗୋଦାମ ଗୃହ ରହିଛି। ଏହି ଦୃଷ୍ଟିରୁ ପୂର୍ବରୁ ଫିରିଙ୍ଗିମାଲ ଗ୍ରାମର ଯେଉଁ ସ୍ଥାନରେ ସେବା ସମବାୟ ସମିତି ରହିଥିଲା ସେହି ସ୍ଥାନରେ ପୁଣି ପ୍ରାଥମିକ କୃଷି ସମବାୟ ସମିତି ଖୋଲିବାକୁ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ମୋହନ ସିଂ ବରିହା, ଅମିନ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଉପରୋକ୍ତ ଦାବି ନେଇ ଚାଷୀମାନେ ଜିଲାପାଳ ଅଫିସକୁ ଆସିଥିଲେ।



ସମବାୟ ସମିତି ଖୋଲିବା ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ।

# ହତ୍ୟା ଅଭିଯୁକ୍ତଙ୍କ ମୃତଦେହ ଜବତ

**ପାଇକମାଲ,୧୭।୨(ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଲ ଥାନା ଅନ୍ତର୍ଗତ ଜର୍ଜଗଡ଼ ନାଳା ପାଖରେ ଗୁରୁବାର ଯୁବତୀ ହତ୍ୟା ଘଟଣାର ଅଭିଯୁକ୍ତ ନିଲାଥର ଗ୍ରାମର ଇନ୍ଦ୍ରଜିତ ଧରୁଆ(୨୬)ଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ତାଙ୍କ ଗ୍ରାମ ନିକଟ ଏକ ମହୁଲ ଗଛରୁ ଉଦ୍ଧାର କରାଯାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନଥିଲେ ହେଁ ପୋଲିସ କାର୍ଯାନୁଷ୍ଠାନ ଭୟରେ ସେ ଆତ୍ମହତ୍ୟା କରିଥିବା ନେଇ ଅନୁମାନ କରାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଡାକ୍ତରଖାନାକୁ ପଠାଇଛି। ଗୁରୁବାର ସକାଳ ପ୍ରାୟ ୯ଟାରେ ଜର୍ଜଗଡ଼ ନିବାସୀ ନମିତା ସତନାମୀ(୨୧) ତାଙ୍କ ଭଉଣୀ ସରୋଜିନୀ(୧୮)ଙ୍କ ସହିତ ନିକଟସ୍ଥ ନାଳାକୁ ଗାଧୋଇବାକୁ ଯାଇଥିଲେ । ଗାଧୋଇବା ପୂର୍ବରୁ ନମିତା ଶୌଚକାର୍ଯ୍ୟ ପାଇଁ ନାଳା ଆରପଟକୁ ଯାଇଥିଲେ। ତେବେ ସେଠାରେ ମୃତ ଅଭିଯୁକ୍ତ ଇନ୍ଦ୍ରଜିତ ନମିତାଙ୍କୁ ଗଳାକାଟି ହତ୍ୟା କରୁଥିବା ସମୟରେ ନମିତାଙ୍କ ଚିତ୍କାର ଶୁଣି ସରୋଜିନୀ ସେଠାକୁ ଧାଇଁଥିଲେ ଏବଂ ପ୍ରତିରୋଧ କରିଥିଲେ। ଏହାପରେ ଅଭିଯୁକ୍ତ ସରୋଜିନୀଙ୍କୁ ମଧ୍ୟ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଥିଲେ। ସରୋଜିନୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାକୁ ଯାଇଥିଲେ ଏବଂ ସରୋଜିନୀଙ୍କଠାରୁ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ମାତ୍ର ସେତେବେଳକୁ ନମିତାଙ୍କ ମୃତ୍ୟୁ ହୋଇସାରି ଥିବାବେଳେ ସରୋଜିନୀଙ୍କୁ ଚିକିତ୍ସା ପାଇଁ ପାଇକମାଲ ଡାକ୍ତରଖାନାକୁ ଅଣାଯାଇଥିଲା। ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଧରପଗଡ଼ ଚଳାଇଥିଲେ ସୁଦ୍ଧା ତାଙ୍କୁ ଧରି ପାରି ନଥିଲା। ଅନ୍ୟପକ୍ଷେ ଶୁକ୍ରବାର ପୋଲିସ ଗଛରୁ ତାଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲା।

# ବିକାଶରେ ସଫଳ ପରୀକ୍ଷା ଉଦ୍‌ଯାପିତ

**ବରଗଡ଼ ଅଫିସ୍,୧୭।୨**

ବରଗଡ଼ର ବିକାଶ ଆବାସିକ ବିଦ୍ୟାଳୟରେ ସରକାରୀ ସଫଳ ପରୀକ୍ଷା ସଫଳତା ପୂର୍ବକ ସମ୍ପନ୍ନ ହୋଇଯାଇଛି। ଏହି ପରୀକ୍ଷା ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଅନୁଷ୍ଠିତ ହୋଇଥିଲା। ବିକାଶ ଆବାସିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢୁଥିବା ପ୍ରାୟ ୬୯ଜଣ ଛାତ୍ରୀଛାତ୍ର ୨ଟି ପର୍ଯ୍ୟାୟରେ ପରିବେଶ ବିଜ୍ଞାନ ବିଷୟ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଉକ୍ତ ଦକ୍ଷତା ପରୀକ୍ଷା ଅନଲାଇନ ମାଧ୍ୟମରେ କରାଯାଇଥିଲା। ଏହି ଦକ୍ଷତା ପରୀକ୍ଷାକୁ ନେଇ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଛାତ୍ରୀଛାତ୍ରଙ୍କୁ ଶୁଭକାମନା ଜଣାଇଥିଲେ।



ବିକାଶରେ ଚାଲିଥିବା ସଫଳ ପରୀକ୍ଷାରେ ପରୀକ୍ଷାର୍ଥୀମାନେ।

# ବ୍ଲକସ୍ତରୀୟ ବୈଷୟିକ କମିଟି ବୈଠକ

**ଖପ୍ରାଖୋଲ, ୧୭।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ କୃଷି କାର୍ଯ୍ୟାଳୟ ତାଲିମ ଗୃହଠାରେ ବ୍ଲକସ୍ତରୀୟ ବୈଷୟିକ କମିଟି ବୈଠକ ଶୁକ୍ରବାର ବିଡିଓ ରଶ୍ମିରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟବେକ୍ଷକଭାବେ ପଟଣାଗଡ଼ କୃଷି ଜିଲା ଅଧିକାରୀ ବାବୁଲି ସେଠୀ ଯୋଗଦେଇଥିଲେ। ବ୍ଲକ କୃଷି ଅଧିକାରୀ ସୁଜିତ କୁମାର ଭୋଇ, ସହକାରୀ କୃଷି ଅଧିକାରୀ ରାଜେଶ୍ୱରୀ ଭୋଇ, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ା.ସ୍ୱପ୍ନେଶ୍ୱର ନାଏକ, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ ଉପସ୍ଥିତ ଥିଲେ । ଏହି ଅବସରରେ କୃଷି ଏବଂ ଆନୁସଙ୍ଗିକ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ସମସ୍ତ ବିଭାଗ ସମନ୍ୱୟ ରଖି କାର୍ଯ୍ୟ କଲେ ସରକାରୀ ଯୋଜନା ସଫଳତା ହୋଇ ପାରିବ ବୋଲି ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉଦ୍ୟାନ କୃଷି କର୍ମଚାରୀ ଶେଷଦେବ ମାଝି, ମୃତ୍ତିକା ସଂରକ୍ଷଣ କର୍ମଚାରୀ ଶେଷଦେବ ମେହେର, ଓଏଲଏମ ବିଏଲସି ପ୍ରଶାନ୍ତ ନନ୍ଦ, ସମନ୍ୱିତ କୃଷି କାର୍ଯ୍ୟକ୍ରମ ସଂଯୋଜକ ସୁରେଶ ବେହେରା, ମିଶନ ଶକ୍ତି ବ୍ଲକ ସଂଯୋଜକ ଲକ୍ଷ୍ମୀନାରାୟଣ ବିଶି , ଉମେଶ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ୧୧୦ ଏସ୍‌ଏଚ୍‌ଜିଙ୍କୁ ୩.୮୧ କୋଟି ଋଣ

**ବରଗଡ଼ ଅଫିସ୍,୧୭।୨**

ବରଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ମିଶନ ଶକ୍ତି ଋଣମେଳା ଅନୁଷ୍ଠିତ ହୋଇ ଯାଇଛି। ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ଯୁଧିଷ୍ଠିର ମେହେର, ମିଶନ ଶକ୍ତିର ପ୍ରକଳ୍ପ ସଂଯୋଜିକା ଶର୍ମିଷ୍ଠା ସ୍ୱାଇଁ, ସିଡ଼ିପିଓ ପାର୍ବତୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବ୍ଲକର ୧୧୦ ସ୍ୱୟଂ ସହାୟିକା ଗୋଷ୍ଠି(ଏସଏଚଜି)କୁ ୩କୋଟି ୮୧ଲକ୍ଷ ୧ହଜାର ୩୧୦ ଟଙ୍କା ଋଣ ପ୍ରଦାନ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ଏସଏଚଜି ଗ୍ରୁପ୍‌ର ଶତାଧିକ ସଭ୍ୟା ଉପସ୍ଥିତ ଥିଲେ ।

# ମହାରାଜା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ସୋନପୁର,୧୭।୨(ନି.ପ୍ର.)**

ସୋନପୁର ମହାରାଜା ଉଚ୍ଚ ବିଦ୍ୟାଳୟର ୧୯୬୩-୬୫ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରୀଛାତ୍ରମାନଙ୍କ ବନ୍ଧୁମିଳନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଛନ୍‌ଛାନ୍ ଡୁଙ୍ଗୁରିଠାରେ ଥିବା ଯୋଗ ବିହାରରେ ବିଦ୍ୟାଳୟର ପୁରାତନ ଛାତ୍ର ସଂଘର ସଭାପତି ଗୋରେଖନାଥ ସାହୁଙ୍କ ଆହ୍ୱାନକ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରମାନେ ନିଜ ବିଦ୍ୟାଳୟ ଜୀବନର ଅଭୁଲା ସ୍ମୃତି ମନେ ପକାଇ ଭାବ ବିନିମୟ କରିଥିଲେ । ପ୍ରହ୍ଲାଦ ରାୟ ଅଗ୍ରୱାଲ, ଶ୍ରୀନିବାସ ଆଚାର୍ଯ୍ୟ, ବାଳମୁକୁନ୍ଦ ପଣ୍ଡା, ନାରାୟଣ ପ୍ରସାଦ ରାୟଗୁରୁ, ସତ୍ୟ ନାରାୟଣ ତ୍ରିପାଠୀ, ବଳରାମ ପଣ୍ଡା, ମଧୁସୂଦନ ପୂଜାହାରୀ, ହଳଧର ଶତପଥୀ, ବିଘ୍ନରାଜ ପାଣ୍ଡିଆ, ହୃଷୀକେଶ ଦାଶ, ଶ୍ୟାମସୁନ୍ଦର ଅଗ୍ରୱାଲ, ବୋଧରାମ ତରିଆ, ବ୍ରହ୍ମାନନ୍ଦ ମେହେର ଓ ରଘୁନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ସହପାଠୀ ବୃନ୍ଦ ।

# ସାଇବର ଅପରାଧ ରୋକିବାକୁ ଗୁରୁତ୍ୱ



ଖରମୁଣ୍ଡାରେ ଅନୁଷ୍ଠିତ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ।

**ସରଣ୍ଡା,୧୭।୨(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଥାନା ଖରମୁଣ୍ଡା ପଞ୍ଚାୟତ ଅଫିସ ପରିସରରେ ଶୁକ୍ରବାର ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସାଇବର ଅପରାଧ ରୋକିବାକୁ ଗୁରୁତ୍ୱ ଦିଆଯାଇଥିଲା। ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ଏହା ସହିତ ଅନ୍ୟ ଅପରାଧ ରୋକିବା ସହିତ ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅତାବିରା ଥାନା ଅଧିକାରୀ ଅନିଲ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭବାନୀ ଶଙ୍କର ପତି, ବସନ୍ତ କୁମାର ପଣ୍ଡା, ଅଶୋକ କୁମାର ସେଟ୍, ଜୟନ୍ତ ପ୍ରଧାନଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ। ଏସଆଇ ରବିନ୍ଦ୍ର ହେମ୍ବ୍ରମ, କୈଳାଶ ପ୍ରଧାନ, ଲିଙ୍ଗରାଜ କିସାନ, କବିତା ବାଗ ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ତୁର୍ଲା ଶିବରାତ୍ରି ମେଳା ପାଇଁ କଳସ ଶୋଭାଯାତ୍ରା

**ଖପ୍ରାଖୋଲ, ୧୭।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ତୁର୍ଲା ଗାଁରେ ୭୪ ତମ ଶିବରାତ୍ରୀ ମେଳା ଶୁକ୍ରବାର ଆରମ୍ଭ ହୋଇଛି। ଏହି ଅବସରରେ ପ୍ରଥମେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂଜା କର୍ତ୍ତାଭାବେ ଶିବଲାଲ ଭୋଇ ସପତ୍ନୀକ ଉପସ୍ଥିତ ଥିଲେ। ଗାଁ ପାଖ ଝରଣାରୁ ପୂର୍ଣ୍ଣ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ ପରେ କଳସ ପୂଜା ଏବଂ ମୂର୍ତ୍ତି ଜୀବନ୍ୟାସ କରାଯାଇଥିଲା । ତିନିଦିନ ଧରି ମେଳା ହେବାକୁ ଥିବା ବେଳେ ପ୍ରତ୍ୟହ ପୂଜା ଓ ରାତ୍ରରେ ମନୋରଞ୍ଜନ କାର୍ଯ୍ୟକ୍ରମ ହେବ।

# ପାଟଖଣ୍ଡା ନିକଟରେ ନୂତନ ଛତରଦଣ୍ଡ ସମର୍ପଣ

**ଦେଓଗାଁ, ୧୭।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରସିଂହା ପାଟଖଣ୍ଡା ମନ୍ଦିରରେ ପାଟଖଣ୍ଡାଙ୍କ ନୂତନ ଛତରଦଣ୍ଡ ନିର୍ମାଣ କରାଯାଇ ଶୁକ୍ରବାର ସମର୍ପଣ କରାଯାଇଛି। ଦୀର୍ଘ ୪୦ବର୍ଷ ପରେ ଏହି ଛତରଦଣ୍ଡ ନୂତନରୂପେ ନିର୍ମାଣ କରାଯାଇ ଲାଟକପଡା ଲଗାଯାଇ ପୂଜାର୍ଚ୍ଚନା ସହ ସମର୍ପଣ କରାଯାଇଥିଲା। ଛତ୍ରିଆ କିଷନ ଛତ୍ରିଆଙ୍କ ଘରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିଥିଲା। ପରେ ନୂତନ ଛତରଦଣ୍ଡକୁ ପାରମ୍ପରିକ ବାଦ୍ୟ ସହ ୩୨ଦେହୁଲିଙ୍କ ଗହଣରେ ପାଟଖଣ୍ଡା ଓ ବୁଢ଼ିଆଇ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଗ୍ରାମ ପରିକ୍ରମା କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଦେହୁଲି ସନ୍ତୋଷ ଥନାପେତ, ବଡମଲ୍ଲିକ ବୁଡୁ ପଥ୍ରୀମାଲି, ଉଜ୍ଜଳ ଝାଙ୍କର, ଜମିଦାର ସାମନ୍ତ ଦୁର୍ଗା ପ୍ରସାଦ ସିଂଦେଓ, ମଶାଲିଆ ଶ୍ରୀବତ୍ସ ସାହୁ, ଡା. ସରୋଜ କୁମାର ସାହୁ ତଥା ୩୨ଦେହୁଲି ଗଣ ଉପସ୍ଥିତ ଥିଲେ।

# ଦକ୍ଷତା ବିକାଶ ତାଲିମ ନେଲେ ୱାର୍ଡ ସଭ୍ୟାସଭ୍ୟ

**ଲୋଇସିଂହା,୧୭।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଲ୍ଲୀ ଆଲୋକ ପାଠାଗାରରେ ଜାନୁୟାରୀ ୫ତାରିଖରୁ ଚାଲିଥିବା ପଞ୍ଚାୟତ ପ୍ରତିନିଧିଙ୍କ ଦକ୍ଷତା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ପ୍ରତିଷ୍ଠାନ, ପାନୀୟ ଜଳ ବିଭାଗ ଆନୁକୂଲ୍ୟ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ଆଲୋକ ପାଠାଗାର ସହାୟତାରେ ପଞ୍ଚାୟତ ପ୍ରତିନିଧିମାନଙ୍କ ଦକ୍ଷତା ବକାଶ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଲୋଇସିଂହା ଓ ଆଗଲପୁର ବ୍ଲକର ୪୦ଟି ପଞ୍ଚାୟତର ୪୮୪ ୱାର୍ଡସଭ୍ୟାସଭ୍ୟଙ୍କୁ ୧୪ଟି ଗ୍ରୁପ କରି ତାଲିମ ଦିଆଯାଇଥିଲା । ପ୍ରତି ଗ୍ରୁପକୁ ୩ ଦିନ ଯାଏ ୱାର୍ଡସଭ୍ୟଙ୍କ ଦାୟିତ୍ୱ, ଭୂମିକା ଏବଂ ଗ୍ରାମପଞ୍ଚାୟତ ବିକାଶରେ ସେମାନଙ୍କ ଭାଗିଦାରିତା ସମ୍ପର୍କରେ ତାଲିମଦାତାମାନେ ବୁଝାଇଥିଲେ। ଏହି ଅବସରରେ ପଞ୍ଚାୟତ ପ୍ରତିନିଧିମାନେ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିଲେ।

# ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ

**ବରଗଡ଼ ଅଫିସ୍,୧୭।୨**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ସୁକୁଡ଼ା ସରକାରୀ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ବିରୁପାକ୍ଷ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ(ଏବିଇଓ) ଜାରା ବାରିକ ମୁଖ୍ୟଅତିଥି, କ୍ରୀଡ଼ାବିତ ସନ୍ତୋଷ କୁମାର ପ୍ରଧାନ ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ । ସେହିପରି ଜନ କଲ୍ୟାଣ ସେବା ଟ୍ରଷ୍ଟର ସଭାପତି ମୁକୁନ୍ଦ ଦାଶ, ବିରେନ୍ଦ୍ର ପାଣ୍ଡେ, ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର ୩୨ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

# ହିରୋ ଜୁମ୍ ୧୧୦ ସିସି ସ୍କୁଟରର ବଜାର ପ୍ରବେଶ

**ବରଗଡ଼ ଅଫିସ୍,୧୭।୨**

ବିଶ୍ୱର ଏକ ନମ୍ବର ମୋଟରସାଇକେଲ ନିର୍ମାତା ହିରୋ ମୋଟୋକର୍ପ ପକ୍ଷରୁ ୧୧୦ ସିସି ବିଶିଷ୍ଟ ସ୍କୁଟରର ସ୍କୁଟର ଜୁମ୍‌ର ବଜାର ପ୍ରବେଶ ହୋଇଛି । ଏହି ପରିପ୍ରେକ୍ଷୀରେ ବରଗଡ଼ସ୍ଥିତ ଅଧିକୃତ ବିକ୍ରେତା ଆକାଶ ମୋଟର୍ସ ପରିସରରେ ଏହାର ସ୍ୱତନ୍ତ୍ର ବଜାର ପ୍ରବେଶ ପର୍ବ ଅନୁଷ୍ଠିତ ହୋଇଥିଲା। ଯୁବବର୍ଗଙ୍କୁ ଆଖିରେ ରଖି ହିରୋ ମୋଟୋକର୍ପ ୧୧୦ ସିସି ଇଞ୍ଜିନ ବିଶିଷ୍ଟ ଏହି ନୂତନ ସ୍କୁଟର୍ ଜୁମ୍ ନିର୍ମାଣ କରିଥିବା ସୂଚନା ଦିଆଯାଇଛି। ଟୁ ହ୍ୱିଲର ଇଣ୍ଡଷ୍ଟ୍ରିରେ ପ୍ରଥମଥର ପାଇଁ କର୍ନର ବେଣ୍ଡ୍ ଲାଇଟ୍ ଯୁକ୍ତ ଏହି ସ୍କୁଟରରେ ବୃହତ୍ ଚଉଡ଼ା ଟାୟାର ସହିତ ଫ୍ୟୁଚରଷ୍ଟିକ ଡିଜାଇନ, ଆଡ଼ଭାନ୍ସ ଟେକ୍ନୋଲୋଜି, ବ୍ଲୁଟୁଥ୍ କନେକ୍ଟିଭିଟି, ଏଚ୍ ସିଗ୍ନେଚର ଏଲଇଡ଼ି ହେଡ୍ ଓ ଟେଲ ଲ୍ୟାମ୍ପ ରହିଛି। ବେଷ୍ଟ ଇନ୍ କ୍ଲାସ୍ ମାଇଲେଜ ଦେଉଥିବା ଏହି ସ୍କୁଟର ୩ଟି ଭେରିଏଣ୍ଟ ତଥା ୫ଟି କଲରରେ ଉପଲବ୍ଧ ହେବ। ଏହାର ବେଶ୍ ମୋଡ଼େଲ୍‌ର ଏକ୍ସଶୋରୁମ ମୂଲ୍ୟ ୭୪ହଜାର ୨୯୯ ଟଙ୍କା ରହିଥିବାବେଳେ ଟପ୍ ମୋଡ଼େଲର ମୂଲ୍ୟ ୮୨ହଜାର ୪୯୯ ଟଙ୍କା ରହିଛି। ଏହାର ହାଇଟେକ୍ ଟେକ୍ନୋଲୋଜି ସାଙ୍ଗକୁ ଦମଦାର୍ ଲୁକ୍ ଗ୍ରାହକଙ୍କୁ ବେଶ ଆକୃଷ୍ଟ କରିବ ବୋଲି ଆକାଶ ମୋଟର୍ସର ନିର୍ଦ୍ଦେଶକ ଆକାଶ କୁମାର ଅଗ୍ରୱାଲ ଆଶା ପ୍ରକଟ କରିଛନ୍ତି। ଏହି ନୂତନ ସ୍କୁଟରର ବଜାର ପ୍ରବେଶ ପର୍ବରେ ବହୁ ଗ୍ରାହକ, ଫାଇନାନ୍ସ କମ୍ପାନୀ ପ୍ରତିନିଧି, ଶୋରୁମ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶୋରୁମ୍ ମ୍ୟାନେଜର ବସନ୍ତ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ହିରୋ ଜୁମ୍ ୧୧୦ସିସି ସ୍କୁଟର ବଜାର ପ୍ରବେଶର ଶୁଭାରମ୍ଭ କରାଯାଉଛି ।

## ସଂକ୍ଷେପରେ

### ହାତୀ ଉପଦ୍ରବ, ଫସଲ ନଷ୍ଟ

**ପଡିଆବାହାଲ, ୧୭।୨(ଡି.ଏନ.ଏ.):** ଯୁଯୁମୁରା ବ୍ଲକ ଅଞ୍ଚଳରେ ଦୁଇ ସପ୍ତାହ ହେବ ହାତୀ ଉପଦ୍ରବ ଲାଗିରହିଛି। ଦୁଇଟି ଦଳରେ ହାତୀମାନେ ଆସି ଲୋକଙ୍କ ବଡିବଗିଚାରେ ପଶି ଫସଲ ନଷ୍ଟ କରୁଛନ୍ତି। ଗୋଟିଏ ଦଳ ନିକଟସ୍ଥ ବାରିବନ୍ଧ ଅଞ୍ଚଳରେ ଉପଦ୍ରବ କରୁଥିବାବେଳେ ଅନ୍ୟ ଦଳଟି ସାପଲହରା ବାଦେନ ଅଞ୍ଚଳରେ କ୍ଷୟକ୍ଷତି ଘଟାଉଛନ୍ତି। ହାତୀ ପଲ ବାରିବନ୍ଧ ଅଞ୍ଚଳର ସମୀର ପଧାନ ଓ ସରୋଜ ପଧାନଙ୍କ ପ୍ରାୟ ଦୁଇ ଏକର ଜମିର ମାଖନ ଫସଲ ଖାଇ ନଷ୍ଟ କରିଛନ୍ତି। ରାହାସ ବାରିକ, ପିଣ୍ଟୁ ପଧାନଙ୍କ ଆଳୁ କିଆରି, ଅନିଲ ବାରିକଙ୍କ କୋବି, ନୃପ ସାହୁ ଓ ପ୍ରଦୀପ ସିଂଙ୍କ କଦଳୀ ବଗିଚା ନଷ୍ଟ କରି ଦେଇଛନ୍ତି। ହାତୀମାନେ ଦିଗ ପରିବର୍ତ୍ତନ କରୁଥିବାରୁ ବନ ବିଭାଗର ଦଶଜଣିଆ ଟିମ୍ ନାକେଦମ ହୋଇପଡୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ନାକଟିଦେଉଳ, ୧୭।୨(ଡି.ଏନ.ଏ.):** ନାକଟିଦେଉଳ ବ୍ଲକ ବାଟଗାଁ ଉଚ୍ଚମାଧମିକ ବିଦ୍ୟାଳୟରେ ଶୁକ୍ରବାର ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ରମେଶ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଧାପକ ପତିତ ମହାନନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧାପକ ପ୍ରଫୁଲ୍ଲ କୁମାର ପ୍ରଧାନ ଓ ଅଧାପକ ଶରତ କୁମାର ଶତପଥୀ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଜୀବନ ସମ୍ପର୍କରେ ଆଲୋଚନା କରି ଏ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଥମବର୍ଷର ଛାତ୍ରୀ ସ୍ୱାଗତିକା ଏସ୍. ପ୍ରଧାନ ଶେଷରେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଛତୁଚାଷ ସମ୍ପର୍କିତ ତାଲିମ ଶିବିର

**ନାକଟିଦେଉଳ, ୧୭।୨(ଡି.ଏନ.ଏ.):** ନାକଟିଦେଉଳ ବ୍ଲକ ସାହେବୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଭାରତୀୟ ଆଗ୍ରୋ ଇଣ୍ଡଷ୍ଟ୍ରି ରିସର୍ଚ୍ଚ ଆଣ୍ଡ ଫାଉଣ୍ଡେସନ ପକ୍ଷରୁ ଛତୁ ଚାଷ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିତେନ୍ଦ୍ର କୁମାର ପ୍ରଧାନ, ବାଏଫର କୃଷି ବିଶେଷଜ୍ଞ ବୁଦ୍ଧଦେବ ଜାନା, ବାଏଫର ଜିଲା କାର୍ଯ୍ୟକ୍ରମ ଅଧିକାରୀ ବିଶ୍ୱରଞ୍ଜନ ଭୋଇ ପ୍ରମୁଖ ଯୋଗଦେଇ ଛତୁଚାଷର ପ୍ରଣାଳୀ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏହାସହ ଛତୁ ଚାଷ କରି ଚାଷୀମାନେ କିପରି ଆତ୍ମନିର୍ଭରଶୀଳ ହୋଇ ପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ୩୦ଜଣ ଚାଷୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।

### ଶ୍ୟାମଲ ଘୋଷ ମେମୋରିଆଲ କ୍ରିକେଟ

**ବ୍ରଜରାଜନଗର, ୧୭।୨(ଡି.ଏନ.ଏ.):** ସ୍ଥାନୀୟ ଆମ୍ବିସନ କ୍ଲବ ଖେଳପଡିଆରେ ଚାଲିଥିବା ଦ୍ୱିତୀୟ ଶ୍ୟାମଲ ଘୋଷ ମେମୋରିଆଲ କ୍ରିକେଟ ମ୍ୟାଚ ଉଦ୍‌ଘାଟିତ ହୋଇଛି। ପ୍ରଥମ ମ୍ୟାଚ ଲିଓ କ୍ରିକେଟ କ୍ଲବ ବେଲପାହାଡ ଓ ସାଇନିଂ ଷ୍ଟାର ରାୟଗଡ଼ ମଧରେ ହୋଇଥିଲା। ଲିଓ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭରରେ ୨୦୯ରନ କରିଥିଲା। ଜବାବରେ ସାଇନିଂ ଷ୍ଟାର ୧୧୦ରନ କରି ହାରିଯାଇଥିଲା। ଝାରସୁଗୁଡା ଆଡିଶନାଲ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ପ୍ରବୀର କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ପ୍ରଜ୍ୱଳ ପଟେଲ ଓ ଅନିରୁଦ୍ଧ କେଟ ଖେଳ ପରିଚାଳନା କରିଥିଲେ।

### ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ବ୍ରଜରାଜନଗର, ୧୭।୨(ଡି.ଏନ.ଏ.):** ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଗୃହ ବିଭାଗର ମନ୍ତ୍ରୀ ନିଜେ ମୁଖ୍ୟମନ୍ତ୍ରୀ ନିଜ ମନ୍ତ୍ରୀଙ୍କୁ ସୁରକ୍ଷା ଦେଇ ପାରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କାରି ଶୁକ୍ରବାର ଝାରସୁଗୁଡା ବସ୍‌ଷ୍ଟାଣ୍ଡ ନିକଟ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ତଳେ ଓ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗାନ୍ଧୀ ଛକଠାରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଭାଜପା ଝାରସୁଗୁଡା ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହେଶ୍ୱର ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ଜିଲ୍ଲା ସଭାପତି ମଙ୍ଗଳ ସାହୁ, ଜିଲ୍ଲା ଅନ୍ୟସୂଚିତ ଜାତି ମୋର୍ଚ୍ଚା ସଭାପତି ତ୍ରିନାଥ ଗୁଆଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନେଶ ଜେନ, ଜିଲ୍ଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଲ, ସଞ୍ଜୟ ସାଲୁଜା, ଆଲୋକ କୁମାର ସାହୁ, ଅନିଲ ସାହୁ ଉପସ୍ଥିତ ଥିଲେ।

# ଅସୁରକ୍ଷିତ ସର୍କିଟ ହାଉସ

**ସମ୍ବଲପୁର, ୧୭।୨(ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ଥାନା ଅଧୀନରେ ରହିଛି ସରକାରଙ୍କ ସର୍କିଟ ହାଉସ। ଏଠାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଭିଭିଆଇପି, ବରିଷ୍ଠ ଅଧିକାରୀ, ନେତା, ମନ୍ତ୍ରୀମାନେ ରହଣି କରନ୍ତି। ସେମାନଙ୍କୁ ପୋଲିସ ପକ୍ଷରୁ ସୁରକ୍ଷା ମଧ୍ୟ ଯୋଗାଇ ଦିଆଯାଇଥାଏ। ହେଲେ ଗୁରୁବାର ଏହା ମଧ୍ୟକୁ ରାଜନୈତିକ ଦଳର କର୍ମକର୍ତ୍ତାମାନେ ଯେଭଳି ଧସେଇ ପଶିଲେ ସେଥିରୁ ସର୍କିଟ ହାଉସ ଓ ଏଠାରେ ରହଣି କରୁଥିବା ଭିଭିଆଇପି ଅସୁରକ୍ଷିତ ବୋଲି ମନେ ହେଉଛି। ପୋଲିସ ଉପସ୍ଥିତ ଥାଇ ବି କର୍ମକର୍ତ୍ତାମାନେ ଗେଟ ଖୋଲି ଧସେଇ ପସିବା, ଭିତରେ ଥିବା ସୋଫା ଓ ଅନ୍ୟ ସାମଗ୍ରୀ ଉପରେ ଛିଡା ହୋଇ ନାରାବାଜି କରିବା ଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ତେଣୁ ସମ୍ବଲପୁର ଜିଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗ


ସର୍କିଟ ହାଉସକୁ ଗୁରୁବାର ବିଜେଡି କର୍ମୀମାନେ ଧସେଇ ପଶୁଛନ୍ତି ।

**ପୋଲିସ ବ୍ୟବସ୍ଥା ବିଜେଡିର ଭଳି ମନେହେଉଛି: ଭାଜପା**

ସତ୍ୟ ପ୍ରମାଣିତ ମନେ ହେଉଛି। ଅନ୍ୟପଟେ ବିଜେଡି ନେତା ଓ କର୍ମକର୍ତ୍ତା ଘେରାଉ କରିବା ସହ ସର୍କିଟ ହାଉସରେ ଭଙ୍ଗାରୁଜା କରିବା ଭଳି ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ। ତେଣୁ ପୋଲିସ ବ୍ୟବସ୍ଥା ଓ ପୋଲିସ ଏକ ଦଳୀୟ ହୋଇ ରହିଯାଇଛି। କେବଳ ଭାଜପା ଓ ଅନ୍ୟ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ଗିରଫ କରିବା, ଧମକାଇବା ଭଳି କାମ କରୁଛି। ଏଭଳି ପରିସ୍ଥିତି ଯୋଗୁ ପୋଲିସ ଉପରେ ସାଧାରଣ ଜନତାଙ୍କ ଭରସା ଉଠିଯାଉଛି ବୋଲି ଭାଜପା ନେତା ସମୀର ରଞ୍ଜନ ବାବୁ କହିଥିଲେ।

ସୂଚନାଯୋଗ୍ୟ, ଭାଜପା ପକ୍ଷରୁ ଜିଲାପାଳଙ୍କ ଅଫିସ ଘେରାଉ ସମୟରେ ହୋଇଥିବା ଘଟଣାକୁ ନେଇ ଗୁରୁବାର ବିଜେଡି ପ୍ରତିକ୍ରିୟାଶୀଳ ହୋଇଥିଲା। ସର୍କିଟ ହାଉସରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ରହୁଥିବା ନେଇ ଶତାଧିକ ମହିଳା କର୍ମୀଙ୍କ ସହ ବିଜେଡି କର୍ମକର୍ତ୍ତାମାନେ ସର୍କିଟ ହାଉସ ଭିତରକୁ ଧସେଇ ପସିଥିଲେ। ସର୍କିଟ ହାଉସକୁ ସଂଯୋଗ କରୁଥିବା ରାସ୍ତାଗୁଡିକରେ ମଧ ମହିଳାମାନେ ବିକ୍ଷୋଭ କରିଥିଲେ।ଏ ସମ୍ପର୍କରେ ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ସର୍କିଟ ହାଉସ ଘଟଣାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ କରାଯାଇ ନାହିଁ।

# ଜିଲାସ୍ତରୀୟ ସ୍କାଉଟ୍ସ, ଗାଇଡ୍ସର ରାଜ୍ୟପାଳ ପୁରସ୍କାର ପରୀକ୍ଷା

**ସମ୍ବଲପୁର, ୧୭।୨(ବ୍ୟୁରୋ)**

ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ ରାଜ୍ୟପାଳ ପୁରସ୍କାର ପରୀକ୍ଷା ୨୦୨୨-୨୩ ଶୁକ୍ରବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସିନ୍ଦୂରପଙ୍କସ୍ଥିତ ଜନାର୍ଦ୍ଦନ ପୂଜାରୀ ସରକାରୀ ଉଚ୍ଚବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଦୁଇଦିନିଆ ପରୀକ୍ଷା ହୋଇଥିଲା। ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ୯୪ଜଣ ସ୍କାଉଟ୍ସ ଓ ୧୧୦ ଜଣ ଗାଇଡ୍ସ ଏବଂ ୨୭ଜଣ ସ୍କାଉଟ୍ସ ମାଷ୍ଟର, ସ୍କାଉଟ୍ସ କ୍ୟାପଟେନ ପରୀକ୍ଷାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ରାଜ୍ୟପାଳ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରାଯିବ। ସମ୍ବଲପୁର ଜିଲା ଭାରତ ସ୍କାଉଟ୍ସ ଗାଇଡ୍ସ ସଂଗଠନ ସମ୍ପାଦକ ଜଗବନ୍ଧୁ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜନାର୍ଦ୍ଦନ ପୂଜାରୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ମହିପାଳ ସ୍ୱାଇଁ, ଜିଲା ସ୍କାଉଟ୍ସ କମିଶନର କୁଳଧର ପ୍ରଧାନ, ପରୀକ୍ଷକ ଅବିନାଶ ଗଡନାୟକ ଓ ଫକିର ମୋହନ ଜେନା ଅତିଥି ଭାବେ ଯୋଗଦେଇଥିଲେ। ସମ୍ବଲପୁର ଜିଲା ସଂଗଠନ କମିଶନର ନରେନ୍ଦ୍ର କୁମାର ଦେହୁରି, ଜିଲା ଟ୍ରେନିଂ କମିଶନର ନାରାୟଣ ପ୍ରଧାନ, ସ୍କାଉଟ୍ସ ମାଷ୍ଟର ଲକ୍ଷ୍ମଣ କୁମାର ନାଥ, ଚିତ୍ତରଞ୍ଜନ ପଣ୍ଡା, ସତ୍ୟରଞ୍ଜନ ପଣ୍ଡା ପରୀକ୍ଷା ପରିଚାଳନା କରିଥିଲେ ।


ସ୍କାଉଟ୍ସ ଓ ଗାଇଡ୍ସ ପରୀକ୍ଷାରେ ଛାତ୍ରୀଛାତ୍ର ଓ ପରୀକ୍ଷକ।

# ଆଶ୍‌ପଣ୍ଡ ଡମ୍ପିଂୟାର୍ଡକୁ ବିରୋଧ

**ସମ୍ବଲପୁର, ୧୭।୨(ବ୍ୟୁରୋ)**

**ଜନପ୍ରତିନିଧି, ବିଜେଡି କର୍ମୀଙ୍କୁ ଉଠାଇନେଲା ପୋଲିସ**

ସମ୍ବଲପୁର ଜିଲା ରେଙ୍ଗାଲି ଶିଳ୍ପାଞ୍ଚଳର କତରବଗା ଲୁଧାପାଲି ଗ୍ରାମ ନିକଟରେ ଏକ ଆସପଣ୍ଡ ଡମ୍ପିଂୟାର୍ଡକୁ ନେଇ ବିବାଦ ଲାଗିରହିଛି। ଶୁକ୍ରବାର ଏହି ବିବାଦ ଉଗ୍ରରୂପ ନେଇଥିଲା। ସ୍ଥାନୀୟ ଜନପ୍ରତିନିଧି ସହ ବିଜେଡି କର୍ମୀ ଓ ଗ୍ରାମବାସୀ ଆସପଣ୍ଡକୁ ବିରୋଧ କରିବାରୁ ପୋଲିସ ସେମାନଙ୍କୁ ଉଠାଇନେଇଥିଲା। ସେମାନଙ୍କୁ ପ୍ରଥମେ ଟାଉନଥାନା ପରେ ଶାସନ ଥାନାରେ ରଖାଯାଇଥିଲା। ଖବର ପାଇ ପୂର୍ବତନ ମନ୍ତ୍ରୀ ତଥା ଭଟ୍‌ଲି ବିଧାୟକ ସୁଶାନ୍ତ ସିଂ ପହଞ୍ଚିଥିବାବେଳେ ପରେ ଡିଆଇଜି ଅଫିସ ପରିସରରେ ଜିଲାପାଳ ଅନନ୍ୟା ଦାସ, ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦିପକ କୁମାର, ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ସହ ଆଲୋଚନା କରିଥିଲେ। ହେଲେ ଆଲୋଚନା ପ୍ରସଙ୍ଗରେ କେହି ମୁହଁ ଖୋଲି ନ ଥିଲେ। ବିଧାୟକ ସିଂ କହିଥିଲେ, ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ବରଗଡ ଜିଲାର ପଦ୍ମପୁର ଗସ୍ତ ରହିଛି। କାମ ଥିବାରୁ ସମ୍ବଲପୁର ଆସିଥିଲି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ପଦ୍ମପୁର ନିର୍ବାଚନମଣ୍ଡଳୀର ୩ ଗୋଟି ବ୍ଲକରେ ସାଧାରଣ ସଭା ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ବୋଲି କହିଥିଲେ। ଅନ୍ୟପଟେ ଘଟଣାସ୍ଥଳରେ ବିରୋଧ କରୁଥିବା ଜନପ୍ରତିନିଧି ଓ ପୋଲିସ ଭିତରେ ହୋଇଥିବା ଆଲୋଚନାର ଭିଡିଓ ଭାଇରାଲ ହୋଇଛି। ଏଥିରେ ଜନପ୍ରତିନିଧି ଅଭିଯୋଗ କରୁଛନ୍ତି, ଏହି ଆସପଣ୍ଡ ପାଇଁ ପୂର୍ବରୁ ଅଭିଯୋଗ ହୋଇଥିଲା। ଉପଜିଲାପାଳଙ୍କୁ ନେଇ ବୈଠକ ହୋଇଥିଲା। ପ୍ରଦୂଷଣ ବିଭାଗ ତଦନ୍ତ କରି ରିପୋର୍ଟ ଦେବା, କାମ ବନ୍ଦ କରିବା, ଅଞ୍ଚଳବାସୀଙ୍କ ସ୍ୱିକୃତି କ୍ରମେ କାମ କରିବାକୁ ତ୍ରିପାକ୍ଷିକ ଆଲୋଚନାରେ ସ୍ଥିର ହୋଇଥିଲା। ହେଲେ ଗୁରୁବାରଠାରୁ ପୁଣି କାମ ଆରମ୍ଭ କରାଯାଇଛି। ସ୍ଥାନୀୟ ଲୋକଙ୍କ କହିବା କଥା, ଏ ବିଷୟରେ ସ୍ଥାନୀୟ ସରପଞ୍ଚ, ପୋଲିସ ପ୍ରଶାସନ କିମ୍ବା ଅଞ୍ଚଳବାସୀ ଅବଗତ ନାହାନ୍ତି। କମ୍ପାନୀର ପେରିଫେରି ଅନୁଦାନରେ ବ୍ୟାପକ ଦୁର୍ନୀତି କରାଯାଉଛି। ରାସ୍ତା ଘାଟ, ପାନୀୟ ଜଳ ଭଳି ମୌଳିକ ସମସ୍ୟାର ସମାଧାନ କରାଯାଉ ନାହିଁ। ପ୍ରଦୂଷଣ ବିଭାଗ ଅଧିକାରୀଙ୍କ ଡକାଯାଇ ସେମାନେ ରିପୋର୍ଟ ଦେବା ପରେ କାମ ଆରମ୍ଭ କରାଯାଉ ବୋଲି ଦାବି କରିଥିଲେ।

### ଉଦ୍ୟୋଗୀ ସପ୍ତାହ ପାଳନ ନେଇ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୧୭।୨(ବ୍ୟୁରୋ)**

ସମ୍ବଲପୁର ଜିଲପାଳ ଅଫିସର ସମଗ୍ର ଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ଉଦ୍ୟୋଗୀ ସପ୍ତାହ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୫ରୁ ୯ ତାରିଖ ପର୍ଯ୍ୟନ୍ତ ଅଇଁଠାପାଲି ପିଏଚ୍‌ଡି ପଡିଆଠାରେ ଆୟୋଜନ କରାଯିବ। ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଉଦ୍ୟୋଗୀ ମେଳାରେ ବିଭିନ୍ନ ବର୍ଗର ପାଖାପାଖି ୧୦୦ ଷ୍ଟଲ ରହିବ। ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟ ଜିଲା ପ୍ରାଣୀ ଅଧିକାରୀ ଡ଼. ଦୀନବନ୍ଧୁ ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲା ପରିଷଦ ରମେଶ ହାଁସଦା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼. ପୂର୍ଣ୍ଣଚନ୍ଦ୍ର ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଡେପୁଟି ଏସ୍‌ପି ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଡିପିସି ମିଶନ ଶକ୍ତି ନିରଞ୍ଜନ ପଣ୍ଡା, ଡେପୁଟି ସିଇଓ ଓର୍‌ମାସ ଶ୍ରୀମନ୍ତ ହୋତାଉପସ୍ଥିତ ଥିଲେ।

# ବହି ବ୍ୟକ୍ତି ସତ୍ତାକୁ ଉଜ୍ଜୀବିତ କରେ

**ସମ୍ବଲପୁର, ୧୭।୨(ବ୍ୟୁରୋ)**

ବହି ବ୍ୟକ୍ତିସତ୍ତାକୁ ଉଜ୍ଜୀବିତ କରିଥାଏ। ୨୩ତମ ସମ୍ବଲପୁର ପୁସ୍ତକ ମେଳା ପରିସରସ୍ଥ ପ୍ରଫେସର ଦୁର୍ଗା ପ୍ରସାଦ ନାୟକ ମଞ୍ଚଠାରେ ଆୟୋଜିତ ଆଲୋଚନା ଚକ୍ରରେ ବକ୍ତାମାନେ ଏହା କହିଛନ୍ତି। ଶୁକ୍ରବାର ରାତିରେ ଡାକ୍ତର ରମାବଲ୍ଲଭ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଫେସର କାଳିଦାସ ମିଶ୍ର ଓ କବି ଦୁର୍ଗା ପ୍ରସାଦ ପଣ୍ଡା ଆଲୋଚକ ଭାବେ ଯୋଗଦେଇ ପୁସ୍ତକ ବିଷୟରେ ଆଲୋଚନା କରିଥିଲେ। ଆୟୋଜକ ସେତୁ ସଭାପତି ପ୍ରଫେସର ମୀନକେତନ ପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ବରିଷ୍ଠ ସଭ୍ୟ ହରିନାରାୟଣ ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିଥିଲେ ।


ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥିମାନେ।

# ହିଣ୍ଡାଲ୍‌କୋର ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଆରମ୍ଭ

**ସମ୍ବଲପୁର, ୧୭।୨(ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ହୀରାକୁଦରେ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଉଦ୍‌ଘାଟନ କରାଯାଇଛି। ହିଣ୍ଡାଲ୍‌କୋ କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ମାର୍ଗଦର୍ଶନ ଓ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ଼. ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗଡ଼ମୁଣ୍ଡାର ପୂର୍ବତନ ସରପଞ୍ଚ ଇତୁଆ ଖଡ଼ିଆ, ଚାଷୀନେତା ଯୋଗେଶ୍ୱର ପ୍ରଧାନ, ପ୍ରଦୀପ ରାଉତରାୟ ହିଣ୍ଡାଲକୋ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ଜାରି ରହିଥିବା ବହୁବିଧ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ପାୱାର ପ୍ଲାଣ୍ଟ ମୁଖ୍ୟ ପ୍ରାଞ୍ଜଳ ପାଠକ, ସ୍ମେଲଟର ମୁଖ୍ୟ ଦେବାଶିଷ ମଲ୍ଲିକ, ଏଫ୍‌ଆର୍‌ପି ଉପସଭାପତି ସୁରଜିତ ମିତ୍ର, ହିଣ୍ଡାଲ୍‌କୋର ସ୍ମେଲଟର ମୁଖ୍ୟ ସତ୍ୟପ୍ରକାଶ ଦାସ, ଏଫ୍‌ଆର୍‌ପି ଇଆର ମୁଖ୍ୟ ଦୀପକ ମହାନ୍ତି, ହିଣ୍ଡାଲ୍‌କୋର ମୁଖ୍ୟଚିକିତ୍ସା ଅଧିକାରୀ ଡା. ସୁବ୍ରତ ଚାଟାର୍ଜୀ, ହିଣ୍ଡାଲ୍‌କୋର ସିଏସ୍‌ଆର୍ ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର ଉପସ୍ଥିତ ଥିଲେ।




### ଜାଗର ମେଳା ପାଇଁ କଳସ ଯାତ୍ରା

**ଦେଓଗାଁ, ୧୭।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସାଗରପାଲି ଓ ସିକୁଆଁରେ ଜାଗରମେଳା ତଥା ଅଷ୍ଟପ୍ରହର ନାମଯଜ୍ଞ ପାଇଁ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗାଁର ଶତାଧିକ ମହିଳା ପୁରୁଷ ଦେଓଗାଁ ଯୋଗୀସାଗରରୁ ପୂର୍ଣ୍ଣ କଳସ ଧାରଣ କରି ଏକ ଶୋଭାଯାତ୍ରାରେ ପ୍ରହର ମଣ୍ଡପଠାରେ ପହଞ୍ଚିବା ପରେ ଅଧିବାସ ସମାପନ ହୋଇଥିଲା।

# ମଧ୍ୟମ ବର୍ଗଙ୍କ ପାଇଁ ସହାୟକ ହେବ ବଜେଟ୍

**ସମ୍ବଲପୁର, ୧୭।୨(ବ୍ୟୁରୋ)**

ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଭାଜପା ପକ୍ଷରୁ କେନ୍ଦ୍ରୀୟ ବଜେଟ୍ ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ପୂର୍ବତନ ରାଜ୍ୟ ସମ୍ପାଦକ ଗୋବିନ୍ଦ ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ବକ୍ତା ଭାବେ ସି.ଏ. ରୋହିତ ସିଙ୍ଘାନିଆ ଓ ପ୍ରଫେସର ଉତ୍ତମ ପ୍ରଧାନ ଯୋଗ ଦେଇଥିଲେ। ଭାଜପା ଜିଲା ସଭାପତି ଗିରୀଶ ପଟେଲ ମଞ୍ଚାସୀନ ଥିଲେ। ଶ୍ରୀକାନ୍ତ ପାଣିଗ୍ରାହୀ, ଦେବକିରନ ପଟ୍ଟନାୟକ, ରଞ୍ଜନ ହୋତା ଉପଢୌକନ ଦେଇ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ବଜେଟ୍ ସମାଜରେ ଥିବା ମଧ୍ୟମ ବର୍ଗଙ୍କ ପାଇଁ ସହାୟକ ହେବ ଓ ଦେଶର ଅର୍ଥନୀତିକୁ ସୁଦୃଢ କରିବ ବୋଲି ମତ ପ୍ରକାଶ ପାଇଥିଲା। ଶେଷରେ ଅନିଲ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ

**ନାକଟିଦେଉଳ, ୧୭।୨(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ସରାପାଲି ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମାଝି ସଭାପତିତ୍ୱ କରିଥିଲେ। ବିଇଓ ବିଜୟ କୁମାର ପାତ୍ର ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ଭୀମସେନ ବେହେରା ମୁଖ୍ୟବକ୍ତା ଓ ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ଦାଶ, ସରାପାଲି ସରପଞ୍ଚ ଶିବାନୀ ବାରିକ, ସମିତି ସଭ୍ୟା ନିରୂପମା ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ରମ୍ଭା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷକ ଦୁଷ୍ମନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# କ୍ଷତିଗ୍ରସ୍ତ ମିଳିତ ମଞ୍ଚର ସତ୍ୟାଗ୍ରହ

**ଦେବଗଡ, ୧୭।୨(ଡି.ଏନ.ଏ.)**

ଚିଟ୍‌ଫଣ୍ଡ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀ ବାରକୋଟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରି ପ୍ରାପ୍ୟ ପ୍ରଦାନ ପାଇଁ ଦାବି କରିଛନ୍ତି । ପୂର୍ବାହ୍ନରେ ଆର୍ଥିକ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚର ସୋମନାଥ ପ୍ରଧାନ ଓ ସୁବାସିନୀ ବେହେରାଙ୍କ ନେତୃତ୍ୱରେ କ୍ଷେତ୍ରବାସୀ ପ୍ରଧାନ, ମଧୁସୂଦନ ବେହେରା, ଶଙ୍କ ନାୟକ, ଭଗବାନ ପ୍ରଧାନ, ବିଶ୍ୱନାଥ ସୱାଇଁ ପ୍ରମୁଖ ତହସିଲ କାର୍ଯ୍ୟାଳୟକୁ ଯାଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଉଚ୍ଚତମ ନ୍ୟାୟାଳୟ, ରାଜ୍ୟପାଳ, ଓଡିଶାର ମୁଖ୍ୟମନ୍ତ୍ରୀ ଓ ଓଡିଶା ଉଚ୍ଚନ୍ୟାୟାଳୟଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ପ୍ରମୁଖ ଦାବି ମଧ୍ୟରେ ତହସିଲ ଜରିଆରେ ଜମାକାରୀଙ୍କୁ ଚିହ୍ନଟ, ଚିହ୍ନଟ ଅସାଧୁ ସଂସ୍ଥା ବିରୋଧରେ ଓଡିଶା ଜମାକାରୀ ସ୍ୱାର୍ଥରକ୍ଷା ଆଇନ -୨୦୧୧ ଭିତ୍ତିରେ ମକଦ୍ଦମା ପଞ୍ଜୀକରଣ, ଜମାକାରୀଙ୍କ ଅର୍ଥରେ ଠୁଳ କରିଥିବା ସମ୍ପତ୍ତି ଜବତ କରି ନିଲାମ କରାଯିବା ଓ ସେହି ଅର୍ଥରୁ ସମସ୍ତ ଜମାକାରୀଙ୍କୁ ସୁଧ ସହ ଫେରସ୍ତ କରାଯିବା ଆଦି ଅନ୍ୟତମ।

# ଆଶା, ଗାଁ କଲ୍ୟାଣ ସମିତିର ଗୁରୁ ଦାୟିତ୍ୱ ରହିଛି

**ଜିଲାସ୍ତରୀୟ ସମ୍ମିଳନୀ**

**ସମ୍ବଲପୁର, ୧୭।୨(ବ୍ୟୁରୋ)**

ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଅନୁଷ୍ଠିତ ହେଇଯାଇଛି। ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ ମୁଖ୍ୟଅତିଥି ଓ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼. ପୂର୍ଣ୍ଣଚନ୍ଦ୍ର ସାହୁ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ରମେଶ ହାଁସଦା, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଡିପିଏମ, ଏନ୍‌ଏଚ୍‌ଏମ୍ ଡ଼. ମୌସୁମୀ ମିଶ୍ର, ଡ଼. ସଞ୍ଜୀବ କୁମାର ତିରିଆ, ଡ଼. ଭରତ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର କମ୍ୟୁନିଟି ପ୍ରୋସେସ ସସ୍ମିତା ପଣ୍ଡା ସମ୍ମିଳନୀ ସଂକ୍ରାନ୍ତରେ ସୂଚନା ଦେବା ସହ ଆଶା ଓ ଗାଁ କଲ୍ୟାଣ ସମିତି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ତୃଣମୂଳ ସ୍ତରରେ ଆଶା ଓ ଗାଁ କଲ୍ୟାଣ ସମିତିର ଗୁରୁ ଦାୟିତ୍ୱ ରହିଛି। କୋଭିଡ୍ ସମୟରେ ସେମାନଙ୍କ କାର୍ଯ୍ୟ ବଡ ଉଦାହରଣ ବୋଲି ମତପ୍ରକାଶ ପାଇଥିଲା।

ସୂଚନାଯୋଗ୍ୟ, ଜିଲାରେ ବ୍ଲକ ଓ ସହରାଞ୍ଚଳକୁ ମିଶାଇ ମୋଟ ୧୦୫୪ରୁ ୧୦୫୦ ଜଣ ଆଶା କାର୍ଯ୍ୟ କରୁଛନ୍ତି। ସେହିପରି ୧୧୬୭ଟି ଗାଁ କଲ୍ୟାଣ ସମିତି ରହିଛି। ୨୦୨୨-୨୩ବର୍ଷ ପାଇଁ ଜିଲାରେ ଉତ୍ତମ ପ୍ରଦର୍ଶନ ପାଇଁ ମାନେଶ୍ୱର ବ୍ଲକ ଡ଼କରା ପଞ୍ଚାୟତ ବଡ଼ମାଲ ଗ୍ରାମର କଲ୍ୟାଣୀ ବେହେରା ପ୍ରଥମ, ରେଙ୍ଗାଲି ବ୍ଲକ ରେଙ୍ଗାଲି ପଞ୍ଚାୟତ ଗଣେଶନଗରର ରୀନା ଓରାମ ଦ୍ୱିତୀୟ ଓ ରେଢ଼ାଖୋଲ ବ୍ଲକ ବଡ଼ବାହାଲର କୁମୁଦିନୀ ପ୍ରଧାନ ଶ୍ରେଷ୍ଠ ଆଶା ଭାବେ ସମ୍ମାନିତ କରାଯାଇଛି। ୨୦୨୨-୨୩ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ମହାନଗର ନିଗମ ଟାଙ୍ଗରପାଲିର ରିଙ୍କୁ ସିଂ, ବସନ୍ତପୁର ଗ୍ରାମର କାମିନୀ ତ୍ରିପାଠୀ, ଦେଓଗାଁ ପଞ୍ଚାୟତ ତବଲାର ପ୍ରମିଳା ସେଠ, କୁଷ୍ଠ ନିୟନ୍ତ୍ରଣ ପାଇଁ କୁଦଗୁଣ୍ଡେଶ୍ୱରର ଗିରିଜା ଛତରଙ୍କୁ ସମ୍ମାନିତ କରାଯାଇଥିଲା। ସୁସ୍ଥ ଗାଁ କ୍ଷେତ୍ରରେ ୨୦୨୨-୨୩ ପାଇଁ ବାମରା ବ୍ଲକର ଲରେଇପାଲି ଗାଁ କଲ୍ୟାଣ ସମିତି, ଧନକଉଡା ବ୍ଲକର କୁଡ଼ ପଟଖାଇ, ଜମନକିରା ବ୍ଲକର କଣ୍ଟିଆଲୀ, ଯୁଯୁମୁରା ବ୍ଲକର ସାନସୁଡ଼ଙ୍ଗପାଲି, କୁଚିଣ୍ଡାର ପରୁଆବାଡ଼ି, ମାନେଶ୍ୱର ବ୍ଲକର ଯାଦୁଲୁଇସିଂ, ନାକଟିଦେଉଳର କେଉଁନ୍ତବେରଣୀ, ରେଢ଼ାଖୋଲ ବ୍ଲକର ବଡନୂଆଁପାଲି, ରେଙ୍ଗାଲି ବ୍ଲକର ପୁରୁଣାବସ୍ତିକୁ ସମ୍ମାନିତ କରାଯାଇଛି। ସୂଚନା ପ୍ରଣାଳୀ ପରିଚାଳନା ଅଭିଯାନ ଶ୍ରେଷ୍ଠ ୩ ମଧ୍ୟରେ ବାମରା, ଦେବେଇପାଲି, କୁଚିଣ୍ଡା ଏବଂ ଶ୍ରେଷ୍ଠ ୩ ସବ୍‌ସେଣ୍ଟର ଭାବେ ଘୋଁସରା, ଜି ବାମରା, ସର୍ଗିଡ଼ିହି ବାମରା ଏବଂ ମଥାପାଲି -ବିକୁ ପୁରସ୍କୃତ କରାଯାଇଛି। ସେହିପରି ରେଢ଼ାଖୋଲ ବ୍ଲକ ପାଇଁ ବିପିଏମ୍ ଅଭିନାଶ ନନ୍ଦ, ମାନେଶ୍ୱର ବ୍ଲକ ପାଇଁ ବିପିଏମ୍ ଆନନ୍ଦ ଦାସ, ଯୁଯୁମୁରା ବ୍ଲକ ପାଇଁ ବିପିଏମ ଅରବିନ୍ଦ ପାଣିଗ୍ରାହୀ, ଜମନକିରା ବ୍ଲକ ପାଇଁ ଟିମ୍ ଫାଶୀମାଲକୁ ସମ୍ମାନିତ କରାଯାଇଛି।



ସମ୍ମିଳନୀରେ ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତିବିଶେଷ।

# ଫ୍ରେଣ୍ଡ୍-ରିକ୍ୱେଷ୍ଟ

ଗଳ୍ପ

ପ୍ରତାପ ବିଶ୍ୱାଳ

ତା' ପ୍ରଥମ ଫ୍ରେଣ୍ଡ୍-ରିକ୍ୱେଷ୍ଟକୁ ମୁଁ ଡିଲିଟ୍ କରିଦେଇଥିଲି। କାରଣ ସେଇଟା ଗୋଟାଏ ସିମ୍ବଲିକ୍ ଛବିର ଫ୍ରେଣ୍ଡ୍-ରିକ୍ୱେଷ୍ଟ ଥିଲା। ଦୁଇଦିନ ପରେ ଦେଖେ ତ ପୁଣି ସେଇ ଫ୍ରେଣ୍ଡ୍-ରିକ୍ୱେଷ୍ଟ। ସେଇ ଛବି, ଗୋଟାଏ ପାନ ପତ୍ରକୁ ନାଲି ନେଲ୍‌ପଲିସ୍‌ଦିଆ ନଖରେ ଧରିଛି; ଯାହା ଭିତରେ ଅକ୍ଷରଟାଏ ଅଛି 'ଟ'। ତା' ପ୍ରୋଫାଇଲ୍‌କୁ ଦେଖିଲି। ମାତ୍ର ଦୁଇଟା ଛବି ସେ ପ୍ରୋଫାଇଲ୍‌ରେ। ଗୋଟାଏ ଜଣେ ବୟସ୍କ ଲୋକ ସହ ସିଏ। ଅନ୍ୟ ଗୋଟାଏ କାକରଭିଜା ଗୋଲାପ ଫୁଲର ଛବି। ମନକୁ କ'ଣ ଆସିଲା କେଜାଣି କନ୍‌ଫର୍ମ କରିଦେଲି।

ସେଇଦିନ ସାଢ଼େ ବାରଟା ହେବ ମେସେଞ୍ଜରକୁ ଲେଖା ଆସିଲା- ''ଅଜା ପ୍ରଣାମ। କ'ଣ କରୁଛନ୍ତି?'' ମୁଁ ଲେଖିଲି, ଖାଇବାକୁ ଯାଉଛି। ସେ ପୁଣି ଲେଖିଲା 'ହଉ, ଖାଇସାର'। ମୁଁ କିଛି ବୁଝିପାରୁ ନ ଥିଲି କିଏ ମୋତେ ଅଜା ସମ୍ବୋଧନ କରି ଲେଖୁଛି! ମୁଁ ତ ଅଜା ହେବାର ସୌଭାଗ୍ୟ ଏ ପର୍ଯ୍ୟନ୍ତ ପାଇନି। ଝିଅ ବାହାଘରକୁ ବର୍ଷେ ହୋଇନି। ପୁଅ ବି ଏ ପର୍ଯ୍ୟନ୍ତ ଅବିବାହିତ। ତିନିଟା ବେଳକୁ ପୁଣି ମେସେଜ୍ ଆସିଲା- ''କ'ଣ କରୁଛନ୍ତି ଅଜା?'' ମୁଁ ବିରକ୍ତରେ ଲେଖିଲି- ''କ'ଣ ଅଜା, ଅଜା ଲେଖୁଛନ୍ତି। ମୁଁ ତୁମର କି ଅଜା, କିଏ ଆପଣ? ମୁଁ କେମିତି ତୁମର ଅଜା ହେଲି?'' ସେ ଏଥରକ ଲେଖିଲା: ଆପଣଙ୍କ ପ୍ରୋଫାଇଲ୍‌ରେ ଆପଣଙ୍କ ଜନ୍ମ ତାରିଖ ଲେଖାଅଛି। ମୁଁ ବହୁତ ଛୋଟ।

: ଛୋଟ ମାନେ କ'ଣ କରୁଛନ୍ତି ଆପଣ। କ'ଣ ଆପଣଙ୍କ ପରିଚୟ?

: ମୋର ପ୍ଲସ୍‌ଟୁ ଫାଷ୍ଟ ଇୟର ହେଲା। ଆମ ଘର ପୁରୀ ତାଳବଣିଆ। ଆପଣ ମୋତେ 'ଆପଣ' କାହିଁ ଲେଖୁଛନ୍ତି? ମୋତେ ତୁ ଲେଖନ୍ତୁ। ମୋ' ନାଁ ଶ୍ରୀୟା। ଡାକ ନାଁ ଆନି। ଆପଣଙ୍କ ଫୋନ୍ ନମ୍ବରଟା ଦିଅନ୍ତୁ ନା ପ୍ଲିଜ୍।

ମୁଁ କହିଲି- ମୁଁ କାହାକୁ ଫୋନ୍ ନମ୍ବର ଦିଏ ନାହିଁ।

ସେଦିନ ରାତି ଏଗାରଟା। ପୁଣି ଫୋନ୍ ଆସିଲା। ଦେଖେ ତ ଗୋଟାଏ ଅଜଣା ନମ୍ବର। ଏତେ ରାତିରେ ଗୋଟାଏ ଅଜଣା ନମ୍ବରରୁ କଲ୍! କିଛି ନ ଭାବି ଉଠାଇ ହ୍ୟାଲୋ କହିଛି ତ ସେପଟୁ ଶୁଭିଲା ଅଜା ଗୁଡ୍‌ନାଇଟ୍। ମୁଁ ଆନି କହୁଛି। ଶୋଇନାହାନ୍ତି ଏ ପର୍ଯ୍ୟନ୍ତ? ମୁଁ ଆହୁରି ଆଶ୍ଚର୍ଯ୍ୟ ହୋଇ ପଚାରିଲି ଆପଣ ମୋ' ନମ୍ବର କେଉଁଠୁ ପାଇଲେ? ସେପଟୁ ଶୁଭିଲା ପୁଣି 'ଆପଣ'! ନାତୁଣୀକୁ କିଏ କ'ଣ ଆପଣ କୁହେ? 'ତୁ' କୁହନ୍ତୁ। ପ୍ଲିଜ୍।

: ହଉ। ତୁ ମୋ' ଫୋନ୍ ନମ୍ବର କେଉଁଠୁ ପାଇଲୁ?

: ଆପଣଙ୍କ କବିତା ଯେଉଁ ମାଗାଜିନ୍, ପେପରରେ ବାହାରିଥାଏ ତା' ତଳେ ଆପଣଙ୍କ ଫୋନ୍ ନମ୍ବର ଥାଏନା।

: ହଉ କହ କ'ଣ ପାଇଁ ଫୋନ୍ କଲୁ?

: ଆପଣ କ'ଣ କରୁଛନ୍ତି?

: ଗୋଟାଏ ମାଗାଜିନ୍‌କୁ ଲେଖା ପଠାଇବା ପାଇଁ କବିତାଟିଏ ଉତାରୁଛି।

: ନାଇଁ କାଲି ଉତାରିବେ। ଏତେ ରାତି ହେଲାଣି, ଯାଇ ଶୋଇପଡ଼ନ୍ତୁ।

: ତୁ କାହିଁ ଏତେ ରାତିଯାଏ ଶୋଇନୁ। କ'ଣ କରୁଛୁ?

: ଆଗକୁ ଏକ୍‌ଜାମ୍। ପଢୁଛି ଯେ ମନ ଲାଗୁନି। ଅଜା କଥା ମୋର ବାରମ୍ବାର ମନକୁ ଆସୁଛି।

: କ'ଣ ହୋଇଛି ତୋ' ଅଜାର?

ସେ ଚୁପ୍ ରହିଲା। ଭାରି ଭାରି କଣ୍ଠରେ କହିଲା- ତିନିମାସ ହେଲାଣି ସେ କରୋନାରେ ଚାଲିଗଲେ। ସିଏ ଥିଲେ ମୋର ବେଷ୍ଟ ଫ୍ରେଣ୍ଡ୍।

ଏତେ ରାତିରେ କଥା ନ ବଢ଼ାଇବାକୁ ଯାଇ ମୁଁ କହିଲି- ହଉ ଯା' ଶୋଇପଡ଼। କାଲି କଥା ହେବା।

ମୁଁ ଦେଖିଲି- ମୁଁ କିଛି କହିବା ଆଗରୁ ସିଏ ଫୋନ୍ କାଟି ସାରିଲାଣି। ଟିକିଏ ପରେ ପୁଣି ମେସେଞ୍ଜରକୁ କଲ୍ ଆସିଲା। କହିଲା- ଦେଖାଅ ତ ଆପଣ ବର୍ତ୍ତମାନ କେଉଁଠି ଅଛନ୍ତି। ମୁଁ ବାଧ୍ୟ ହୋଇ ଶୋଇବାକୁ ଉଠିଲି, ଚେୟାର ଛାଡ଼ିଲି।

ମୁଁ ଅନୁଭବ କଲି ସିଏ ଯେପରି ମୋତେ ପାଦେ ପାଦେ ଜଗିଛି। ଦିନ ରାତି ପ୍ରାୟ ଦଶଥର ତା' ଫୋନ୍। ବିରକ୍ତ ଲାଗିଲା ମୋତେ। ଭାବିଲି- ନା ତା' ଫୋନ୍ ଆଉ ଉଠାଇବିନି କି ତା' ସାଥିରେ ଆଉ କଥା ହେବିନି। ସିଏ ଫୋନ୍ କରୁଥିଲା, ମୁଁ ଆଉ ତା' ଫୋନ୍ ଉଠାଉ ନ ଥିଲି। କିନ୍ତୁ ମୋତେ ଲାଗୁଥିଲା ମୁଁ କ'ଣ ଗୋଟାଏ ଯେପରି ହରାଇ ଦେଇଛି ଏହି ଦୁଇ ତିନିଦିନ ଭିତରେ। ପ୍ରତି ମୁହୂର୍ତ୍ତରେ ମୋତେ କେମିତି ଗୋଟାଏ ଖାଲି-ଖାଲି ଅନୁଭବ ହେଉଥିଲା, ଲାଗୁଥିଲା ଯେପରି କୌଣସି ଗୋଟାଏ ଆପଣାର ଲୋକକୁ ଏଇ ତିନିଦିନ ତଳେ ହରେଇଦେଇଛି। ଯେତେ ଚେଷ୍ଟା କଲେ ବି ସେଇ ତିନିଦିନରେ ଧାଡ଼ିଟିଏ ଲେଖିପାରି ନ ଥିଲି। ଏ କଥା ସ୍ତ୍ରୀ ଶୁଣି କହିଲେ- ଛୋଟ ପିଲାଟା, ତୁମେ ଯାହା କରୁଛ ଠିକ୍ କିଛି କରୁନ।

ଚତୁର୍ଥଦିନ ତା' ଫୋନ୍ କଲ୍‌କୁ ମୁଁ ଅପେକ୍ଷା କରି ରହିଲି- ସକାଳରୁ ସନ୍ଧ୍ୟାଯାଏ। ବାରମ୍ବାର ମେସେଜ୍, ମେସେଞ୍ଜର ବକ୍ସକୁ ସର୍ଚ୍ଚ କଲି। ନା, ସେ ଆଉ ଫୋନ୍ କରୁନି କି ମେସେଜ୍ ବି ଦେଉନି। ମନକୁ ପାପ ଛୁଇଁଲା। ପିଲାଟାର ଦେହ ଖରାପ ହୋଇଗଲା କି ଆଉ! ମୁଣ୍ଡରେ ନାନା ଚିନ୍ତା। କିଛି ଭଲ ଲାଗୁ ନ ଥାଏ। ଆଉ ସହି ନ ପାରି ତା' ନମ୍ବରକୁ କଲ୍ କଲି।

ସେପଟୁ ହ୍ୟାଲୋ କହିଲା ପରେ ମୁଁ ପଚାରିଲି, କ'ଣ କରୁଛୁ?

ଖାଲି ଶୁଭିଲା କାନ୍ଦ। ଏତେ ଜୋର୍‌ରେ ସେ କାନ୍ଦୁଥିଲା ଯେ, ମୋ' ଅଜାଣତରେ ମୋ' ଆଖିରୁ କେତେବେଳେ ଲୁହ ବହିଯାଇଥିଲା। କିଛି ସମୟ ତା'ର ସେମିତି କାନ୍ଦରେ କଟିଲା ପରେ କହିଲା: ମୁଁ ଆପଣଙ୍କୁ ବାରମ୍ବାର ଡିଷ୍ଟର୍ବ କରୁଥିଲି ବୋଲି ଆପଣ ଫୋନ୍ ଉଠାଉ ନ ଥିଲେ ନା?

କାନ୍ଦ ସହ ତା'ର ସ୍ୱର ମୋତେ ବିଚଳିତ କରିଦେଉଥିଲା। କିଛି ସମୟ ପରେ କହିଲି- ତୁ ତୋ' ଅଜାକୁ ବହୁତ ଭଲପାଉନା?

ସେ କହିଲା: ବହୁତ। ସେ ବି ମୋତେ ବହୁତ ଭଲ ପାଉଥିଲେ। ସ୍କୁଲ ଗଲାବେଳଠାରୁ କଲେଜ ଯିବାବେଳେ ମୁଁ ଆସି ତାଙ୍କ ଆଗରେ ଛିଡ଼ା ହୋଇଯାଏ। ସେ ମୋ' ମଥାରେ ପପି ଦେଲେ ମୁଁ ସ୍କୁଲ, କଲେଜ ଯାଏ। ମୁଁ ଶୋଇବାକୁ ଗଲାବେଳେ ବି ସେଇଆ। ସେ ଗଲାପରେ ମୁଁ ଭାରି ଏକୁଟିଆ।

ସେପଟୁ ଫୋନ୍‌ରେ ତା' କୋହଭରା କାନ୍ଦ ଶୁଭୁଥାଏ। କହିଲି- ହଉ, ଏବେ ମୁଁ ତୋର ସବୁ ଫୋନ୍ ଉଠାଇବି। କିନ୍ତୁ ଏତେ ଇମୋଶନାଲ୍ ହେବାଟା ଠିକ୍ ନୁହେଁ। ସେ କହିଲା- ପ୍ରମିଜ୍। ମୁଁ ବି କହିଲି- ପ୍ରମିଜ୍। ସେ କହିଲା- ଜାଣିଛ ମୁଁ କାହିଁ ଆପଣଙ୍କୁ ଫ୍ରେଣ୍ଡ୍ ରିକ୍ୱେଷ୍ଟ ମାଗିଥିଲି?

: ପଚାରିଲି କାହିଁକି?

ମୋ' ଅଜା ବି ଆପଣଙ୍କ ପରି କବିତା ଲେଖୁଥିଲେ। ଲେଖିସାରି ସେ ପ୍ରଥମେ ମୋତେ ଶୁଣାନ୍ତି। ତା' ପରେ ଯାଇ ମାଗାଜିନ୍ କି ପେପରକୁ ପଠାନ୍ତି।

: ସତେ! କ'ଣ ତୋ' ଅଜାଙ୍କ ନାଁ?

: ସୂର୍ଯ୍ୟନାରାୟଣ ଦାସ। ସେଥିପାଇଁ ପରା ମୋ' ଫେସ୍‌ବୁକ୍ ସିମ୍ବଲରେ ମୁଁ 'ଟ' ରଖିଛି।

ସେପଟୁ ହଠାତ୍ ଶୁଭିଲା, କାହା ସହିତ କଥା ହେଉଛୁ କି ଏତେ ସମୟ?

: ଅଜାଙ୍କ ସହ।

: ତୁ କ'ଣ ସତରେ ପାଗଳୀ ହୋଇଗଲୁଣି ନା କ'ଣ? ସବୁବେଳେ ସେଇ ଅଜା, ଅଜା, ଅଜା...

: ମୁଁ କ'ଣ ମିଛ କହୁଛି?

ବୋଧେ ଫୋନ୍‌ଟା ତା' ହାତରୁ ସ୍ତ୍ରୀ ଲୋକଟା ନେଇଗଲା। କହିଲା- ହ୍ୟାଲୋ! ମୁଁ ବି କହିଲି ହ୍ୟାଲୋ। ଆପଣ କ'ଣ ଆନିର ମା'?

: ଆଜ୍ଞା। ଆପଣ? ସେପଟୁ ଆନିର ମା' ପଚାରିଲେ।

ମୁଁ ସବୁକଥା କହି ସାରିଲା ପରେ ସେ କହିଲେ- କ୍ଷମା କରିବେ ଆଜ୍ଞା। ମୋ' ଶ୍ୱଶୁର ତାକୁ ବହୁତ ଭଲ ପାଉଥିଲେ। ସେ କୋଭିଡ୍‌ରେ ଚାଲିଗଲା ପରେ ସେ ପୂରା ଆବ୍‌ନର୍ମାଲ ହୋଇଯାଇଛି। ଡାକ୍ତରଙ୍କୁ ବି ଦେଖାଇ ସାରିଲୁଣି। କିନ୍ତୁ କିଛି ଫଳ ହେଲାନି। ଆପଣଙ୍କୁ ଡିଷ୍ଟର୍ବ କରୁଥିବ। କହିଲି- ଗୋଟାଏ ବଡ଼ ମେଣ୍ଟାଲ ସକ୍ ଲାଗିଛି ତାକୁ। ଏମିତି ବି ଅଧିକାଂଶଙ୍କର ହୁଏ। ତାକୁ ଫୋନ୍ ଦିଅନ୍ତୁ, ମୁଁ ଯଥାସମ୍ଭବ ଚେଷ୍ଟା କରିବି ପୁଣି ତାକୁ ନର୍ମାଲକୁ ଆଣିବାକୁ।

ସେବେଠାରୁ ଆମେ ପ୍ରାୟ ସମୟ ଫୋନ୍‌ରେ ଗପୁ। ଭଲ-ମନ୍ଦ କଥା ପଚାରୁ। ଥରେ ସେ କହିଲା- ଅଜା, ମୁଁ ଆପଣଙ୍କୁ ଭେଟିବି କେମିତି! ଆପଣଙ୍କୁ ଭେଟିବାକୁ ଭାରି ଇଚ୍ଛା ହେଉଛି। ମୁଁ କହିଲି, ମୋର ବି। ମୁଁ ଯେବେ ପୁରୀ ଯିବି, ତୋତେ ନିଶ୍ଚୟ ଭେଟିବି। ସେ କହିଲା-ପ୍ରମିଜ୍। ମୁଁ କହିଲି ପ୍ରମିଜ୍।

ମୋ: ୯୪୩୭୭୪୫୯୮୩





## କବିତା

### କେନ୍ଦରା

ଦେବାଶିଷ ଚକ୍ରବର୍ତ୍ତୀ

ସମ୍ଭୋଗର ସାଗରକୁ
ମନ୍ଥିଥିଲ ବୋଲି ସିନା
ପାଇଥିଲ ଐଶ୍ୱର୍ଯ୍ୟର
ଐରାବତ ଉଚ୍ଚୈଃଶ୍ରବା
ହେଲେ ଆମକୁ ମନ୍ଥିଲେ
କେବଳ କାନ୍ଦଣା ଛଡ଼ା
ଆଉ କ'ଣ କିଛି ମିଳିଛି ତୁମକୁ?

'ଭଜୁକିନା ରାମନାମ' ଗୀତ ଶୁଣେଇ
କେତେଦିନ ଆଉ ଏଇମିତି ଦେଉଥିବ
କାଳ ଯମର ଡରାଣ?
ଜୀବନର ଅଗଣାରେ ଯେବେ
ରାତିଦିନ ଲାଗିରହିଛି
ଦୁଃଖର ପାର୍ବଣ
ଭୋକର ସର୍ବଗ୍ରାସୀ ଭୂତାଣୁ ଆଗରେ
ନିଉଛୁଣା ନୁହେଁ କି ମରଣ?

ଆମେ କାହିଁ କେଉଁକାଳୁ
ପାଦ ଥାପିନୁ କି
କେଉଁଠି ସରୁ ନ ଥିବା ରାସ୍ତାରେ?
ତୁମ ଅଭିସନ୍ଧିର ନାଟକର
ଅବସନ୍ନ ଚରିତ୍ର ସଜାଇ
ତୁଣ୍ଡରେ ଆମର ଭରିଦେଇନ କି
ଭୟାତୁର ସଂଳାପ?
ଦୁଃଖକୁ ପ୍ରାରବ୍ଧ ମଣି
ସୁଧାର ବାଛୁରୀ ପରି
ତୁମ ବୋଲମାନି ଚାଲିବାକୁ
କେତେଦିନ ଆଉ ବୋଲାଉଥିବ
'ମନବୋଧ ଚଉତିଶା'
ଅଥଚ, ତୁମ ପାଇଁ କାଣିଚେ ବି
ଉଣା ହେଉ ନ ଥିବ
ବଡ଼ପଣର ଛତିଶା?

ସତରେ ତୁମ ଶଠତାର ଝାଞ୍ଜିରେ
କେତେଦିନ ଆଉ ଜୀବନ ସାଜିଥିବ
ପତ୍ରଝଡ଼ାର ରୁଗ୍ଣଋତୁ?
ମନର ଶୃଙ୍ଖଳା ତାହିରୁ ଭାସି ଆସୁଥିବ
ମୃତ ସ୍ୱପ୍ନଙ୍କ କାକଳି?
ପରାସ୍ତ ଇଚ୍ଛାଙ୍କ ମେଦରେ କ'ଣ
ଶୋକର ସ୍ଥାପତ୍ୟ ଆମେ
ଗଢ଼ି ଚାଲିଥିବୁ ଚିରକାଳ?
ଆମେ କ'ଣ ଏଇମିତି ସାଜିଥିବୁ
କରୁଣାହୀନ ବିଶ୍ୱର କରୁଣତମ ସ୍ୱର?

ମୋ: ୯୪୩୭୭୫୨୩୯୫

### ତୁମ ସ୍ମୃତିରେ

କୃଷ୍ଣା ମିଶ୍ର

ଅନ୍ତରେ ରୋପିଛି ସ୍ମୃତିର ବିହନ,
ଆଖିରେ ଆଖିଏ ଲୁହ...
ଗୁଡ଼େଇ ତୁଡ଼େଇ ହୁଏ
ଛାତିରେ ପ୍ରଶ୍ନର ଗୁଡ଼ାଏ ଛେଦ ରେଖା,
ଛନ୍ଦିଦିଏ ସରଳ ମୋ' ଭାବନା...
କାହାଣୀଟେ ଗଢ଼ିପାରେନା...
ଆଃ... ଦୁର୍ବିଷହ କୋହ,
ଫିଟେନା ଆହତ ମୋ' ସ୍ୱର,
ଅସହ୍ୟ ଯନ୍ତ୍ରଣା ସର,
ବହିଯାଏ ଧାରେ ଲୁହ
ଅଭୁଲା ତୁମ ସ୍ମୃତିର...
ସଉତୁଣୀ ସାଜେ ନିରାଶା,
ମନରେ ସଂଘର୍ଷ ଓ ଆଶା,
ପଲକେ ସଜାଇ ରଙ୍ଗିନ୍ ସ୍ୱପ୍ନ,
ପ୍ରତ୍ୟାଶୀର ନିଦଟେ ଶୋଇଯାଏ,
ତୁମରି ସ୍ମୃତିରେ,
ନାଲି ପଡ଼ିଥିବା ସକାଳ ଆଖିରେ

ପୃଥିବୀ ଦିଶେ ଧୂସର, ବିବର୍ଣ୍ଣ...
କୁହୁଡ଼ି ଘେରରେ,
ଦିଶେନା ନିଜର ଛାୟା!
କେତେ ଯେ ପ୍ରହର ବିତେ
ଚାରି ଦିଗେ ଅନ୍ଧକାର ମାୟା...
ତେଜି ଉଠେ ଦୀପଶିଖା ତୁମରି ନାମରେ,
ଅନୁଭବେ ତୁମ ପ୍ରୀତି, ମମତାର ଗୀତି,
ତୁମରି ସ୍ମୃତିରେ...

ମୋ: ୯୩୦୧୦୧୨୩୩୩

ଗୀତି କବିତା

### ସପନ ଯେ ମୋତେ

ହଂସନାଥ ମୁଦୁଲି

ସପନ ଯେ ମୋତେ
ଆଣି ଦେଇଗଲା
ଜୀବନ ଜିଇବା ଆଶା
ଜୀବନ ଜିଇବା
ଭିତରେ ପୁଣି ମୁଁ
ସପନେ କଲି ଭରସା। (୦)

ସପନ ଭିତରୁ
ଜୀବନ ଖୋଜିବା
ପାଇଁ ମନକରେ ଜିଦି
ଜୀବନ ପାଇଁକି
ସପନ ଯେ, ଲୋଡ଼ା
ସେଠି ମୁହଁ ଆଶାବାଦୀ
ତଥାପି ଜୀବନ
ଏକଲାପଣରେ
ହୁଏ ଯାହା ଲୋକହସା
ସପନେ କଲି ଭରସା। (୧)

ପଛକୁ ଫେରି ମୁଁ
ଆଗକୁ ଚାହିଁଲି
ନୂଆ ଜୀବନଟେ ପାଇଁ
ଅଳପ ଦୂରରୁ
କିଏ ସେ କହିଲା
ସେଇଠାରେ ଥାଅ ରହି
ମୁଁ ଭାବିଲି ବସି
ରୋକିଗଲେ ଥରେ
ଉଡ଼ିବ ଜୀବନ ହଂସା
ସପନେ କଲି ଭରସା। (୨)

ମୋ: ୯୭୭୭୯୬୮୭୧୯

## ପୁସ୍ତକ ପରିଚୟ

### କୁମାରସମ୍ଭବମ୍ (ଦ୍ୱିତୀୟ ଭାଗ)



**ଅନୁବାଦକ:** ବାଉରିବନ୍ଧୁ ଲେଙ୍କା
**ପ୍ରକାଶକ:** ବନଫୁଲ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୩୫୫/-

ମହାକବି କାଳିଦାସଙ୍କ ବିରଚିତ ମହାକାବ୍ୟ 'କୁମାରସମ୍ଭବମ୍'ର ନବମରୁ ସପ୍ତଦଶ ସର୍ଗ ପର୍ଯ୍ୟନ୍ତର ପଦ୍ୟାନୁବାଦ ହେଉଛି ଆଲୋଚ୍ୟ ପୁସ୍ତକ। ତିନିଶହରୁ ଊର୍ଦ୍ଧ୍ୱ ପୃଷ୍ଠାର ଏହି ଅନୁବାଦ କର୍ମରେ ଅନୁବାଦକ ପଣ୍ଡିତ ପ୍ରଦ୍ୟୁମ୍ନ ପାଣ୍ଡେଙ୍କ ହିନ୍ଦୀ ଗଦ୍ୟାନୁବାଦକୁ ଭାବ ଓ ଅର୍ଥ ସ୍ପଷ୍ଟତା ପାଇଁ ସହାୟକ ଗ୍ରନ୍ଥ ଭାବେ ନେଇଛନ୍ତି। ନବମ ସର୍ଗର ଆରମ୍ଭରେ ଦେବତାମାନଙ୍କ ଦ୍ୱାରା ପ୍ରେରିତ ହୋଇ ଅଗ୍ନିଦେବ କପୋତ ରୂପରେ ଶିବଙ୍କ ସମ୍ଭୋଗ ଗୃହକୁ ପ୍ରବେଶ କରୁଛନ୍ତି। ନବମ ସର୍ଗର ପ୍ରଥମ ଶ୍ଲୋକକୁ ଶ୍ରୀ ଲେଙ୍କା ଅନୁବାଦ କରିଛନ୍ତି ଏହିପରି: ''ଭ୍ରମର ସମାନ/ ଲୁବ୍ଧ ତ୍ରିଲୋଚନ/ ଉମାଙ୍କ ମୁଖ କମଳେ/ ଲାଗିରହିଥିଲେ/ ମଧୁ ଆସ୍ୱାଦନେ/ ରତିକ୍ରୀଡ଼ା କଳାବେଳେ।/ ସମ୍ଭୋଗ ଗୃହକୁ/ କପୋତ ଗୋଟିଏ/ ପ୍ରବେଶ କରୁଥିବାର/ ତ୍ରିଲୋଚନଙ୍କର/ ଚକ୍ଷୁକୁ ସେ ଦୃଶ୍ୟ/ ହୋଇଲା ଦୃଷ୍ଟିଗୋଚର।'' କଷ୍ଟଗମ୍ୟ କାଳିଦାସଙ୍କ ସଂସ୍କୃତ-ଅଭିବ୍ୟକ୍ତିକୁ ଅନୁବାଦକ ଏହି ଅନୁବାଦରେ ଯେପରି ବିଶ୍ୱସ୍ତତାର ସହ ତୋଳି ଧରିଛନ୍ତି, ବହିଟିର ଅନ୍ୟାନ୍ୟ ସର୍ଗରେ ମଧ୍ୟ ଅନୁରୂପ ଭାବେ ସେ ତାଙ୍କର ଅନୁବାଦ କର୍ମକୁ ନିଷ୍ଠାର ସହ ସମ୍ପାଦନ କରିଛନ୍ତି। ଆଶା, ଏହି ଅନୁବାଦ ପୁସ୍ତକଟି ପାଠକମାନଙ୍କର କେବଳ ପ୍ରିୟଭାଜନ ହେବ ନାହିଁ, କାଳିଦାସଙ୍କ ରଚନାର ରସ ଆସ୍ୱାଦନରେ ସହାୟକ ହେବ।

### ମଣିଷ ଖୋଜୁଥିବା କବିଟିଏ



**ଲେଖକ:** ସନାତନ ମଲ୍ଲିକ
**ପ୍ରକାଶକ:** ବାବା ରମେଶ ଚନ୍ଦ୍ର ଦାସ, ମହିମାଧର୍ମ ଗବେଷଣା ପରିଷଦ, କଳାରାହାଙ୍ଗ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୧୫୦/-

ଆଲୋଚ୍ୟ ପ୍ରବନ୍ଧ ପୁସ୍ତକଟି ମହିମାଧର୍ମ ଓ କବି ଭୀମ ଭୋଇଙ୍କ ସମ୍ପର୍କରେ ଲିଖିତ ଏକ ଉଚ୍ଚକୋଟୀର ଗ୍ରନ୍ଥ ବୋଲି ମତ ରଖିଛନ୍ତି ପୁସ୍ତକର ପ୍ରକାଶକ ବାବା ରମେଶ ଚନ୍ଦ୍ର ଦାସ, ଯେ କି ସ୍ଥାନୀୟ କଳାରାହାଙ୍ଗସ୍ଥିତ 'ମହିମାଧର୍ମ ଗବେଷଣା ପରିଷଦ ଚାରିଟେବୁଲ ଟ୍ରଷ୍ଟ'ର ପ୍ରତିଷ୍ଠାତା। ଗବେଷକ ଡ. ଉଦ୍ଧବ ଚରଣ ନାୟକ ଅଭିମତରେ ଲେଖିଛନ୍ତି: ''ପ୍ରବନ୍ଧଗୁଡ଼ିକ ଅତ୍ୟନ୍ତ ରୁଚିପୂର୍ଣ୍ଣ, ତଥ୍ୟ ସମ୍ବଳିତ, ଇତିହାସ ଓ ସାହିତ୍ୟର ଭିତ୍ତିଭୂମି ଉପରେ ପର୍ଯ୍ୟବସିତ। ଖୁବ୍ ସୁନ୍ଦର ଓ ସରଳ ଭାଷାରେ ରଚିତ।'' ପୁସ୍ତକରେ ସ୍ଥାନିତ 'ମଣିଷ ଖୋଜୁଥିବା କବିଟିଏ', 'ମହିମା ସ୍ୱାମୀ', 'ମହିମା ଦର୍ଶନ', 'ଦୁଃଖ ଅପ୍ରମିତ', 'ଜଗତ ଉଦ୍ଧାର ହେଉ', 'ଓଡ଼ିଆ ଭାଷା, ସାହିତ୍ୟ ଓ ସନ୍ଥକବି ଭୀମ ଭୋଇ', 'ଭୀମ ଭୋଇଙ୍କ ଧର୍ମତତ୍ତ୍ୱ ଓ ଦର୍ଶନ' ଏବଂ 'ମଧୁବାବୁ, ନବକୃଷ୍ଣ ଚୌଧୁରୀ ଓ ମହିମାଧର୍ମ' ଆଦି ନିବନ୍ଧଗୁଡ଼ିକ ମହିମା ଧର୍ମାବଲମ୍ବୀ, ଗବେଷକ ଓ ସାଧାରଣ ପାଠକମାନଙ୍କୁ ନାନା ଭାବେ ଉଦ୍‌ବୁଦ୍ଧ କରିବ ବୋଲି ଆଶା। କବି ଓ ପ୍ରକାଶକ ବିଷ୍ଣୁପଦ ସେଠୀ ଯଥାର୍ଥରେ କହିଛନ୍ତି: ''ସାମ୍ୟବାଦ ପ୍ରତିଷ୍ଠା କରିବା ପାଇଁ ଭୀମ ଭୋଇ ଯେଉଁ ଶପଥ ନେଇଛନ୍ତି, ଏ ପୁସ୍ତକରେ ତାହାର ଅବତାରଣା କରାଯାଇଛି। 'ପରିଶିଷ୍ଟ'ରେ 'ସ୍ତୁତିଚିନ୍ତାମଣି' ଓ ଭୀମ ଭୋଇଙ୍କ କତିପୟ ଭଜନ/ ଜଣାଣ ସଂଯୋଜନ ବହିଟିକୁ ସ୍ୱରୋଜ୍ଜ୍ୱଳ କରିଛି।

## ମାଆଙ୍କ ପେଟ

କ୍ଷୁଦ୍ର ଗଳ୍ପ

ଦ୍ୱିତୀ ଚନ୍ଦ୍ର ସାହୁ

॥ ୧ ॥

ପିଲାଙ୍କୁ ଖାଇବାକୁ ଦେଉଥିଲା ମାଆ। ଅଭାବ ଭିତରେ ଖାଇବା ଯୋଗାଡ଼ କରିବା ଭାରି କଷ୍ଟ ଥିଲା। ସମସ୍ତଙ୍କୁ ସମାନ ଭାଗରେ ଦେଉଥିଲା ଖାଇବା। ପାଖରେ ବସେଇ ଖୁଆଉଥିଲା। କୁନି ପୁଅକୁ ପୁଣି ଗପ ଶୁଣେଇ ଶୁଣେଇ ପାଟିରେ ଭରୁଥିଲା ଖାଇବା। ସମସ୍ତେ ଖାଇବା ପରେ ଅଇଁଠା ସଫା କରି ଆସି ଶୋଇବାକୁ ଶେଯ ପାରିଲା। ସମସ୍ତେ ଯେଝା ବାଗରେ ଶୋଇଲେ।

ମାଆ ପାଖକୁ ଲାଗି ଆସି ବଡ଼ ପୁଅ ଧୀରେ ପଚାରିଲା- ''ମାଆ ତୁମେ କ'ଣ ପାଇଁ ଖାଇଲନି।''

ସେ କହିଲା: ''ଭୋକ ଲାଗୁନି।''

ପୁଣି ପୁଅ କହିଲା: ''ଭୋକ ଲାଗୁନି ନା ଖାଇବା ନାହିଁ।''

ମୁଣ୍ଡ ବାଳକୁ ଆଉଁଶି ଆଉଁଶି କହିଲା: ''ମାଆମାନଙ୍କୁ ଭୋକ ଲାଗେନି ବାପା! ପିଲାଙ୍କ ପେଟ ପୂରିଲେ ମାଆଙ୍କ ପେଟ ପୂରିଯାଏ। ଆଉ ଭୋକ କେମିତି ହେବ!''

ଆଉ କିଛି ବି ପ୍ରଶ୍ନ ପଚାରିଲେନି ସେ।

॥ ୨ ॥

ଶରତ ସକାଳ, ଟିକେ ଶୀତୁଆ ପାଗ। ପନିପରିବାର ଦିନ। ବୟସର ଭାରରେ ବୁଢ଼ୀ ହୋଇଯାଇଛି ମାଆ। ଏବେ ଖୁସିରେ ବଞ୍ଚିବାର ଦିନ। ରୋଜଗାରିଆ ପୁଅ ପାଖରେ ପୁଅ ବୋହୂ ନାତି ନାତୁଣୀଙ୍କୁ ନେଇ ବୁଢ଼ୀ ମାଆର ଖୁସିର ସଂସାର।

ସେଦିନ ମାଆ ପସନ୍ଦର ତିଆରି ହୋଇଥିଲା କାଞ୍ଜି ଓ ବୋଇତାଳୁ ଫୁଲର ପିଠଉ ଭଜା। ଖାଇଲାବେଳେ ବୋହୂ ବଳେଇ ବଳେଇ ଦେଉଥିଲା ଭଜା।

ମାଆ କହିଲା: ''ନାଇ ଲୋ ବୋହୂ ମାଆ! ମୋ' ପୁଅ, ନାତିନାତୁଣୀ ଓ ତୁ ମିଶି ଖାଆ। ମୋ' ପେଟକୁ ଏସବୁ ଆଉ ଯାଉଛି କ'ଣ! ତୁମେ ସବୁ ଖାଇଲେ ମୋ' ପେଟ ପୂରିଯିବ।''

ନାତିନାତୁଣୀ ହସି ହସି କହିଲେ: ''ଜେଜେମାଆ! ଆମେ ଖାଇଲେ ତୁମ ପେଟ କେମିତି ପୂରିବ।''

ପୁଅ ସେପଟୁ ବୁଝେଇବାକୁ ଯାଇ କହିଲେ: ''ତୁମେ ଯେବେ ବଡ଼ ହେବ ଏ ଥିଓରୀ ତୁମେ ବଳେ ବୁଝିଯିବ।''

ଆଉ ନଥିଲା ପିଲାଙ୍କର କିଛି ପ୍ରଶ୍ନ।

॥ ୩ ॥

ମାଆଙ୍କ ଶ୍ରାଦ୍ଧ କର୍ମ ସରିଲା। ପିଣ୍ଡପତ୍ରରେ ବଢ଼ାଯାଇଥିଲା ବିଭିନ୍ନ କିସମର ଖାଦ୍ୟ। ନାତିଟୋକାକୁ ପୂଜା ପିଣ୍ଡପତ୍ରରେ ଖାଇବାକୁ କୁହାଗଲା। ଏତେ ସବୁ ଖାଇବା ଦେଖି ସେ ମନା କଲା।

ତା'ର ବାପା କିଛି କହିବା ପୂର୍ବରୁ ପାଖରେ ଥିବା ପୂଜାରୀ ନନା କହିଲେ: ''ଆରେ ବାବୁ ତୁ ଖାଇଲେ ଯାଇ ତୋ' ଜେଜେମାଆ ପାଇବେ। ସେଥିପାଇଁ ଜେଜେମାଆଙ୍କ ପାଇଁ ତୋତେ ଖାଇବାକୁ ପଡ଼ିବ।''

ନାତି ଟୋକା ବାଲୁବାଲୁ ହୋଇ ପୂଜାରୀ ନନା ଓ ବାପାଙ୍କୁ ଟିକେ ଚାହିଁଲା। ପାଖରେ ପୂଜା ପାଉଥିବା ଜେଜେମାଆଙ୍କ ଫଟୋକୁ ଦେଖି ତୁନି ଖାଇବା ଆରମ୍ଭ କଲା।

ଖାଇଲାବେଳେ ମନେପଡ଼ିଗଲା ସବୁବେଳେ ଜେଜେମାଆ କହୁଥିବା କଥା: ''ମୋ' ନାତିନାତୁଣୀ ଖାଇଲେ ମୋ' ପେଟ ପୂରିଯିବ ଲୋ ବୋହୂ ମାଆ।''

ମୋ: ୯୪୩୭୯୦୯୬୭୧

## କାଳକାଳକୁ



''ସଙ୍ଗୀତ ତାହାକୁ ପ୍ରକାଶ କରେ, ଯାହାକୁ ଶବ୍ଦରେ ବ୍ୟକ୍ତ କରିହେବ ନାହିଁ କି ଚୁପ୍ ମଧ୍ୟ ରଖିହେବ ନାହିଁ।''

-ଭିକ୍ଟର ହ୍ୟୁଗୋ

ଭିକ୍ଟର ହ୍ୟୁଗୋଙ୍କ ଜନ୍ମ ୨୬ ଫେବୃୟାରୀ ୧୮୦୨ରେ ଓ ପରଲୋକ ୨୨ମେ ୧୮୮୫ରେ ଫ୍ରାନ୍ସରେ। ଫରାସୀ ଭାଷାର ଏହି କିମ୍ବଦନ୍ତୀପ୍ରତିମ ଲେଖକ ତାଙ୍କର ୬୦ ବର୍ଷ ବ୍ୟାପି ସୃଜନ-ଜୀବନରେ କବିତା, ଉପନ୍ୟାସ, ନାଟକ ଓ ପ୍ରବନ୍ଧ ଆଦି ନାନା ଶୃଙ୍ଖଳରେ ଲେଖନୀ ଚାଳନା କରି ବିଶ୍ୱର ଜଣେ ଗରିମାମୟ ଲେଖକର ମର୍ଯ୍ୟାଦା ଲାଭ କରିଛନ୍ତି। ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ କେତୋଟି ବହୁପଠିତ ପୁସ୍ତକ ହେଲା- "Les Miserables", "Ruy Blas" ଓ "The Hunchback of Notre-Dame." ହ୍ୟୁଗୋ କହନ୍ତି: ''ରାତି ଯେତେ ଗଭୀର ହେଉ, ସବୁ ରାତିର ସକାଳ ଅଛି, ଅଛି ସୂର୍ଯ୍ୟୋଦୟ।''

## କିନ୍ନର

ମୂଳହିନ୍ଦୀ: ଡ. ଲତା ଅଗ୍ରୱାଲ
ଅନୁସୃଜନ: ବିନୟ କୁମାର ଦାସ

ଅନୁବାଦ ଗଳ୍ପ

''ଆଉ... କେମିତି ଅଛ ବୁଢ଼ୀମା'?''

ଗୋଟିଏ ଭ୍ୟାନ୍‌ରୁ ଓହ୍ଲାଇ ଖୁବ୍ ଉଚ୍ଚ ସ୍ୱରରେ କହିଲା ପାୟଲ। ବୁଢ଼ୀ ଜଣକ ଏକ ଭଙ୍ଗା ଘରର ଛାତ ତଳେ ଗୋଟିଏ ଦଦରା ଖଟିଆରେ ଶୋଇ ରହିଥିଲା। ସେ ଚାହିଁଲା ଏପାଖ ସେପାଖକୁ।

''କି... କିଏ? ମୁଁ ଜାଣିପାରୁନି ଝିଅ... ଆଜିକାଲି ତ ମୋ' ଆଖିକୁ ଭଲ ଦିଶୁନି। ଏଣେ ପେଟକୁ ବି ଦୁଇଦିନ ହେଲା କିଛି ଯାଇନାହିଁ। ତୁ କିଏ କହିଲୁ ମା'?''

''ତୁମେ ଖାଇନାହଁ ବୋଲି ତ ମୁଁ ଆସିଛି। ତୁମମାନଙ୍କ ପାଇଁ କିଛି ରନ୍ଧାଖାଦ୍ୟ ପୁଡ଼ିଆ ଆଣିଛୁ।''

''ଏଁ... ତୁ ସତ କହୁଛୁ ଝିଅ। ଆମ ପାଇଁ ଖାଦ୍ୟ ଆଣିଛୁ?''

''ହଁ ବୁଢ଼ୀମା'। ମୋ' ସହିତ ଆମ ଦଳର କିଛି ସଦସ୍ୟ ଆସିଛନ୍ତି। ତୁମେ ଉଠିକି ବସ।''

''ଆଗ କହିଲୁ ତୁ କିଏ?''

''ମୁଁ ପାୟଲ। ଏଇ ସାହିରେ ମୋ ଘର। ହେଲେ ଏଠି ଆଉ ରହୁନି। ତୁମେ ସବୁ ମୋତେ ଏଠି ତ ରହିବାକୁ ଦେଲନାହିଁ। ମନେପଡୁଚି ତ... ମୁଁ ସେଇ। ମୋ' ବାପାଙ୍କ ନାମ ରାମଦୀନ୍।''

''ଓହୋ... ତୁ ତାହେଲେ ଆମ ରାମଦୀନ୍‌ର ସନ୍ତାନ।''

''ହଁ, ବୁଢ଼ୀମା', ମୁଁ ଏବଂ ମୋର କିଛି ସାଙ୍ଗ ମିଶି ତୁମମାନଙ୍କ ପାଇଁ ଏ ସବୁ ନେଇ କି ଆସିଛୁ। ଲକ୍‌ଡାଉନର ସୀମା ବଢ଼ିଗଲା ତ... ତେଣୁ ଆମେ ଭାବିଲୁ ତୁମେ ସବୁ ବହୁତ ହଇରାଣରେ ଥିବ। ତୁମମାନଙ୍କୁ ସାହାଯ୍ୟ କରିପାରିଲେ ଆମ ଜୀବନ ସାର୍ଥକ ହୋଇଯିବ।''

ପାୟଲର କଥା ଶୁଣି ସାହିର ଅନ୍ୟମାନେ ସେତେବେଳକୁ ଆସି ସେଠାରେ ପହଞ୍ଚି ସାରିଥିଲେ।

''ଆଲୋ ଝିଅ, ତୁ ତ ଆମର ଅତି ଆପଣାର। ଦିନେ ଆମେ ସମସ୍ତେ ତୋତେ ଭୁଲ୍ ବୁଝିଥିଲୁ। ତୋର ସେଇ ଗୋଟିଏ ଗୁଣ ପାଇଁ ଆମେ ତୋତେ ସାହିରେ ରହିବାକୁ ଦେଇ ନ ଥିଲୁ। ତୋ' ପରିବାର ବି ଆମକୁ ସମର୍ଥନ କଲା। ବାଧ୍ୟ ହୋଇ ତୁ ସାହି ଛାଡ଼ିଥିଲୁ।'' ସେମାନଙ୍କ ମୁହଁ ତଳକୁ ହୋଇଯାଇଥିଲା ଏତକ କହିଲା ବେଳକୁ।

''ଯାହା ହବାର ଥିଲା ହୋଇ ସାରିଛି। ସେ ସବୁ କଥାକୁ ଧରି ଏବେ କିଛି ଲାଭ ନାହିଁ। ଈଶ୍ୱରଙ୍କ ଦୟାରୁ ଆମେ ଏବେ ଭଲରେ ଅଛୁ।'' ଏତକ କହି ସେ ଭ୍ୟାନ୍ ପାଖକୁ ଚାଲିଗଲା ଖାଦ୍ୟ ପ୍ୟାକେଟ୍ ଆଣିବା ପାଇଁ। ସମସ୍ତେ ମିଶି ତାକୁ ଉତ୍ସାହିତ କରିବା ପାଇଁ ତାଳି ମାରିବାକୁ ଲାଗିଲେ। କିନ୍ନର ବୋଲି କହି ଦିନେ ତାକୁ ଏ ସାହିରୁ ବାହାର କରିଦେଇଥିଲେ, କିନ୍ନରର ତାଳି ସେମାନଙ୍କୁ ଖୁବ୍ କର୍କଶ ଶୁଭୁଥିଲା ସେଦିନ। ହେଲେ ଆଜି ସେଇ ତାଳି ସେମାନଙ୍କୁ ଅତି ମଧୁର ଶୁଭୁଥିଲା କାନକୁ।

ମୋ: ୯୮୬୧୦୧୮୩୬୯



**୧୦୯ କୋଟି ଠକେଇ ମାମଲା: ବ୍ୟବସାୟୀ ଦୀପକ କିଣ୍ଡୋଙ୍କ ଜାମିନ ଆବେଦନ ଖାରଜ**

**କଟକ ଅଫିସ:** ଓଡ଼ିଶାରେ ୧୦୯ କୋଟି ଟଙ୍କା ଠକେଇ ମାମଲାରେ ବ୍ୟବସାୟୀ ତଥା ସୁନ୍ଦରଗଡ଼ ବାସିନ୍ଦା ଦୀପକ କିଣ୍ଡୋଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ବିଚାରପତି ଗୌରୀ ଶଙ୍କର ଶତପଥୀ ଶୁଣାଣି କରି ମାମଲାର ଅନ୍ତ ଘଟାଇଛନ୍ତି। ଆଇଏଏସ୍ ଅଧିକାରୀ ଲୁଭିନସ କିଣ୍ଡୋଙ୍କ ପୁଅ ଦୀପକ କିଣ୍ଡୋ ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ଠକିବା ଘଟଣାରେ ଇଓଡବ୍ଲ୍ୟୁ ଦ୍ୱାରା ଗିରଫ ହୋଇଥିଲେ। ଭୁବନେଶ୍ୱରର ଅନ୍ନପୂର୍ଣ୍ଣା ଫାଇନାନ୍ସରୁ ଋଣ ନେଇ ଠକିଥିବା ସମ୍ପର୍କରେ ୨୦୨୧ ଡିସେମ୍ବର ୩୧ରେ ଇଓଡବ୍ଲ୍ୟୁରେ ସଂସ୍ଥା ପକ୍ଷରୁ ଅଭିଯୋଗ ହୋଇଥିଲା। ଏନେଇ ମାମଲା(ନଂ.୧୭/୨୦୨୧) ରୁଜୁ ହୋଇଥିଲା। ଏହାବାଦ ବାଙ୍ଗାଲୋର, ହାଇଦ୍ରାବାଦ, ତାମିଲନାଡୁ ଆଦି ସ୍ଥାନରୁ ମଧ୍ୟ ସେ ଅନୁରୂପ ଭାବେ ମିଥ୍ୟା ତଥ୍ୟ ଦେଇ ଠକେଇ କରିଥିଲେ। ଅନ୍ନପୂର୍ଣ୍ଣା ଫାଇନାନ୍ସ ପକ୍ଷରୁ ଆଇନଜୀବୀ ବିଷ୍ଣୁ ପ୍ରସାଦ ପ୍ରଧାନ ମାମଲା ପରିଚାଳନା କରୁଥିଲେ।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ରୁଦ୍ରାଦିତ୍ୟ ପ୍ରଦ୍ୟୁମ୍ନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





ଧ-୭୧୦୪୬

CLASSIFIED DISPLAY ALL EDITION - B/W (Everyday)
MORE SPACE ' SAME PRICE

## ଫାଇନାନ୍ସ

ପର୍ସନାଲ, ବ୍ୟବସାୟ, କୃଷି, ଶିକ୍ଷା, ଗୃହ, ପ୍ରପର୍ଟି, ମାଛଚାଷ, କୁକୁଡ଼ା ପାଳନ, ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ମିଳିବ, ସୁଧ=4% ଅନ୍‌ଲାଇନ୍ ସୁବିଧା

Mob:7653803952
WP-7656825035

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଅର୍ଥନୀତିକୁ ଆଗେଇନେବାରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



କାର୍ଯ୍ୟକ୍ରମରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସିତାରାମନ ଏବଂ ଅନ୍ୟ ଅତିଥି।

**ଜଟଣୀ,୧୭।୨(ଡି.ଏନ୍.ଏ.)**

ଜଟଣୀ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱରରେ ଶୁକ୍ରବାର 'ଇନୋଭେଶନ ଆଣ୍ଡ ୟୁଥ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇଟି କମ୍ୟୁନିଟି ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସିତାରାମନ ଯୋଗଦେଇ ଦେଶର ଅର୍ଥନୀତିକୁ ଆଗକୁ ନେବାରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରାରମ୍ଭରେ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାକର କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟି ଡିନ୍ ଷ୍ଟୁଡେଣ୍ଟ ଆଫେୟାର୍ସ ପ୍ରଫେସର ପି.ଭି.ସତ୍ୟମ ମଞ୍ଚାସୀନ ଥିଲେ। ନିର୍ଦ୍ଦେଶକ କର୍ମାକର ଆଇଆଇଟି ଭୁବନେଶ୍ୱର ଆରମ୍ଭଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅଗ୍ରଗତି ଏବଂ ବିଭିନ୍ନ ଉପଲବ୍ଧି ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ କେନ୍ଦ୍ର ଅର୍ଥମନ୍ତ୍ରୀ ସରକାରଙ୍କ ବିଭିନ୍ନ ନୀତି ଏବଂ ଅର୍ଥବ୍ୟବସ୍ଥା ଉପରେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଏହି ଅବସରରେ ଆଇଆଇଟି ନିର୍ଦ୍ଦେଶକ କର୍ମାକର କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୬ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସହିତ ବିଭିନ୍ନ ବିଭାଗର ପ୍ରଫେସର ଯୋଗଦେଇଥିଲେ।

## ୧୬ ପୁଞ୍ଜିନିବେଶ ପ୍ରକଳ୍ପକୁ ଅନୁମୋଦନ

**ଭୁବନେଶ୍ୱର, ୧୭।୨(ବ୍ୟୁରୋ)**

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ଜମି ଆବଣ୍ଟନ କମିଟି ବୈଠକରେ ୧୬ ନୂଆ ପୁଞ୍ଜିନିବେଶ ପ୍ରକଳ୍ପକୁ ନୀତିଗତ ଭାବେ ଅନୁମୋଦନ ଦିଆଯାଇଛି। ଏହିସବୁ ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୨୪୦ କୋଟି ଟଙ୍କାର ନୂଆ ପୁଞ୍ଜିନିବେଶ ହେବା ସହ ୩୦୨୦ ଜଣଙ୍କ ନିମନ୍ତେ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଏକକ ବାତାୟନ(ସିଙ୍ଗଲ୍ ୱିଣ୍ଡୋ) ମାଧ୍ୟମରେ ଉକ୍ତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ ପ୍ରଦାନ କରାଯାଇଛି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ପ୍ରକଳ୍ପଗୁଡ଼ିକର ବୈଷୟିକ, ଆର୍ଥିକ ଏବଂ ଭିତ୍ତିଭୂମି ସମ୍ପର୍କିତ ବିଷୟ ଉପସ୍ଥାପନ ପୂର୍ବକ କହିଥିଲେ, ପ୍ରକଳ୍ପ ଗୁଡ଼ିକ ମୁଖ୍ୟତଃ ସୌରଶକ୍ତି, ଖାଦ୍ୟ ପ୍ରକ୍ରିୟାକରଣ, ଔଷଧ ପ୍ରସ୍ତୁତି, ପ୍ରିଣ୍ଟିଂ, ଗୃହ ଉପକରଣ ଏବଂ ନୂତନ ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା ଆଦି ଅନ୍ତର୍ଭୁକ୍ତ। ଏସବୁ ପ୍ରକଳ୍ପ ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟର ଆର୍ଥିକ ପ୍ରଗତିରେ ସହାୟକ ହେବ। ପ୍ରକଳ୍ପଗୁଡ଼ିକୁ ନୀତିଗତ ଅନୁମୋଦନ ଦେଇ ସେଗୁଡ଼ିକର ତ୍ୱରିତ କ୍ଷେତ୍ରାନ୍ୱୟନ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଏଥିପାଇଁ ସମସ୍ତ ପ୍ରକାର ପ୍ରଶାସନିକ ସହଯୋଗ ଯୋଗାଇଦେବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

## ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ

**ଜୟନାରାୟଣଙ୍କୁ ବିରୋଧୀ ଦଳ ନେତା ପଦରୁ ହଟାଇ ଦେବା ଉଚିତ**

**ସମ୍ବଲପୁର,୧୭।୨(ବ୍ୟୁରୋ):** ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ଅସୁସ୍ଥତା ଓ ବିବାଦୀୟ ଆଚରଣ ପାଇଁ ଜୟନାରାୟଣ ମିଶ୍ରଙ୍କୁ ବରୋଧୀ ଦଳ ନେତା ପଦରୁ ହଟାଇଦେବା ଉଚିତ। ସମ୍ବଲପୁର ଜିଲା ଧନୁପାଲି ଥାନାର ମହିଳା ପୋଲିସ ଇନ୍ସପେକ୍ଟରଙ୍କୁ ଚାପୁଡା ଦେଖାଇବା ଘଟଣାରେ ଏହା କହିଛନ୍ତି ଖୋଦ ସମ୍ବଲପୁରର ଭାଜପା ଏମ୍‌ପି ନୀତେଶ ଗଙ୍ଗଦେବଙ୍କ ସ୍ତ୍ରୀ ତଥା ଓଡ଼ିଶା ଲିଗାଲ ରାଇଟ୍ସ କାଉନସିଲର ରାଜ୍ୟ ସଭାନେତ୍ରୀ ଅରୁନ୍ଧତୀ କୁମାରୀ ଦେବୀ। ସେ ଆହୁରି କହିଛନ୍ତି, ନାରୀ ଶକ୍ତିର ପୂଜା କରାଯାଉଥିବା ମା' ସମଲେଶ୍ୱରୀଙ୍କ ମାଟିରେ ମହିଳାଙ୍କ ପ୍ରତି ଜୟନାରାୟଣଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ। ଏଣୁ ସେ ନାରୀ ଜାତିକୁ କ୍ଷମା ମାଗିବା ଉଚିତ। ୨୦୧୯ ଲୋକ ସଭା ନିର୍ବାଚନରେ ପ୍ରଚାର ମଙ୍ଗ ଧରି ଭାଜପା ପ୍ରାର୍ଥୀ ତଥା ତାଙ୍କ ସ୍ୱାମୀଙ୍କ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଅରୁନ୍ଧତୀଙ୍କ ଏଭଳି ମନ୍ତବ୍ୟ ଆଲୋଚନାର ବିଷୟ ହୋଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ବିଶ୍ୱଜିତ୍



@ ଦେବାଦିତ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


**BADRIPRASAD**
Institute of Medical Science
Approved by Odisha Nurses & Midwives Registration Council under DMET, Govt. of Odisha
B.Sc Nursing
Now at Sambalpur
In campus Hostel Facility Available
For Admission Contact-
At- Debaipali, Majhipali Chowk, PO-Sason, Dist-Sambalpur
Call:9937380097,9853435210,9238400140,8908119285


# ମଦ ନ ମିଳିବାରୁ ଘରେ ନିଆଁ ଲଗାଇଦେଲେ

**ବ୍ରଜରାଜନଗର,୧୭।୨(ଡି.ଏନ.ଏ.)**

ଝାରସୁଗୁଡା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଗାୟତ୍ରୀନଗରରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଏଠାରେ ରହୁଥିବା ରାଜେଶ ତନ୍ତିଙ୍କୁ ୩ଯୁବକ ମଦ ମାଗି ନ ପାଇବାରୁ ତାଙ୍କ ଘରେ ନିଆଁ ଲଗାଇ ଦେଇଛନ୍ତି। ଏଥିରେ ପରିବାର ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଏଚ୍ ଲାଇନର ମଣ୍ଟି ଗିରି (୨୧), ଶିବମ୍ ସିଂହ (୨୨) ଓ ଇତାଭଟାର ନିର୍ମଳ ମେହେର (୨୨)।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ରାତି ୧୧ଟା ସମୟରେ ଗାୟତ୍ରୀନଗରରେ ରହୁଥିବା ରାଜେଶଙ୍କ ଘରେ ଉପରୋକ୍ତ ୩ ଯୁବକ ପହଞ୍ଚି କବାଟ ବାଡେଇଥିଲେ। ରାଜେଶ କବାଟ ଖୋଲିବା ପରେ ସେମାନେ ତାଙ୍କୁ ମଦ ମାଗିଥିଲେ। ରାଜେଶ ମଦ ଦେବାକୁ ମନା କରିବାରୁ ଏହାକୁ ନେଇ ପରସ୍ପର ମଧ୍ୟରେ ବଚସା ହୋଇଥିଲା। ପରେ ରାଜେଶ ଘରକୁଯାଇ ଭିତରପଟୁ କବାଟ ବନ୍ଦ କରିଦେଇଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକମାନେ ରାଜେଶଙ୍କ ଗ୍ୟାରେଜରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ତାଙ୍କର ଗୋଟିଏ ବାଇକ୍ ଓ ସ୍କୁଟି ପୋଡିଯାଇଥିଲା। ଝରକାରେ ଥିବା ଏସିରେ ମଧ ନିଆଁ ଲାଗିଯାଇଥିଲା। ଏହା ଦେଖି ପଡାବାସୀ ଘଟଣାସ୍ଥଳରେ ପହଞ୍ଚି ଜଣେ ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଫୋନ କରିଥିଲେ। ପୋଲିସ ପହଞ୍ଚି ଉକ୍ତ ଅଭିଯୁକ୍ତଙ୍କୁ ପଚରାଉଚୁରା କରି ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ବ୍ରଜରଜନଗର ଥାନାରେ ଏକ ମାମଲା (ନଂ.୪୭/୨୩) ରୁଜୁ କରି ପୋଲିସ ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।


# Classified Everyday

0674-2580101, 2549949



AUTOMOBILE

SALE

Quotation invited for sale of Force Make Traveler delivery Van 3050 make 2016. Apply within 10 days to LEPRA Society, plot No.-N1/89, IRC Village, Bhubaneswar, Pin- 751015, Tel- 8917654150, 7681837599. D-2794



REAL ESTATE

SALE

Bhubaneswarର Phulnakhara East College ନିକଟରେ ଘରବାରି plot sqft. 990/-ରେ ବିକ୍ରିହେବ। 9937161494. D-2693

Duplex project at Retang Medical, Station near CV Raman University, Tamando, Bhubaneswar. 7008459987. D-74819

ଭୁବନେଶ୍ୱର-ପୁରୀ Bypass ସାଇ ମନ୍ଦିର NH side ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୂଳିଆ ନିକଟରେ ତୁରନ୍ତ ଘର କଲାଭଳି ଘରବାରି plot 30ft. ରାସ୍ତା, ଇଲେକ୍ଟ୍ରି ସୁବିଧା ଥାଇ ମିଳୁଛି। 9937450545. D-74813

3BHK flat- 65 lakhs in Prime Location, Rasulgarh, Bhubaneswar in the 1st Floor (ମାସକୁ ଭଡ଼ା ଆସୁଛି Rs.-23,000/-). Contact: 9938888850. D-2793

30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାଙ୍କୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941. D-74195

ଭୁବନେଶ୍ୱର KISS School ପାଖରୁ 4.5. k.m. ଦୂରତାରେ bypass NHକୁ ଲାଗି Electric possession ହୋଇଥିବା plot ବିକ୍ରିହେବ। 6370077932. D-74817

ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456. D-74197

ଭୁବନେଶ୍ୱର-ନଖରା ଛକ ପାଖରେ ଘର କଲାଭଳି SC plot ବିକ୍ରିହେବ। 9439832956. D-2687

4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399. D-2773

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

Residential gharabari plot at Brahmanjharilo, Cuttack with boundary wall, electry pole, inside Temple on Bank Loan facilities near English Medium High School 6 k.m. from Phulnakhara, 11k.m. from Bhubaneswar. 7809525452. D-74644

2BHK/ 3BHK flat for sale near Hanspal, Balianta, Bhubaneswar. Ready within Dec. 2023 (Rera & BDA approval) Contact: 7381087905, 7381087906. D-74514

IIT ଭୁବନେଶ୍ୱର ଅରଗୁଳ ଷ୍ଟେସନ ବଜାରଠାରେ sqft.-199/- plot possession ସହିତ ବିକ୍ରିହେବ। 6370077932. D-74816

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195. D-74814

ନଖରା-ନିଆଳି ମେନ୍‌ରୋଡ୍‌କୁ ଲାଗି East Engg. କଲେଜକୁ ଲାଗି ରୋଡ୍, ଇଲେକ୍ଟ୍ରି ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ ବିକ୍ରିହେବ। 7978729819. D-74815

Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667. D-2628



CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74186



Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2761

Relax, Refresh your Body, Mind at Saikrupa Spa with best therapies. 8984068077. D-2744

Asribada Panchakarma herbal SPA, Kesarimall, Bhubaneswar. Contact: 8926173473. D-74643

Full Body massage by experience therapist @999 only- 9078484455 (Bhubaneswar). D-2791

AFFIDAVIT

By virtue of an affidavit before the Executive Magistrate; Chatrapur, I have changed my name from Joyseel Pani to Joysheel Kumar Pani for all purpose. Therefore henceforth I shall be known as JOYSHEEL KUMAR PANI for my future all needful purpose. D-2789

LOST

ମୁଁ ଶ୍ରୀ ନିରଞ୍ଜନ ଦେଓ, ପିତା - ସ୍ୱର୍ଗତ ତ୍ରିଲୋଚନ ଦେଓ, ପୋଷ୍ଟ- ଜାବରା, ଥାନା- କୁଆଖିଆ, ଜିଲ୍ଲା- ଯାଜପୁର ସୂଚିତ କରିବାକୁ ଚାହୁଁଛି ଯେ, ତା୨୨।୧୦।୨୨ ରିଖରେ ଏକ ବ୍ୟାଗରେ ଥିବା ମୋର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସଞ୍ଚୟ ଖାତା ନଂ.୨୦୦୩୧୪୯୮୪୩୨ର ଚେକ୍ ବହି ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ ଖାତା ନଂ. ୫୫୬୬୧୦୩୧୦୦୦୦୩୨୪ ର ସ୍ୱାକ୍ଷରିତ ଚେକ୍ ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ ଖାତା ନଂ.- ୫୫୬୬୧୦୩୧୦୦୦୦୩୨୪ ର ସ୍ୱାକ୍ଷରିକ ଚେକ୍ ଉଭୟ ବହି ହଜିଯାଇଛି । କେହି ଏହାର ସନ୍ଧାନ ପାଇଲେ ୯୦୪୦୫୦୦୦୯୦ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୬୩୨୩୩

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



୰ ଶ୍ରୀମତୀ ଶକୁନ୍ତଳା ରାଉତ
ସ୍ୱାମୀ: ନଗେନ୍ଦ୍ରନାଥ ସାମନ୍ତରାୟ
ସତ୍ୟନଗର, ଭୁବନେଶ୍ୱର
ଆବିର୍ଭାବ: ୧୪।୧୧।୧୯୪୩
ତିରୋଧାନ: ୦୮।୦୨।୨୦୨୩
ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ବିନୀତ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଭାନୁ, ବୁବୁନା, ମାମି, ଟୁକୁ, ମିଳି, ଲିପି, ପୁପୁନ, ମୁନ୍‌ମୁନ୍, ପିହୁ ଓ ଦତ୍ତୁ।
ଧ-୨୨୮୬

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବିଚିତ୍ରାନନ୍ଦ ପାଇକରାୟ
ସ୍ତ୍ରୀ ୰ଶାନ୍ତିଲତା ପାଇକରାୟ
ପିପିଲି, କଣ୍ଟି, ପୁରୀ, ମୁକୁନ୍ଦନଗର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା ।
ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ ।
ଧ-୨୭୫୨

୧୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସିତାରାଣୀ ସିଂହ
ତିରୋଧାନ - ୧୯.୦୨.୨୦୧୨
(ଗୋକୁଳପୁର, ତାରପୁର, ଜଗତସିଂହପୁର)
ସା - ୰ ଙ୍କ ସଚିଦାନନ୍ଦ ସିଂହ
ଆପଣଙ୍କ ଶ୍ରଦ୍ଧା, ସ୍ନେହ ତଥା ଆଶୀର୍ବାଦ ସଦା ଆମମାନଙ୍କ ଉପରେ ରହିଥାଉ। ଏତିକି ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଚରଣ ତଳେ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୪୫୧୫

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



## ନସିମଙ୍କ ପ୍ରେମରେ ଉର୍ବଶୀ

**ମୁମ୍ବାଇ:** ବୃତ୍ତିଗତ ଜୀବନଠାରୁ ନିଜର ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ରହିଥାନ୍ତି ବଲିଉଡ ଅଭିନେତ୍ରୀ ଉର୍ବଶୀ ରୌତେଲା। ଦୀର୍ଘଦିନ ଧରି ସେ କ୍ରିକେଟର ରିଷଭ ପନ୍ତଙ୍କୁ ନେଇ ଚର୍ଚ୍ଚାରେ ଥିବାବେଳେ ଏବେ ତାଙ୍କ ନାମ ପାକିସ୍ତାନର କ୍ରିକେଟର ନସିମ ଶାହାଙ୍କ ସହ ଯୋଡ଼ା ଯାଉଛି। ଅଭିନେତ୍ରୀ ଏହି ବୋଲରଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଫେବୃୟାରୀ ୧୫ରେ ୨୦ ବର୍ଷରେ ପହଞ୍ଚିଥିବା ନସିମ କ୍ୱେଟା ଗ୍ଲାଡିଏଟର୍ସ ଟିମ୍ ସହ କେକ୍ କାଟି ଜନ୍ମଦିନ ପାଳନ କରିଥିଲେ। ଉର୍ବଶୀ ନସିମଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଥିଲେ ଓ ନସିମ ମଧ୍ୟ ଧନ୍ୟବାଦ ଲେଖିଥିଲେ। ପୂର୍ବରୁ ଉର୍ବଶୀ ନସିମଙ୍କ ସହ ଏକ ଇନଷ୍ଟାଗ୍ରାମ ଷ୍ଟୋରି ଶେୟାର କରି ଟ୍ରୋଲ ହେବା ପରେ ଏହାକୁ ଡିଲିଟ କରିଥିଲେ। ଏବେ କିନ୍ତୁ ଦୁହିଁଙ୍କ କଥା ଅନେକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଉଭୟଙ୍କ ମଧ୍ୟରେ କ'ଣ ଚାଲିଛି ସେ ନେଇ ଆଲୋଚନା ବଢ଼ିବାରେ ଲାଗିଛି।

# ସ୍ୱାମୀ ୨୯, ସ୍ତ୍ରୀ ୨୩ ଥର ବିବାହ କରିଥିଲେ



ୱାଶିଂଟନ୍

ଆମ ଦେଶରେ ବିବାହ ଏକ ପବିତ୍ର ବନ୍ଧନ ଭାବରେ ବିବେଚନା କରାଯାଏ। ଏହାକୁ ସାତ ଜନ୍ମର ସମ୍ପର୍କ କୁହାଯାଏ। ଅଧିକାଂଶ ଲୋକ ଏକାଧିକ ବିବାହ କରିଥାନ୍ତି। ଯଦିଓ ବର୍ତ୍ତମାନ ଭାରତରେ ଛାଡ଼ପତ୍ର ମାମଲା ବଢ଼ୁଛି ତଥାପି ଗୋଟିଏ ଜୀବନରେ ୨୦-୨୫ ବିବାହ କରିବାକୁ କେହି ସକ୍ଷମ ନୁହନ୍ତି। ଆଜି ଏମିତି ଦମ୍ପତିଙ୍କ ବିଷୟରେ କହିବୁ ଯେଉଁମାନେ ନିଜ ସ୍ତ୍ରୀ-ସ୍ୱାମୀଙ୍କୁ ଡ୍ରେସ ପରି ବଦଳାଇଛନ୍ତି। ଆମେରିକାର କାଲିଫର୍ନିଆର ରେଡଲାଣ୍ଡ ବାସିନ୍ଦା ଗ୍ଲିନ ୱୋଲ୍ଫେ ତାଙ୍କ ଜୀବନରେ ୨୯ଟି ବିବାହ କରିଛନ୍ତି। ସେ ୧୯୨୭ରୁ ବିବାହ ଆରମ୍ଭ କରିଥିଲେ ଏବଂ ୧୯୯୬ରେ ଶେଷ ବିବାହ କରିଥିଲେ। ଏହି ବିବାହର ଏକ ବର୍ଷ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଗ୍ଲିନ କେବଳ ଜଣେ ସ୍ତ୍ରୀଙ୍କ ସହ କିଛି ସମୟ ବିତାଇବା ପରେ ଦ୍ୱିତୀୟ ବିବାହ କରିଥିଲେ। ସେ ମୋଟ ୪୧ ସନ୍ତାନର ପିତା ଥିଲେ। ସେ ତାଙ୍କର ୨୮ତମ ସ୍ତ୍ରୀଙ୍କ ସହିତ ଦୀର୍ଘ ସମୟ ଅର୍ଥାତ୍ ୧୧ବର୍ଷ ପର୍ଯ୍ୟନ୍ତ ରହିଥିଲେ ଏବଂ ତାଙ୍କର ସବୁଠାରୁ କମ୍ ସମୟ ବିବାହ ୧୯ଦିନ ଥିଲା। ଗ୍ଲିନ ୱୋଲ୍ଫେଙ୍କ ଶେଷ ସ୍ତ୍ରୀଙ୍କ ନାମ ଲିଣ୍ଡା ୱୋଲ୍ଫେ । କୌତୂହଳର ବିଷୟ ହେଉଛି ଯେତେବେଳେ ଲିଣ୍ଡା ଗ୍ଲିନ୍‌ଙ୍କୁ ବିବାହ କରିବା ପୂର୍ବରୁ ୨୨ଟି ବିବାହ କରିଥିଲେ। ଗ୍ଲିନଙ୍କ ସହିତ ଏହା ତାଙ୍କର ୨୩ତମ ବିବାହ ଥିଲା। ଲିଣ୍ଡା ୧୬ ବର୍ଷ ବୟସରୁ ବିବାହ ଆରମ୍ଭ କରିଥିଲେ। ସେ ଅପରାଧୀଙ୍କଠାରୁ ଆରମ୍ଭ କରି ଭୂମିହୀନ ପୁରୁଷ, ସଂଗୀତଜ୍ଞ, ପ୍ଲମ୍ବରଙ୍କ ସହିତ ବିବାହ କରିଥିଲେ। ତାଙ୍କର ସବୁଠାରୁ କମ୍ ସମୟର ବିବାହ ୩ ଦିନ ହୋଇଥିବାବେଳେ ସେ ଜଣେ ବ୍ୟକ୍ତିଙ୍କୁ ତିନିଥର ବିବାହ କରିଥିଲେ। ତାଙ୍କର ଶେଷ ଯୋଡ଼ି ସମ୍ପୂର୍ଣ୍ଣ ଥିଲା।


**OFFICE OF THE SUPERINTENDING ENGINEER**
**RURAL WORKS DIVISION, BALLIGUDA**
**Government of Odisha e-Procurement Notice**
**Bid Identification No.Online Tender/16/SERWD BLG/2022-23**
**No.O-1852:** rw_balliguda@yahoo.com, Tel-06846-243114
**Letter No.937//RWDBLG** **Date:16.02.2023**

| | | | |
|---|---|---|---|
| 1 | Name of the Work | : | Building Work |
| 2 | Estimated Cost | : | Rs.18.82 Lakh to Rs.43.40 Lakh |
| 3 | Period of Completion | : | 4 (Four) to 6 (Six) Calendar months as per Annexure |
| 4 | Date & Time of availability of Bid documents in the Portal | : | From 21.02.2023 at 10.00 AM to 27.02.2023 upto 5.00 PM |
| 5 | Last Date/Time for receipt of Bids in the Portal | : | 27.02.2023 upto 5.00 PM |
| 6 | Name and address of the Officer Inviting Bid | : | Superintending Engineer, Rural Works Division, Balliguda |

Further details can be seen from the e-Procurement portal website https://www.tendersodisha.gov.in.
**Sd./- Superintending Engineer**
**Rural Works Division, Balliguda**
**OIPR-25164/11/0017/2223**


## ୫ ହଜାର ବର୍ଷ ତଳର ପବ୍



**ବାଗ୍‌ଦାଦ:** ଦକ୍ଷିଣ ଇରାକରୁ ୫,୦୦୦ ବର୍ଷ ତଳର ଏକ ପବ୍ ଠାବ ହୋଇଛି। ସେଠାରେ ଏକ ବିଶାଳ ଓଭନ, ଡାଇନିଂ ବେଞ୍ଚ, ସର୍ଭିଂ ଡିସ୍ ଓ ପ୍ରାକ୍ ଐତିହାସିକ ଯୁଗର ଶୀତଳୀକରଣ ବ୍ୟବସ୍ଥାର ଅବଶେଷ ରହିଛି। ପେନ୍‌ସିଲଭାନିଆ ଏବଂ ପିସା ୟୁନିଭର୍ସିଟିର ଏକ ମିଳିତ ଟିମ୍ ଏହି ପବ୍‌କୁ ଠାବ କରିଛି। ସେଠାରେ ଥିବା ପାତ୍ରରେ ମାଛ କଣ୍ଟା ଏବଂ ପ୍ରାଣୀ ହାଡ଼ ରହିଥିବାବେଳେ ସେତେବେଳେ ବିଅର ବ୍ୟବହାର ହେଉଥିବାର ସଙ୍କେତ ମିଳିଛି। କାରଣ ସୁମେରୀୟମାନଙ୍କର ମଦ୍ୟପାନ ସାଧାରଣ କଥା ଥିଲା। ପୁରାତତ୍ତ୍ୱବିତ୍‌ମାନେ ଠାବ କରିଥିବା ଏକ ବାର୍ ୫,୦୦୦ ବର୍ଷର ପୁରୁଣା। ଏଥିରୁ ଉକ୍ତ ପ୍ରଥମ ସହରର ଦୈନନ୍ଦିନ ଜୀବନୀ ସମ୍ପର୍କରେ ସୂଚନା ମିଳିବ ବୋଲି କୁହାଯାଉଛି। ଆମେରିକୀୟ-ଇଟାଲୀୟ ଟିମ୍ ସେଠାରୁ ପୁରୁଣା ସାମଗ୍ରୀ ସହ କଳାକୃତି ଉଦ୍ଧାର କରିଛି।

## ଶାହାରୁଖଙ୍କ ରେକର୍ଡ ଭାଙ୍ଗିଲେ ଏମ୍‌ସି ଷ୍ଟାନ୍



**ମୁମ୍ବାଇ:** ବିଗ୍‌ବସ ବିଜେତା ହେବା ପରେ ରାପର୍ ଏମ୍‌ସି ଷ୍ଟାନ ଓରଫ ଅଲତାଫ ଶେଖ୍‌ଙ୍କ ଲୋକପ୍ରିୟତା ଆକାଶ ଛୁଇଁଛି। ଏବେ ସେ ଭାରତର ସବୁଠାରୁ ଚର୍ଚ୍ଚିତ ସେଲିବ୍ରିଟି ପାଲଟିଛନ୍ତି। ସୋସିଆଲ ମିଡିଆରେ ସେ ଏକ ନୂଆ ଉପଲବ୍ଧି ହାସଲ କରିଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ଲାଇଭ ଆସିବା ପରେ ସର୍ବାଧିକ ଦେଖାଯାଇଥିବା କଳାକାର ଭାବେ ଇତିହାସ ରଚିଛନ୍ତି। ଗୁରୁବାର ଅପରାହ୍ନରେ ଷ୍ଟାନ ପ୍ରଥମ ଥର ଇନଷ୍ଟାଗ୍ରାମରେ ଲାଇଭ ଆସିବା ପରେ ୫୪୧ ହଜାରରୁ ଅଧିକ ପ୍ରଶଂସକ ଯୋଡ଼ି ନୂଆ ରେକର୍ଡ କରିଥିଲେ। ସର୍ବାଧିକ ଦେଖାଯାଇଥିବା ଭାରତୀୟ ସେଲିବ୍ରିଟି ମାମଲାରେ ସେ ସୁପରଷ୍ଟାର ଶାହାରୁଖ ଖାନ୍‌ଙ୍କ ରେକର୍ଡ ଭାଙ୍ଗିଛନ୍ତି। ଶାହାରୁଖଙ୍କ ଲାଇଭ୍‌ରେ ୨୫୫ ହଜାର ଲୋକ ଯୋଡ଼ି ହୋଇଥିଲେ।


**UCE ALUMNI ASSOCIATION TECHNO MEETS**

No. KK-340: Alumni Association of UCE/VSSUT, Burla, BBSR Chapter will have **TECHNO MEETS on 19.02.2023, 10 A.M.** at AA CONVENTION, near AIIMS.
All Batch 1960 - 2022, All Alumni Chapters, VC, VSSUT & Retd. Profs. are cordially invited to join the meet.

**Brahma Mishra** **President** — **SSS Panda** **Secretary**
OIPR-44006/11/0028/2223



**OFFICE OF THE**
**CHIEF DISTRICT AGRICULTURE OFFICER, KEONJHAR**
At/P.O.: Madhapur (Near Joda Bus Stand), PIN - 758001
e-mail: ddakeonjhar.dag@nic.in

**NOTICE FOR INVITATION OF EXPRESSION OF INTEREST (EOI)**

**No. 677** **Dt.16.02.2023**
No. L-133: The Expression of Interest (EOI) (in seald cover) are invited from reputed Event Management Organizations for erection of Stall, Stage, Pandal, Camp Office Room etc. on occasion of District Level Krushi Mela scheduled to be held from 3rd to 6th March, 2023 on the D.D. College Ground, Keonjhar. The detail of specification, structures and providing other ancillary services on the ground and briefly eligibility criteria of such works will available in the district portal of Keonjhar district i.e. **https://keonjhar.nic.in from 20.02.2023 to 24.02.2023 by 1.30 P.M.** The sealed Eols will be opened in the office chamber of the Chief District Agriculture Officer, Keonjhar on 24.02.2023 at 3.00 P.M. in the presence of the bidders or their authorized representatives.
The undersigned reserves the right to accept of reject any or all the Eols without assigning any reason thereof.
**Sd./- Chief District Agriculture Officer, Keonjhar**
**OIPR-01421/11/0003/2223**



**obcc** ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
**(A Government of Odisha Undertaking under Works Department)**
**No.1341** **Date:16.02.2023**
**File:SMT-1848 (Vol-II)**
**No.CAD-4859:** **NOTICE INVITING TENDER**

| | | | |
|---|---|---|---|
| 1. | Name of Work | : | Integrated Development of Lokanath Temple & Parbati Sagar, Puri under ABADHA Scheme on Turnkey Basis. |
| 2. | Bid Identification No. | : | 82/Tender/OBCC/2022-23 |
| 3. | Date of availability of bid document in e-procurement portal | : | From 20.02.2023 |
| 4. | Last date & time of receipt of online bid | : | Upto 5.00 PM on 16.03.2023 |
| 5. | Last date of Pre-Bid Quories | : | Till 5.00 PM on 24.02.2023 |
| 6. | Date & Time for Pre-Bid meeting | : | At 11.30 AM on 27.02.2023 (Through Video Confercing) https://meet.google.com/zok-mjze-ssa |
| 7. | Date of Issuance of Pre-Bid Clarification | : | 01.03.2023 |
| 8. | Date of Bid Opening | : | 16.03.2023 at 5.30 PM |

9. Further details can be seen from the e-Procurement portal https://www.tendersodisha.gov.in. 10.OBCC has the right to accept or reject the Notice/RFP without assigning any reason thereof.
**OIPR-34161/11/0048/2223** **Sd./- EIC-cum-Managing Director**



**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No. 1758/P.S.C., Dt.16.02.23**
**PF-1E-01-2022/23 (DR-III)**

**No. D-323:-** It is for information of all concerned that the written examination held on **03.07.2022** for recruitment to the post of **Post Graduate Teachers in Zoology**, pursuant to Advt. No.12 of 2020-21, **46 (Forty-six)** candidates bearing following Roll Nos. have been qualified for admission to the Viva Voce test. The physical verification of origial certificates/documents etc. and Viva Voce test in respect of above qualified candidates will be conducted simultaneously in the office of the Commission at 19, Dr. P.K. Parija Road, Cuttack-753001 from **13.03.2023 to 15.03.2023** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email Id through blackening),** two passport size photographs, self-attested copies of all relevant certificates, documents, Aadhaar Card etc. **with original of the same** as per **Para-10** of the aforesaid Advertisement and duly filled in "**Attestation Form**" & "**Bio-Data Form**" (to be downloaded from the website of the Commission) and submit the same **in person** on the day of verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce test**. The candidates shall be allowed to the Viva Voce test on scheduled date and time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & INTERVIEW**

| Sl. No. | Date | Time of Verification | Time of Interview | ROLL No. of Candidates |
|---|---|---|---|---|
| 1. | 13.03.2023 | 8.30 A.M. | 10.30 A.M. | 700031, 700032, 700038, 700046, 700049, 700055 & 700058 **= 07 candidates** |
| | | 12.30 P.M. | 2.30 P.M. | 700063, 700078, 700082, 700097, 700105, 700107 & 700118 **= 07 candidates** |
| 2. | 14.03.2023 | 8.30 A.M. | 10.30 P.M. | 700119, 700121, 700123, 700127, 700153, 700159, 700160, 700165 & 700179 **= 09 candidates** |
| | | 12.30 P.M. | 2.30 P.M. | 700181, 700184, 700185, 700193, 700218, 700221 & 700228 **= 07 candidates** |
| 3. | 15.03.2023 | 8.30 A.M. | 10.30 A.M. | 700229, 700231, 700233, 700238, 700286, 700304, 700307, 700318 & 700324 **= 09 candidates** |
| | | 12.30 P.M. | 2.30 P.M. | 700325, 700331, 700335, 700354, 700357, 700358 & 700359 **= 07 candidates** |

**N.B.:- The candidates are advised to report at the office of the Commission half an hour before the commencement of verification on their scheduled dates & time as mentioned against each.**

**NOTE:-** THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

OIPR-12002/11/0275/2223 **Sd./- Secretary (I/C)**



**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE,BHAWANIPATNA**
**Ph:06670-235504, E-mail:serwbpt@yahoo.com**
**Bid Identification No.BPT/Online-25/2022-23,Date:14.02.2023**
**NOTICE INVITING TENDERS FOR ROAD WORKS IN ODISHA**
**NATIONAL COMPETITIVE BIDDING THROUGH e-Procurement**

**No.O-1855:**1. Name of the Work: Construction of Road and Bridge works under Connecting Missing Road Link (CMRL) in the district Kalahandi and Nuapada.
2.No. of Works: 07 Nos.
3.Location details: Kalahandi and Nuapada District.
4.Estimated Cost: As per NIT.
5. Period of Completion: As per NIT.
6. Cost of Tender Paper : Rs.10,000/- per set.
7. Other details:

| Availability of tender for online bidding | | Last date & time for seeking tender clarification | Date and Time of Opening of technical bid |
|---|---|---|---|
| From | To | | |
| 22.02.2023 11.00 A.M. | 10.03.2023 5.00 P.M. | 09.03.2023 | 13.03.2023 at 11.00 A.M. |

Further details can be seen from the website "www.tendersorissa.gov.in."
**Sd./- Chief Construction Engineer**
**Rural Works Circle, Bhawanipatna**
**OIPR-25102/11/0030/2223**



**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, BHANJANAGAR**
**E-mail:midbhanjanagar@gmail.com**
**No.A-1176:** **GOVERNMENT OF ODISHA**
**e-Procurement Notice**
**Bid Identification No.EEMIDBNJ-05/2022-23**
**Ltr.No.** 136(w/c) **Date:10.02.2023**

| | |
|---|---|
| Name of Work | : Civil Construction Works |
| No. of Works | : 10 (Ten) Nos. |
| Estimated Cost | : Rs.16.70 lakh to 29.45 lakh. |
| Tender Paper Cost | : Rs.6000.00 (for estimated cost below 50.00 lakh) Rs.10000.00 (for estimated cost above 50.00 lakh) |
| Period of Completion | : 06 (Six) Calendar Months |
| Class of Contractor | : "B, C & D" |
| Availability of bid documents | : From 17.02.2023 at 10.00 AM to 27.02.2023 upto 5.00 PM in website (www.tendersorissa.gov.in) |
| Period of Receipt of bid through online | : From 17.02.2023 at 10.00 AM to 27.02.2023 upto 5.00 PM through online |
| Mode of Payment | : Online |
| Date of Opening of bid documents | : 28.02.2023 at 11.30 AM |
| Date of Opening of bid documents for double cover system | : 28.02.2023 at 11.30 AM (Technical Bid Opening) |
| Date of Lottery (if required) | : 03.03.2023 at 11.00 A.M. |
| Digital Signature Certificate of Bidder | : The bidder must possess compatible digital signature Certificate (DSC) of Class-II or Class-III. |

The detail tender call notice can also be seen in the DOWR website: http://dowrorissa.gov.in.

| | |
|---|---|
| Name & Address of the OIT | : Superintending Engiener, M.I. Division Bhanjanagar, Park Road, Dist-Ganjam PIN-761126, Email:midbhanjanagar@gmail.com |
| Further details can be seen from the E-procurement market place. | : http://tendersorissa.gov.in. |

**Sd./- Superintending Engineer, M.I.Division, Bhanjanagar**
**OIPR-32287/11/0008/2223**



ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE,BERHAMPUR**
**At-Ambapua,Po: Engineering School,Near Income Tax Office, Berhampur-760011**
**(Email:-serwbpr2004@yahoo.com, Tel/Fax:-0680-2404287)**
**NATIONAL COMPETITIVE BIDDING THROUGH e-PROCUREMENT**
**No.O-1850:** **Bid Identification No.Online Tender/74-2022-23/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ 74-2022-23/ BPR | Bridge Works (BSY) for 2022-23 | 03 Nos. | From Rs.329.19 lakhs to Rs.441.64 lakhs | "A" Class as applicable | 11 (Eleven) & 12 (Twelve) Calendar Month as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/ 74-2022-23/BPR | 20.02.2023 at 10.00 A.M. | 06.03.2023 upto 3.00 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN. (ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & corrigendum if any can be seen from the website:- www.tendersodisha.gov.in.
**Sd./-Chief Construction Engineer, R.W.Circle, Berhampur**
**OIPR-25071/11/0119/2223**



**CUTTACK MUNICIPAL CORPORATION**
**"e" PROCUREMENT NOTICE**
No. C-2482 **Tender ID: 2023_ORULB_86162**
**Bid Reference No. MC(CMC)CTC_Div.-I_No. 21/2022-23**
**Tender Call Notice No. 754 (PW)** **Date: 16.02.2023**

| | |
|---|---|
| Name of Works | : Civil Works |
| No. of Works | : 21 Nos. |
| Bid Value | : Rs.2.23 Lakh to Rs.24.15 Lakh |
| Period of Completion | : One Calendar Months to Two Calendar Months |

Date and Time Schedule :

| Start | End | Opening |
|---|---|---|
| 3.00 P.M. on Dt.17.02.2023 | 5.00 P.M. on Dt.28.02.2023 | 11.00 A.M. on Dt.03.03.2023 |

Tender details can be seen from the procurement portal: **www.tendersorissa.gov.in**.
**Executive Engineer, City Div.-I**
**OIPR-13031/11/0128/2223**



**OFFICE OF THE SUPERINTENDENT**
**MAHARAJA KRISHNA CHANDRA**
**GAJAPATI MEDICAL COLLEGE HOSPITAL,**
**BERHAMPUR - 760004, GANJAM, ODISHA**
**Tel.: 0680 2292624/Fax: 0680 2292752**
**E-mail: supdtmkcg@gmail.com, supdtmkcg-bam@gov.in**
**No. 2412/MCH/CS/2023** **B/Berhampur the 15.02.2023**

**TENDER CALL NOTICE**

No. E-908: The Superintendent, MKCG Medical College Hospital, Berhampur - 760004, Dist.: Ganjam, Odisha invites sealed tenders in the prescribed proforma from the registered and reputed manufacturers, authorized suppliers, dealers, stockiest for "Supply of Computers, Water Purifier & Other Items" for M.K.C.G. Medical College Hospital, Berhampur. The Tenderer should submit the tender in two Bids (i) Technical Bid and (ii) Price Bid. The Technical Bid shall contain (1) Tender Cost, (2) List of bided items, (3) valid PAN Card, (4) Valid GSTN Certificate as per the Govt. rule, (5) Valid ISI, ISO, GMP Certificate, (6) Valid manufacturing Licence and Authorization Certificate & (7) E-mail ID & Contact No. The price bid should be submitted as per Proforma enclosed. The intending tenderers should submit their tenders separately in two sealed covers duly superscribed as Technical Bid for "Supply of Computers, Water Purifier & Other Items" with address & price bid for "Supply of Computers, Water Purifier & Other Items" with address putting in a single sealed cover. The details information & terms & conditions and the tender papers can be download from websites: **www.ganjam.nic.in** may deposit the tender cost of Rs.2000/- (Two thousand) + GST is non-refundable to be paid by way of E-Challan under the Head of Account 0075-00-800-0097-02237-000 through Odisha Govt. Treasury Site. The last date of receipt of tenders through Regd. Post/Speed Post/Courier is on or before 14.03.2023 at 05.00 P.M. and will be opened on 15.03.2023. The date of opening may be differed/postponed in case of unavoidable circumstances.

**Sd./- Superintendent**
**MKCG Medical College Hospital, Berhampur**
**OIPR-10013/11/0035/2223**



**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT, AT/PO-BARINIPUT, DIST-KORAPUT-764006**
Phone-06854-242001, Fax:06854242038, Email:sgmel_ukhep@ohpcltd.com, CIN:U40101OR1995SGC003963
**E-TENDER NOTICE No.UKHEP/ET-08/2022-23, Dated 14.02.2023**

**No.CAD-4858:**The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in single cover system in ONLINE MODE only from eligible contractors for the works as mentioned below.

| Sl. No. | Name of the Work | Approx. Estimated Cost in Rs. | E.M.D. (in Rs.) | Cost of bid document | Class of Contractor | Availability of bids online for bidders | Due date and time of Opening of Tender |
|---|---|---|---|---|---|---|---|
| 1 | Minor repairing, inside & outside painting of Project High School, UKHEP, Bariniput | 13,50,851/- | 13,510/- | 7080/- (Rs.6000+ 18% GST) | "C" & "D" Class | From 10.00 Hrs. of 22.02.2023 to 17.00 Hrs. of 13.03.2023 | At 11.30 Hrs. of 14.03.2023 |

1. The bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in. by using their compatible Digital Signature Ceritifcate (DSC). 2. Further details like tender specification (DTCN), BOQ and any addendum/corrigendum/cancellation of tender can be seen in the same website.
**OIPR-04002/11/0089/2223** **Sd./- Unit Head, UKHEP, Bariniput**



**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No.42 of 2022-23**

**No.O-1857:**The Superintending Engineer, RWS&S Division, Balangir on behalf of Governor of Odisha invites Percentage bid through e-Procurement in double cover system according to norm of e-Procurement system in online mode for the different work in different blocks under Balangir District.
01. Nature of Work: Construction of ESR, UGR, pump house with laying of rising main and distribution in different villages of Balangir District.
02. Total No. of Work: 05 No.
03. Estimated Cost: Rs.139.25 Lakh to 581.26 Lakh.
04. Eligible Class of Contractor: "B" "A" Contractor.
05. Period of Completion : Eighteen Month.
06. Other details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 42 of 2022-23 | Dt.24.02.2023 At 11.00 Hrs. | Dt.15.03.2023 upto 17.00 Hrs. |

Further details can be had in the DTCN available in the website www.tendersodisha.gov.in.
**Sd./- Superintending Engineer**
**RWS&S Division, Balangir**
**OIPR-25033/11/0035/2223**

# ଆସ୍ଥା, ବିଶ୍ୱାସର ଠାକୁର ବାବା ବିଶ୍ୱେଶ୍ୱର





**ବରଗଡ଼ ଜିଲା ଅତାବିରା ବ୍ଲକ ସରଣ୍ଡାରେ ରହିଛି ବାବା ବିଶ୍ୱେଶ୍ୱରଙ୍କ ପୀଠ। ପଶ୍ଚିମ ଓଡ଼ିଶାର ଅଷ୍ଟଶମ୍ଭୁ ଶୈବପୀଠ ମଧ୍ୟରେ ବାବା ବିଶ୍ୱେଶ୍ୱରଙ୍କ ପୀଠର ମହିମା ସ୍ୱତନ୍ତ୍ର। ଏହି ପୀଠରେ ବର୍ଷର ବିଭିନ୍ନ ସମୟରେ ନାନା ପର୍ବ ପାଳନ କରାଯାଏ। ହେଲେ ମହାଶିବରାତ୍ରି ମେଳା ତାଙ୍କର ପ୍ରମୁଖ ପର୍ବ ତଥା ଯାତ୍ରା ମହୋତ୍ସବ। ଏହି ଦିନ ବାବାଙ୍କ ଦର୍ଶନ ପାଇଁ ଭୋରରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ସନ୍ଧ୍ୟା ୫ରୁ ଉଜାଗର ଥିବା ଭକ୍ତ ମାନସିକ ଦୀପ ଜାଳି ଚାରି ପ୍ରହର ପୂଜାପାଠ ସହ ଆଳତି କରିଥାନ୍ତି। ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଲା ପରେ ଭକ୍ତମାନେ ଉଜାଗର ଶେଷ କରନ୍ତି। ଏହି ଉପଲକ୍ଷେ ଆୟୋଜିତ ମେଳାରେ ନାନା କିସମର ପସରା ଖୋଲନ୍ତି ବ୍ୟବସାୟୀ। ଶ୍ରଦ୍ଧାଳୁମାନେ ଦେବଙ୍କ ଦର୍ଶନ ସହିତ ମେଳାର ମଜା ଉଠାଇଥାନ୍ତି। ଏହି ଅବସରରେ ଏକ ସ୍ୱତନ୍ତ୍ର ଉପସ୍ଥାପନା।**



## ଇତିହାସ କୁହେ

ଅବିଭକ୍ତ ସମ୍ବଲପୁରର ପ୍ରଥମ ରାଜା ଥିଲେ ପାଟଣା ରାଜବଂଶୀୟ ବଳରାମ ଦେବ। ୧୫୫୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ଜ୍ୟେଷ୍ଠ ଭ୍ରାତା ନରସିଂହ ଦେବଙ୍କଠାରୁ ଭାଗସୂତ୍ରରେ ସେତେବେଳେ ସେ ସମ୍ବଲପୁର ରାଜ୍ୟ ପ୍ରତିଷ୍ଠା କରିଥିବା ଜନଶ୍ରୁତିରୁ ଜଣାପଡ଼େ। ସେହି ସମୟରେ ବରଗଡ଼ ଥିଲା ତାଙ୍କ ପ୍ରମୁଖ ସାମରିକ କେନ୍ଦ୍ର। ପରବର୍ତ୍ତୀ ସମୟରେ ଚୌହାନମାନଙ୍କ ଆଗମନରୁ ସମ୍ପୃକ୍ତ ଅଞ୍ଚଳରେ କଳା, ସ୍ଥାପତ୍ୟର ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା। ଯଦିଓ ଚୌହାନ ରାଜାମାନେ ଦେବୀ ମା' ସମଲେଇଙ୍କୁ ପୂଜା କରୁଥିଲେ, ପରେ ବିଭିନ୍ନ ସ୍ଥାନରେ ଶିବ ମନ୍ଦିର ନିର୍ମାଣ କରାଇଥିଲେ ବୋଲି ଲୋକକଥାରୁ ଜଣାପଡ଼ିଛି। ଏଭଳି ଭାବେ ପଶ୍ଚିମ ଓଡ଼ିଶାରେ ଅଷ୍ଟଶମ୍ଭୁ ପୀଠ ହୁମାର ବାବା ବିମଳେଶ୍ୱର, ମାନେଶ୍ୱରର ମାନଧାତା ବାବା ସରଣ୍ଡାର ବିଶ୍ୱେଶ୍ୱର, ସୋର୍ଣ୍ଣାର ସ୍ୱପ୍ନେଶ୍ୱର, ଗାଇସୀମାର ବରାଡ଼ ବାଲୁଙ୍କେଶ୍ୱର, ନୀଳଜୀର ନୀଳକଣ୍ଠେଶ୍ୱର, ଅମ୍ବାଭୋନାର କେଦାରନାଥ ଏବଂ ଦେଓଗାଁର ବୈଦ୍ୟନାଥ ବାବାଙ୍କ ମନ୍ଦିର ଗଢ଼ି ଉଠିଥିଲା ।

## ମନ୍ଦିର ନିର୍ମାଣ

ଅଷ୍ଟଶମ୍ଭୁ ପୀଠ ମଧ୍ୟରୁ ହୁମାର ବିମଳେଶ୍ୱର ମନ୍ଦିର ସମ୍ବଲପୁରର ରାଜା ବଳିଆର ସିଂହଙ୍କ ଦ୍ୱାରା ଖ୍ରୀଷ୍ଟାବ୍ଦ ୧୬୧୭ରୁ ୧୬୫୭ ମସିହା ମଧ୍ୟରେ ନିର୍ମାଣ ହୋଇଥିଲା । ସରଣ୍ଡାର ବିଶ୍ୱେଶ୍ୱର ଶୈବପୀଠ ସହ ବାକି ୭ଟି ମନ୍ଦିର୧୬୯୫ରୁ ୧୭୭୬ଖ୍ରୀଷ୍ଟାବ୍ଦ ମଧ୍ୟରେ ରାଜାଙ୍କ ଦେଓ୍ୱାନ ଦକ୍ଷିଣ ରାୟଙ୍କ ଦ୍ୱାରା ନିର୍ମାଣ ହୋଇଥିଲା। ଶିବପ୍ରସାଦ ଦାଶଙ୍କ ଦ୍ୱାରା ରଚିତ ସମ୍ବଲପୁର ଇତିହାସ ୧୯୬୨ମସିହା ସଂସ୍କରଣର ୨୭୨ପୃଷ୍ଠାରେ ଉଲ୍ଲେଖ ରହିଛି।

## ପରିବେଶ

ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର ପରିବେଶ ଅବର୍ଣ୍ଣନୀୟ। ପ୍ରାୟ ୧୧ ଡେସିମିଲ ପରିମିତ ଜମି ଅଞ୍ଚଳରେ ଗଢ଼ି ଉଠିଥିବା ଏହି ମନ୍ଦିରକୁ ଘେରି ରହିଛି ସବୁଜ ବନାନୀ। ପାଖରେ ରହିଥିବା ପୁଷ୍କରିଣୀ ସହିତ ମନ୍ଦିର ପରିସରରେ ଥିବା କନିଅର, ଚମ୍ପା ଫୁଲର ମହକରେ ମହକୁଛି ମନ୍ଦିର ପରିସର। ତେବେ ମନ୍ଦିରଟି ୩ ଭାଗରେ ବିଭକ୍ତ। ମୁଖ୍ୟ ମନ୍ଦିର ବିମାନ, ଦ୍ୱିତୀୟ ଜଗମୋହନ ଏବ ତୃତୀୟ ନାଟ ମନ୍ଦିର ଅର୍ଥାତ୍ ମୁଖଶାଳା ପ୍ରାରମ୍ଭରେ ଦେବଦେବ ମହାଦେବଙ୍କ ବାହନ ବୃଷଭଙ୍କ ମୂର୍ତ୍ତି ଦଣ୍ଡାୟମାନ ଅବସ୍ଥାରେ ରହିଛି। ସେହିପରି ମନ୍ଦିରର ସାମ୍ନାରେ ଗରୁଡ଼ ସ୍ତମ୍ଭ ରହିଥିବା ବେଳେ ଡାହାଣରେ ମା' ପାର୍ବତୀ, ବାମରେ ବାବା ଭୈରବ, ଦୁଇଟି ବୀର ହନୁମାନ ମନ୍ଦିର ରହିଛି । ମନ୍ଦିରର ଏଭଳି ଅବସ୍ଥିତି ଭିନ୍ନ ଆକର୍ଷଣ ସୃଷ୍ଟି କରୁଛି। ଏହି ଶୈବପୀଠରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସ୍ଥାପନ ପାଇଁ ୧୨ଟି ମନ୍ଦିର ନିର୍ମାଣ କାମ ଚାଲିଛି।

## ରାଜାଙ୍କ ଘୋଡ଼ା

ବିଶ୍ୱେଶ୍ୱର ମନ୍ଦିର ନିର୍ମାଣ ସମୟରେ ଯାନବାହନ ଚଳାଚଳ ନ ଥିଲା। ଘୋଡ଼ା ସବାରରେ ତତ୍କାଳୀନ ରାଜା ପାଟଣା ଯାତାୟାତ କରୁଥିଲେ। ଦିନେ ତତ୍କାଳୀନ ଚୌହାନ ବଂଶୀୟ ରାଜା ପାଟଣାରୁ ସମ୍ବଲପୁର ଫେରୁଥିବା ସମୟରେ ହଠାତ୍ ଘୋଡ଼ାଟି ବର୍ତ୍ତମାନ ଶିବ ଲିଙ୍ଗ ରହିଥିବା ସ୍ଥାନରେ ଅଟକିଥିଲା ଏବଂ ସେହି ସ୍ଥାନ ଖୋଳିବା ପରେ ସେଠାରେ ଶିବଲିଙ୍ଗ ଆବିର୍ଭାବ ହୋଇଥିଲା। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅଲୌକିକ ଦୈବଶକ୍ତି ତଥା ଶିବଭକ୍ତି ଭାବ ଜାଗ୍ରତ ହୋଇଥିଲା ବୋଲି ଜନଶ୍ରୁତିରୁ ଜଣାପଡ଼େ। ଏପରିକି ତତ୍କାଳୀନ ରାଜାଙ୍କୁ ସ୍ୱପ୍ନାଦେଶ ହେବାରୁ ସେ ମଧ୍ୟ ଏଠାରେ ମନ୍ଦିର ନିର୍ମାଣ କରିଥିଲେ ବୋଲି ଲୋକକଥାରୁ ଜଣାପଡ଼େ।

## ଦୀପରେ ଝଲସି ଉଠେ ମନ୍ଦିର



ଏଠାରେ ମହାଶିବରାତ୍ରି ମୁଖ୍ୟ ପର୍ବ। ହେଲେ ବାରମାସରେ ତେରପର୍ବ ପାଳନ କରାଯାଏ। ନିୟମିତ ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ। ଶ୍ରାବଣ ମାସରେ ବୋଲବମ ଭକ୍ତଙ୍କ ଲମ୍ବାଧାଡ଼ିରେ ମନ୍ଦିର ଏକ ଭିନ୍ନ ପରିବେଶ ମଧ୍ୟରେ ରହିଥାଏ। ବୋଲବମ ଧ୍ୱନିରେ କମ୍ପିଉଠେ ମନ୍ଦିର ପରିସର। କାର୍ତ୍ତିକ ମାସରେ ମହିଳା ଭକ୍ତମାନେମାସଯାକହବିଷକରିପାହାନ୍ତିଆରୁ ପୂଜାପାଠ କରିଥାନ୍ତି। ମହାଶିବରାତ୍ରି ମେଳାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସାମୂହିକ ଦୀପରେ ମନ୍ଦିର ଝଲସି ଉଠିଥାଏ। ଏହା ସହିତ ମାଘ, କାର୍ତ୍ତିକ ପୂର୍ଣ୍ଣମୀ ପାଳନ ସହିତ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ।

## ବାବା ଚନ୍ଦ୍ରଶେଖରଙ୍କ ଗ୍ରାମ୍ୟ ପରିକ୍ରମା

ବିଶ୍ୱେଶ୍ୱର ପୀଠରୁ ବାବା ଚନ୍ଦ୍ରଶେଖରଙ୍କୁ ବର୍ଷକୁ ଦିନକ ପାଇଁ ଶିବରାତ୍ରି ଦିନ ସରଣ୍ଡା ଗ୍ରାମ୍ୟ ପରିକ୍ରମା କରାଯାଇଥାଏ। ସକାଳ ୧୧ଟାରୁ ବାବା ଚନ୍ଦ୍ରଶେଖରଙ୍କୁ ଏକ ସ୍ୱତନ୍ତ୍ର ସୁସଜ୍ଜିତ ରଥରେ ଆସୀନ କରାଇ ଶୋଭାଯାତ୍ରାରେ ନିଆଯାଏ। ବାବା ଚନ୍ଦ୍ରଶେଖରଙ୍କୁ ସରଣ୍ଡା, କଟାପାଲି, ମୁରଲିଟିକ୍ରା ଆଦି ସ୍ଥାନକୁ ନିଆଯାଏ। ପ୍ରତି ଘର ସମ୍ମୁଖରେ ଲିପାପୋଛା, ଝୋଟି, କଳସ ସ୍ଥାପନ କରି ବାବାଙ୍କ ଗୋଡ଼ଧୁଆ ସହ ପୂଜାର୍ଚ୍ଚନା ଦୃଶ୍ୟରେ ଭଗବାନ ଓ ଭକ୍ତଙ୍କ ଅନାବିଳ ପ୍ରେମ ପରିଲକ୍ଷିତ ହୁଏ।

ଉପସ୍ଥାପନା: ଯୁଧିଷ୍ଠିର ମହାପାତ୍ର, ସରଣ୍ଡା

ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ବାବା ଶିବ ମନ୍ଦିର, ସରଣ୍ଡା
ମହାଶିବରାତ୍ରୀ ମହୋତ୍ସବ
ତା. ୧୮.୦୨.୨୦୨୩ (ଶନିବାର)

ସରଣ୍ଡା ବିଶେଶ୍ୱର ବାବାଙ୍କ ପବିତ୍ର ଜାଗର ଯାତ୍ରା ମହାଶିବରାତ୍ରୀ ମହୋତ୍ସବ ଅବସରରେ ଅତାବିରା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ରଣଜିତ ସାହୁ
ବରଗଡ଼ ଜିଲ୍ଲା ପରିଷଦ ସଭ୍ୟ
ଅତାବିରା, ଜୋନ-୨, ବିଜୁ ଜନତା ଦଳ

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହା ଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ଶ୍ରୀମତୀ ସୁଲତା ପ୍ରଧାନ
ପୂର୍ବତନ ସରପଞ୍ଚ
ଚକୁଳି ଗ୍ରାମ ପଞ୍ଚାୟତ
ଅତାବିରା ବ୍ଲକ, ଜି-ବରଗଡ

MAHESWARI GROUP OF INSTITUTION
NURSING: Ph.D./M.Sc./B.Sc./ P.B.B.Sc./ GNM/ANM/DMLT/D.Pharm
ALLIED MEDICAL SCIENCE COURSE
EMT / OT TECHNICIAN /
ECG TECHNICIAN/FIRST AIDS
Permanently Affiliated to
Sambalpur University, ONMEB, DMET & INC, New Delhi
MNC
ADMISSION OPEN FOR 2022-23
+2 SCIENCE & ARTS COLLEGE
NEW LIFE CLUB (NGO)
CAMPUS- BHATLI CHOWK, BARGARH
CONTACT FOR ADMISSION: AT/PO- SANKARA, DIST-SUNDARGARH, ODISHA, 770001
Mob:94371-58472, 99376-93555, 83429-27552, 63711-82721, 79031-28874, Ph:06622-219214,Fax:06622-273781
E-mail:snggnimtrainingcolleg@gmail.com, nicattabira@gmail.com, rnscbsc@gmail.com, maheswarisciencecollege@gmail.com, website: www.maheswarigroup.in
Facilities Available: Well Furnished Infrastructure, Well Equipped Computerised Laboratory, Experience & Expertise Teaching Faculty, Practical Training in Govt. Hospital D.H.H. Sundargarh, Bargarh & CHC, PHC, Library, Book Bank and Reading Room, in House Hostel, Accommodation, Study Loan Support and Scholarship, 100% Placement Assistance, Study Tour, Best Exposure visit inside and outside the state.

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହାଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ଆନନ୍ଦ ଉଲ୍ଲାସର ପର୍ବ ମହାଶିବରାତ୍ରି ଉଜାଗର ମେଳାରେ ସମସ୍ତ ଭକ୍ତମାନେ ଶାନ୍ତି ଶୃଙ୍ଖଳା ରକ୍ଷା କରି ପ୍ରଭୁ ଶିବଙ୍କ ଦର୍ଶନ କରନ୍ତୁ । ଅତାବିରା ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି । ସେମାନେ ସରଣ୍ଡା ଓ ସୋର୍ଣ୍ଣା ମନ୍ଦିରରେ ଦାୟିତ୍ୱ ନେଇଛନ୍ତି ।
ଅନିଲ କୁମାର ପ୍ରଧାନ
ଆଇଆଇସି, ଅତାବିରା ଥାନା

Prop.: V. Ganapathi
Mob.: 9937074329
9438836234
SHREE NATRAM GARDEN & NURSERY
N.H.-6, CHAKULIFARM, ATTABIRA
Dist.: Bargarh (Odisha) - 768027
SHREE NATRAM ROSE NURSERY
BARAHAGODA, NEAR VIKASH HOSPITAL, BARGARH
Dist.: Bargarh (Odisha)
Email: shreenatramnursery@gmail.com
Contact for: Hybrid Flowers, Fruits Plants, Land Scaping & Garden Designing

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହାଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
Kusha Kumbhar
BJP Dist- General Secretary, Bargarh
State Executive Body Member
SC Morcha, Odisha

ଝି ବିହାଘର୍ ଆଉ ନାଇନ ଡର୍
ପିୟୁଷ ଷ୍ଟିଲ୍ କେ ଆସିକରି ନେଇଯ ସାମାନ୍ ପତର୍
ପିୟୁଷ ଷ୍ଟିଲ ଏଣ୍ଡ ଫର୍ନିଚର ଅତାବିରା
No.1 Quality & Service
ସାପ୍ତାହିକ ବଜାର ସାମନା, ଅତାବିରା
ଧମାକା ଅଫର୍
ପ୍ରତି ବିବାହ ସାମଗ୍ରୀ କିଣିଲା ପରେ ସଙ୍ଗେ ସଙ୍ଗେ ଲକି ଡ୍ର ମାଧ୍ୟମରେ ସୁନିଶ୍ଚିତ ଉପହାରରେ ଏହିସବୁ ପାଇପାରିବେ
୯୯୯ ଟଙ୍କାର କ୍ରୟ ଉପରେ ସୁନିଶ୍ଚିତ ଉପହାର
Bajaj Finance Availble Here
ବଡ଼ ରିହାତି ଅଫର
ଏକ୍ସଚେଞ୍ଜ ଅଫର
କୁଲର୍
ଗୋଦ୍‌ରେଜ୍
Best Quality in Low Price is our Mission
7873843179(Shop) | 9853063375 | 9658676086 | 9439643179

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହାଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
Siddhartha PUBLIC SCHOOL
AFFILIATED TO CBSE, DELHI, AFFILIATION NO-1530100
(AN ENGLISH MEDIUM CO-EDUCATIONAL RESIDENTIAL) KUMELSINGHA
ADMISSION OPEN
FOR THE SESSION 2023-24
CLASS- LKG TO CLASS-XI (SCIENCE & COMMERCE)
SALIENT FEATURES
WELL EQUIPED LABS FOR PHYSICS, CHEMISTRY, BIOLOGY, MATHEMATICS AND COMPUTER SCIENCE
RESOURCEFUL LIBRARY
SEPARATE AC/NON-AC HOSTELS FOR BOYS AND GIRLS
BUS FACILITY FOR DAY-SCHOLARS
Contact: 8917668616, 9437421179

ସରଣ୍ଡା ଶ୍ରୀ ଶ୍ରୀ ବିଶେଶ୍ୱର ବାବାଙ୍କ ମହାଶିବରାତ୍ରି ମହୋତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ।
ଏସ୍ ଦୁର୍ଗା ରେଡ୍ଡି
ଚକୁଳି ଫାର୍ମ,
ଅତାବିରା, ଜିଲ୍ଲା- ବରଗଡ

ପବିତ୍ର ମହାଶିବରାତ୍ରି
ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା
ଭାରତୀୟ ଜନତା ପାର୍ଟି
ଅତାବିରା ନିର୍ବାଚନ ମଣ୍ଡଳୀ
ରଞ୍ଜନ ସେଠ୍

# ମନ୍ଦିର ଓ ଶିବରାତ୍ରି ମେଳା କମିଟି



ସରଣ୍ଡା ବିଶ୍ୱେଶ୍ୱର ମନ୍ଦିର ପରିଚାଳନା ପାଇଁ ଏକ କମିଟି ରହିଛି। କମିଟିରେ ସଚ୍ଚିଦାନନ୍ଦ ମିଶ୍ର ସଭାପତି, ବିନୋଦ ମେହେର ସମ୍ପାଦକ, ପ୍ରମୋଦ ମହାପାତ୍ର କୋଷାଧ୍ୟକ୍ଷ, ରାଧେଶ୍ୟାମ ମହାପାତ୍ର ଉପସଭାପତି, କୁବେର ପ୍ରଧାନ ସହସମ୍ପାଦକ, ଦାରାସିଂ ମହାପାତ୍ର ସହ କୋଷାଧ୍ୟକ୍ଷ ରହିଛନ୍ତି। ସେହିପରି ମହାଶିବରାତ୍ରି ମେଳା ପରିଚାଳନା ପାଇଁ ମନୋଜ ମହାପାତ୍ର, ଅନ୍ତର୍ଯାମୀ ମହାପାତ୍ର, ମଧୁସୂଦନ ମହାପାତ୍ର, ଝସକେତନ ମହାପାତ୍ର, ଶଶୀ ମହାପାତ୍ର, ବୃଷଭ ମେହେର, ତରଣୀ ମହାପାତ୍ର, ମଧୁ ମହାପାତ୍ର, ଶ୍ୟାମସୁନ୍ଦର ପଧାନ, ଶ୍ରୀକାନ୍ତ ସିଂହଦେଓ ପ୍ରମୁଖ ସଭ୍ୟ ଅଛନ୍ତି।

## ମହାଶିବରାତ୍ରି ମେଳା କାର୍ଯ୍ୟକ୍ରମ

ଶନିବାର ଭୋର ୩ଟାରେ ମନ୍ଦିର ଫାଟକ ଖୋଲାଯାଇ ବାବା ବିଶ୍ୱେଶ୍ୱରଙ୍କୁ ଗଙ୍ଗାଜଳରେ ସ୍ନାନ କରାଯିବ। ଯଥାରୀତି ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି କରି ମୁଖ୍ୟ ଅଖଣ୍ଡଦୀପ ପ୍ରଜ୍ୱଳନ କରାଯିବ। ଏହି ଦୀପ ରବିବାର ପାହାନ୍ତିଆ ସମୟରେ ମନ୍ଦିର ଶିଖରକୁ ଉଠାଯିବ। ତେବେ ଶନିବାର ଶିବରାତ୍ରି ପ୍ରାରମ୍ଭିକ ପୂଜାର୍ଚ୍ଚନା ପରେ ସମସ୍ତ ଭକ୍ତଙ୍କୁ ଠାକୁରଙ୍କ ଦର୍ଶନ ପାଇଁ ଛଡ଼ାଯିବ। ପୂର୍ବାହ୍ନ ୧୧ଟାରେ ଏହି ପୀଠରୁ ବାବା ଚନ୍ଦ୍ରଶେଖର ଲରମ୍ଭାର ଘଣ୍ଟବାଦ୍ୟ ସହ ସରଣ୍ଡା ଗ୍ରାମ୍ୟ ପରିକ୍ରମା ପାଇଁ ବାହାରିବେ। ସନ୍ଧ୍ୟାରେ ଟାମ୍ପରସରା ଓ ସୋଡ଼ାପାଲି ଗ୍ରାମର ମହିଳା କୀର୍ତ୍ତନ ମଣ୍ଡଳୀ ଭଜନ ପରିବେଷଣ କରିବାକୁ ଥିବାବେଳେ ରାତିରେ ଜଟଲା ଗ୍ରାମର ଚନ୍ଦ୍ରମହଲ ନାଟ୍ୟ କଳାପରିଷଦ ନାଟକ ମଞ୍ଚସ୍ଥ କରିବେ। ସନ୍ଧ୍ୟା ୫ଟାରୁ ଚାରି ପ୍ରହର ପୂଜାପାଠ ହୋଇ ପ୍ରତି ପ୍ରହରରେ ୧୦୮ଆଳତି ପ୍ରଦାନ କରାଯିବ। ୪ ପ୍ରହର ପୂଜାର୍ଚ୍ଚନା ପରେ ରବିବାର ପାହାନ୍ତିଆ ୩ଟା ୨୫ମିନିଟ ସମୟରେ ମହାଦୀପ ମନ୍ଦିର ଉପରକୁ ଉଠାଯିବା କାର୍ଯ୍ୟକ୍ରମ ରହିଛି।

## ଦୃଷ୍ଟି ଆଢୁଆଳରେ ବିଶ୍ୱେଶ୍ୱର ବାବାଙ୍କ ପୀଠ



ବିଶ୍ୱେଶ୍ୱର ବାବାଙ୍କ ମହିମା ସର୍ବବିଦିତ। ପ୍ରତ୍ୟହ ଏଠାକୁ ଜିଲା ତଥା ଜିଲା ବାହାରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ। ପରିତାପର ବିଷୟ ଏ ପର୍ଯ୍ୟନ୍ତ ଏହି ଶୈବପୀଠ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆଢୁଆଳରେ ରହିଛି। ଏଥିପ୍ରତି ରାଜ୍ୟ ସରକାର, ଜନପ୍ରତିନିଧିମାନେ ଦୃଷ୍ଟି ଦେବା ଆବଶ୍ୟକ।

– ସଚ୍ଚିଦାନନ୍ଦ ମିଶ୍ର, ସଭାପତି ମନ୍ଦିର ପରିଚାଳନା କମିଟି

## ମିଳିନି ପର୍ଯ୍ୟଟନସ୍ଥଳୀର ମାନ୍ୟତା



ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ମଧ୍ୟରୁ ବିଶ୍ୱେଶ୍ୱର ବାବାଙ୍କ ପୀଠ ଅନ୍ୟତମ। ହେଲେ ବର୍ତ୍ତମାନ ସୁଦ୍ଧା ମନ୍ଦିରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳି ନ ପାରିବା ବିଡ଼ମ୍ବନାର ବିଷୟ । ସରକାର ଏଥିପ୍ରତି ପଦକ୍ଷେପ ନେବେ ବୋଲି ଆଶା କରୁଛି।

– ପ୍ରମୋଦ ମହାପାତ୍ର, କୋଷାଧ୍ୟକ୍ଷ ମନ୍ଦିର କମିଟି

## ବାବାଙ୍କ ଆଶୀର୍ବାଦରୁ ସବୁ ସୁରୁଖୁରୁରେ ଚାଲିଛି



ବାବା ବିଶ୍ୱେଶ୍ୱରଙ୍କ କୃପା ଅପରା। ୩ଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ବିଶ୍ୱେଶ୍ୱର ଆସ୍ଥା ଓ ବିଶ୍ୱାସର ଦେବତା ପାଲଟିଛନ୍ତି। ଏହି ପୀଠକୁ ଯିଏ ଆସିଛି, ସିଏ ଭଲ ଅନୁଭୂତି ନେଇ ଫେରିଛି। ବାବାଙ୍କ ଆଶୀର୍ବାଦରୁ ସବୁକିଛି ସୁରୁଖୁରୁରେ ଚାଲିଛି।

– ମନୋଜ ମହାପାତ୍ର, ସଭ୍ୟ ପୂଜା କମିଟି

## ସଫଳ ମେଳା ପାଇଁ ଜନ ସହଯୋଗ ଲୋଡ଼ା



ସରଣ୍ଡାର ବିଶ୍ୱେଶ୍ୱର ବାବା ଏବଂ ସୋର୍ଣ୍ଣାର ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିରରେ ମହାଶିବରାତ୍ରି ବେଳେ ଭିଡ଼ ପରିଲକ୍ଷିତ ହୋଇଥାଏ। ଶାନ୍ତିଶୃଙ୍ଖଳାରେ ଭକ୍ତଙ୍କ ଦର୍ଶନ ଓ ମେଳାର ସଫଳ ସମାପନ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇଛି। ଜନସାଧାରଣ ଓ ଭକ୍ତ ଏ ଦିଗରେ ସହଯୋଗ କରିବେ ବୋଲି ଆଶା କରୁଛି।

– ଅନିଲ କୁମାର ପ୍ରଧାନ, ଆଇଆଇସି, ଅତାବିରା ଥାନା

# କର୍ତ୍ତା, ପଣ୍ଡିତ ଓ ପୂଜକ

ଚଳିତବର୍ଷ ବିଶ୍ୱେଶ୍ୱର ବାବାଙ୍କ ମହାଶିବରାତ୍ରି ଜାଗର ମେଳା ପାଇଁ ଗ୍ରାମର ଯୁଧିଷ୍ଠିର ମହାପାତ୍ର ଏବଂ ତାଙ୍କ ସ୍ତ୍ରୀ ଚୁମ୍‌କି ମହାପାତ୍ରଙ୍କୁ କର୍ତ୍ତା ଦାୟିତ୍ୱ ଦିଆଯାଇଛି। ପଣ୍ଡିତ ରାକେଶ ମିଶ୍ର ପୂଜାରେ ପୌରୋହିତ୍ୟ କରିବେ। ସେହିପରି ପୂଜକ ଭାବେ ଶ୍ୟାମସୁନ୍ଦର ମହାପାତ୍ର ଶିବରାତ୍ରି ପୂଜାକାର୍ଯ୍ୟ ସମ୍ପାଦନ କରିବେ। ପରମାଣପୁରର ବୀରେନ୍ଦ୍ର କୁମାର ମିଶ୍ର ଶିବପୁରାଣ ପାଠ କରିବେ ବୋଲି ଜଣାପଡିଛି।



କର୍ତ୍ତା ଯୁଧିଷ୍ଠିର ମହାପାତ୍ର, କର୍ତ୍ତୀ ଚୁମ୍‌କି ମହାପାତ୍ର



ପୁରୋହିତ ରାକେଶ ମିଶ୍ର



ପୂଜକ ଶ୍ୟାମସୁନ୍ଦର ମହାପାତ୍ର

ଉପସ୍ଥାପନା: ଯୁଧିଷ୍ଠିର ମହାପାତ୍ର, ସରଣ୍ଡା






























# ଅଷ୍ଟ୍ରେଲିଆ ଇନିଂସ ୨୬୩ରେ ସୀମିତ

**ନୂଆଦିଲ୍ଲୀ, ୧୭।୨**

ଉସମାନ ଖ୍ୱାଜା ଓ ପିଟର ହ୍ୟାଣ୍ଡସ୍କମ୍ବଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଅଷ୍ଟ୍ରେଲିଆ ଏଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟର ପ୍ରଥମ ଇନିଂସରେ ୨୬୩ ରନରେ ଅଲ୍‌ଆଉଟ ହୋଇଯାଇଛି। ପ୍ରଥମ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ବେଳକୁ ଭାରତ ପ୍ରଥମ ଇନିଂସରେ କୌଣସି ଉଇକେଟ ନ ହରାଇ ୨୧ ରନ ସଂଗ୍ରହ କରିଛି। ଅଧିନାୟକ ରୋହିତ ଶର୍ମା ୧୩ ଓ ଲୋକେଶ ରାହୁଲ ୪ ରନରେ ଅପରାଜିତ ରହିଛନ୍ତି।

**ଦ୍ୱିତୀୟ ଟେଷ୍ଟ**

ତେଣୁ ସମସ୍ତ ଉଇକେଟ ସୁରକ୍ଷିତ ଥାଇ ଭାରତ ଏବେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ସ୍କୋରଠାରୁ ୨୪୨ ରନରେ ପଛୁଆ ରହିଛି।

ଟସ୍ ଜିତି ଅଷ୍ଟ୍ରେଲିଆ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ମାତ୍ର ଉସମାନ ଖ୍ୱାଜାଙ୍କୁ ଛାଡ଼ିଦେଲେ ଟପ୍ ଅର୍ଡରର ଅନ୍ୟ କୌଣସି ବ୍ୟାଟର ଭାରତୀୟ ବୋଲରଙ୍କୁ ଉଚିତ ମୁକାବିଲା କରିପାରି ନ ଥିଲେ। ଫଳରେ ଓପନିଂ ଯୋଡ଼ିରେ ଡେଭିଡ ୱାର୍ନର ଓ ଉସମାନ ଖ୍ୱାଜା ୫୦ ଏବଂ ୫ମ ଉଇକେଟରେ ଖ୍ୱାଜା ଓ ପିଟର ହ୍ୟାଣ୍ଡସ୍କମ୍ବ ୫୯ ରନ ଯୋଗ କରିଥିଲେ ହେଁ ୧୬୮ ରନ ମଧ୍ୟରେ ୬ଟି ଉଇକେଟ ହରାଇ ଭ୍ରମଣକାରୀ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଚମତ୍କାର ଖେଳିଥିବା ହ୍ୟାଣ୍ଡସ୍କମ୍ବ ୭ମ ଉଇକେଟରେ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ସହ ଆଉ ଏକ ୫୯ ରନର ଭାଗୀଦାରି ଗଢ଼ିବାରୁ ଅଷ୍ଟ୍ରେଲିଆ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ୫୯ ବଲ୍‌ରୁ ୩୩ (୩ ଚୌକା, ୨ ଛକା) ରନ କରିଥିବା କମିନ୍ସଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରି ରବୀନ୍ଦ୍ର ଜାଡେଜା ଏହି ଯୋଡ଼ି ଭାଙ୍ଗିଥିଲେ। ଶେଷରେ ନାଥାନ ଲିୟନ ଓ ମାଥ୍ୟୁ କୁହନେମାନଙ୍କୁ ଆଉଟ କରି ମହମ୍ମଦ ଶାମି ଅଷ୍ଟ୍ରେଲିଆ ଇନିଂସର ପରିସମାପ୍ତି ଘଟାଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଖ୍ୱାଜା ସର୍ବାଧିକ ୮୧ ରନକରି ଆଉଟ ହୋଇଥିବାବେଳେ ହ୍ୟାଣ୍ଡସ୍କମ୍ବ ୭୨ ରନରେ ଅପରାଜିତ ରହିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ମହମ୍ମଦ ଶାମି ୪ଟି ଏବଂ ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ୩ଟି ଲେଖାଏ ଉଇକେଟ ନେଇଥିଲେ।



ଉଇକେଟ ନେବା ପରେ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୬୩/ଅଲ୍‌ଆଉଟ (ଉସମାନ ଖ୍ୱାଜା–୮୧, ପିଟର ହ୍ୟାଣ୍ଡସ୍କମ୍ବ–୭୨*, ପ୍ୟାଟ୍ କମିନ୍ସ–୩୩, ମହମ୍ମଦ ଶାମି–୪/୬୦, ରବିଚନ୍ଦ୍ରନ ଅଶ୍ୱିନ–୩/୫୭, ରବୀନ୍ଦ୍ର ଜାଡେଜା–୩/୬୮)। ଭାରତ ପ୍ରଥମ ଇନିଂସ: ୨୧/୦।

# ଚେତନ ଶର୍ମାଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୧୭।୨ (ପି.ଟି.)**

**ଶିବ ସୁନ୍ଦର ହୋଇପାରନ୍ତି ମୁଖ୍ୟ ଚୟନକର୍ତ୍ତା**



ଚେତନ ଶର୍ମା



ଶିବସୁନ୍ଦର ଦାସ

ପୂର୍ବତନ ଭାରତ ପେସ୍ ବୋଲର ଚେତନ ଶର୍ମା ଶନିବାର ସିନିୟର କ୍ରିକେଟ ସିଲେକ୍ସନ କମିଟି ଚେୟାରମ୍ୟାନ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି। ତାଙ୍କ ସ୍ଥାନରେ ପୂର୍ବତନ ଭାରତୀୟ ଓପନର ତଥା ଚୟନ କମିଟିର ଅନ୍ୟତମ ସଦସ୍ୟ ଓଡ଼ିଶାର ଶିବସୁନ୍ଦର ଦାସ କାମଚଳା ଦାୟିତ୍ୱ ଗ୍ରହଣ କରିପାରନ୍ତି। ସେ ୨୩ ଟେଷ୍ଟ ମ୍ୟାଚ ଖେଳିଛନ୍ତି। ସିଲେକ୍ସନ କମିଟିର ଅନ୍ୟ ସଦସ୍ୟମାନଙ୍କ ତୁଳନାରେ ଅଧିକ। ଚେତନ ଏକ ଘରୋଇ ଟିଭି ଚ୍ୟାନେଲର ଷ୍ଟିଙ୍ଗ୍ ଅପରେଶନ ବେଳେ ବହୁ ଗୋପନୀୟ କଥା ପ୍ରକାଶ କରିଦେଇଥିବା ଅଭିଯୋଗ ହୋଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହାଙ୍କ ନିକଟକୁ ସେ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଛନ୍ତି ଏବଂ ତାହା ଗ୍ରହଣ କରାଯାଇଛି। ଷ୍ଟିଙ୍ଗ୍ ଅପରେଶନ ପରେ ତାଙ୍କ ସ୍ଥିତି ଟଳମଳ ହୋଇଯାଇଥିଲା। ତାଙ୍କୁ ଇସ୍ତଫା ଦେବାକୁ କୁହାଯାଇ ନ ଥିଲା। ସେ ସ୍ୱତଃପ୍ରବୃତ୍ତ ଇସ୍ତଫା ଦେଇଥିଲେ। ଇରାନୀ କପ୍ ପାଇଁ ଦଳ ମନୋନୟନ କରିବା ସକାଶେ ଚେତନ ଅନ୍ୟ ସିଲେକ୍ସନ କମିଟି ସଦସ୍ୟଙ୍କ ସହ କୋଲକାତାରେ ବେଙ୍ଗଲ-ସୌରାଷ୍ଟ୍ର ରଣଜୀ ଟ୍ରଫି ଫାଇନାଲ ମ୍ୟାଚ ଦେଖୁଥିଲେ। ଇସ୍ତଫାପତ୍ର ଗ୍ରହଣ ହେବା ମାତ୍ରେ ଚେତନ ଦିଲ୍ଲୀ ଅଭିମୁଖେ ପ୍ରସ୍ଥାନ କରିଥିଲେ। ବିମାନବନ୍ଦରରେ ଉପସ୍ଥିତ ଗଣମାଧ୍ୟମ କର୍ମଚାରୀଙ୍କୁ ସେ ଏଡାଇ ଯାଇଥିଲେ। ଏକ ଘରୋଇ ଟିଭି ଚ୍ୟାନେଲ ତରଫରୁ ଷ୍ଟିଙ୍ଗ୍ ଅପରେଶନ ଚାଲିଥିବା ବେଳେ ଚେତନ କହିଥିଲେ, ୮୦ରୁ ୮୫ ପ୍ରତିଶତ ଫିଟ୍ ଥାଇ ସୁଦ୍ଧା ବହୁ ଖେଳାଳି ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବା ଲାଗି ଇଞ୍ଜେକ୍ସନ ନେଉଥିଲେ। ପୂର୍ବତନ ଖେଳାଳି ଆହୁରି ମଧ୍ୟ ଅଭିଯୋଗ କରିଥିଲେ, ଗତବର୍ଷ ସେପ୍ଟେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜ ପାଇଁ ଯଶପ୍ରୀତ୍ ବୁମ୍‌ରାଙ୍କ ପ୍ରତ୍ୟାବର୍ତ୍ତନ ଉପରେ ଟିମ୍ ମ୍ୟାନେଜମେଣ୍ଟ ସହିତ ତାଙ୍କର ମତଭେଦ ହୋଇଥିଲା। ଅନ୍ତର୍ଜାତୀୟ ଟି୨୦ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା, ପେସ୍ ବୋଲର ଉମେଶ ଯାଦବ ଓ ଦୀପକ ହୁଡା ନିୟମିତ ତାଙ୍କ ବାସଭବନକୁ ଆସୁଥିଲେ। କୋହଲି ଓ ରୋହିତ ଶର୍ମାଙ୍କ ମଧ୍ୟରେ ସମ୍ପର୍କ ବିଷୟରେ ମଧ୍ୟ ସେ କହିଥିଲେ। ଅହଂଭାବ ଯୋଗୁ କୋହଲି ଓ ପୂର୍ବତନ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ଖବର ଅନୁସାରେ ଚେତନଙ୍କ ଅଭିଯୋଗକୁ ନେଇ ବିସିସିଆଇ କର୍ମକର୍ତ୍ତା ତାଙ୍କ ଉପରେ ଖପ୍ପା ହୋଇଛନ୍ତି। ବର୍ତ୍ତମାନ ଜାତୀୟ ଦଳର ସିନିୟର ସଦସ୍ୟମାନେ ମଧ୍ୟ ତାଙ୍କ ଉପରୁ ବିଶ୍ୱାସ ଓ ସମ୍ମାନ ହରାଇଛନ୍ତି। ତାଙ୍କ ଉପରେ କୋଚ୍ ରାହୁଲ ଦ୍ରାବିଡ୍, ଅଧିନାୟକ ରୋହିତ ଶର୍ମା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭରସା ନାହିଁ। ତେଣୁ ଏମାନଙ୍କ ସହ ସିଲେକ୍ସନ କମିଟି ବୈଠକରେ ବସିବା ସମ୍ଭବପର ନୁହେଁ। ମୁହଁ ଖୋଲିଥିବାରୁ ଚେତନଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଛି। ଷ୍ଟିଙ୍ଗ୍ ଅପରେଶନ ବେଳେ ଚେତନଙ୍କୁ ପ୍ରଲୋଭିତ କରାଯାଇଥିଲା। ଏକ ଲୋକପ୍ରିୟ ଓଟିଟି ପ୍ଲାଟ୍‌ଫର୍ମରେ ଏକ ଡକ୍ୟୁ-ସିରିଜ ସକାଶେ ଗବେଷଣା କାର୍ଯ୍ୟ ଲାଗି ତାଙ୍କର ଇନ୍‌ପୁଟ୍ ଆବଶ୍ୟକ ବୋଲି ଚେତନଙ୍କୁ କୁହାଯାଇଥିଲା। ସୂଚନାଯୋଗ୍ୟ, ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ର ସେମିଫାଇନାଲରୁ ଭାରତର ବିଦାୟ ପରେ ଚେତନଙ୍କ ସମେତ ତାଙ୍କ ନେତୃତ୍ୱାଧୀନ ସିଲେକ୍ସନ କମିଟିର ସମସ୍ତ ସଦସ୍ୟଙ୍କୁ ବରଖାସ୍ତ କରାଯାଇଥିଲା। ସେ ପୁନଃ ଆବେଦନ କରିଥିଲେ ଏବଂ ପୁନର୍ବାର ଚେୟାରମ୍ୟାନ ଭାବେ ନିଯୁକ୍ତ ହୋଇଥିଲେ। ଚେତନ ଜଣେ ଉତ୍ତମ ପେସ୍ ବୋଲର ଥିଲେ। ଭାରତୀୟ କ୍ରିକେଟରେ କପିଲଦେବଙ୍କ ପ୍ରଭାବ ଥିବା ସମୟରେ ସେ ଜାତୀୟ ଦଳରୁ ଖେଳିଥିଲେ। ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍‌ରେ ହ୍ୟାଟ୍ରିକ ଉଇକେଟ ନେବାରେ ସେ ପ୍ରଥମ ଭାରତୀୟ କ୍ରିକେଟର। କିନ୍ତୁ ଶାରଜାରେ ୧୯୮୬ ଏସିଆ କପ୍ ଫାଇନାଲର ଅନ୍ତିମ ବଲ୍‌ରେ ପାକିସ୍ତାନର ଜାଭେଦ ମିଆଁଦାଦ୍‌ଙ୍କ ଛକା ପାଇଁ ତାଙ୍କୁ ଭୁଲି ହେବ ନାହିଁ। ଏହି ଷ୍ଟିଙ୍ଗ୍ ଅପରେଶନ ଖେଳାଳି ଓ ଗଣମାଧ୍ୟମ ସମ୍ପର୍କରେ ପ୍ରଭାବ ପକାଇବ।

# ପରାଜୟ ସହ ଓଡ଼ିଶାର ଆଶା ଧୂଳିସାତ୍

**ଭୁବନେଶ୍ୱର, ୧୭।୨ (କ୍ରୀଡ଼ା ପ୍ରତିନିଧି)**

ଚଳିତ ସନ୍ତୋଷ ଟ୍ରଫିର ଅନ୍ତିମ ରାଉଣ୍ଡରେ ଏକାଧିକ ସୁଯୋଗର ହାତଛଡ଼ା ଏବଂ ଫିନିଶିଂ ଅଭାବ ଓଡ଼ିଶା ପାଇଁ ମହଙ୍ଗା ପଡ଼ିଛି। ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଅଧିକାଂଶ ସମୟ ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖିଥିଲେ ହେଁ କେରଳ ନିକଟରୁ ଗୋଟିଏ ଗୋଲରେ ହାରି ଯାଇଛି। ମ୍ୟାଚର ୧୬ତମ ମିନିଟରେ ଓଡ଼ିଶା ଗୋଲପୋଷ୍ଟ ଏରିଆରେ ବଲ୍ ପାଇଁ ସଂଘର୍ଷ ସମୟରେ ଚନ୍ଦ୍ର ମୋହନ ମୁର୍ମୁ ହ୍ୟାଣ୍ଡବଲ କରିବାରୁ କେରଳକୁ ପେନାଲ୍ଟି କିକ୍ ସୁଯୋଗ ଦିଆଯାଇଥିଲା। କେରଳର ୭ ନମ୍ବର ଖେଳାଳି ନିଜୋ ଗିଲବର୍ଟ ଏହାକୁ ଗୋଲରେ ପରିଣତ କରିଥିଲେ। ଏହି ଗୋଲଟି ଶେଷ ପର୍ଯ୍ୟନ୍ତ ଓଡ଼ିଶା ପଛରେ ଛାଇପରି ଲାଗି ରହିଥିଲା। ପ୍ରଥମାର୍ଦ୍ଧର ଅବଶିଷ୍ଟ ସମୟରେ ଓଡ଼ିଶା ଆଧିପତ୍ୟ ବିସ୍ତାର କରି ଅନେକଥର କେରଳ ଗୋଲପୋଷ୍ଟ ଉପରେ ଆକ୍ରମଣ କରିଥିଲା। ମାତ୍ର କେତେବେଳେ କେରଳ ଗୋଲକିପର ତଥା ଅଧିନାୟକ ମିଥୁନ ଭି. ସେଭ୍ କରିଥିଲେ ତ କେତେବେଳେ କେରଳ ରକ୍ଷଣଭାଗ ବଲ୍‌କୁ କ୍ଲିୟର କରିବାରେ ସକ୍ଷମ ହୋଇଥିଲେ। ମ୍ୟାଚର ୩୯ତମ ମିନିଟରେ ରାକେଶ ଓରାମ ଓ ୭୦ତମ ମିନିଟରେ ଆନନ୍ଦ ଓରାମ ୟେଲୋ କାର୍ଡ ପାଇଥିଲେ। ଏହି ମ୍ୟାଚରେ ପରାଜୟ ସହ ଓଡ଼ିଶାର ସେମିଫାଇନାଲ ପ୍ରବେଶ ଆଶା ଧୂଳିସାତ ହୋଇଛି। ମହାରାଷ୍ଟ୍ର ବିପକ୍ଷରେ ୧-୧ ଗୋଲରେ ଡ୍ର'ରୁ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ମ୍ୟାଚରେ ଗୋଆକୁ ୪-୧ ଗୋଲରେ ହରାଇ ଆଶା ଉଜ୍ଜୀବିତ କରିଥିଲା। ମାତ୍ର ତୃତୀୟ ମ୍ୟାଚରେ ପଞ୍ଜାବଠାରୁ ୧-୨ରେ ଏବଂ ଏଠାରେ କେରଳଠାରୁ ୦-୧ରେ ହାରିଯିବା ଦ୍ୱାରା ଦଳର ଚ୍ୟାଲେଞ୍ଜ ଶେଷ ହୋଇ ଯାଇଛି। ଏବେ କେବଳ ଦଳ ଏହାର ଶେଷ ଲିଗ୍ ମ୍ୟାଚ



ଓଡ଼ିଶା ଓ କେରଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ସନ୍ତୋଷ ଟ୍ରଫି**

୧୯ ତାରିଖରେ କର୍ଣ୍ଣାଟକ ବିପକ୍ଷରେ କେବଳ ଔପଚାରିକତା ଦୃଷ୍ଟିରୁ ଖେଳିବ। ଗ୍ରୁପ୍ 'ଏ'ରୁ ପଞ୍ଜାବ ୧୦ ଓ କର୍ଣ୍ଣାଟକ ୮ ପଏଣ୍ଟ ପାଇ ସେମିଫାଇନାଲର ନିକଟତର ହୋଇଛନ୍ତି। ଶୁକ୍ରବାର ୭ମ ବାଟାଲିୟନ ପଡ଼ିଆରେ ଅନୁଷ୍ଠିତ ମହାରାଷ୍ଟ୍ର-କର୍ଣ୍ଣାଟକ ମ୍ୟାଚ ୩-୩ ଗୋଲରେ ଡ୍ର ରହିଥିବାବେଳେ ପଞ୍ଜାବ ୩-୧ ଗୋଲରେ ଗୋଆକୁ ପରାସ୍ତ କରିଛି।

# ସୌରାଷ୍ଟ୍ର ନିୟନ୍ତ୍ରଣରେ ରଣଜୀ ଫାଇନାଲ

**କୋଲକାତା, ୧୭।୨(ପି.ଟି.):** ଅର୍ପିତ ବାସବଦାଙ୍କ ଚମତ୍କାର ବ୍ୟାଟିଂ ଯୋଗୁ ଏଠାରେ ଚାଲିଥିବା ରଣଜୀ ଫାଇନାଲରେ ବେଙ୍ଗଲକୁ ନିୟନ୍ତ୍ରଣରେ ରଖିପାରିଛି ସୌରାଷ୍ଟ୍ର। ତିନି ବର୍ଷ ପୂର୍ବେ ପ୍ରତିଯୋଗିତାର ଠିକ୍ ଏହି ପର୍ଯ୍ୟାୟରେ ବାସବଦା ବେଙ୍ଗଲର ରଣଜୀ ଟ୍ରଫି ଆଶାକୁ ଧୂଳିସାତ କରିଦେଇଥିଲେ। ଏଠାରେ ସେ ୮୧ ରନ କରି ଅପରାଜିତ ରହିଥିବା ବେଳେ ସୌରାଷ୍ଟ୍ର ଦ୍ୱିତୀୟ ଟାଇଟଲର ନିକଟତର ହୋଇପାରିଛି। ରାଜକୋଟରେ ୨୦୨୦ ଫାଇନାଲରେ ସୌରାଷ୍ଟ୍ରର ଏହି ଉପ ଅଧିନାୟକ ପ୍ରଥମ ଇନିଂସରେ ୧୦୬ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ସେ ପୁଣି ଥରେ ବେଙ୍ଗଲ ବୋଲରଙ୍କ କାଳ ସାଜିଛନ୍ତି। ଶେଲଡନ ଜ୍ୟାକସନ (୫୯) ଓ ଚିରାଗ ଜାନି (୫୭*)ଙ୍କ ସହ ସେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପାର୍ଟନରଶିପ୍ କରିଛନ୍ତି। ବାସବଦା ଓ ଜାନି ଯୋଡ଼ିଙ୍କ ମଧ୍ୟରେ ଅବିଭାଜିତ ୧୧୩ରନ ପାର୍ଟନରଶିପ୍ ଯୋଗୁ ବେଙ୍ଗଲର ପ୍ରଥମ ଇନିଂସ ସ୍କୋର ୧୭୪ରନ ଜବାବରେ ସୌରାଷ୍ଟ୍ର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୫ ଉଇକେଟ ବିନିମୟରେ ୩୧୭ ରନ କରିଛି। ନିକଟରେ କର୍ଣ୍ଣାଟକ ବିପକ୍ଷ ସେମିଫାଇନାଲରେ ମ୍ୟାଚ ବିଜୟୀ ଦ୍ୱିଶତକ ହାସଲ କରିଥିବା ବାସବଦା ତାଙ୍କ ଫର୍ମ ଜାରି ରଖି ତାଙ୍କ ଅପରାଜିତ ଇନିଂସରେ ୧୫୫ ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ଲଗାଇଥିଲେ। ଜାନି ମଧ୍ୟ ହାତ ଖୋଲା ଶର୍ଟ ଖେଳୁଛନ୍ତି।

# ଗୁଜରାଟ-ଚେନ୍ନାଇ ଉଦ୍‌ଘାଟନୀ ମୁକାବିଲା

**ନୂଆଦିଲ୍ଲୀ, ୧୭।୨ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶୁକ୍ରବାର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୩ ସିଜନର କାର୍ଯ୍ୟସୂଚୀ ଘୋଷଣା କରିଛି। ଅହମଦାବାଦରେ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମାର୍ଚ୍ଚ ୩୧ରେ ଚାରିଥର ବିଜେତା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ ଗତଥରର ଚାମ୍ପିୟନ ଗୁଜରାଟ ଟାଇଟନ୍ସ ମଧ୍ୟରେ ହେବ। ହାର୍ଦ୍ଦିକ

**ମାର୍ଚ୍ଚ ୩୧ରୁ ଆଇପିଏଲ୍**

ପାଣ୍ଡ୍ୟାଙ୍କ ନେତୃତ୍ୱରେ ଟାଇଟନ୍ସ ଗତବର୍ଷ ପ୍ରଥମ ପଦାର୍ପଣରେ ଟାଇଟଲ ହାସଲ କରିଥିଲା। ବିସିସିଆଇ ସୂଚନା ଅନୁସାରେ ମୋଟ ୫୨ରାଉଣ୍ଡ ରବିନ ମ୍ୟାଚ ଖେଳାଯିବ। ସିଜନର ପ୍ରଥମ ଡବଲ ହେଡର ଏପ୍ରିଲ ୧ରେ ଖେଳାଯିବ। ଗୋଟିଏ ମ୍ୟାଚ ମୋହାଲିଠାରେ ପଞ୍ଜାବ କିଙ୍ଗ୍ସ ବନାମ କୋଲକାତା ନାଇଟ ରାଇଡର୍ସ ଏବଂ ଅନ୍ୟଟି ଲକ୍ଷ୍ନୌରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ ମଧ୍ୟରେ ଖେଳାଯିବ। ଡବଲ ହେଡରଗୁଡ଼ିକ ପ୍ରତି ଶନିବାର ଓ ରବିବାର ଖେଳାଯିବାକୁଥିବା ବେଳେ ସପ୍ତାହର ଅନ୍ୟ ଦିନ ଗୋଟିଏ ଲେଖାଏଁ ମ୍ୟାଚ ଖେଳାଯିବ। ମେ ୨୧ରେ ବେଙ୍ଗାଲୁରୁରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ଟାଇଟନ୍ସ ଲିଗ୍ ମ୍ୟାଚ ସହିତ ଲିଗ୍ ପର୍ଯ୍ୟାୟ ଶେଷ ହେବ। ଗତ ସଂସ୍କରଣରେ ଲିଗ୍ ମ୍ୟାଚଗୁଡ଼ିକ ମୁମ୍ବାଇ, ପୁଣେ ଓ ଅହମ୍ମଦାବାଦରେ ଖେଳାଯାଇଥିଲା। ୧୬ତମ ସିଜନ କିନ୍ତୁ ହୋମ୍ ଓ ଆୱେ ଫର୍ମାଟରେ ଖେଳାଯିବ। ଅର୍ଥାତ ସମସ୍ତ ଟିମ୍ ୭ ହୋମ୍ ଗେମ୍ ଓ ସମାନ ସଂଖ୍ୟକ ଆୱେ ଗେମ୍ ଖେଳିବେ। ବିସିସିଆଇ ସୂଚନା ଅନୁସାରେ ୫୨ ଦିନରେ ୧୨ଟି ଭେନ୍ୟୁରେ ମୋଟ ୭୦ ଲିଗ୍ ପର୍ଯ୍ୟାୟ ମ୍ୟାଚ ଖେଳାଯିବ। ଆଇପିଏଲ୍ ୨୦୨୩ରେ ୧୮ଟି ଡବଲ ହେଡର ଖେଳାଯିବ। ଦିନ ଖେଳ ଅପରାହ୍ନ ୩ଟା ୩୦ ଏବଂ ରାତି ଖେଳ ୭ଟା ୩୦ରେ ଆରମ୍ଭ ହେବ। ରାଜସ୍ଥାନ ରୟାଲ୍ସ ଏହାର ପ୍ରଥମ ଦୁଇଟି ହୋମ୍ ଗେମ୍ ଗୁଆହାଟୀରେ ଖେଳିବ। ଦଳ ଏହାର ଅବଶିଷ୍ଟ ହୋମ୍ ମ୍ୟାଚ ଜୟପୁରରେ ଖେଳିବ। ପ୍ଲେ-ଅଫ୍ ଓ ଫାଇନାଲ ପାଇଁ ଭେନ୍ୟୁ ଓ କାର୍ଯ୍ୟସୂଚୀ ପରେ ଘୋଷଣା କରାଯିବ। ଫାଇନାଲ ମ୍ୟାଚ ମେ ୨୮ରେ ଖେଳାଯିବ।




Available in CNG and AMT options.

HYUNDAI

To know more, WhatsApp us on 8447228019 | my Hyundai app | Hyundai Click to Buy | 3 100 000km Warranty Coverage** | 3 Road Side Assistance (RSA)* | 7 Extended Warranty^ | 5 Shield of Trust Running Repair Package* | 5 Shield of Trust Super Maintenance Package* | Lowest cost of maintenance#

FOR INFORMATION CONTACT: TOLL FREE: 1800114645; ANGUL: BINOD HYUNDAI, PH: 8093147272, BALANGIR: BINOD HYUNDAI, PH: 8117067272; BHUBANESWAR: UTKAL HYUNDAI, PAHAL, PH: 6371750223; RASULGARH, PH: 8093066006; PATIA, PH: 9861455661; ADITYA HYUNDAI, TAMANDO, PH: 7873999645, NAYAGARH, PH: 7873999331; SACHIVALAYA MARG, UNIT IV, PH: 7873999988, LEWIS ROAD, PH: 7873999523; BERHAMPUR: UTKAL HYUNDAI, PH: 9437964843; BALASORE: PREMIER HYUNDAI, PH: 9938449803; BHADRAK, PH: 9938449812; BARIPADA: PREMIER HYUNDAI, PH: 9938449811; CUTTACK: OSL HYUNDAI, PH: 9338104597; PARADEEP, PH: 7077736600; JAGATSINGHPUR, PH: 7077736590; UTKAL HYUNDAI, PH: 9437063221; KEONJHAR, PH: 9937117471, JAJPUR, PH: 7077719045; ROURKELA: KOSHALA HYUNDAI, PH: 7440022333; RAJGANGPUR, PH: 8093598037; SAMBALPUR: AAKASHDEEP HYUNDAI, PH: 9437070126; BARGARH: SAKAMBARI HYUNDAI, PH: 6370101797; JHARSUGUDA: INFINITY HYUNDAI, PH: 7077011114; SUNDERGARH, PH: 7606003303; JEYPORE: HSPL HYUNDAI, PH: 8480330001; SIMILIGUDA, PH: 8480330001; RAYAGADA, PH: 8480330001; BHAWANIPATNA, PH: 8480330040; UTTARA: ADITYA HYUNDAI, PH: 7873999545, PURI, PH: 7873999980;

*Terms & Conditions apply. Features & specifications shown may not be part of standard fitment & are subject to change without prior notice. Segment is defined by comparable sedans whose length lies between 3 993-3 995 mm, width between 1 677-1 735 mm & petrol engine capacity from 1 197-1 199 cc. **Warranty upto 3 Years or 1 00 000 km whichever occurs earlier. ^Upto 7 years extended warranty is applicable only for petrol variants. #Hyundai AURA (Petrol) has lowest average yearly periodic maintenance service cost in its segment of ₹2 754 for 5 years in Delhi, Source: Cardekho.com. Hyundai Motor India reserves the right to change specifications, colour, equipment and schemes at any time without prior notice. Technical specifications have been rounded-off to the nearest value. Deployment of Airbags depends upon number of factors explained in detail in Owners Manual, available on Hyundai website. Visit your nearest Hyundai dealership for more details. Hyundai urges you to follow traffic rules – these are meant to keep you safe on roads.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ